DHARITRI
ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୧୨/୨୦୨୩ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, March 12/2023 | Page 14 | ₹ 7.00
୪୯ଶ ଭାଗ ୧୦୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 106 | ମୂଲ୍ୟ ₹୭/-



**ଶୁଭମନ ଗିଲ୍‌ଙ୍କ ଶତକ**
ଅଷ୍ଟ୍ରେଲିଆ ବିପକ୍ଷ ଚତୁର୍ଥ କ୍ରିକେଟ ଟେଷ୍ଟରେ ଭାରତୀୟ ବ୍ୟାଟର ଶୁଭମନ ଗିଲ୍ ଶତକ ହାସଲ କରିଛନ୍ତି।
୧୪

୧୦
**ପ୍ରଥମ ଥର ପାଇଁ ସମାନ ଫି' ପାଇଛି**
ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ତାଙ୍କ ସିରିଜ୍ 'ସିଟାଡେଲ୍'ରେ ପ୍ରଥମ ଥର ପାଇଁ ସମାନ ପାରିଶ୍ରମିକ ପାଇଛନ୍ତି ବୋଲି କହିଛନ୍ତି।





ନାଗପୁରସ୍ଥିତ ହ୍ୟୁମାନିଟି ସୋସିଆଲ ଫାଉଣ୍ଡେଶନର ମହିଳାମାନେ ଶନିବାର ବାଇକ୍ ରାଲି ମାଧ୍ୟମରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରୁଛନ୍ତି।

# କପି ପାଇଁ ଡିଲ୍

## ଅଡିଓ ଭାଇରାଲ ପରେ ମନ୍ତ୍ରୀଙ୍କ ତଦନ୍ତ ନିର୍ଦ୍ଦେଶ

**ନିମାପଡ଼ା,୧୧।୩(ଡି.ଏନ୍.ଏ.)**

ଚଳିତ ମାଟ୍ରିକ ପରୀକ୍ଷାରେ କପି ପାଇଁ ଡିଲ୍ ହୋଇଥିବା ଚର୍ଚ୍ଚା ହେଉଛି। ଏନେଇ ପ୍ରଧାନଶିକ୍ଷକ ଏବଂ ଜଣେ ବ୍ୟକ୍ତିଙ୍କ ମଧ୍ୟରେ ହୋଇଥିବା ଟେଲିଫୋନ ବାର୍ତ୍ତାଳାପର ଅଡିଓ ଭାଇରାଲ ହେବା ପରେ ଆଲୋଡ଼ନ ସୃଷ୍ଟି ହୋଇଛି। ଖୋଦ୍ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ନିର୍ବାଚନ ମଣ୍ଡଳୀର ଏକ ସ୍କୁଲରେ କପି ପାଇଁ ଏଭଳି ଡିଲ୍ ହୋଇଥିବା କୁହାଯାଉଛି। ଏହାର ତଦନ୍ତ ପାଇଁ ମନ୍ତ୍ରୀ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)କୁ ନିର୍ଦ୍ଦେଶ ଦେଇଛନ୍ତି।

ପୁରୀ ଜିଲା ନିମାପଡ଼ା ବ୍ଲକର ଏକ ସ୍କୁଲରେ ଚାଲିଥିବା ମାଟ୍ରିକ ପରୀକ୍ଷାରେ କପି କରିବାକୁ ସୁଯୋଗ ଦେବା ନିମନ୍ତେ ପ୍ରଧାନଶିକ୍ଷକ ଏବଂ ଜଣେ ବ୍ୟକ୍ତିଙ୍କ ମଧ୍ୟରେ ସଲାସୁତରା ଓ ଅର୍ଥ କାରବାର ହୋଇଥିବା ଉକ୍ତ ଭାଇରାଲ ଅଡିଓରୁ ଜଣାପଡ଼ିଛି। ଏହି ସ୍କୁଲରେ ଏକ ମୁକ୍ତ ବିଦ୍ୟାଳୟର ୬୧ଜଣ ପରୀକ୍ଷାର୍ଥୀ ଶୁକ୍ରବାର ସାହିତ୍ୟ ବିଷୟରେ ପରୀକ୍ଷା ଦେଇଛନ୍ତି। ଚର୍ଚ୍ଚା ହେଉଛି ଯେ, ସ୍କୁଲ ବାହାରେ କଡ଼ା ସିକ୍ୟୁରିଟି ବ୍ୟବସ୍ଥା ଥିବାବେଳେ ଭିତରେ କେତେଜଣ ଶିକ୍ଷକ ପରୀକ୍ଷାର୍ଥୀଙ୍କୁ କପି ଯୋଗାଇଛନ୍ତି। ଏଥିପାଇଁ କୁଆଡ଼େ ଜଣେ ଜଣେ ପରୀକ୍ଷାର୍ଥୀଙ୍କଠାରୁ ୨ରୁ ୩ ହଜାର ଟଙ୍କା ଆଦାୟ ହୋଇଥିବା କୁହାଯାଉଛି।

ଏ ସମ୍ପର୍କରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ପଚରାଯିବାରୁ ସେ କହିଛନ୍ତି, ଭାଇରାଲ ହୋଇଥିବା ଅଡିଓର କୌଣସି ସତ୍ୟତା ନାହିଁ। ଏହା ଏକ ଷଡ଼ଯନ୍ତ୍ର। ସ୍କୁଲ ଏବଂ ତାଙ୍କୁ ବଦନାମ କରିବା ପାଇଁ ଏହା ଉଦ୍ଦିଷ୍ଟ। କପି ପାଇଁ କୌଣସି ଡିଲ୍ ହୋଇନାହିଁ କି ସେ ଏନେଇ କାହା ସହିତ କଥା ହୋଇନାହାନ୍ତି। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଦାଶ କହିଛନ୍ତି ଯେ ଉକ୍ତ ଅଡିଓ ସମ୍ପର୍କରେ ୩ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ସେ ବୋର୍ଡ ସଭାପତିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ସୋମବାରରୁ ପରୀକ୍ଷା କଡ଼ାକଡ଼ି କରାଯିବ, ପରୀକ୍ଷା କେନ୍ଦ୍ରଗୁଡ଼ିକୁ ସେଣ୍ଟ୍ରାଲ ସ୍କ୍ୱାଡ୍ ପଠାଯିବାକୁ ସେ ବୋର୍ଡ ସଭାପତିଙ୍କୁ କହିଛନ୍ତି। ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସ୍ୱଚ୍ଛତା ଅବଲମ୍ବନ କରାଯାଇଛି। ପରୀକ୍ଷାର୍ଥୀମାନେ ଶୃଙ୍ଖଳାର ସହ ପରୀକ୍ଷା ଦେଉଛନ୍ତି ବୋଲି ମନ୍ତ୍ରୀ ଦାଶ କହିଛନ୍ତି। କପି ହେବା କଥାକୁ ମନ୍ତ୍ରୀ ଅସ୍ୱୀକାର କରିଛନ୍ତି।

# ମାଧବ କୌଶିକ କେନ୍ଦ୍ର ସାହିତ୍ୟ ଏକାଡେମୀ ସଭାପତି

## କୁମୁଦ ଶର୍ମା ଉପସଭାପତି



ମାଧବ କୌଶିକ

**ଭୁବନେଶ୍ୱର,୧୧।୩(ବ୍ୟୁରୋ)**

କେନ୍ଦ୍ର ସାହିତ୍ୟ ଏକାଡେମୀର ନୂଆ ସଭାପତି ଭାବେ ହିନ୍ଦୀ ସାହିତ୍ୟିକ ତଥା ବିଶିଷ୍ଟ କବି ମାଧବ କୌଶିକ ନିର୍ବାଚିତ ହୋଇଛନ୍ତି। ୧୯୫୪ ନଭେମ୍ବର ୧ରେ ହରିଆଣାର ଭବାନୀ ସହରରେ ଜନ୍ମ ଗ୍ରହଣ କରିଥିବା କୌଶିକ ହିନ୍ଦୀ କବିତା, କାହାଣୀ, ଶିଶୁ ସାହିତ୍ୟ, ଗଜଲ କ୍ଷେତ୍ରରେ ବିଶେଷ ଖ୍ୟାତି ଅର୍ଜନ କରିଛନ୍ତି। ତାଙ୍କର କେତେକ ଜଣାଶୁଣା ଗଜଲଗୁଡ଼ିକ ହେଉଛି 'ସାରେ ସପ୍ନେ ବାଗୀ ହେ', 'ଆଏନୋ କେ ଶାହର ମେନ', 'କିରଣ କି ସୁବା', 'ସପ୍ନେ ଖୁଲି ନିଗାଓଁ କେ', 'ହାଥ ସଲାମତ ରେହେନେ ଦୋ', 'ଆସମାନ୍ ସପ୍‌ନୋ କା'। ଅଧ୍ୟକ୍ଷ ପଦ ପାଇଁ କୌଶିକଙ୍କ ସହ ପ୍ରସିଦ୍ଧ ମରାଠି ଲେଖକ ରଙ୍ଗନାଥ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
**ବିଭାଜନ ରାଜନୀତି**

# ଏଚ୍‌୩ଏନ୍‌୨ ସହ ବଢୁଛି କୋଭିଡ୍ ସଂକ୍ରମଣ

## ରାଜ୍ୟଗୁଡ଼ିକୁ ସତର୍କ କରାଇଲା କେନ୍ଦ୍ର

**ନୂଆଦିଲ୍ଲୀ, ୧୧।୩(ପି.ଟି.)**



ଋତୁକାଳୀନ ଇନ୍‌ଫ୍ଲୁଏଞ୍ଜାର ଉପପ୍ରଜାତି ଏଚ୍‌୩ଏନ୍‌୨ ସଂକ୍ରମଣ ସାରା ଦେଶରେ ବଢୁଥିବାବେଳେ ଇତିମଧ୍ୟରେ ୨ ଜଣ ପ୍ରାଣ ହରାଇଲେଣି। ଏଥିସହିତ ତାଳଦେଇ କେତେକ ରାଜ୍ୟରେ କୋଭିଡ୍-୧୯ ପଜିଟିଭ୍ ହାର କ୍ରମାଗତ ବୃଦ୍ଧି ପାଉଥିବାରୁ କେନ୍ଦ୍ର ସରକାର ଶନିବାର ଉଦ୍‌ବେଗ ପ୍ରକାଶ କରିଛନ୍ତି। ସଂକ୍ରମଣକୁ ତୁରନ୍ତ ହ୍ରାସ କରାଇବା ଜରୁରୀ ହୋଇପଡ଼ିଛି। ଇନ୍‌ଫ୍ଲୁଏଞ୍ଜା ଭଳି ରୋଗ କିମ୍ବା ଅତ୍ୟଧିକ ଶ୍ୱାସନଳୀ ସଂକ୍ରମଣ ମାମଲା ପାଇଁ ଦାୟୀ ଭୂତାଣୁଗୁଡ଼ିକ ପ୍ରତି ସତର୍କ ରହିବାକୁ ହେବ। ଏଥିପାଇଁ ଥିବା ଗାଇଡ୍‌ଲାଇନ ଅନୁପାଳନ କରିବାକୁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ କେନ୍ଦ୍ର ସରକାର କହିଛନ୍ତି। ସେହିପରି ଇନ୍‌ଫ୍ଲୁଏଞ୍ଜା ରୋଗୀଙ୍କ ଚିକିତ୍ସା ପାଇଁ ହସ୍ପିଟାଲଗୁଡ଼ିକର ପ୍ରସ୍ତୁତି ଯଥା ଔଷଧ ଓ ମେଡିକାଲ ଅକ୍ସିଜେନ୍ କେତେ ଉପଲବ୍ଧ ରହିଛି ଏବଂ କୋଭିଡ୍ ଓ ଇନ୍‌ଫ୍ଲୁଏଞ୍ଜା ଟିକା କେତେ ଲୋକ ନେଇଛନ୍ତି, ତାହାର ଯାଞ୍ଚ କରିବାକୁ ରାଜ୍ୟଗୁଡ଼ିକୁ କୁହାଯାଇଛି।

ବାସ୍ତବରେ ଗତ କିଛି ମାସ ହେଲା ଦେଶରେ କୋଭିଡ୍ ସଂକ୍ରମଣ ହାର ଯଥେଷ୍ଟ ହ୍ରାସ ପାଇଥିଲେ ମଧ୍ୟ କେତେକ ରାଜ୍ୟରେ ଏହା କ୍ରମଶଃ ବୃଦ୍ଧି ପାଇବା ଚିନ୍ତାଜନକ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ଶନିବାର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଚିଠି ଲେଖି ଜଣାଇଛନ୍ତି। ନୂଆ ମାମଲା ☞ପୃଷ୍ଠା-୪

## ଓଡ଼ିଶାରେ ୨ମାସରେ ୫୯ ଆକ୍ରାନ୍ତ ଚିହ୍ନଟ

**ଭୁବନେଶ୍ୱର, ୧୧।୩(ବ୍ୟୁରୋ)**

ଦେଶରେ ଏବେ ଏଚ୍‌୩ଏନ୍‌୨ ଭୂତାଣୁ ବ୍ୟାପିବାରେ ଲାଗିଛି। ଏଥିରେ ୫,୪୫୧ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇଥିବାବେଳେ ୬ଜଣଙ୍କ ମୃତ୍ୟୁ ଘଟିଛି। ଏହି ଭୂତାଣୁ ଜୀବନ ନେଉଥିବା ଜଣାପଡିବା ପରେ ଆତଙ୍କ ଖେଳିଯାଇଛି। କାରଣ ଓଡ଼ିଶାରେ ମଧ୍ୟ ଏହି ମାରାତ୍ମକ ଭୂତାଣୁ ସଂକ୍ରମିତ ହେବାରେ ଲାଗିଛି। ଗତ ଦୁଇ ମାସରେ ରାଜ୍ୟରେ ୫୯ଜଣ ଏଚ୍‌୩ଏନ୍‌୨ ଆକ୍ରାନ୍ତ ଚିହ୍ନଟ ହୋଇଥିବା ନେଇ ଶନିବାର ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଭେଷଜ ଗବେଷଣା ☞ପୃଷ୍ଠା-୪

# ବଳି ଭୟରେ ନାବାଳିକାଙ୍କ ସ୍କୁଲ ଯିବା ବନ୍ଦ

**ରଘୁନାଥପୁର,୧୧।୩(ଡି.ଏନ୍.ଏ.)**

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ଅନ୍ତର୍ଗତ ସାଦେଇପୁର ପଞ୍ଚାୟତ ରାଉତ ନୂଆଗାଁର ନାରାୟଣ ପାଣି ଶନିବାର ଏକ ଗୁରୁତର ଅଭିଯୋଗ ଆଣିଛନ୍ତି। ଗୁପ୍ତଧନ ପାଇବା ଆଶାରେ ତାଙ୍କ ନାବାଳିକା ଝିଅକୁ ବଳିଦେବା ଉଦ୍ଦେଶ୍ୟରେ ସନ୍ଦିଗ୍ଧ ବ୍ୟକ୍ତି ଟାର୍ଗେଟ କରିଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ନାରାୟଣଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଘରେ ନାବାଳିକା ଝିଅ, ସ୍ତ୍ରୀ, ନାବାଳକ ପୁଅ ଏବଂ ୨ ଅବିବାହିତା ଭଉଣୀ ରୁହନ୍ତି। କିଛି ଦିନ ହେବ ଜଣେ ଅଜଣା ବ୍ୟକ୍ତି କଳା ପୋଷାକ ପିନ୍ଧି ରାତିରେ ଘର ସମ୍ମୁଖରେ ଠିଆ ହେବା ସହ ଗ୍ରୀଲ୍‌କୁ ବାଡ଼ାଉଛନ୍ତି। ଏନେଇ ପରିବାର ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ସମ୍ପୃକ୍ତ ସନ୍ଦିଗ୍ଧଙ୍କୁ ଗୋଡ଼ାଇବାରୁ ସେ ଏକ ନମ୍ବର ବିହୀନ ବାଇକରେ ଫେରାର ହେଇଯାଇଛନ୍ତି। ଏହାର ପ୍ରଭାବ ନାରାୟଣଙ୍କ ନାବାଳିକା ଝିଅ ଉପରେ ପଡ଼ିଛି। ଭୟରେ ସେ ଏକ ସପ୍ତାହ ହେବ ସ୍କୁଲ୍ ଯିବା ବନ୍ଦ କରି ଦେଇଥିବା ନାରାୟଣ କହିଛନ୍ତି।

ଜଗତ୍‌ସିଂହପୁର ଥାନା ସମଙ୍ଗ ଗ୍ରାମର ମୃତ ନନ୍ଦାବ୍ରତ ନଦୀ ଉପରେ ଥିବା ଏକ ପରିତ୍ୟକ୍ତ ଜଙ୍ଗଲିଆ ସ୍ଥାନରେ ଉଇ ☞ପୃଷ୍ଠା-୪

# ଏବେବି ବ୍ରିଟିଶ ଅଧୀନରେ 'ଶକୁନ୍ତଳା ରେଲ୍‌ୱେ'

**ମୁମ୍ବାଇ, ୧୧।୩**

## ଟ୍ରେନ୍ ଚଳାଚଳ ପାଇଁ ସରକାର ବର୍ଷକୁ ଦେଉଛନ୍ତି କୋଟିଏ ଟଙ୍କା

ଦେଶରେ ରେଳ ଯାତ୍ରାକୁ ସୁଗମ କରିବା ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ଅନେକ ଯୋଜନା ପ୍ରସ୍ତୁତ କରାଯାଉଛି। ନୂଆ ଜ୍ଞାନ କୌଶଳରେ ନିର୍ମିତ ଟ୍ରେନ୍ ମଧ୍ୟ ଦେଶର ବହୁ ପ୍ରାନ୍ତରେ ଚାଲିବା ଆରମ୍ଭ ହେଲାଣି। ଏପରି କି ଭାରତୀୟ ରେଳ ବ୍ୟବସ୍ଥାକୁ ବିଶ୍ୱରେ ଏକ ନମ୍ବର କରିବା ଦିଗରେ ସରକାର ନାନା ରକମର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏତେସବୁ ସୁବିଧା ପରେ ମଧ୍ୟ ମହାରାଷ୍ଟ୍ରର ଶକୁନ୍ତଳା ରେଲ୍‌ୱେ ଏବେ ବି ବ୍ରିଟିଶ୍ କମ୍ପାନୀ ଅଧୀନରେ ରହିଛି। ମହାରାଷ୍ଟ୍ରର ୟାଭତମାଲରୁ ମୂର୍ତ୍ତିଜାପୁର ପର୍ଯ୍ୟନ୍ତ ପ୍ରାୟ ୧୯୦ କିଲୋମିଟର ଦୂର ଏହି ରେଳଧାରଣା ଲମ୍ବିଛି। ବ୍ରିଟିଶ୍ ସରକାର ଭାରତକୁ ଶାସନ କରିବା ସମୟରେ ଏହି ରେଲ୍‌ୱେ ନିର୍ମାଣ କରାଯାଇଥିଲା।



୧୯୫୨ରେ ଭାରତ ସରକାରଙ୍କ ପକ୍ଷରୁ ଦେଶର ସମସ୍ତ ରେଳ ଲାଇନ୍‌କୁ ଜାତୀୟକରଣ କରାଯାଇଥିଲା। ସେ ସମୟରେ ସରକାର ଶକୁନ୍ତଳା ରେଳଷ୍ଟେଶନ୍‌କୁ ତାଲିକା ଭୁକ୍ତ କରି ନ ଥିଲେ, ଯଦ୍ୱାରା ଏହି ରେଳଧାରଣାରେ ଟ୍ରେନ୍ ଚଳାଚଳ ବାବଦକୁ ସରକାର ବାର୍ଷିକ ୧ କୋଟି ଟଙ୍କା ଦେଉଛନ୍ତି। ୧୯୧୦ ମସିହାରେ କିଲ୍ଲିକ୍-ନିକ୍ସୋନ୍ ନାମକ ଏକ ଘରୋଇ ପ୍ରାଇଭେଟ୍ କମ୍ପାନୀ ଶକୁନ୍ତଳା ରେଲ୍‌ୱେ ☞ପୃଷ୍ଠା-୪





ସାହେବ, ଆପଣ ମୋତେ ଜେଲରେ ପୂରାଇ କଷ୍ଟ ଦେଇପାରନ୍ତି। କିନ୍ତୁ ମୋ ଧୈର୍ଯ୍ୟଚ୍ୟୁତି ଘଟାଇପାରିବେ ନାହିଁ। ବ୍ରିଟିଶ୍ ମଧ ସ୍ୱାଧୀନତା ସଂଗ୍ରାମୀଙ୍କୁ କଷ୍ଟ ଦେଉଥିଲେ। କିନ୍ତୁ ସେମାନେ ଧୈର୍ଯ୍ୟହରା ହୋଇ ନ ଥିଲେ।

-ଜେଲରୁ ମନୀଷ ସିସୋଡିଆଙ୍କ ବାର୍ତ୍ତା



## ସଂକ୍ଷେପରେ

### ସମଲିଙ୍ଗୀ ବିବାହ ପିଟିଶନର ଶୁଣାଣି ସୋମବାର

**ନୂଆଦିଲ୍ଲୀ, ୧୧।୩(ପି.ଟି.):** ସମଲିଙ୍ଗୀ ବିବାହକୁ ଆଇନଗତ ବୈଧତା ପ୍ରଦାନ ଦାବିରେ ଦାଏର ଏକାଧିକ ପିଟିଶନର ଶୁଣାଣି ସୋମବାର ହେବ ବୋଲି ସୁପ୍ରିମକୋର୍ଟ ୱେବସାଇଟ୍‌ରୁ ଜଣାପଡ଼ିଛି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ପି.ଏସ୍. ନରସିଂହ ଏବଂ ଜେ.ବି. ପର୍ଡିୱାଲାଙ୍କ ଖଣ୍ଡପୀଠରେ ପିଟିଶନଗୁଡ଼ିକର ଶୁଣାଣି ପାଇଁ ତାଲିକାଭୁକ୍ତ ହୋଇଛି। ବିଭିନ୍ନ ହାଇକୋର୍ଟରେ ଏନେଇ ଦାଏର ପିଟିଶନଗୁଡ଼ିକୁ ଗତ ଜାନୁୟାରୀ ୬ରେ ସୁପ୍ରିମକୋର୍ଟକୁ ସ୍ଥାନାନ୍ତର କରାଯାଇଥିଲା। ସମଲିଙ୍ଗୀ ବିବାହକୁ ସ୍ୱୀକୃତି ଦେବା ଲାଗି ନିର୍ଦ୍ଦେଶ ଦେବାକୁ ଦିଲ୍ଲୀ ହାଇକୋର୍ଟରେ ବିଚାରାଧୀନ ୨ଟି ପିଟିଶନକୁ ସୁପ୍ରିମକୋର୍ଟକୁ ସ୍ଥାନାନ୍ତର ଉପରେ ଗତ ଡିସେମ୍ବର ୧୪ରେ ସର୍ବୋଚ୍ଚ ଅଦାଲତ କେନ୍ଦ୍ରକୁ ଜବାବ ମାଗିଥିଲେ।

### ମୋହିତ ଜୋଷୀ ଟେକ୍ ମହିନ୍ଦ୍ରାର ନୂଆ ଏମ୍‌ଡି

**ନୂଆଦିଲ୍ଲୀ, ୧୧।୩:** ଇନ୍‌ଫୋସିସ୍‌ର ଅଧକ୍ଷ ପଦରୁ ମୋହିତ ଜୋଷୀ ଶନିବାର ଇସ୍ତଫା ଦେବା ପରେ ଏହାର ପ୍ରତିଦ୍ୱନ୍ଦ୍ୱୀ ଟେକ୍ ମହିନ୍ଦ୍ରାର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଫିସର (ସିଇଓ) ଭାବେ ନିଯୁକ୍ତ ହୋଇଛନ୍ତି।



ଚଳିତ ବର୍ଷ ଡିସେମ୍ବର ୧୯ରେ ସି.ପି. ଗୁର୍‌ନାନିଙ୍କ ଅବସର ପରେ ଜୋଷୀ ଉକ୍ତ ଆଇଟି କମ୍ପାନୀର ଏମ୍‌ଡି ତଥା ସିଇଓ ଦାୟିତ୍ୱ ଗ୍ରହଣ କରିବେ ବୋଲି ଟେକ୍ ମହିନ୍ଦ୍ରା ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ମୋହିତଙ୍କର ଉଦ୍ୟୋଗ ପ୍ରଯୁକ୍ତି ସଫ୍ଟୱେର ଏବଂ କନ୍‌ସଲ୍ଟିଂ ସ୍ପେସ୍‌ରେ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ଅଭିଜ୍ଞତା ରହିଛି। ଡିଜିଟାଲ ଟ୍ରାନ୍ସଫର୍ମେଶନ ଚଳାଇବାରେ ସେ ବିଶ୍ୱର ସର୍ବବୃହତ୍ କର୍ପୋରେଶନରେ କାର୍ଯ୍ୟ କରିଛନ୍ତି। ସେ ଇନ୍‌ଫୋସିସ୍‌ରେ ଆର୍ଥିକ ସେବା ସହିତ ହେଲ୍‌ଥ କେୟାର/ଲାଇଫ୍ ସାଇନ୍ସ ବ୍ୟବସାୟ ସମ୍ଭାଳୁଥିଲେ। ୨୦୦୦ରୁ ସେ ଇନ୍‌ଫୋସିସ୍‌ରେ ବିଭିନ୍ନ ଦାୟିତ୍ୱ ତୁଲାଇ ଆସିଥିଲେ। ସେ ଦିଲ୍ଲୀ ୟୁନିଭର୍ସିଟିରୁ ଏମ୍‌ବିଏ ପରେ ସେଣ୍ଟ ଷ୍ଟିଫେନ୍ସ କଲେଜରୁ ଇତିହାସରେ ଡିଗ୍ରୀ ହାସଲ କରିଥିଲେ।

### ତେଜସ୍ୱୀଙ୍କ ଘରୁ କୋଟିଏ ଜବତ, ୬୦୦ କୋଟି ଠାବ

**ନୂଆଦିଲ୍ଲୀ, ୧୧।୩:** ନିଯୁକ୍ତି ପାଇଁ ଜମି ମାମଲାରେ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କ ଝିଅପୁଅଙ୍କ ଘରୁ ୧ କୋଟି ଟଙ୍କା ଜବତ ହୋଇଛି। ଏଥିସହ ୬୦୦ କୋଟି ଟଙ୍କାର ବେଆଇନ ସମ୍ପତ୍ତି ଠାବ ହୋଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କହିଛି। ଏହି ଟଙ୍କାରେ ଲାଲୁଙ୍କ ପୁଅ ତଥା ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କ ନୂଆଦିଲ୍ଲୀସ୍ଥିତ ନ୍ୟୁ ଫ୍ରେଣ୍ଡ୍ସ କଲୋନି ବାସଭବନ କିଣାଯାଇଥିବା ତଦନ୍ତକାରୀ ସଂସ୍ଥା ସନ୍ଦେହ କରୁଛି। ଏହି ମାମଲାରେ ତେଜସ୍ୱୀଙ୍କୁ ଶନିବାର ହାଜର ପାଇଁ ସିବିଆଇ ନୋଟିସ କରିଥିବାବେଳେ ତାଙ୍କ ସ୍ତ୍ରୀ ଅସୁସ୍ଥ ଥିବା ଦର୍ଶାଇ ସେ ହାଜର ହୋଇନାହାନ୍ତି।

### ଡବ୍ଲ୍ୟୁବିଏସ୍‌ଏସ୍‌ସି ଦୁର୍ନୀତି
### ବହିଷ୍କୃତ କର୍ମଚାରୀଙ୍କ ମଧ୍ୟରେ ମମତାଙ୍କ ଝିଆରୀ

**କୋଲକାତା, ୧୧।୩(ଆଇଏଏନ୍‌ଏସ୍):** ପଶ୍ଚିମବଙ୍ଗ ସ୍କୁଲ୍ ସର୍ଭିସ କମିଶନ (ଡବ୍ଲ୍ୟୁବିଏସ୍‌ଏସ୍‌ସି) ଦୁର୍ନୀତି ମାମଲାରେ ବିଭିନ୍ନ ସରକାରୀ ସ୍କୁଲ୍‌ର ୮୪୨ ଜଣ ଗ୍ରୁପ୍-ସି ଅଣଶିକ୍ଷଣ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। କାଲ୍‌କାଟା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଡବ୍ଲ୍ୟୁବିଏସ୍‌ଏସ୍‌ସି ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବହିଷ୍କୃତ କର୍ମଚାରୀଙ୍କ ମଧ୍ୟରୁ ୨ ଜଣଙ୍କ ନାଁକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ସେମାନଙ୍କ ମଧ୍ୟରୁ ଜଣେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଝିଆରୀ ହୋଇଥିବାବେଳେ ଅନ୍ୟ ଜଣେ ରାଜ୍ୟ ମନ୍ତ୍ରୀ ଶ୍ରୀକାନ୍ତ ମାହାତଙ୍କ ଭାଇ। ବୀରଭୂମ ଜିଲାର ବୋଲପୁର ହାଇସ୍କୁଲ୍‌ରେ ନିଯୁକ୍ତି ପାଇଥିବା ବ୍ରିଷ୍ଟି ମୁଖାର୍ଜୀଙ୍କ ନାଁ ତାଲିକାର ୧୫୫ତମ ସ୍ଥାନରେ ରହିଛି। ତାଙ୍କ ବାପା ନିହାର ମୁଖାର୍ଜୀ ହେଉଛନ୍ତି ମମତା ବାନାର୍ଜୀଙ୍କ ମାମୁପୁଅ ଭାଇ। ତେବେ ତାଙ୍କ ଝିଅ ବ୍ରିଷ୍ଟି ସେବା କାର୍ଯ୍ୟ ପାଇଁ ଚାକିରିରୁ ଇସ୍ତଫା ଦେଇଥିବା ନିହାର କହିଛନ୍ତି। ସେହିପରି ବହିଷ୍କୃତ ତାଲିକାର ୨୮୪ତମ ସ୍ଥାନରେ ଥିବା ଖୋକନ ମାହାତ ପଶ୍ଚିମ ମେଦିନପୁର ଜିଲା ଝାରଗ୍ରାମସ୍ଥିତ ବୈଟା ଶ୍ରୀଗୋପାଳ ହାଇସ୍କୁଲରେ ପୋଷ୍ଟିଂ ହୋଇଥିଲେ। ସେ ମନ୍ତ୍ରୀ ଶ୍ରୀକାନ୍ତଙ୍କ ସାନଭାଇ।



ବିଶ୍ୱର ଅନ୍ୟତମ ସବୁଠୁ ସକ୍ରିୟ ଆଗ୍ନେୟଗିରି ଭାବେ ପରିଚିତ ଇଣ୍ଡୋନେସିଆର ମାଉଣ୍ଟ ମେରାପିରୁ ଶନିବାର ଲାଭା ଉଦ୍‌ଗୀରଣ ହୋଇଛି। ଫଳରେ ନିକଟବର୍ତ୍ତୀ ଗ୍ରାମଗୁଡ଼ିକ ଧୂଆଁ ଓ ପାଉଁଶରେ ଆଚ୍ଛାଦିତ ହୋଇଯାଇଛି। ଲାଭା ଉଦ୍‌ଗୀରଣଜନିତ ମୃତାହତ ସମ୍ପର୍କରେ କୌଣସି ରିପୋର୍ଟ ମିଳି ନ ଥିବା ବିପର୍ଯ୍ୟୟ ପ୍ରଶମନ ସଂସ୍ଥା ପକ୍ଷରୁ କୁହାଯାଇଛି। ଜାଭା ଦ୍ୱୀପରେ ମେରାପି ପର୍ବତ ଅବସ୍ଥିତ।

## ସତୀଶଙ୍କୁ ଦିଲ୍ଲୀ ବ୍ୟବସାୟୀ ହତ୍ୟା କରିଥିବା ଅଭିଯୋଗ

**ନୂଆଦିଲ୍ଲୀ, ୧୧।୩**

ଖ୍ୟାତନାମା ବଲିଉଡ୍ ଅଭିନେତା ତଥା ଫିଲ୍ମ ନିର୍ଦ୍ଦେଶକ ସତୀଶ କୌଶିକଙ୍କୁ ଦିଲ୍ଲୀର ଜଣେ ବ୍ୟବସାୟୀ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଉକ୍ତ ବ୍ୟବସାୟୀଙ୍କ ସ୍ତ୍ରୀ ନିଜେ ଦିଲ୍ଲୀ ପୋଲିସ କମିଶନରଙ୍କ କାର୍ଯ୍ୟାଳୟରେ ଏହି ଅଭିଯୋଗ କରିଛନ୍ତି। ଦୁବାଇରେ ନିବେଶ କରିବା ପାଇଁ ବ୍ୟବସାୟୀଜଣକ ସତୀଶଙ୍କଠାରୁ ୧୫ କୋଟି ଟଙ୍କା ନେଇଥିଲେ। ପରବର୍ତ୍ତୀ ସମୟରେ ସତୀଶ ଟଙ୍କା ଫେରସ୍ତ ମାଗିଥିଲେ। ତେବେ ବ୍ୟବସାୟୀ ଟଙ୍କା ଫେରାଇବାକୁ ଚାହୁଁ ନ ଥିବାବେଳେ ଔଷଧ ଦେଇ ସତୀଶଙ୍କୁ ହତ୍ୟା କରିଥିବା ମହିଳା ନିଜ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

ଶନିବାର ସତୀଶଙ୍କ ଦିଲ୍ଲୀସ୍ଥିତ ଫାର୍ମ ହାଉସ୍‌ରୁ ଆପତ୍ତିଜନକ ଔଷଧ ପ୍ୟାକେଟ୍ ପୋଲିସର ହସ୍ତଗତ ହୋଇଛି। ସତୀଶ ରହୁଥିବା ଫାର୍ମହାଉସ୍‌ର ପ୍ରକୃତ ମାଲିକ ତାଙ୍କ ବନ୍ଧୁ ବିକାଶ ମାଲୁ। ତେବେ

**ଫାର୍ମହାଉସ୍‌ରୁ ମିଳିଲା ଆପତ୍ତିଜନକ ଔଷଧ ପ୍ୟାକେଟ୍**



ସତୀଶ କୌଶିକ

ମିଳିଥିବା ଔଷଧ ପ୍ୟାକେଟ୍ କିଏ ଏବଂ କେଉଁ ଉଦ୍ଦେଶ୍ୟରେ ଅଣାଯାଇଥିଲା ସେ ଦିଗରେ ପୋଲିସ ତଦନ୍ତ ଚଳାଇଛି। ବୁଧବାର ରାତିରେ ସତୀଶ ନିଜ ଫାର୍ମ ହାଉସ୍‌ରେ ଶୋଇଥିବାବେଳେ ତାଙ୍କୁ ଶ୍ୱାସକ୍ରିୟା ଜନିତ ଅସୁବିଧା ଅନୁଭୂତ ହୋଇଥିଲା। ତାଙ୍କ ମ୍ୟାନେଜର ସତୀଶଙ୍କୁ ନିକଟସ୍ଥ ଡାକ୍ତରଖାନା ନେଇଥିବାବେଳେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିଲା।

# କବିତାଙ୍କୁ ୯ ଘଣ୍ଟା ଜେରା

**ନୂଆଦିଲ୍ଲୀ,୧୧।୩**

ଦିଲ୍ଲୀ ଅବକାରୀ ନୀତି ଅନିୟମିତତା ସହ ଜଡ଼ିତ ଏକ ମନି ଲଣ୍ଡରିଂ ମାମଲାରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କ ଝିଅ ତଥା ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ନେତ୍ରୀ କେ. କବିତାଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଶନିବାର ୯ ଘଣ୍ଟା ଧରି ଜେରା କରିଛି। ୪୪ ବର୍ଷୀୟା କବିତା ନୂଆଦିଲ୍ଲୀର ତୋଗଲକ୍ ରୋଡ୍‌ସ୍ଥିତ ତାଙ୍କ ବାପାଙ୍କ ସରକାରୀ ବାସଭବନରୁ ପ୍ରାୟ ୧.୫ କି.ମି. ଦୂର ଏପିଜେ ଅବ୍‌ଦୁଲ କଲାମ୍ ରୋଡ୍‌ରେ ଥିବା ଇଡି ଅଫିସ୍‌ରେ ପୂର୍ବାହ୍ନ ୧୧ଟାରେ ହାଜର ହୋଇଥିଲେ। ସେଠାରେ ତଦନ୍ତକାରୀ ଅଧିକାରୀମାନେ ତାଙ୍କୁ ରାତି ପ୍ରାୟ ୮ଟା ପର୍ଯ୍ୟନ୍ତ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଏଥିସହ ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ) ବଳରେ ତାଙ୍କ ବୟାନ ରେକର୍ଡ କରିଥିଲେ। ଆସନ୍ତା ୧୬ ତାରିଖରେ ପୁଣି ହାଜର ହେବା ପାଇଁ କବିତାଙ୍କୁ ସମନ କରାଯାଇଥିବା ଇଡି ଅଧିକାରୀମାନେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ କବିତାଙ୍କୁ ଜେରାର ପ୍ରତିବାଦରେ ବିଆର୍‌ଏସ୍ ପକ୍ଷରୁ ଇଡି ଅଫିସ୍ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।



ଇଡି ଅଫିସ୍‌ରେ ବିଆର୍‌ଏସ୍ ନେତ୍ରୀ କେ. କବିତା

ଏହାକୁ ଦୃଷ୍ଟିରେ ରଖି ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଥିଲା। ଦିଲ୍ଲୀ ପୋଲିସ ଓ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବଳ ଯବାନମାନେ ସମ୍ପୃକ୍ତ ଅଞ୍ଚଳରେ ବ୍ୟାରିକେଡିଂ କରିଥିଲେ। ଏହି ମାମଲାରେ ପୂର୍ବରୁ ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କୁ ସିବିଆଇ ଗିରଫ କରିଥିଲା। ଜେରା ପରେ ତାଙ୍କୁ ତିହାର ଜେଲକୁ ପଠାଇଦିଆଯାଇଥିବାବେଳେ ଗୁରୁବାର ଜାମିନ ଆବେଦନ ପୂର୍ବରୁ ଇଡି ଗିରଫ କରିଥିଲା।

ଦିଲ୍ଲୀରେ କ୍ଷମତାସୀନ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସରକାରଙ୍କ ୨୦୨୧-୨୨ ଅବକାରୀ ନୀତି ଅନୁସାରେ ମଦ ବ୍ୟବସାୟୀମାନଙ୍କୁ କାର୍ଟେଲ ଲାଇସେନ୍ସ ପ୍ରଦାନ କରାଯାଇଥିଲା। ଏଥିରେ କେତେଜଣ ଡିଲରଙ୍କୁ ଅନୁଗ୍ରହ ଦେଖାଯାଇଥିଲା, ଯେଉଁମାନେ ଲାଞ୍ଚ ଦେଇଥିଲେ ବୋଲି ଇଡି ଅଭିଯୋଗ ଆଣିଛି। ଇଡିର କହିବା ହେଲା ଲିକର୍ ପଲିସି ମାମଲାରେ ମଧ୍ୟସ୍ଥ, ବ୍ୟବସାୟୀ ଓ ରାଜନେତାଙ୍କ ଏକ ନେଟ୍‌ୱର୍କ (ସାଉଥ୍ ଗ୍ରୁପ୍)ର ସମ୍ପୃକ୍ତି ରହିଛି। ସାଉଥ୍ ଗ୍ରୁପ୍ ଏବଂ ସିସୋଡିଆ ବିନା କୌଣସି ପରାମର୍ଶରେ ଅବକାରୀ ନୀତିକୁ ନିଜ ସ୍ୱାର୍ଥ ପାଇଁ ଦୁର୍ବଳ କରିଦେଇଥିଲେ। ଏହି ଅଭିଯୋଗକୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ନେତୃତ୍ୱାଧୀନ ଏଏପି ଖଣ୍ଡନ କରିଆସୁଛି। ଗତ ଅଗଷ୍ଟରେ ଏହି ନୀତିକୁ ରଦ୍ଦ କରାଯାଇଥିଲା ଏବଂ ଦିଲ୍ଲୀ ଉପରାଜ୍ୟପାଳ ଏହାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତଦନ୍ତ ଲାଗି ସୁପାରିସ କରିଥିଲେ। ଇତିମଧ୍ୟରେ ଇଡି ମଧ୍ୟ ପିଏମ୍‌ଏଲ୍‌ଏ ବଳରେ ମାମଲା ରୁଜୁ କରିଥିଲା। ଇଡି କବିତାଙ୍କୁ ମଧ୍ୟ ଗୁରୁବାର ହାଜର ହେବାକୁ ସମନ କରିଥିଲା। ତେବେ ପାର୍ଲାମେଣ୍ଟରେ ମହିଳା ସଂରକ୍ଷଣ ବିଲ୍ ପାରିତ କରିବା ଦାବିରେ କବିତା ଯନ୍ତରମନ୍ତରରେ ବିରୋଧୀ ଦଳ ନେତାମାନଙ୍କ ସହ ଧାରଣା ଦେଇଥିବାରୁ ଇଡିକୁ ସମୟ ମାଗିଥିଲେ। ଶୁକ୍ରବାର ରାତିରେ କବିତାଙ୍କ ଭାଇ ତଥା ତେଲଙ୍ଗାନା ମନ୍ତ୍ରୀ କେ.ଟି. ରାମାରାଓ ଦିଲ୍ଲୀରେ ପହଞ୍ଚିଥିଲେ।

## ଲି କିଆଙ୍ଗ ହେଲେ ଚାଇନା ପ୍ରଧାନମନ୍ତ୍ରୀ



**ବେଜିଂ, ୧୧।୩**

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ଅନ୍ୟତମ ସବୁଠୁ ବିଶ୍ୱସ୍ତ ସହଯୋଗୀ ଲି କିଆଙ୍ଗଙ୍କୁ ଦେଶର ପ୍ରଧାନମନ୍ତ୍ରୀ ନିର୍ବାଚିତ କରାଯାଇଛି। ଚାଇନା ପାର୍ଲାମେଣ୍ଟରେ ଶନିବାର କିଆଙ୍ଗଙ୍କୁ ବିଦାୟୀ ପ୍ରଧାନମନ୍ତ୍ରୀ ଲି କେକିଆଙ୍ଗଙ୍କ ଉତ୍ତରାଧିକାରୀ ଘୋଷଣା କରାଯାଇଛି। ଜିନ୍‌ପିଙ୍ଗଙ୍କୁ ତୃତୀୟ ଥର ପାଇଁ ଦେଶର ରାଷ୍ଟ୍ରପତି ନିର୍ବାଚନ କରାଯିବାର ଦିନକ ପରେ ନ୍ୟାଶନାଲ ପିପୁଲ୍ସ କଂଗ୍ରେସରେ ୬୩ ବର୍ଷୀୟ କିଆଙ୍ଗଙ୍କୁ ୨,୯୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ପ୍ରଧାନମନ୍ତ୍ରୀ ଚୟନ କରିଛନ୍ତି। ଡେପୁଟିମାନେ ଭୋଟ ଦେଲାବେଳେ ଚାମ୍ବରରୁ ଖବରଦାତାମାନଙ୍କୁ ବାହାରିଯିବାକୁ କୁହାଯାଇଥିଲା।

## ବୟାନ ଜାଲିଆତି କରି ଦସ୍ତଖତ ଦେବାକୁ ବାଧ କରିଛି ଇଡି: ପିଲ୍ଲାଇ



ଅରୁଣ ରାମଚନ୍ଦ୍ର ପିଲ୍ଲାଇ

ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ହାଇଦ୍ରାବାଦ ବ୍ୟବସାୟୀ ଅରୁଣ ରାମଚନ୍ଦ୍ର ପିଲ୍ଲାଇ ଏହାର ପ୍ରତିବାଦରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଇଡି ତାଙ୍କ ବୟାନକୁ ଜାଲିଆତି କରି ସେଥିରେ ଦସ୍ତଖତ ଦେବାକୁ ତାଙ୍କୁ ବାଧ କରିଥିବା ନେଇ ସ୍ୱତନ୍ତ୍ର ବିଚାରପତି ଏମ୍.କେ. ନାଗପାଳଙ୍କ କୋର୍ଟରେ ପିଲ୍ଲାଇ ଅଭିଯୋଗ କରିଛନ୍ତି। ପିଲାଇଙ୍କ ଆବେଦନ ଉପରେ ମାର୍ଚ୍ଚ ୧୩ ମଧ୍ୟରେ ଜବାବ ରଖିବା ପାଇଁ କୋର୍ଟ ଇଡିକୁ ନୋଟିସ କରିଛନ୍ତି। ସାଉଥ୍ ଗ୍ରୁପ୍ ପକ୍ଷରୁ ପ୍ରତିନିଧିତ୍ୱ କରି ପିଲ୍ଲାଇ ୧୦୦ କୋଟି ଟଙ୍କା ଏଏପିକୁ ଲାଞ୍ଚ ଦେଇଥିବା ଅଭିଯୋଗ ଆଣି ଗତ ୬ ତାରିଖରେ ଇଡି ତାଙ୍କୁ ଗିରଫ କରିଥିଲା। କୋର୍ଟ ପିଲ୍ଲାଇଙ୍କୁ ୧୩ ଦିନିଆ ରିମାଣ୍ଡରେ ନେବା ପାଇଁ ଇଡିକୁ ଅନୁମତି ଦେଇଥିଲେ। ଇଡିର କହିବା ହେଲା କେ. କବିତାଙ୍କ ଘନିଷ୍ଠ ସହଯୋଗୀ ପିଲ୍ଲାଇ ଜେରାବେଳେ ନିଜ ଦୋଷ ସ୍ୱୀକାର କରିଛନ୍ତି।

## କଳଙ୍କ ଧୋଉଛି ରେଡ୍ ଡିଟର୍ଜେଣ୍ଟ




ବିଭିନ୍ନ ରାଜ୍ୟର ବିରୋଧୀ ନେତାମାନେ ଭାଜପାରେ ସାମିଲ ହେବା ପରେ ସେମାନଙ୍କ ପୂର୍ବ କଳଙ୍କ ହଟିଯାଉଛି। ଦୁର୍ନୀତିର ଏହି ଦାଗକୁ 'ରେଡ୍ ଡିଟର୍ଜେଣ୍ଟ' ଧୋଇ ଏକଦମ୍ ସଫା କରିଦେଉଛି। ଏପରି ଦର୍ଶାଯାଇଥିବା ପୋଷ୍ଟରଗୁଡ଼ିକ ତେଲଙ୍ଗାନା ରାଜଧାନୀ ହାଇଦ୍ରାବାଦରେ ଛାଇହୋଇଯାଇଛି। ହ୍ୟାସ୍‌ଟ୍ୟାଗ୍ ବାଏ ବାଏ ମୋଦି ଶୀର୍ଷକ ପୋଷ୍ଟରରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଏବଂ କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ଫଟୋ ରହିଛି। ଏହି ଦୁଇନେତା ପୂର୍ବରୁ କଂଗ୍ରେସରେ ଥିବାବେଳେ ସେମାନଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆସିଥିଲା। ଫଳରେ ସେମାନଙ୍କ ଧଳା ଟି-ଶାର୍ଟରେ କାଦୁଅ ଲାଗିଥିଲା। ଇଡି ରେଡ୍ କରିବା ପରେ ଦୁହିଁଙ୍କ ଟି-ଶାର୍ଟ ଗେରୁଆ ହୋଇଗଲା। ପାର୍ଶ୍ୱରେ ବିଆର୍‌ଏସ୍ ନେତ୍ରୀ କେ. କବିତାଙ୍କ ଫଟୋ ରହିଛି। ସେଥିରେ ଦର୍ଶାଯାଇଛି ଯେ, ଇଡିର ରେଡ୍ ପରେ ମଧ କବିତାଙ୍କ ଶାଢ଼ିର ଚମକ ପୂର୍ବ ଭଳି ରହିଛି। ଉକ୍ତ ପୋଷ୍ଟର ସାମାଜିକ ଗଣମାଧମରେ ବହୁଳ ପ୍ରସାରିତ ହୋଇଛି।

## ଚାଇନା ଆକାଶରୁ ପୋକ ବର୍ଷା



**ବେଜିଂ, ୧୧।୩**

ଚାଇନା ଆକାଶରୁ ପୋକ ବର୍ଷା ହେଉଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ରାଜଧାନୀ ବେଜିଂର ରାସ୍ତା ଓ ଗାଡ଼ିଗୁଡ଼ିକ ଧୂସର ରଙ୍ଗର ପୋକରେ ଘୋଡାଇ ହୋଇଥିବା ଭିଡିଓରେ ଦେଖିବାକୁ ମିଳିଛି। ପୋକ ମାଡ଼ରୁ ରକ୍ଷା ପାଇବା ପାଇଁ ଲୋକମାନେ ଛତା ଧରିଥିବା ଦେଖାଯାଇଛି। ପୋକ ବର୍ଷାର କାରଣ ଜଣାପଡ଼ି ନ ଥିବାବେଳେ ପ୍ରବଳ ପବନରେ ସେଗୁଡ଼ିକ ଉଡ଼ିଯାଇ ଆକାଶରୁ ଖସୁଥିବା ମଦର ନେଚର ନେଟ୍‌ୱର୍କ ନାମକ ପତ୍ରିକା ପ୍ରକାଶ କରିଛି। ଘୂର୍ଣ୍ଣିଝଡ଼ ପୂର୍ବରୁ ବେଳେବେଳେ ଭଉଁରିରେ ପୋକଗୁଡ଼ିକ ଉପରକୁ ଉଠିଯାଇ ଖସିଥାନ୍ତି। ତେବେ ଚାଇନା ଖବରଦାତା ଶେନ୍ ଶିୱେଇ ଖବରକୁ ଖଣ୍ଡନ କରିଛନ୍ତି। ବେଜିଂରେ ନିକଟରେ ବର୍ଷା ହୋଇ ନ ଥିବା ସେ ଟୁଇଟ୍ କରିଛନ୍ତି।

## ବାପା ମୋତେ ଯୌନ ନିର୍ଯାତନା ଦେଇଥିଲେ: ଡିସିଡବ୍ଲ୍ୟୁ ମୁଖ୍ୟ

**ମୁମ୍ବାଇ, ୧୧। ୩:** ପିଲାବେଳେ ବାପାଙ୍କ ଦ୍ୱାରା ଯୌନ ନିର୍ଯାତନାର ଶିକାର ହୋଇଥିବା ଦିଲ୍ଲୀ ମହିଳା ଆୟୋଗ (ଡିସିଡବ୍ଲ୍ୟୁ) ମୁଖ୍ୟ ସ୍ୱାତୀ ମଲିୱାଲ କହିଛନ୍ତି। ଶନିବାର ଡିସିଡବ୍ଲ୍ୟୁ ପକ୍ଷରୁ ଆୟୋଜିତ ଏକ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମଲିୱାଲ କହିଛନ୍ତି, ପିଲାବେଳେ ତାଙ୍କ ବାପା ବହୁତ ମାରୁଥିଲେ। ବାପା ଘରକୁ ଆସିବା ଦେଖି ସେ ଡରିଯାଉଥିଲେ ଓ ନିର୍ଯାତନାରୁ ନିଜକୁ ବଞ୍ଚାଇବାକୁ ଯାଇ ତାଙ୍କୁ ଖଟ ତଳେ ଲୁଚିବାକୁ ପଡୁଥିଲା। ଖାଲି ସେତିକି ନୁହେଁ ମଲିୱାଲଙ୍କ ବାପା ତାଙ୍କ କେଶ ଧରି କାନ୍ଥରେ



ମୁଣ୍ଡକୁ ପିଟି ଦେଉଥିଲେ। ଅନେକ ସମୟରେ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ରକ୍ତସ୍ରାବ ମଧ ହୋଇଥିବା ସେ କହିଛନ୍ତି। ଶିଶୁଙ୍କ ଉପରେ ଅତ୍ୟାଚାର କରୁଥିବା ଲୋକଙ୍କୁ ଉଚିତ ଶାସ୍ତି ଏବଂ ପୀଡ଼ିତାଙ୍କୁ ଏ ପ୍ରକାର ହିଂସାରୁ ରକ୍ଷା କରିବା ପାଇଁ ସେ ସବୁବେଳେ ଆଗ୍ରହୀ କହିଛନ୍ତି। ପୂର୍ବରୁ ଜାତୀୟ ମହିଳା ଆୟୋଗ ସଦସ୍ୟା ଖୁସବୁ ସୁନ୍ଦର ତାଙ୍କ ବାପାଙ୍କ ବିରୋଧରେ ସମାନ ଅଭିଯୋଗ ଆଣିଥିଲେ।

# କଶ୍ମୀରକୁ ଜାତିସଂଘ ଏଜେଣ୍ଡାରେ ମୁଖ୍ୟ ପ୍ରସଙ୍ଗ କରିପାରିନୁ: ବିଲାୱଲ

**ନୂଆଦିଲ୍ଲୀ, ୧୧।୩**

ଭାରତର କୂଟନୀତି ପାଇଁ ଜାତିସଂଘ କାର୍ଯ୍ୟସୂଚୀରେ କଶ୍ମୀରକୁ ମୁଖ୍ୟ ପ୍ରସଙ୍ଗ ଭାବେ ଉପସ୍ଥାପନ କରିବା ଇସ୍‌ଲାମାବାଦ ପାଇଁ କଷ୍ଟକର ହୋଇପଡ଼ିଛି। ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରୀ ଏହା ସ୍ୱୀକାର କରିଛନ୍ତି। ତେବେ ସେ ସିଧାସଳଖ ଭାରତ ନାଁ ନ ନେଇ ପ୍ରଥମେ ଆମ ବନ୍ଧୁ ଓ ପରେ ପଡୋଶୀ ରାଷ୍ଟ୍ର ବୋଲି



ଏକ ଖବରଦାତା ସମ୍ମିଳନୀରେ କହିଥିଲେ। କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ପରେ ଦୁଇ ପଡୋଶୀ ଦେଶ ମଧ୍ୟରେ ତିକ୍ତତା ବଢ଼ିଛି। ଅନୁଚ୍ଛେଦ ୩୭୦ ଉଚ୍ଛେଦ ଭାରତର ଆଭ୍ୟନ୍ତରୀଣ ବ୍ୟାପାର ବୋଲି ନୂଆଦିଲ୍ଲୀ ଅନ୍ତର୍ଜାତୀୟ ସମୁଦାୟକୁ କହିଆସୁଛି। ପାକିସ୍ତାନ ଆତଙ୍କବାଦ, ଶତ୍ରୁତା ଏବଂ ହିଂସାମୁକ୍ତ ବାତାବରଣ ସୃଷ୍ଟି କଲେ ଏହା ସହ ସ୍ୱାଭାବିକ ପଡୋଶୀ ସମ୍ପର୍କ ରଖିବାକୁ ଭାରତ ଆଗ୍ରହୀ ବୋଲି କହୁଛି। ପ୍ରସଙ୍ଗ ଯାହା ଥାଉ ନା କାହିଁକି ଜାତିସଂଘର ପ୍ରତ୍ୟେକ ଫୋରମ୍ ଓ ମଞ୍ଚରେ ପାକିସ୍ତାନ ଜମ୍ମୁ-କଶ୍ମୀର ପ୍ରସଙ୍ଗ ଉଠାଇଛି। ତେବେ ଉକ୍ତ ପ୍ରସଙ୍ଗରେ ଇସ୍‌ଲାମାବାଦ ଜାତିସଂଘ ସଦସ୍ୟମାନଙ୍କଠାରୁ ସମର୍ଥନ ପାଇବାରେ ବିଫଳ ହୋଇଛି। କଶ୍ମୀର ଭାରତ ଓ ପାକିସ୍ତାନ ମଧ୍ୟରେ ଏକ ଦ୍ୱିପାକ୍ଷିକ ପ୍ରସଙ୍ଗ ବୋଲି ଜାତିସଂଘ ବିବେଚନା କରିଆସୁଛି। ଆମେ ଯେତେବେଳେ କଶ୍ମୀର ପ୍ରସଙ୍ଗ ଉଠାଉଛୁ ଭାରତ ଏହାର ତୀବ୍ର ବିରୋଧ କରିଛି ବୋଲି ବିଲାୱଲ କହିଛନ୍ତି।

## ବିଷାକ୍ତ ଫଳ ଖାଇ ୧୨ ଅସୁସ୍ଥ

**ଉନା ୧୧।୩**

ହିମାଚଳ ପ୍ରଦେଶର ଉନାରେ ୧୨ ପିଲା ବିଷାକ୍ତ ଫଳ ଖାଇ ଅସୁସ୍ଥ ହୋଇପଡ଼ିଛନ୍ତି। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଉନାର ଲାଲସିଂଘି ଗ୍ରାମରେ ରହୁଥିବା କାମ କରୁଥିବା ପ୍ରବାସୀ ଶ୍ରମିକଙ୍କ ଏହି ପିଲାମାନେ ଶୁକ୍ରବାର ସନ୍ଧ୍ୟାରେ ଜଙ୍ଗଲକୁ ଯାଇ କିଛି ବିଷାକ୍ତ ଫଳ ଖାଇବା ପରେ ଅସୁସ୍ଥ ହୋଇପଡ଼ିଥିଲେ। ଚିକିତ୍ସା ପରେ ପିଲାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ଡାକ୍ତର କହିଛନ୍ତି।

ଗ୍ୟାସ୍ ସିଲିଣ୍ଡରରେ ଗଞ୍ଜେଇ ଚାଲାଣ




# ହାଇୱା ଧକ୍କାରେ ମହିଳା ସରପଞ୍ଚଙ୍କ ମୃତ୍ୟୁ

ନିମାପଡ଼ା, ୧୧।୩(ଡି.ଏନ୍.ଏ.)

ପୁରୀ ଜିଲା ନିମାପଡ଼ା ଡେଲ୍‌ଟା ଛକରେ ଏକ ହାଇୱା ଧକ୍କାରେ ଶନିବାର ଜଣେ ମହିଳା ସରପଞ୍ଚଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସତ୍ୟବାଦୀ ବ୍ଲକ ବୀରରାମଚନ୍ଦ୍ରପୁର ପଞ୍ଚାୟତ ସଦାନନ୍ଦପୁର ଗ୍ରାମର ଦୀପା ବେହେରା(୩୨)। ଏନେଇ ତାଙ୍କ ପୁତୁରା ପ୍ରଶାନ୍ତ ବେହେରା ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ସରପଞ୍ଚଙ୍କ ପରିବାର ଓ ସମ୍ପର୍କୀୟଙ୍କ ଦାବି ଅନୁଯାୟୀ ପୋଲିସ ତାଙ୍କ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବଦଳରେ ପୁରୀ ହସ୍ପିଟାଲକୁ ପଠାଇଛି। ପୋଲିସ ଦୁଇ ଗାଡ଼ିକୁ ଜବତ କରିବା ସହ ଏକ ମାମଲା (ନଂ.୬୬/୨୩) ରୁଜୁ କରି ତଦନ୍ତ ଚଳାଇଛି।



ସୂଚନା ମୁତାବକ, ସରପଞ୍ଚ ଦୀପା ତାଙ୍କ ପରିବାର ସହ ନିମାପଡ଼ାର ଏକ ବିବାହ ଭୋଜିରେ ଯୋଗଦେଇଥିଲେ। ସେଠାରୁ ଦୀପାଙ୍କ ମା’ ଏବଂ ଭାଇ ଏକ ବାଇକ୍‌ରେ ଫେରୁଥିବାବେଳେ ସେ ଓ ତାଙ୍କ ପୁତୁରା ଅନ୍ୟ ଏକ ବାଇକ୍ (ଓଡି୦୨ଏଏକ୍ସ-୭୨୭୭) ଯୋଗେ ଘରକୁ ଫେରୁଥିଲେ। ଡେଲ୍‌ଟା ଛକରେ କୌଣସି କାରଣରୁ ଦୀପା ବାଇକ୍‌ରୁ ଖସିପଡ଼ିଥିଲେ। ଦ୍ରୁତଗତିରେ ସାମ୍ନାପଟୁ ଆସୁଥିବା ଏକ ହାଇୱା (ଓଡି୦୫ବିଏ-୦୫୦୧) ତାଙ୍କ ମୁଣ୍ଡ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଛି। ହାଇୱା ଚାଳକ ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଦୁର୍ଘଟଣା ପରେ ସେଠାରେ ୧ ଘଣ୍ଟା ଧରି ଉତ୍ତେଜନା ଦେଖିଦେଇଥିଲା। ନିମାପଡ଼ାର ବିଭିନ୍ନ ଛକ ବଜାରର ମୁଖ୍ୟ ରାସ୍ତାରେ ଦୈନିକ ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ ଭାରିଯାନ ଚଳାଚଳ ବନ୍ଦ କରାଯିବାକୁ ସ୍ଥାନୀୟ ଅଞ୍ଚଳବାସୀ ପୋଲିସ ନିକଟରେ ଦାବି କରିଛନ୍ତି। ନିମାପଡ଼ା ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ଖବର ପାଇ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ ପଣ୍ଡା ଓ ସତ୍ୟବାଦୀ ବ୍ଲକର କେତେଜଣ ସରପଞ୍ଚ ସେଠାରେ ପହଞ୍ଚି ଦୁର୍ଘଟଣା ସମ୍ପର୍କରେ ନିମାପଡ଼ା ଆଇଆଇସି ଶଙ୍କର୍ଷଣ ଦଳେଇଙ୍କ ସହ ଆଲୋଚନା କରିଥିଲେ। ମୃତା ସରପଞ୍ଚଙ୍କ ପରିବାରକୁ ରେଡ୍‌କ୍ରସ ପାଣ୍ଠିରୁ ସହାୟତା ଯୋଗାଇ ଦିଆଯିବ ବୋଲି ତହସିଲଦାର ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ କହିଛନ୍ତି।




# ତେଲଙ୍ଗାନାରୁ ଫେରିଲେ ବନ୍ଧକ ଝିଅ

## ଝିଅକୁ ବନ୍ଧକ ରଖି ସ୍ୱାମୀଙ୍କ ମୃତଦେହ ସ୍ତ୍ରୀ ଆଣିବା ଘଟଣା

## ମୃତକଙ୍କ ଗାଁରେ ଜିଲା ଅତିରିକ୍ତ ଶ୍ରମ ଅଧିକାରୀଙ୍କ ତଦନ୍ତ

ବଲାଙ୍ଗୀର ଅଫିସ/ବେଲପଡା, ୧୧।୩ (ଡି.ଏନ.ଏ)

ତେଲଙ୍ଗାନାର ପୈଦାପଲିଠାରେ ଦାଦନ ଖଟିବା ଅବସ୍ଥାରେ ମୃତ୍ୟୁବରଣ କରିଥିବା ସ୍ୱାମୀଙ୍କ ମୃତଦେହ ଗାଁକୁ ଆଣିବା ପାଇଁ ନାବାଳିକା ଝିଅକୁ ବନ୍ଧକ ଦେଇ ଅସହାୟ ସ୍ତ୍ରୀ ଓ ପୁଅ ଓଡିଶା ଫେରିଥିଲେ। ଏହି ଘଟଣା ଧରିତ୍ରୀ ପ୍ରଥମ ପୃଷ୍ଠାରେ ପ୍ରକାଶ ପାଇବା ପରେ ବଲାଙ୍ଗୀର ଜିଲା ଅତିରିକ୍ତ ଶ୍ରମ ଅଧିକାରୀ ନିରଞ୍ଜନ ଭୂୟାଁ ଶନିବାର ମୃତ ଦାଦନ ଶ୍ରମିକ ଶୁକଦେବ ପରାଭୁଏଙ୍କ ବେଲପଡା ବ୍ଲକ ବନମାଳ ଗାଁରେ ପହଞ୍ଚି ସ୍ଥିତି ତଦାରଖ କରିଥିଲେ। ବେଲପଡା ତହସିଲଦାର ପ୍ରଶାନ୍ତୀ ପଧାନ ବନମାଳରେ ପହଞ୍ଚି ମୃତ ଶ୍ରମିକଙ୍କ ସ୍ତ୍ରୀ ଉଷା ପରାଭୁଏଙ୍କୁ ରେଡକ୍ରସ ତରଫରୁ ୭ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ। ଅନ୍ୟପକ୍ଷେ ଘଟଣା ପ୍ରଘଟ ପରେ ଚାପରେ ପଡି ତେଲଙ୍ଗାନାର ଇଟାଭାଟି ମାଲିକ ବନ୍ଧକ ଥିବା ଶୁକଦେବଙ୍କ ଝିଅ କୈକେୟୀଙ୍କୁ ସେଠାରେ ଥିବା ସମ୍ପର୍କୀୟଙ୍କ ପାଖରେ ଛାଡି ଦେବା ପରେ ସେ ଶନିବାର ଏଠାରେ ଆସି ପହଞ୍ଚିଛନ୍ତି।

ଗତ ଗୁରୁବାର ରାତିରେ ଶୁକଦେବ ପରାଭୁଏଙ୍କ ମୃତଦେହ ତେଲଙ୍ଗାନାର ପୈଦାପଲିରୁ ଆମ୍ବୁଲାନ୍ସ ଯୋଗେ ବନମାଳ ଗାଁରେ ପହଞ୍ଚିଥିଲା। ମୃତକଙ୍କ ନାବାଳିକା ଝିଅକୁ ସେଠାରେ ଇଟାଭାଟି ମାଲିକ ବନ୍ଧକ ରଖି ଅସହାୟ ଅବସ୍ଥାରେ ଶୁକଦେବଙ୍କ ସ୍ତ୍ରୀ ଉଷା ଓ ନାବାଳକ ପୁଅ ଫେରିଥିବା ଗ୍ରାମବାସୀ ଜାଣିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ ଆମ୍ବୁଲାନ୍ସକୁ ଅଟକ ରଖିଥିଲେ। ବନ୍ଧକ ନାବାଳିକାଙ୍କୁ ତୁରନ୍ତ ମୁକ୍ତ ନ କଲେ ଆମ୍ବୁଲାନ୍ସ ଛଡାଯିବ ନାହିଁ ବୋଲି କହିଥିଲେ। ଘଟଣାକୁ ନେଇ ବାଗଦୋର ଗ୍ରାମ ପଞ୍ଚାୟତ ସରପଞ୍ଚ ପ୍ରଦୀପ ବେହେରା ଜିଲା ଶ୍ରମ ଅଧିକାରୀଙ୍କୁ ଜଣାଇଥିଲେ। ଆମ୍ବୁଲାନ୍ସ ଡ୍ରାଇଭରଙ୍କଠାରୁ ଖବର ପାଇବା ପରେ ଇଟାଭାଟି ମାଲିକ ଅକଳରେ ପଡିଥିଲେ। ଏପଟେ ଜିଲା ଶ୍ରମ ଅଧିକାରୀଙ୍କ ହସ୍ତକ୍ଷେପ ପରେ ଭଟାଭାଟି ମାଲିକ ଶୁକଦେବଙ୍କ ଝିଅ କୈକେୟୀଙ୍କୁ ତାଙ୍କ ସମ୍ପର୍କୀୟଙ୍କ ମାଧ୍ୟମରେ ଛାଡି ଦେଇଥିବା ଉଷା କହିଛନ୍ତି।

ସୂଚନାଯୋଗ୍ୟ ଯେ, ବନମାଳ ଗାଁର ଶୁକଦେବ ପରାଭୁଏ (୪୦) ଓ ତାଙ୍କ ସ୍ତ୍ରୀ ଉଷାଙ୍କ ସହ ପୁଅ ପବିତ୍ର, ଝିଅ କୈକେୟୀ ଏବଂ ତାଙ୍କ ସମ୍ପର୍କୀୟଙ୍କ ସହ ଗତ ୪ ମାସ ତଳେ ତେଲଙ୍ଗାନାର ପୈଦାପଲି ଜିଲା କାଟନାପାଲି ଗାଁର ଏନଡିଆଇ ଇଟା କାରଖାନାରେ କାମ କରିବା ପାଇଁ ଦଲାଲଙ୍କ ଜରିଆରେ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ଇଟାଭାଟି ମାଲିକ ସେମାନଙ୍କୁ ନିର୍ଯାତନା ଦେଇଥିଲେ। ଶୁକଦେବ ଅସୁସ୍ଥ ଥିବା ସତ୍ତ୍ୱେ ତାଙ୍କୁ କାମ କରିବାକୁ ବାଧ କରାଯାଇଥିଲା। ତାଙ୍କ ସ୍ତ୍ରୀ ଉଷା ସ୍ୱାମୀଙ୍କ ଚିକିତ୍ସା ପାଇଁ ଦାଦନ ଦଲାଲ ଓ ଇଟାଭାଟି ମାଲିକଙ୍କୁ ଗୁହାରି କରିଥିଲେ ମଧ କେହି ଶୁଣି ନ ଥିଲେ। ଏହାପରେ ଶୁକଦେବଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାକୁ ଲାଗିଥିଲା। ଉପଯୁକ୍ତ ଚିକିତ୍ସା ନ ମିଳିବାରୁ ଗତ ୮ତାରିଖରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଜିମ୍ ସେଣ୍ଟରରେ ଯୁବତୀଙ୍କୁ ବଳାତ୍କାର

- ଏନର୍ଜି ଡ୍ରିଙ୍କ୍ସରେ ନିଶା ମିଶାଇ ପିଇବାକୁ ଦେଇଥିଲେ
- ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ କରିବାକୁ ଧମକ
- ଥାନାରେ ମାମଲା ରୁଜୁ

କଟକ ଅଫିସ, ୧୧।୩

କଟକ ଜିଲା ସିଡିଏ ସେକ୍ଟର-୯ ଅଞ୍ଚଳର ଏକ ଜିମ୍‌ରେ ଜଣେ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ଶନିବାର ମର୍କତ ନଗର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୪୧/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଗତବର୍ଷ ଜାନୁୟାରୀ ୨ରେ ଯୁବତୀ ଜଣକ ଉକ୍ତ ଜିମ୍‌ରେ ଯୋଗ ଦେଇଥିଲେ। ସେଠାରେ ଜିମ୍ ମାଲିକଙ୍କ ସହିତ ତାଙ୍କର ପରିଚୟ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ବନ୍ଧୁତା ସ୍ଥାପନ ହୋଇଥିଲା। ସେହିବର୍ଷ ଫେବୃୟାରୀ ୧୨ରେ ଜିମ୍ ମାଲିକ ତାଙ୍କୁ ପ୍ରେମ ନିବେଦନ କରିଥିଲେ। ଏହାପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଜିମ୍‌ରେ ଶାରୀରିକ ପ୍ରଶିକ୍ଷଣବେଳେ ମାଲିକ ତାଙ୍କୁ ସହଯୋଗ କରୁଥିଲେ। ୨୦୨୨ ମାର୍ଚ୍ଚ ୧୬ରେ ଜିମ୍ ବନ୍ଦ ହେବା ସମୟରେ ସମ୍ପୃକ୍ତା ଯୁବତୀ ଶାରୀରିକ ଅଭ୍ୟାସ କରୁଥିଲେ। ଏହି ସମୟରେ ମାଲିକ ସେଠାରେ ପହଞ୍ଚି ତାଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏଥିସହ ଶରୀର ଫୂର୍ତ୍ତି ରହିବ ବୋଲି କହି ଏନର୍ଜି ଡ୍ରିଙ୍କ୍ସ ପିଇବାକୁ ଦେଇଥିଲେ। ଏହାକୁ ପିଇବା ପରେ ଯୁବତୀ ଜଣକ ଫୂର୍ତ୍ତି ଅନୁଭବ କରିଥିଲେ। ହେଲେ କିଛି ସମୟ ପରେ ନିସ୍ତେଜ ହୋଇପଡିଥିଲେ। ଏହାର ସୁଯୋଗ ନେଇ ମାଲିକ ତାଙ୍କୁ ବଳାତ୍କାର କରିବା ସହିତ ଫଟୋ ଉତ୍ତୋଳନ କରି ନେଇଥିଲେ। ଏହାପରେ ଉକ୍ତ ଫଟୋକୁ ଦେଖାଇ ତାଙ୍କୁ ବ୍ଲାକ୍‌ମେଲିଂ କରିଥିଲେ। ପରବର୍ତ୍ତୀ ସମୟରେ ମାଲିକ ତାଙ୍କ ଘର ସମେତ ଜିମ୍‌ରେ ଏକାଧିକ ଥର ବଳାତ୍କାର କରିଥିଲେ। ଏହି ଘଟଣାର ନୂଆମୋଡ ଦେବା ପାଇଁ ମାଲିକ ନିଜ ମା’ଙ୍କ ସହିତ ସମ୍ପୃକ୍ତା ଯୁବତୀଙ୍କର ପରିଚୟ କରାଇଥିଲେ। ଏପରି କି ବିବାହ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିଛିଦିନ ପରେ ଉଭୟ ଏକାଠି କଶ୍ମୀର ବୁଲିବାକୁ ଯାଇଥିଲେ। ହେଲେ ହଠାତ୍ ଜିମ୍ ମାଲିକଙ୍କ ହାବଭାବ ବଦଳି ଯାଇଥିଲା। ସେ ଯୁବତୀଙ୍କ ଚରିତ୍ରକୁ ଆକ୍ଷେପ କରି ନିର୍ଯାତନା ଦେଇଥିଲେ। ମାଲିକଙ୍କ ମା’ଙ୍କ ପାଖକୁ ଯିବାକୁ ଯୁବତୀ ଜଣଙ୍କ ନିବେଦନ କରିଥିଲେ ସୁଦ୍ଧା ସେ ତାଙ୍କୁ ଧରାଛୁଆଁ ଦେଇ ନ ଥିଲେ। ଏପରି କି ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଆସୁଥିଲେ। ଯୁବତୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ କରିଦେବେ ବୋଲି ତାଙ୍କ ପରିବାରକୁ କହି ଧମକ ଦେଉଛନ୍ତି। ତେବେ ନିର୍ଯାତନା ଅସହ୍ୟ ହେବାରୁ ଯୁବତୀ ଜଣକ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏଥିସହ ଜିମ୍ ସେଣ୍ଟର ମାଲିକ ଓ ତାଙ୍କ ମାଆଙ୍କ ନାଁରେ ଅଭିଯୋଗ କରିଛନ୍ତି।




# ୧ ଲକ୍ଷ ୯ ହଜାର ୭୭୧ ମାମଲା ଫଇସଲା

## ଜିଲାସ୍ତରୀୟ ଲୋକ ଅଦାଲତ

## ୨୧,୮୧,୮୫,୨୦୮ ଟଙ୍କା କ୍ଷତିପୂରଣ ଆଦାୟ

କଟକ ଅଫିସ, ୧୧।୩

ରାଜ୍ୟର ପ୍ରତ୍ୟେକ ଜିଲା କୋର୍ଟ (କେନ୍ଦ୍ରପଡ଼ା ଜିଲା ବ୍ୟତୀତ)ରେ ଜିଲାସ୍ତରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ତଥା ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ (ଓଏସ୍‌ଏଲ୍‌ଏସ୍‌ଏ) ମୁଖ୍ୟ ପୃଷ୍ଠପୋଷକ ଏସ୍. ମୁରଲୀଧର ଓ ହାଇକୋର୍ଟ ବିଚାରପତି ତଥା ଓଏସ୍‌ଏଲ୍‌ଏସ୍‌ଏ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଶୁଭାଶିଷ ତାଳପତ୍ରଙ୍କ ମାର୍ଗଦର୍ଶନରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୧ ଲକ୍ଷ ୩୦ହଜାର ୫୧୨ଟି ବିଚାରାଧୀନ ମାମଲା ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧ ଲକ୍ଷ ୯ହଜାର ୭୭୧ ମାମଲା ଫଇସଲା କରାଯାଇ ୨୧ କୋଟି ୮୧ ଲକ୍ଷ ୮୫ହଜାର ୨୦୮ ଟଙ୍କା କ୍ଷତିପୂରଣ ବାବଦକୁ ଆଦାୟ କରିବା ପାଇଁ ସ୍ଥିର ହୋଇଥିଲା। ଉକ୍ତ ଲୋକ ଅଦାଲତରେ ସମାଧାନ ହୋଇଥିବା ବିଚାରାଧୀନ ମାମଲାଗୁଡ଼ିକ ମଧ୍ୟରେ ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା ୨୨୯, ଆଇପିଆର୍ ସମ୍ବନ୍ଧୀୟ ୨, ଉପଭୋକ୍ତା ସମ୍ବନ୍ଧୀୟ ୨୦, ଭୂମି ଅଧିଗ୍ରହଣ ୬୯, ପାରିବାରିକ ବିବାଦ ୨୩୦, ରାଜସ୍ୱ ୧ ଲକ୍ଷ ୯ହଜାର ୭୫ ଏବଂ ଅନ୍ୟାନ୍ୟ ଅତିରିକ୍ତ ମାମଲା ୧୪୬ ରହିଥିଲା। ସୂଚନାଯୋଗ୍ୟ, ଜାତୀୟ ଆଇନ ସେବା ପ୍ରାଧିକରଣ (ଏନ୍‌ଏଲ୍‌ଏସ୍‌ଏ)ର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଜିଲାସ୍ତରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବିବାଦ କିମ୍ବା ମକଦ୍ଦମାର ସହଜ ଏବଂ ଆପୋସ ସହମତିରେ ସମାଧାନ କରାଯାଇଥିଲା। ମୁଖ୍ୟତଃ ବିଚାରାଧୀନ ମକଦ୍ଦମାଗୁଡ଼ିକର ସମାଧାନ ହୋଇଥିଲା।

# ନାଳରୁ ମିଳିଲା ମଣିଷ କଙ୍କାଳ

ବସ୍ତା/ରୂପ୍‌ସା, ୧୧।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ପାଣିଶୁଳିଆ ଦୁରୁଣ୍ଡି ନାଳରୁ ଶନିବାର ଏକ ବସ୍ତାରେ ଭର୍ତ୍ତି ହୋଇଥିବା ମଣିଷ ଖପୁରି, ହାଡ଼ ଓ କଙ୍କାଳ ମିଳିଛି। କୌଣସି ବ୍ୟକ୍ତିଙ୍କୁ କେହି ହତ୍ୟା କରିବା ପରେ ପଲିଥିନ ବସ୍ତାରେ ଭର୍ତ୍ତି କରି ଏହି ପରିତ୍ୟକ୍ତ ନାଳରେ ଥିବା ଦଳ ଭିତରେ ପୋତି ଦେଇଥିବା ଅନୁମାନ କରାଯାଉଛି।

ପ୍ରକାଶ ଯେ, ଦେଢ଼ବର୍ଷ ତଳେ ଏହି ଗ୍ରାମର ଜଣେ ଯୁବତୀ ନିଖୋଜ ହୋଇଯାଇଥିଲେ। ପରିବାର ପକ୍ଷରୁ ସିଂଲା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ମାତ୍ର ପୋଲିସ ସେହି ଯୁବତୀଙ୍କ କୌଣସି ଖୋଜଖବର ପାଇ ନ ଥିଲା। ଗାଁ ଲୋକେ ନାଳରୁ ପାଣି ଶୁଖାଇ ମାଛ ଧରୁଥିବାବେଳେ ଉକ୍ତ କଙ୍କାଳ ମିଳିଥିଲା। ଏହା ସେହି ନିଖୋଜ ଯୁବତୀଙ୍କର ମୃତଦେହ ହୋଇଥାଇପାରେ ବୋଲି ପରିବାର ଲୋକେ ଓ ଗ୍ରାମବାସୀ ଅନୁମାନ କରୁଛନ୍ତି। ଖବରପାଇ ଅଗ୍ନିଶମ ବିଭାଗ ଓ ସିଂଲା ଥାନା ପୋଲିସ ପହଞ୍ଚି ନର କଙ୍କାଳ ଜବତ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛନ୍ତି। ଏହି ନର କଙ୍କାଳ ମିଳିବା ପରେ ଅନେକ ସନ୍ଦେହ ଦେଖାଦେଇଛି। ଜବତ ଖପୁରି ଏବଂ କଙ୍କାଳ ଫୋରେନସିକ ଲାବରେଟୋରିକୁ ପରୀକ୍ଷା ପାଇଁ ପଠାଯାଇଛି। ସେହିପରି ପୋଲିସ୍ ନିଜ ଆଡୁ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଏହାର ପ୍ରକୃତ ରହସ୍ୟ ଉନ୍ମୋଚନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



**ଆଜିର ମନ୍ତବ୍ୟ**

ଜାତୀୟ ରାଜଧାନୀ ଦିଲ୍ଲୀ ଓ ବିହାରର ବିଭିନ୍ନ ସ୍ଥାନରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଚଢ଼ାଉ ଜାରି ରହିଛି। ଦେଶରେ ଚଢ଼ାଉ ପ୍ରଥାକୁ କଂଗ୍ରେସ ଆରମ୍ଭ କରିଥିଲା, ଏବେ ଭାଜପା ଏହାକୁ ଅନୁସରଣ କରୁଛି। **-ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ମୁଖ୍ୟ**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଧର୍ମ ବିତ୍ତ, ବଢ଼େ ବହୁତ**
**ଗଲାବେଳେ ଯାଏ ମୂଳ ସହିତ।**

ଧର୍ମ ଆଧାରରେ ଧନ ଅର୍ଜନ କରି ଜୀବନର ଆବଶ୍ୟକତା ପୂରଣ କରିବାକୁ ଶାସ୍ତ୍ର ନିର୍ଦ୍ଦେଶ ଦେଇଛି। ଅଧର୍ମ ଉପାୟ ଦ୍ୱାରା ଧନ ଅର୍ଜନ କରାଯାଇପାରେ ମାତ୍ର ଏହି ଧନ କେବେ ସ୍ଥାୟୀ ହୋଇ ରହିପାରି ନ ଥାଏ। ଅନ୍ୟାୟ ଦ୍ୱାରା ଅର୍ଜିତ ଧନ ନିଶ୍ଚିତ ଭାବେ ନଷ୍ଟ ହୋଇଯାଏ। ଏହି ନଷ୍ଟ ଯୋଗୁ ବ୍ୟକ୍ତି ତା'ର ମୂଳଧନକୁ ମଧ୍ୟ ହରାଇଥାଏ। ଅନ୍ୟାୟ ଉପାୟରେ ଧନ ଆହରଣ କରିବା ଦ୍ୱାରା ବ୍ୟକ୍ତିର ସମୃଦ୍ଧି ନଷ୍ଟ ହେବା ସହ ତା'ର ମାନ ସମ୍ମାନ ସବୁ ମାଟିରେ ମିଶିଯାଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଅନାଇ ଦେଲାରୁ ଆକୃତି ଦେଖିଲୁ**
**ପ୍ରକୃତି ଦେଖିଲୁ କେଣେ?**
**ବାହା ହେବା ପାଇଁ ସକେଇ ସକେଇ**
**କାନ୍ଧୁଛୁ କବାଟ କଣେ।**

ଆକୃତି ଦେଖି ପ୍ରକୃତି ଚିହ୍ନିବା କଷ୍ଟକର। ବ୍ୟକ୍ତିର ବାହାର ସ୍ୱରୂପ ଦେଖି ତା'ର ଭିତରର ଗୁଣ ଓ ସ୍ୱଭାବ ବିଷୟରେ ଅନ୍ଦାଜ ଲଗାଇବା ସେତେଟା ସହଜ ହୋଇନଥାଏ। ବ୍ୟକ୍ତି ରୂପ ପାଇଁ ନୁହେଁ ଗୁଣ ଲାଗି ହିଁ ଆଦୃତ ହୋଇଥାଏ। ରୂପ ଦେଖି ସ୍ୱଭାବ ପ୍ରକୃତି ଠଉରେଇ ନ ପାରି ଆପଣାର କରିବସିଲେ ଅବଶେଷରେ ଠକିଯିବାକୁ ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ସିଲିକନ୍ ଭ୍ୟାଲି ବ୍ୟାଙ୍କରେ ତାଲା

## ଆମେରିକାରେ ବ୍ୟାଙ୍କିଙ୍ଗ୍ ସଙ୍କଟ: ଚିନ୍ତାରେ ଜମାକାରୀ, ନିବେଶକ

ୱାଶିଂଟନ,୧୧।୩

କ୍ରମବର୍ଦ୍ଧିଷ୍ଣୁ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ଆମେରିକାର ଫେଡେରାଲ ରିଜର୍ଭ ସୁଧହାର ବଢ଼ାଇଚାଲିଛି। ଏହାର ପ୍ରତ୍ୟକ୍ଷ ପ୍ରଭାବ ବ୍ୟାଙ୍କିଙ୍ଗ୍ ସେକ୍ଟରରେ ଦେଖିବାକୁ ମିଳିଛି। ୧୯୮୦ ଦଶକରୁ ବୃହତ୍ ଟେକ୍ନୋଲୋଜି କମ୍ପାନୀ ଓ ଷ୍ଟାର୍ଟଅପ୍‌ଗୁଡ଼ିକୁ ଋଣ ପ୍ରଦାନ ପାଇଁ ଜଣାଶୁଣା ସିଲିକନ୍ ଭ୍ୟାଲି ବ୍ୟାଙ୍କ (ଏସ୍‌ଭିବି) ବୁଡ଼ିଯାଇଛି। ଶୁକ୍ରବାର ଏସ୍‌ଭିବିର ଶେୟାର ମଧ୍ୟ ଧରାଶାୟୀ ହୋଇଯାଇଛି। ଏଥିଯୋଗୁ ନିବେଶକ ଓ ଜମାକାରୀ ଚିନ୍ତାରେ ପଡ଼ିଯାଇଛନ୍ତି। ଏସ୍‌ଭିବିକୁ ଶୁକ୍ରବାର କାଲିଫର୍ନିଆ ବ୍ୟାଙ୍କିଙ୍ଗ୍ ରେଗୁଲେଟର୍ସ ବନ୍ଦ ଘୋଷଣା କରିଛନ୍ତି। ୨୦୦୮ର ବୈଶ୍ୱିକ ଆର୍ଥିକ ସଙ୍କଟ ପରେ ଏହାକୁ ରିଟେଲ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ସବୁଠୁ ବଡ଼ ବିପର୍ଯ୍ୟୟ ବୋଲି କୁହାଯାଉଛି। ସିଲିକନ୍ ଭ୍ୟାଲି ବ୍ୟାଙ୍କ ହେଉଛି ଆମେରିକାର ଷୋଡ଼ଶ ବୃହତ୍ ବ୍ୟାଙ୍କ। କାଲିଫର୍ନିଆର ସାଣ୍ଟା କ୍ଲାରାରେ ଏହାର ମୁଖ୍ୟାଳୟ ରହିଛି। କାଲିଫର୍ନିଆ ଓ ମାସାଚ୍ୟୁସେଟ୍ସରେ ଏସ୍‌ଭିବିର ୧୭ଟି ଶାଖା ରହିଛି। ୨୦୨୨ ଡିସେମ୍ବର ଶେଷରେ ଏସ୍‌ଭିବିର ମୋଟ ସମ୍ପତ୍ତି ମୂଲ୍ୟ ୨୦୯ ବିଲିୟନ୍ ଡଲାର ରହିଥିଲା। ଗତ ସପ୍ତାହ ମଧ୍ୟଭାଗରେ ମୁଡିସ୍ ଇନ୍‌ଭେଷ୍ଟର୍ସ ଉକ୍ତ ବ୍ୟାଙ୍କର ପ୍ୟାରେଣ୍ଟ ଅର୍ଗାନାଇଜେଶନ୍ ଏସ୍‌ଭିବି ଫାଇନାନ୍ସିଆଲ ଗ୍ରୁପ୍ ପାଇଁ ଚିନ୍ତାଜନକ ରେଟିଂ ଜାରି କରିଥିଲା। ସିଲିକନ୍ ଭ୍ୟାଲି ବ୍ୟାଙ୍କର ଅଧିକାଂଶ ନିବେଶ ୟୁଏସ୍ ବଣ୍ଡରେ ରହିଛି। ମୁଦ୍ରାସ୍ଫୀତି ହାରକୁ ତଳକୁ ଖସାଇବା ପାଇଁ ଫେଡେରାଲ ରିଜର୍ଭ ସୁଧହାର ବଢ଼ାଇଚାଲିଥିବାରୁ ବଜାର ଉଠାପକା ମଧ୍ୟରେ ବଣ୍ଡ ଭାଲ୍ୟୁ ମଧ୍ୟ ତଳକୁ ଖସିଛି। କୋଭିଡ୍ ମହାମାରୀ ପରେ ଷ୍ଟାର୍ଟଅପ୍ ଫଣ୍ଡିଂ ମଧ୍ୟ ଶୁଷ୍କ ହୋଇଯାଇଥିବାରୁ ବହୁସଂଖ୍ୟକ ବ୍ୟାଙ୍କ କ୍ଲାଏଣ୍ଟ ନିଜ ଅର୍ଥ ଉଠାଇନେଇଥିଲେ। ସେମାନଙ୍କ ସ୍ୱାର୍ଥକୁ ସମ୍ମାନ ଦେଇ ଏସ୍‌ଭିବି ନିଜର କିଛି ନିବେଶକୁ ବିକ୍ରି କରିବାକୁ ବାଧ୍ୟ ହୋଇଥିଲା। ଏସ୍‌ଭିବି ନଗଦ ଅର୍ଥରାଶି ଠୁଳ କରିବା ପାଇଁ ଗୁରୁବାର ଷ୍ଟକ୍ ଅଫରିଂ ଘୋଷଣା କରିଥିଲା। ଏଥିସହ ୧.୮ ବିଲିୟନ୍ ଡଲାର କ୍ଷତିରେ ଏହାର ବଣ୍ଡ ପୋର୍ଟଫୋଲିଓ ବିକ୍ରି କରିଥିଲା। ଏଇଠୁ ଏସ୍‌ଭିବିର ଶେୟାର ମୂଲ୍ୟ ଖସିବା ଆରମ୍ଭ ହୋଇଥିଲା। ଶୁକ୍ରବାର କାରବାର ବନ୍ଦ ହେବାବେଳକୁ ବ୍ୟାଙ୍କର ନେଗେଟିଭ୍ କ୍ୟାଶ୍ ବାଲାନ୍ସ ୯୫୮ ବିଲିୟନ୍ ଡଲାର ରହିଥିଲା। ଅର୍ଥାତ୍ ନ୍ୟୁୟର୍କର ୱାଲଷ୍ଟ୍ରିଟ୍‌ରେ ବ୍ୟାଙ୍କ ଶେୟାର ମୂଲ୍ୟର ୬୦% ପୋଛି ହୋଇଯାଇଥିଲା। ଫଳରେ ଏସ୍‌ଭିବି ଶେୟାର ଟ୍ରେଡିଂକୁ ବନ୍ଦ କରିଦିଆଯାଇଥିଲା। ପରେ ରେଗୁଲେଟର୍ସ ବ୍ୟାଙ୍କକୁ ବନ୍ଦ ଘୋଷଣା କରିଥିଲେ। କାଲିଫର୍ନିଆ ଡିପାର୍ଟମେଣ୍ଟ ଅଫ୍ ଫାଇନାନ୍ସିଆଲ ପ୍ରୋଟେକ୍ସନ ଆଣ୍ଡ ଇନୋଭେଶନ୍ ଏହି କ୍ଲୋଜର୍ ଜାରି କରିଥିଲା। ଏସ୍‌ଭିବି ଧରାଶାୟୀ ହେବା ସହ ବିଶ୍ୱର ଶେୟାର ବଜାରଗୁଡ଼ିକର ବ୍ୟାଙ୍କିଙ୍ଗ୍ ଷ୍ଟକ୍ସ ତଳକୁ ଖସିଥିଲା। ଗତ ୨ଟି ଟ୍ରେଡିଂ ସେସନ୍‌ରେ ଆମେରିକୀୟ ବ୍ୟାଙ୍କଗୁଡ଼ିକର ଶେୟାର ମୂଲ୍ୟ ପ୍ରାୟ ୧୦୦ ବିଲିୟନ୍ ଡଲାର ଖସିଥିବାବେଳେ ୟୁରୋପୀୟ ବ୍ୟାଙ୍କଗୁଡ଼ିକର ମାର୍କେଟ ଭାଲ୍ୟୁରେ ୫୦ ବିଲିୟନ୍ ଡଲାର ହ୍ରାସ ଦେଖିବାକୁ ମିଳିଛି। ଶେଷରେ ଆମେରିକୀୟ ରେଗୁଲେଟର୍ସ ଏସ୍‌ଭିବି ପାଣ୍ଠିକୁ ବାଜ୍ୟାପ୍ତ କରି ନିଜ ନିୟନ୍ତ୍ରଣକୁ ନେଇଛନ୍ତି। ବ୍ୟାଙ୍କ ବନ୍ଦ ହେବା ପରେ ଜମାକାରୀଙ୍କ ପ୍ରାୟ ୧୭୫ ବିଲିୟନ୍ ଡଲାର ଫେଡେରାଲ ଡିପୋଜିଟ୍ ଇନ୍ସ୍ୟୁରାନ୍ସ କର୍ପୋରେଶନ୍ (ଏଫ୍‌ଡିଆଇସି) ଅଧୀନକୁ ଚାଲିଆସିଛି। ଏଫ୍‌ଡିଆଇସି ପକ୍ଷରୁ ନୂଆକରି ତିଆରି ହୋଇଥିବା ନ୍ୟାଶନାଲ ବ୍ୟାଙ୍କ ଅଫ୍ ସାଣ୍ଟା କ୍ଲାରା ଏବେ ସିଲିକନ୍ ଭ୍ୟାଲି ବ୍ୟାଙ୍କ ସମ୍ପତ୍ତି ପରିଚାଳନା କରିବ। ସୋମବାର ସକାଳେ ଏହି ବ୍ୟାଙ୍କ ଖୋଲିବା ପରେ ସବୁ ପ୍ରକାର ଆର୍ଥିକ କାରବାର କରାଯାଇପାରିବ। ପୁରୁଣା ବ୍ୟାଙ୍କର ସମସ୍ତ ଚେକ୍‌କୁ ମଧ୍ୟ ଗ୍ରହଣ କରାଯିବ ବୋଲି ଜମାକାରୀମାନଙ୍କୁ ଏଫ୍‌ଡିଆଇସି ଆଶ୍ୱାସନା ଦେଇଛି। ନିୟନ୍ତ୍ରକଙ୍କ ଉପରେ ବାଇଡେନ୍ ପ୍ରଶାସନ ପୂର୍ଣ୍ଣ ଆସ୍ଥା ପ୍ରକଟ କରିଛି। ଏସ୍‌ଭିବି ମୁଖ୍ୟ ଗ୍ରେଗ୍ ବେକର ନିଜ କର୍ମଚାରୀମାନଙ୍କ ଉଦ୍ଦେଶ୍ୟରେ ଏକ ଭିଡିଓ ମେସେଜ୍ ଜାରି କରି କହିଛନ୍ତି, ବ୍ୟାଙ୍କ ପାଇଁ ସହଯୋଗୀ ଖୋଜିବା ଲାଗି ରେଗୁଲେଟର୍ସଙ୍କ ସହ ଆଲୋଚନା ଚାଲିଛି। ଡିଲ୍ ସଫଳ ହେବ ବୋଲି କୌଣସି ଗ୍ୟାରେଣ୍ଟି ନାହିଁ।

# ନୂତନ ହଷ୍ଟେଲରୁ ଛାତ୍ରଙ୍କ ମୃତଦେହ ଠାବ

ଗୋପାଳପୁର,୧୧।୩(ଡ଼ି.ଏନ.ଏ.)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନୂତନ ଛାତ୍ରାବାସର ଏକ କୋଠରିରେ ଶନିବାର ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଛି। ମୃତକ ହେଲେ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଅଞ୍ଚଳର ତାରିଣୀ ପ୍ରସାଦ ବିଶ୍ୱାଳ। ସୂଚନା ଅନୁସାରେ,ଗୋପାଳପୁର ଥାନା ଅନ୍ତର୍ଗତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ତାରିଣୀ ଇଣ୍ଡଷ୍ଟ୍ରିଆଲ ରିଲେଶନ ଓ ପର୍ସନାଲ ମ୍ୟାନେଜମେଣ୍ଟ (ଆଇଆର୍‌ପିଏମ୍) ବିଭାଗ

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**


ତାରିଣୀ ପ୍ରସାଦ ବିଶ୍ୱାଳ

ପ୍ରଥମ ବର୍ଷ ଛାତ୍ର ଥିଲେ। ସେ ନୂଆ ଛାତ୍ରାବାସରେ ରହୁଥିଲେ। ସେ ରହୁଥିବା କୋଠରି କବାଟ ଶନିବାର ପୂର୍ବାହ୍ନ ପର୍ଯ୍ୟନ୍ତ ଖୋଲି ନ ଥିଲା। ଏନେଇ ସହପାଠୀମାନେ ବହୁବାର ବାଡ଼େଇ ଥିଲେ ସୁଦ୍ଧା ଭିତରୁ କୌଣସି ଉତ୍ତର ମିଳି ନ ଥିଲା। ସନ୍ଦେହ ହେବାରୁ ଛାତ୍ରମାନେ କବାଟ ଭାଙ୍ଗି ତାରିଣୀଙ୍କ ଝୁଲନ୍ତା ମୃତଦେହ ଦେଖି ହଷ୍ଟେଲ ୱାର୍ଡେନ ଓ ପୋଲିସକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ୱାର୍ଡେନ ଏବଂ ପୋଲିସ ନୂତନ ଛାତ୍ରାବାସ ନିକଟକୁ ଆସି ଗାମୁଛାରେ ତାରିଣୀ ଝୁଲୁଥିବା ଦେଖିଥିଲେ। ପୋଲିସ ମୃତଦେହ ତଳକୁ ନ ଓହ୍ଲାଇ ଘଟଣା ସମ୍ପର୍କରେ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲା। ଖବର ଲେଖା ହେବା ସୁଦ୍ଧା ଛାତ୍ରଙ୍କ ମୃତଦେହ ସେଭଳି ଝୁଲନ୍ତା ଅବସ୍ଥାରେ ରହିଛି। ପରିବାର ଲୋକେ ପହଞ୍ଚିଲେ ତାଙ୍କ ଉପସ୍ଥିତିରେ ତଳକୁ ଓହ୍ଲାଯିବ ବୋଲି ଫାଣ୍ଡି ଅଧିକାରୀ ଶଙ୍କର ରାଓ ସୂଚନା ଦେଇଛନ୍ତି। ମୃତ୍ୟୁର କାରଣ ଜଣାପଡି ନାହିଁ, କିମ୍ବା ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

# ଭାରତର ପ୍ରଥମ ମହିଳା ଭାବେ ଆଇୟୁପିଏସି ପୁରସ୍କାର ପାଇବେ ଓଡ଼ିଆ ବୈଜ୍ଞାନିକ

ଭୁବନେଶ୍ୱର, ୧୧।୩(ବ୍ୟୁରୋ)


ଜ୍ୟୋତିର୍ମୟୀ ମହାନ୍ତି

ଓଡ଼ିଶାର ନାଁ ରଖିଲେ ଓଡ଼ିଆ ବୈଜ୍ଞାନିକ ଜ୍ୟୋତିର୍ମୟୀ ମହାନ୍ତି। ଅନ୍ତର୍ଜାତୀୟ ସ୍ତରରେ ସମ୍ମାନ ପାଇଁ ମନୋନୀତ ହେବା ପରେ ଓଡ଼ିଶା ତାଙ୍କ ପାଇଁ ଗର୍ବ ଅନୁଭବ କରୁଛି। ଜ୍ୟୋତିର୍ମୟୀ ରସାୟନ ବିଜ୍ଞାନ ବା କେମିକାଲ ଇଞ୍ଜିନିୟରିଂ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଇଣ୍ଟରନ୍ୟାଶନାଲ ୟୁନିଅନ ଅଫ୍ ପିୟୋର ଆଣ୍ଡ ଆପ୍ଲାଏଡ୍ କେମିଷ୍ଟ୍ରି (ଆଇୟୁପିଏସି) ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛନ୍ତି। ମୁମ୍ବାଇ ଭାବା ଆଟୋମିକ୍ ରିସର୍ଚ୍ଚ ସେଣ୍ଟରରେ ବର୍ତ୍ତମାନ ବୈଜ୍ଞାନିକ ଥିବା ଜ୍ୟୋତିର୍ମୟୀ ଭାରତର ପ୍ରଥମ ମହିଳା ଭାବେ ଏହି ପୁରସ୍କାର ପାଇଁ ମନୋନୀତ ହୋଇଥିବା ଜଣାପଡ଼ିଛି। ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଆଇୟୁପିଏସି ଶନିବାର ଜ୍ୟୋତିର୍ମୟୀଙ୍କ ସମେତ ୧୨ଜଣ ମନୋନୀତ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲା।

ସୂଚନାଯୋଗ୍ୟ, ଜ୍ୟୋତିର୍ମୟୀ ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ରିସର୍ଚ୍ଚ ବୋର୍ଡରେ ଫେଲୋଶିପ ପାଇବାରେ ପ୍ରଥମ ମହିଳା ଥିଲେ। ସେହିପରି ଗତବର୍ଷ ସେ ବ୍ରିଟେନରେ 'ରୟାଲ ସୋସାଇଟି ଅଫ୍ କେମିଷ୍ଟ୍ରି ସମ୍ମାନ' ପାଇଥିଲେ। କଟକ ଚାଉଳିଆଗଞ୍ଜର ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ଡା. ବୈକୁଣ୍ଠନାଥ ପାତ୍ରଙ୍କ ଝିଅ ଜ୍ୟୋତିର୍ମୟୀ ଜଗତ୍‌ସିଂହପୁରର ରଶ୍ମିରଞ୍ଜନ ମହାନ୍ତିଙ୍କୁ ବିବାହ କରିଛନ୍ତି। ରଶ୍ମିରଞ୍ଜନ ମଧ୍ୟ ଜଣେ ବୈଜ୍ଞାନିକ।

# ତାତି କମିବ, ବର୍ଷା ହେବ

**ଆସୁଛି ଆଉଏକ ପଶ୍ଚିମା ଝଡ଼**

ଭୁବନେଶ୍ୱର, ୧୧।୩(ବ୍ୟୁରୋ)

ରାଜ୍ୟରେ ଏବେ ପଶ୍ଚିମା ଝଡ଼ ପ୍ରଭାବରେ ତାପମାତ୍ରା ହ୍ରାସ ପାଇଛି। ସ୍ୱାଭାବିକଠାରୁ ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ପାରଦ ଖସିଛି। ଏପରିସ୍ଥିତିରେ ଆଉ ଏକ ପଶ୍ଚିମା ଝଡ଼ ଆସୁଥିବା ଜଣାପଡିଛି। ରାଜ୍ୟରେ ଆସନ୍ତା ୧୫ ତାରିଖରୁ ଏହାର ପ୍ରଭାବ ପଡ଼ିବ ବୋଲି ଆକଳନ କରାଯାଉଛି। ଏଥିଯୋଗୁ ଆଭ୍ୟନ୍ତରୀଣ ଓଡ଼ିଶା ସମେତ ଉପକୂଳ ଓଡ଼ିଶାରେ ଘଡ଼ଘଡ଼ି, ବିଜୁଳି ସହ ବର୍ଷା ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ପଶ୍ଚିମା ଝଡ଼ ଆସିଲେ ରାଜ୍ୟ ବାସୀଙ୍କୁ ତାତିରୁ ଆଶ୍ୱସ୍ତି ମିଳିବ। ୧୫ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୂରଭଞ୍ଜ, ରାୟଗଡ଼ା, କୋରାପୁଟ ଓ ମାଲକାନଗିରିର କିଛି ସ୍ଥାନରେ ସ୍ୱଳ୍ପ ଧରଣର ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଆକଳନ କରିଛି।

ସେପଟେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଶନିବାର ମାଲକାନଗିରିରେ ସର୍ବାଧିକ ୩୮ ଡିଗ୍ରୀ ତାପମାତ୍ରା ରହିଥିବାବେଳେ ବୌଦ୍ଧରେ ୩୭, ଭୁବନେଶ୍ୱରରେ ୩୬.୩, ଅନୁଗୋଳ ୩୬.୧, ଝାରସୁଗୁଡ଼ା ୩୬.୬, ସମ୍ବଲପୁର ୩୬.୫, ତାଳଚେର ୩୬, ଜଗତ୍‌ସିଂହପୁର ୩୬.୫, ଭଦ୍ରକ ୩୬, ନୟାଗଡ଼ ୩୬, ଖୋର୍ଦ୍ଧା ୩୫.୫, ଢେଙ୍କାନାଳ ୩୫, ଛତ୍ରପୁର ୩୫, ଟିଟିଲାଗଡ଼ ୩୫.୫, ବଲାଙ୍ଗୀର ୩୫.୮, ସୁନ୍ଦରଗଡ଼ ୩୫.୩, କଟକ ୩୫.୬ ଓ ଚାନ୍ଦବାଲିରେ ୩୫.୨ ଡିଗ୍ରୀ ରେକର୍ଡ କରାଯାଇଛି।

# ପରୀକ୍ଷା ପରେ ଅନୁପସ୍ଥିତ ଛାତ୍ରୀଛାତ୍ରଙ୍କ ତଥ୍ୟ ଜଣାପଡିବ : ମନ୍ତ୍ରୀ

ଭୁବନେଶ୍ୱର, ୧୧।୩(ବ୍ୟୁରୋ)

ରାଜ୍ୟରେ ଶୁକ୍ରବାରଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ପ୍ରଥମଦିନ ମାତୃଭାଷା ବିଷୟରେ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ହେଲେ ଏଥିରେ ପ୍ରାୟ ୧୫ ହଜାରରୁ ଅଧିକ ପିଲା ଅନୁପସ୍ଥିତ ଥିବା ଜଣାପଡିଛି। ଦାଦନ, ନାବାଳିକା ବିବାହ ଓ ଆର୍ଥିକ ସମସ୍ୟା ପାଇଁ ଏହି ମାଟ୍ରିକ ପରୀକ୍ଷାର୍ଥୀ ପରୀକ୍ଷା ଦେଉ ନ ଥିବା କୁହାଯାଉଛି। ସଚେତନତା ଅଭାବ ହେଉ କି ଆର୍ଥିକ ସମସ୍ୟା, ଏତେ ସଂଖ୍ୟକ ପରୀକ୍ଷାର୍ଥୀ କ୍ୟାରିୟରର ପ୍ରଥମ ସୋପାନରୁ ବାଦ୍ ପଡ଼ିବା ଶିକ୍ଷା ବ୍ୟବସ୍ଥା ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ଏ ସମ୍ପର୍କରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ଅନୁପସ୍ଥିତ ପରୀକ୍ଷାର୍ଥୀଙ୍କ ତଥ୍ୟ ସମ୍ପୂର୍ଣ୍ଣ ପରୀକ୍ଷା ଶେଷ ହେବା ପରେ ଜଣାପଡ଼ିବ। କିନ୍ତୁ ପରୀକ୍ଷାର୍ଥୀମାନେ କାହିଁକି ଅନୁପସ୍ଥିତ ରହିଲେ ତାହାର ତର୍ଜମା ନିଶ୍ଚିତ ହେବ।

# ଆଜି ସରିବ ଜେଇଇ ମେନ୍ ସେସନ-୨ ଆବେଦନ

ଭୁବନେଶ୍ୱର,୧୧।୩(ବ୍ୟୁରୋ)

- ଏପ୍ରିଲ ୬ରୁ ଆରମ୍ଭ ହେବ ପରୀକ୍ଷା
- ଜୁନ୍ ୪ରେ ଜେଇଇ ଆଡ୍‌ଭାନ୍ସଡ୍

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ପରିଚାଳିତ ଜେଇଇ ମେନ୍ ୨୦୨୩ ସେସନ-୨ ଆବେଦନ ପ୍ରକ୍ରିୟା ରବିବାର ଶେଷ ହେବ। ଇଚ୍ଛୁକ ଛାତ୍ରୀଛାତ୍ର ରବିବାର ରାତି ୯ଟା ସୁଦ୍ଧା ଅଫିସିଆଲ ୱେବ୍‌ସାଇଟ୍ jeemain.nta.nic.inରେ ନାମ ପଞ୍ଜୀକରଣ କରିପାରିବେ। ସେହିପରି ରବିବାର ରାତି ୧୧ଟା ମଧ୍ୟରେ ଫି' ଦାଖଲ କରିବାକୁ ହେବ। ଯେଉଁ ଛାତ୍ରୀଛାତ୍ର ସେସନ-୧ରେ ଆବେଦନ କରିଥିଲେ, ସେମାନଙ୍କୁ ଆଉଥରେ ନାମ ପଞ୍ଜୀକରଣ କରିବାକୁ ପଡ଼ିବ ନାହିଁ। ସୂଚନାଯୋଗ୍ୟ, ଜେଇଇ ମେନ୍ ସେସନ-୨ ଏପ୍ରିଲ ୬ରୁ ଆରମ୍ଭ ହୋଇ ୧୨ରେ ଶେଷ ହେବ। ଏଥିପାଇଁ ଆବେଦନ ପ୍ରକ୍ରିୟା ଗତ ଫେବୃୟାରୀ ୧୫ରୁ ଆରମ୍ଭ ହୋଇଥିଲା। ଯେଉଁମାନେ ଜେଇଇ ମେନ୍ କ୍ଲିୟର କରିବେ ସେମାନେ ଜେଇଇ ଆଡ୍‌ଭାନ୍ସଡ୍ ପରୀକ୍ଷା ଦେବା ପାଇଁ ଯୋଗ୍ୟ ବିବେଚିତ ହେବେ। ଜେଇଇ ଆଡ୍‌ଭାନ୍ସଡ ୨୦୨୩ ପାଇଁ ଏପ୍ରିଲ ୩୦ରୁ ମେ' ୪ ପର୍ଯ୍ୟନ୍ତ ଆବେଦନ ହେବ। ମେ' ୨୯ରୁ ଜୁନ୍ ୪ ମଧ୍ୟରେ ଛାତ୍ରୀଛାତ୍ରମାନେ ଆଡ୍‌ମିଟ କାର୍ଡ ଡାଉନଲୋଡ୍ କରିପାରିବେ। ଜୁନ୍ ୪ରେ ଜେଇଇ ଆଡ୍‌ଭାନ୍ସଡ୍ ପରୀକ୍ଷା ହେବ। ପେପର-୧ ସକାଳ ୯ଟାରୁ ଅପରାହ୍ନ ୧୨ଟା ଏବଂ ପେପର-୨ ଅପରାହ୍ନ ୨ଟା ୩୦ରୁ ସନ୍ଧ୍ୟା ୫ଟା ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

**ପ୍ରଥମ ପୃଷ୍ଠାରୁ...**

## ଏଚ୍‌୩ଏନ୍‌୨ ସହ ବଢୁଛି...

ସଂଖ୍ୟା କମ୍ ଏବଂ ହସ୍ପିଟାଲକୁ ଖୁବ୍ କମ୍ କୋଭିଡ୍ ରୋଗୀ ଆସୁଥିଲେ ମଧ୍ୟ ଆମକୁ ସତର୍କ ରହିବାକୁ ପଡ଼ିବ। କୋଭିଡ୍ ପାଇଁ ପୂର୍ବରୁ ଥିବା ୫ ସ୍ତରୀୟ ସତର୍କତା ବ୍ୟବସ୍ଥା ଯଥା ଟେଷ୍ଟ, ଟ୍ରାକ୍, ଚିକିତ୍ସା, ଟିକାକରଣ ଏବଂ କୋଭିଡ୍‌ର ଉପଯୁକ୍ତ ଆଚରଣ ଅନୁପାଳନକୁ ଗୁରୁତ୍ୱ ଦେବା ପାଇଁ ଭୂଷଣ କହିଛନ୍ତି।

ଅନ୍ୟପକ୍ଷରେ ଇନ୍‌ଫ୍ଲୁଏଞ୍ଜା ଏବଂ ଅତ୍ୟଧିକ ଶ୍ୱାସନଳୀ ସଂକ୍ରମଣ ମାମଲା ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ବଢୁଥିବାରୁ ସାମ୍ପ୍ରତିକ ସ୍ଥିତି ସମୀକ୍ଷା ଲାଗି ନିକଟରେ ଏକ ବୈଠକ ବସିଥିଲା। ଏଥିରେ ସମ୍ପୃକ୍ତ ମନ୍ତ୍ରଣାଳୟ, ବିଭାଗ ଓ ସଂଗଠନଗୁଡ଼ିକ ସାମିଲ ହୋଇଥିଲେ। ସଂକ୍ରମଣର ନିୟମିତ ଯାଞ୍ଚ କରିବା ସହ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ହେବ। ଏଚ୍‌୩ଏନ୍‌୨ ସଂକ୍ରମଣରେ ୨ ଜଣଙ୍କ ମୃତ୍ୟୁ ଘଟିଥିଲେ ମଧ୍ୟ ଏହାକୁ ନେଇ ଭୟଭୀତ ହେବାର କାରଣ ନାହିଁ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ବିଭିନ୍ନ ଜଳବାୟୁ ସ୍ଥିତି ଏବଂ ସ୍ୱାସ୍ଥ୍ୟଗତ ସତର୍କତା ଅଭାବରୁ ପ୍ରତିବର୍ଷ ନିର୍ଦ୍ଦିଷ୍ଟ ଋତୁରେ ଇନ୍‌ଫ୍ଲୁଏଞ୍ଜା ବ୍ୟାପିଥାଏ। ଜାନୁୟାରୀ ୧ରୁ ଇତିମଧ୍ୟରେ ପରୀକ୍ଷା କରାଯାଇଥିବା ନମୁନା ମଧ୍ୟରୁ ୨୫.୪ ପ୍ରତିଶତ ଇନ୍‌ଫ୍ଲୁଏଞ୍ଜା ପଜିଟିଭ୍ ଆସିଛି। ବିଶେଷ କରି ଶିଶୁ, ବରିଷ୍ଠ ନାଗରିକ, ମେଦବହୁଳତା, ମଧୁମେହ ତଥା ଅନ୍ୟାନ୍ୟ ରୋଗ ଥିବା ବ୍ୟକ୍ତି ଏବଂ ଗର୍ଭବତୀ ମହିଳାମାନଙ୍କ କ୍ଷେତ୍ରରେ ଇନ୍‌ଫ୍ଲୁଏଞ୍ଜା ସଂକ୍ରମଣ ଗୁରୁତର ହେଉଥିବାରୁ ହସ୍ପିଟାଲରେ ଭର୍ତ୍ତିହେବା ଆବଶ୍ୟକ ପଡ଼ିଥାଏ। ସଂକ୍ରମଣକୁ ସୀମିତ କରିବାକୁ ହେଲେ ଗୋଷ୍ଠୀ ସଚେତନତା ସହ ଲକ୍ଷଣ ସମ୍ପର୍କରେ ଡାକ୍ତରଙ୍କୁ ଜଣାଇବା ଏବଂ ଶ୍ୱାସନଳୀ ସଂକ୍ରମିତ ରୋଗୀଙ୍କଠାରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି।

ସୂଚନାଯୋଗ୍ୟ, ଶନିବାର ସକାଳ ସୁଦ୍ଧା ୨୪ ଘଣ୍ଟା ମଧ୍ୟରେ ୪୫୬ ନୂଆ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମହାମାରୀ ଆରମ୍ଭରୁ ବର୍ତ୍ତମାନ ସୁଦ୍ଧା ମୋଟ ସଂକ୍ରମିତଙ୍କ ସଂଖ୍ୟା ୪ କୋଟି ୪୬ ଲକ୍ଷ ୮୯ହଜାର ୯୬୮ରେ ପହଞ୍ଚିଥିବାବେଳେ ସକ୍ରିୟ ମାମଲା ସଂଖ୍ୟା ୩,୪୦୬କୁ ବୃଦ୍ଧି ପାଇଥିବା ସ୍ୱାସ୍ଥ୍ୟ ସଚିବ କହିଛନ୍ତି। ଗୁଜରାଟରେ ଜଣେ କୋଭିଡ୍ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିବା ଫଳରେ ଦେଶରେ କୋଭିଡ୍‌ଜନିତ ମୋଟ ମୃତ୍ୟୁସଂଖ୍ୟା ୫,୩୦,୭୮୦ ହୋଇଛି। ଜାତୀୟ ଟିକାକରଣ ଅଭିଯାନରେ ବର୍ତ୍ତମାନ ସୁଦ୍ଧା ୨୨୦.୬୪ କୋଟି ଡୋଜ୍ କୋଭିଡ୍ ଟିକା ଦିଆଯାଇଛି। ସେହିପରି ଜାନୁୟାରୀ ୨ରୁ ମାର୍ଚ୍ଚ ୯ ସୁଦ୍ଧା ଦେଶରେ ୩,୦୩୮ ଜଣ ଏଚ୍‌୩ଏନ୍‌୨ ଇନ୍‌ଫ୍ଲୁଏଞ୍ଜାରେ ସଂକ୍ରମିତ ଥିବା ଲାବରେଟୋରି ପରୀକ୍ଷାରୁ ସ୍ପଷ୍ଟ ହୋଇଛି।

## ଓଡ଼ିଶାରେ ୨ମାସରେ ...

କେନ୍ଦ୍ର(ଆର୍‌ଏମ୍‌ଆର୍‌ସି)ର ନିର୍ଦ୍ଦେଶିକା ଡା. ସଂଘମିତ୍ରା ପତି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗତ ଜାନୁୟାରୀ ଓ ଫେବୃୟାରୀରେ ୨୨୫ ସନ୍ଦିଗ୍ଧଙ୍କଠାରୁ ନମୁନା ସଂଗ୍ରହ କରାଯାଇଥିଲା। ସେଥିମଧ୍ୟରୁ ୫୯ଟି ଏଚ୍‌୩ଏନ୍‌୨ ପଜିଟିଭ୍ ବାହାରିଛନ୍ତି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାଛଡ଼ା ସଂଗୃହୀତ ନମୁନା ମଧ୍ୟରୁ ଇନ୍‌ଫ୍ଲୁଏଞ୍ଜା 'ଏ'ରେ ୫ଜଣ ସଂକ୍ରମିତ ହୋଇଥିବାବେଳେ କୋଭିଡ୍ ସଂକ୍ରମିତ ଜଣେ ଚିହ୍ନଟ ହୋଇଛନ୍ତି। ତେବେ ଏଥିରୁ କୌଣସି ଏଚ୍‌୧ଏନ୍‌୧ ଭୂତାଣୁ ଏବଂ ଇନ୍‌ଫ୍ଲୁଏଞ୍ଜା 'ବି' ଚିହ୍ନଟ ହୋଇ ନ ଥିବା ଡା. ପତି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏଚ୍‌୩ଏନ୍‌୨ ଇନ୍‌ଫ୍ଲୁଏଞ୍ଜା ନମୁନା ପରୀକ୍ଷା କେବଳ ଆର୍‌ଏମ୍‌ଆର୍‌ସିରେ କରାଯାଉଛି। ତେଣୁ କେହି ଏଥିରେ ଆକ୍ରାନ୍ତ ହୋଇଥିବା ସନ୍ଦେହ ହେଲେ, ନମୁନା ସଂଗ୍ରହ କରାଯାଇ ଆର୍‌ଏମ୍‌ଆର୍‌ସିରେ ପରୀକ୍ଷା କରାଯାଉଛି। ଯାହା ରିପୋର୍ଟ ଆସୁଛି ତାହା ସଙ୍ଗେ ସଙ୍ଗେ ରାଜ୍ୟ ସରକାରଙ୍କୁ ଅବଗତ କରାଯାଉଛି ବୋଲି ଆର୍‌ଏମ୍‌ଆର୍‌ସି ନିର୍ଦ୍ଦେଶିକା ଡା. ପତି କହିଛନ୍ତି।

ସେପଟେ କେନ୍ଦ୍ର ସରକାରଙ୍କ ପରାମର୍ଶ ପରେ ରାଜ୍ୟ ସରକାର ମଧ୍ୟ ଏହାର ମୁକାବିଲା ଲାଗି ତତ୍ପରତା ଦେଖାଇଛନ୍ତି। ସଚେତନତା ସହ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ଏହି ଏଚ୍‌୩ଏନ୍‌୨ ଇନ୍‌ଫ୍ଲୁଏଞ୍ଜାର ଲକ୍ଷଣ କୋଭିଡ୍ ଭଳି ରହୁଛି। ଥଣ୍ଡା, କାଶ, ଜ୍ୱର, ଗଳା ଦରଜ ଓ ମୁଣ୍ଡବିନ୍ଧା ଆଦି ଲକ୍ଷଣ ଦେଖାଯାଉଛି। ଏହାର କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ଉପଲବ୍ଧ ନାହିଁ। ସତର୍କତା ପାଇଁ କୋଭିଡ୍ ଗାଇଡ୍‌ଲାଇନ ଅନୁସରଣ କରିବା ଉଚିତ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି। ତେବେ ଏହାକୁ ନେଇ ଜନସାଧାରଣ ଭୟଭୀତ ହେବାର ଆବଶ୍ୟକତା ନାହିଁ। ଏହା ଏକ ସାଧାରଣ ଭୂତାଣୁ। ଏଥିପାଇଁ ଆମକୁ ସତର୍କତା ଅବଲମ୍ବନ କରିବା ଆବଶ୍ୟକ ବୋଲି ଡା. ମିଶ୍ର କହିଛନ୍ତି।

## ଏବେବି ବ୍ରିଟିଶ୍ ଅଧୀନରେ ...

ନିର୍ମାଣ କରିଥିଲା। ଶକୁନ୍ତଳା ଷ୍ଟେସନରୁ ବାହାରି ଅଧିକାଂଶ ଯାତ୍ରୀ ୟଭତମାଲରୁ ଅମରାବତୀ ଜିଲା ଅଚଲପୁର ଗାଁକୁ ଯାତାୟାତ କରିଥାନ୍ତି। ଏଥିରେ ପାଖାପାଖି ୨୦ ଘଣ୍ଟା ସମୟ ଲାଗିଥାଏ। ଏହି ଦୁଇ ଗାଁର ଲୋକଙ୍କ ପାଇଁ ଏହି ରେଳପଥ ଏକମାତ୍ର ମାଧ୍ୟମ। ରେଲ୍‌ୱେରେ ଚଳାଚଳ କରୁଥିବା ଟ୍ରେନ୍‌ରେ ବାଷ୍ପଚାଳିତ ଇଞ୍ଜିନ୍ ଖଞ୍ଜାଯାଇଥିଲା, ଯାହା ୧୯୨୧ରେ ମାଞ୍ଚେଷ୍ଟରରେ ନିର୍ମାଣ ହୋଇଥିଲା। ଏହାର ୭୦ ବର୍ଷ ପରେ ଅର୍ଥାତ୍ ୧୯୯୪ ଏପ୍ରିଲ ୧୫ରେ ଇଞ୍ଜିନ୍ ବଦଳାଇ ଟ୍ରେନ୍‌ରେ ଡିଜେଲ୍ ଇଞ୍ଜିନ୍‌କୁ ଲଗାଯାଇଥିଲା। ସାଧାରଣ ରେଲ୍‌ୱେ ତୁଳନାରେ ଶକୁନ୍ତଳା ରେଲୱେ ଅପେକ୍ଷାକୃତ ସଙ୍କୀର୍ଣ୍ଣ। ତେବେ ବ୍ରିଟିଶ ସରକାର ଏହି ରେଳବାଇକୁ ୟଭତମାଲରୁ ମୁମ୍ବାଇ ତୁଳା ଟ୍ରାନ୍ସପୋର୍ଟ ପାଇଁ ନିର୍ମାଣ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଏଥିରେ ଲୋକ ଯିବାଆସିବା ଆରମ୍ଭ କଲେ। ଶକୁନ୍ତଳା ରେଳ ଷ୍ଟେଶନରେ ଏବେ ୭ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ୟଭତମାଲରୁ ଅଚଲପୁର ଯିବା ପାଇଁ ଟିକେଟ୍ ଭଡ଼ା ୧୫୦ ଟଙ୍କା। ଏହି ସଙ୍କୀର୍ଣ୍ଣ ରେଳବାଇର ଉନ୍ନତିକରଣ ପାଇଁ ପୂର୍ବତନ ରେଳମନ୍ତ୍ରୀ ସୁରେଶ ପ୍ରଭୁ ୧୫,୦୦୦ କୋଟି ଟଙ୍କା ବ୍ୟୟ ବରାଦ କରିଥିଲେ।

## ମାଧବ କୌଶିକ କେନ୍ଦ୍ର ...

ପଠାରେ ଓ କନ୍ନଡ ସାହିତ୍ୟିକ ମଲ୍ଲପୁରମ ଭେ ନିର୍ବାଚନ ଲଢିଥିଲେ। ସେହିପରି ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି କୁମୁଦ ଶର୍ମା। ସେ ବର୍ତ୍ତମାନ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ହିନ୍ଦୀ ବିଭାଗର ମୁଖ୍ୟ ଭାବେ କାର୍ଯ୍ୟରତ। ଏହି ଦୁଇ ପଦ ପାଇଁ ଶନିବାର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ୯୭ଜଣ ସଦସ୍ୟ ମତଦାନ କରିଥିଲେ। ସୂଚନାଯୋଗ୍ୟ, କନ୍ନଡ ସାହିତ୍ୟିକ ଚନ୍ଦ୍ରଶେଖର କାମ୍ବର କେନ୍ଦ୍ର ସାହିତ୍ୟ ଏକାଡେମୀର ସଭାପତି ଥିଲେ। ୨୦୧୮ ଫେବୃୟାରୀ ୧୨ରେ ସେ ଏକାଡେମୀର ନୂତନ ସଭାପତି ଭାବେ ନିର୍ବାଚିତ ହୋଇଥିଲେ।

## ବଳି ଭୟରେ ନାବାଳିକାଙ୍କ ....

ହୁଙ୍କା ରହିଛି। ସେଠାରୁ ଗୁପ୍ତଧନ ପାଇବା ଆଶାରେ କେତଜଣ ବ୍ୟକ୍ତି ରାତ୍ରିରେ ତନ୍ତ୍ରପୂଜା କରୁଛନ୍ତି। ଏଥିପାଇଁ କୁଆଡ଼େ ବ୍ରାହ୍ମଣ ପରିବାରର ଜଣେ ନାବାଳିକା ଆବଶ୍ୟକ ବୋଲି ଗୁଜବ ହେଉଛି। ଏନେଇ ନାରାୟଣଙ୍କ ପରିବାରକୁ ଭୟ ଘାରିଛି। ତୁରନ୍ତ ଏନେଇ କାର୍ଯ୍ୟାନୁଷ୍ଠାନ ସହ ପରିବାରକୁ ସୁରକ୍ଷା ଦେବାକୁ ନାରାୟଣ ଦାବି କରିଛନ୍ତି। ଏ ସମ୍ପର୍କରେ ଥାନା ଏସ୍‌ଆଇ ଅନୀଲ କୁମାର ସାହୁ କୁହନ୍ତି, ସନ୍ଧ୍ୟାରେ ଅଭିଯୋଗ ମିଳିଛି। ଖୁବ୍‌ଶୀଘ୍ର ଏନେଇ ତଦନ୍ତ କରାଯିବ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ପାରିବାରିକ ଓ କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଅନେକାଂଶରେ ଭଲ ରହିବ। ଏହା ସାଙ୍ଗକୁ ଅର୍ଥ ଲାଭ, ଶାରୀରିକ ସୁସ୍ଥତା ବନ୍ଧୁଙ୍କ ପରାମର୍ଶ ପାଇବା ଯୋଗୁ ମଧ୍ୟ ମନ ଖୁସି ରହିବ। ଦ୍ୱିଜା ନକ୍ଷତ୍ର ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କ୍ଷେତ୍ରରେ ଉପକୃତ ହେବେ। ସାହିତ୍ୟ, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ**
ରବିଯୁକ୍ତ ଶନି ହେତୁ ପାରିବାରିକ ଅସ୍ଥିରତା ମାନସିକ ସ୍ଥିତିକୁ ବିଗାଡ଼ି ଦେଇପାରେ। ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ କରିପାରନ୍ତି। ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ କ୍ଷେତ୍ର ମନ୍ଦ ହେବ ନାହିଁ।

**ମିଥୁନ**
କେତୁଯୁକ୍ତ ଚନ୍ଦ୍ରଜନିତ ପିଲାମାନଙ୍କ ସ୍ୱାସ୍ଥ୍ୟହାନିର ଆଶଙ୍କା ରହିଛି। ଯାତ୍ରା ପାଇଁ ପ୍ରତିକୂଳ ନ ହେଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ବ୍ୟବସାୟରେ ଲକ୍ଷ୍ୟ ହାସଲ କରିବାରେ କୌଣସି ଅସୁବିଧା ହେବ ନାହିଁ। କେତେକ କାମ ସକାଶେ ପରିବାର ଭିତରୁ ସମାଲୋଚିତ ହେବାକୁ ପଡ଼ିପାରେ।

**କର୍କଟ**
ଉଚ୍ଚାରୋହୀ ରବିଙ୍କ ଯୋଗୁ ଆର୍ଥିକ ସ୍ଥିତି ବହୁତ ଭଲ ରହିବ କିମ୍ବା ଅର୍ଥ ସମ୍ପର୍କୀୟ ସମସ୍ୟା ସୁଧୁରି ଯିବ। ତଥାପି କର୍ମ କ୍ଷେତ୍ରରେ ଏମିତି କେତେକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିବ, ଯଦ୍ୱାରା ସଠିକ୍ ନିଷ୍ପତ୍ତି ନେଇ ପାରିବେ ନାହିଁ। ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି।

**ସିଂହ**
ବୃହସ୍ପତିଙ୍କ ସୁପ୍ରଭାବରୁ ସମସ୍ୟା ଆସିଲେ ମଧ୍ୟ ଉପସ୍ଥିତ ବୁଦ୍ଧିରୁ କାର୍ଯ୍ୟ ସାଧନରେ ସମର୍ଥ ହେବେ। ବହୁତ ଅନୁସନ୍ଧାନ ପରେ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ମନ ଭଲ ରହିନପାରେ। ଅବଶ୍ୟ ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ।

**କନ୍ୟା**
ସ୍ୱଗୃହକୁ ମଙ୍ଗଳଙ୍କ ପୂର୍ଣ୍ଣଦୃଷ୍ଟି ହେତୁ ବନ୍ଧୁମାନଙ୍କ ସାହାଯ୍ୟ ଓ ସହଯୋଗରୁ ଉତ୍ସାହିତ ହେବେ। ଚିତ୍ରାର କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। କେତେକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି। ପରକଥାରେ ପଡ଼ି ଭୁଲ ମାର୍ଗର ଅନୁସରଣ କରି ଅନୁତାପ କରିବାକୁ ପଡ଼ିପାରେ।

**ତୁଳା**
କର୍ମାଧିପ ପାପଯୁକ୍ତ କାରଣରୁ ପ୍ରତ୍ୟେକ କାମରେ ସଫଳତାଜନିତ ମାନସିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସମ୍ମୁଖରେ ମନର ଭାବ ପ୍ରକାଶ କରିବାରେ ପଛେଇ ଯାଇପାରନ୍ତି। ବିଶାଖାର ପାରିବାରିକ ଅଶାନ୍ତି ହେତୁକ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମା ଆଲୋଚନା ଦ୍ୱାରା ସମାଧାନ ହୋଇଯିବ।

**ବିଛା**
ଚତୁର୍ଥ ସ୍ଥାନ ପାପଯୁକ୍ତ କାରଣରୁ ପରିବାରର ବିଭିନ୍ନ ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। ନୀଚ ସଂସର୍ଗରୁ ଦୂରେଇ ନ ରହିଲେ କଳହର ସମ୍ଭାବନା ରହିଛି। କଳା, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ପାଇବେ। ସାହିତ୍ୟ ଓ ସାମ୍ବାଦିକତା, ରାଜନୀତି, ସଙ୍ଗଠନ କ୍ଷେତ୍ରରେ ପ୍ରତିଷ୍ଠାବନ୍ତ ହେବେ।

**ଧନୁ**
ବୁଧଙ୍କ ସୁପ୍ରଭାବରୁ ଆଜିର କର୍ମକ୍ଷେତ୍ରରେ ଫଳପ୍ରଦ ଆଲୋଚନା କରିବେ। ପାରିବାରିକ, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବା କାରଣରୁ ପରିବାରରେ ସାମୟିକ କଳହ ଦେଖାଦେଇପାରେ। ନିକଟ ସମ୍ପର୍କୀୟଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**ମକର**
ଆଜି ସାଧାରଣ କଥାକୁ କେନ୍ଦ୍ର କରି କଳହର ସମ୍ମୁଖୀନ ହୋଇପାରନ୍ତି। ଇଚ୍ଛା ନଥିଲେ ମଧ୍ୟ ଘରର କେତେକ ଅତ୍ୟାବଶ୍ୟକ ଜିନିଷଗୁଡ଼ିକୁ ଆଣିବାକୁ ବାଧ୍ୟ ହେବେ। କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖାଦେଇଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିବ। ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ।

**କୁମ୍ଭ**
ମଙ୍ଗଳଙ୍କ ସୁପ୍ରଭାବରୁ ଆଜିର ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପଡ଼ୋଶୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। କିନ୍ତୁ ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ଆଶଙ୍କା ରହିଛି।

**ମୀନ**
ଗତକାଲିଠାରୁ ନିଜ ଲୋକଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ପାରନ୍ତି। କର୍ମକ୍ଷେତ୍ରରେ ଈର୍ଷାପର ବନ୍ଧୁମାନେ ସମ୍ମୁଖରେ ନୀରବ ରହି ପଛରେ ବହୁତ କଥା କହିବେ। ଧନାଧିପଙ୍କ ଶୁଭତ୍ୱ କାରଣରୁ ଅର୍ଥାଭାବ କେତେକାଂଶରେ ଦୂରୀଭୂତ ହୋଇଯିବ। ଆତ୍ମୀୟ ସ୍ୱଜନ କିମ୍ବା ଗୁରୁଜନଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତିତ ରହିପାରନ୍ତି।

ଆଜି ଚୈତ୍ର କୃଷ୍ଣ ୫ମୀ ରବିବାର, ମାର୍ଚ୍ଚ ୧୨ ତାରିଖ, ରାଶି ନକ୍ଷତ୍ର-ବିଶାଖା/ତୁଳା, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୦୧ ଗତେ ଘ.୦୯।୫୮ ମଧ୍ୟେ, ଘ.୦୧।୨୫ ଗତେ ଘ.୦୧।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୨୨ ଗତେ ଘ.୦୫।୫୧ ମଧ୍ୟେ ରାହୁକାଳ।

# ଦିଶାହୀନ ରାଜ୍ୟ ପର୍ଯ୍ୟଟନ

## ବିକାଶ ପାଇଁ ଅର୍ଥ ବାଧକ

### ବଢୁନି ବଜେଟ ବ୍ୟୟ

### ଭିତ୍ତିଭୂମି, ପରିମଳ, ସୁରକ୍ଷାକୁ ନେଇ ଷ୍ଟାଣ୍ଡିଂ କମିଟିର ଉଦ୍‌ବେଗ

ଭୁବନେଶ୍ୱର,୧୧।୩(ବ୍ୟୁରୋ)

କୋଭିଡ୍-୧୯ ମହାମାରୀ ପରେ ରାଜ୍ୟକୁ ବିଦେଶୀ ପର୍ଯ୍ୟଟକ ଆସୁନାହାନ୍ତି। ଯେଉଁ ଘରୋଇ ପର୍ଯ୍ୟଟକ ଆସୁଛନ୍ତି ସେମାନଙ୍କ ପାଇଁ ଉପଯୁକ୍ତ ଭିତ୍ତିଭୂମି ନାହିଁ। ସୁରକ୍ଷା, ରହଣି, ପର୍ଯ୍ୟଟନ ସ୍ଥଳ ଭିତ୍ତିଭୂମି ବିକାଶ ଆଦି ବହୁ ପଛରେ ପଡିଛି। ରାଜ୍ୟ ପର୍ଯ୍ୟଟନ ଏକ ଦିଶାହୀନ ଅବସ୍ଥା ଦେଇ ଗତି କରୁଛି। ପର୍ଯ୍ୟଟନର ବିକାଶ ପାଇଁ ରାଜ୍ୟ ବଜେଟରେ ଯେତିକି ବ୍ୟୟବରାଦ କରାଯାଉଛି ତାହା ସମୁଦ୍ରକୁ ଶଙ୍ଖେ। ରାଜ୍ୟରେ ବ୍ୟାପକ ସୁଯୋଗ ରହିଥିଲେ ମଧ୍ୟ ଆନ୍ତରିକତା ଅଭାବରୁ ପର୍ଯ୍ୟଟନ କ୍ଷେତ୍ରରେ ରାଜ୍ୟ ବହୁ ପଛରେ ପଡ଼ିଛି। ପର୍ଯ୍ୟଟନ କ୍ଷେତ୍ର ପ୍ରତି ହେଉଥିବା ଅବହେଳାକୁ ନେଇ ବିଧାନସଭା ଷ୍ଟାଣ୍ଡିଂ କମିଟି ଗଭୀର ଉଦ୍‌ବେଗ ପ୍ରକାଶ କରିଛି।

ବିଧାନସଭାରେ ଉପସ୍ଥାପନ କରାଯାଇଥିବା କମିଟିରିପୋର୍ଟମୁତାବକ ରାଜ୍ୟ ସରକାର ରାଜ୍ୟରେ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ଓ ପରିଚାଳନା ପାଇଁ ବଜେଟରେ ଯେଉଁ ବ୍ୟୟବରାଦ କରୁଛନ୍ତି ତାହା ପର୍ଯ୍ୟାପ୍ତ ନୁହେଁ। ୨୦୨୧-୨୨ ଓ ୨୦୨୨-୨୩ ବଜେଟରେ ଏଥିପାଇଁ ପୂର୍ବ ବର୍ଷ ତୁଳନାରେ ମାତ୍ର ୭.୪୪ ପ୍ରତିଶତ ବୃଦ୍ଧି କରାଯାଇଛି। ୨୦୨୩-୨୪ ବଜେଟରେ ଗତ ବଜେଟ ତୁଳନାରେ ମାତ୍ର ୭ ପ୍ରତିଶତ ଅଧିକ ବ୍ୟୟବରାଦ କରାଯାଇଛି। ଅର୍ଥାତ୍ ଗତ ବଜେଟରେ ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ପାଇଁ ୩୭୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଚଳିତ ବଜେଟରେ ୪୦୦ କୋଟି ବ୍ୟୟବରାଦ କରାଯାଇଛି। କୋଭିଡ୍ ପରେ ରାଜ୍ୟକୁ ପର୍ଯ୍ୟଟକଙ୍କ ସଂଖ୍ୟା ହ୍ରାସ ପାଇଥିବାରୁ ବଜେଟରେ ୧୪ରୁ ୧୫ ପ୍ରତିଶତ ଅଧିକ ବ୍ୟୟବରାଦ କରିବାକୁ କମିଟି ସୁପାରିସ କରିଛି। ଅନ୍ୟପକ୍ଷରେ ରାଜ୍ୟରେ ଋତୁକାଳୀନ ପର୍ଯ୍ୟଟନ କ୍ଷେତ୍ରକୁ ଆଦୌ ଧ୍ୟାନ ଦିଆଯାଉ ନ ଥିବା କମିଟି ଅନୁଧ୍ୟାନ ବେଳେ ଜାଣିବାକୁ ପାଇଛି। ମେଳା, ଯାନିଯାତ୍ରା କିମ୍ବା ପିକ୍‌ନିକ ପର୍ଯ୍ୟଟନ ସ୍ଥଳଗୁଡ଼ିକ ଅବହେଳିତ ଅବସ୍ଥାରେ ପଡ଼ିରହିଛି। ବିଶେଷ କରି ପର୍ଯ୍ୟଟନ ସ୍ଥଳଗୁଡ଼ିକରେ ପଲିଥିନର ବହୁଳ ବ୍ୟବହାର ହେଉଛି, ଯାହାକି ପରିବେଶ ପାଇଁ ମାରାତ୍ମକ। ଏସବୁ ସ୍ଥାନରେ ପରିବେଶ ଅନୁକୂଳ ବ୍ୟବସ୍ଥା କରିବା ସହ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଧ୍ୟାନ ଦେବାକୁ କମିଟି ସୁପାରିସ କରିଛି। ସମୁଦ୍ରକୂଳରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା କରିବା ସହ ବୌଦ୍ଧ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଲଳିତଗିରି, ଉଦୟଗିରି ଓ ରତ୍ନଗିରିଠାରେ ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ଆୟୋଜନ କରିବାକୁ କୁହାଯାଇଛି। ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ହୋମ୍ ଷ୍ଟେ ବ୍ୟବସ୍ଥା ସହ ବରିଷ୍ଠ ପର୍ଯ୍ୟଟକମାନଙ୍କ ପାଇଁ ରାଜ୍ୟ ଓ ରାଜ୍ୟ ବାହାରେ ସମସ୍ତ ବ୍ୟବସ୍ଥା କରିବାକୁ କମିଟି ସୁପାରିସ କରିଛି। କଟକ, ଭୁବନେଶ୍ୱର ଓ ପୁରୀ ଯିବା ବାଟରେ ପରସ୍ରାଗାର, ୱାଶରୁମ୍, ଖାଦ୍ୟ ପାନୀୟ ଆଦି ବ୍ୟବସ୍ଥା କରିବା ଆବଶ୍ୟକ। କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧାର ବିଭିନ୍ନ ସ୍ଥାନରେ ସପ୍ତାହାନ୍ତ ପର୍ଯ୍ୟଟନ ସ୍ଥଳର ବିକାଶ ଉପରେ ଧ୍ୟାନ ଦେବାକୁ କମିଟି ସୁପାରିସ କରିଛି।

# ସଚ୍ଚୋଟତା ସଫଳ ବ୍ୟବସାୟୀଙ୍କ ଲକ୍ଷଣ

**ଉଚ୍ଚଶିକ୍ଷା ଶେଷକରି ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ସଂସ୍ଥାରେ ସେ ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ଏପରିକି ଦୀର୍ଘ ବର୍ଷର କର୍ପୋରେଟ ଅଭିଜ୍ଞତା ଓ ବ୍ୟବସାୟିକ କଳାକୌଶଳ ସହ ଏକ ଅଘଟଣ ଜୀବନର ମୋଡ଼ ବଦଳାଇ ଦେଇଥିଲା। ଫଳରେ କର୍ପୋରେଟ କ୍ଷେତ୍ରରୁ ଅବ୍ୟାହତି ସହ ଜନ୍ମଭୂମିରେ ଏକ ବିଶେଷ କର୍ମର ଅୟମାରମ୍ଭ ହୋଇଥିଲା। ବହୁ ଘାତ ପ୍ରତିଘାତ ଓ ସମସ୍ୟାର ସମ୍ମୁଖୀନ ହୋଇ ସେ ଅନେକ ସଫଳତା ହାସଲ କରିଛନ୍ତି। ସେହି ସଫଳ ବ୍ୟବସାୟୀ ତଥା ୟୁନିକ୍ ରିସୋର୍ସ ପ୍ରାଇଭେଟ୍ ଲିମିଟେଡ୍(ୟୁଆର୍‌ପିଏଲ୍)ର ନିର୍ଦ୍ଦେଶକ ଜ୍ୟୋତି ସ୍ୱରୂପ ନାୟାରଙ୍କ ସହ ଧରିତ୍ରୀର ବାର୍ତ୍ତାଳାପ...**

ଧରିତ୍ରୀ | OrissaPOST BUSINESS EMINENCE AWARDS



ଜ୍ୟୋତି ସ୍ୱରୂପ ନାୟାର

**ପ୍ର-୧: ୟୁଆର୍‌ପିଏଲ୍‌ର ଯାତ୍ରା କିଭଳି ରହିଛି ?**

ଉ- ଉଚ୍ଚଶିକ୍ଷା ପରେ ମୁମ୍ବାଇଠାରେ (କର୍ମନିଯୁକ୍ତି) କାର୍ଯ୍ୟ କରୁଥିବା ସମୟରେ ମୋ ବାପା ଦେହତ୍ୟାଗ କରିଥିଲେ। ହେଲେ ବାପାଙ୍କ ମୃତ୍ୟୁ ପରେ ମାଆ ଗାଁ (ରାଉରକେଲା) ଛାଡ଼ିବାକୁ ରାଜି ନ ଥିଲେ। ଫଳରେ ମୁମ୍ବାଇ ଛାଡ଼ି ରାଉରକେଲାରେ ନୂତନ ଜୀବନ ଆରମ୍ଭ ସହ କର୍ମମୟ ଜୀବନର ଅୟମାରମ୍ଭ ହୋଇଥିଲା। ଏପରିକି ୨୦୦୩ରେ ୟୁନିକ୍ ରିସୋର୍ସ ପ୍ରାଇଭେଟ୍ ଲିମିଟେଡ୍ (ୟୁଆର୍‌ପିଏଲ୍) ନାମରେ ଏକ ବ୍ୟବସାୟିକ ପ୍ରତିଷ୍ଠାନ ପ୍ରତିଷ୍ଠାକରି ଟ୍ରେଡ଼ିଂ, କର୍ସିଂ, ହସ୍ପିଟାଲିଟି ଏବଂ ଲଜିଷ୍ଟିକ୍ କ୍ଷେତ୍ରରେ (ପ୍ରାଥମିକ ବ୍ୟବସାୟ) କାର୍ଯ୍ୟ ଆରମ୍ଭ କରିଥିଲୁ। ସମୟକ୍ରମେ ବ୍ୟବସାୟର ଅଭିବୃଦ୍ଧି ସାଙ୍ଗକୁ ସମ୍ପ୍ରସାରଣ ମଧ୍ୟ ଜାରି ରହିଲା। ଏପରିକି ୨୦୧୯ରେ ଟିଭିଏସ୍ ମୋଟର୍ସ ପକ୍ଷରୁ ସୁନ୍ଦରଗଡ଼ ଜିଲା ପାଇଁ ଏକ ସୁଯୋଗ ମଧ୍ୟ ଡିଲରଶିପ ଭାବେ ମିଳିଥିଲା। ପରବର୍ତ୍ତୀ ସମୟରେ ୟୁନିକ୍ ଟିଭିଏସ୍ ନାମରେ ଦୁଇଚକିଆ ଗାଡ଼ି ବ୍ୟବସାୟରେ ମଧ୍ୟ ସଫଳତାର ସହ ଅଗ୍ରସର ହୋଇଚାଲିଛୁ।

**ପ୍ର-୨: ମଧ୍ୟମ ଉଦ୍ୟୋଗ ପ୍ରତି ସରକାରଙ୍କ ମନୋଭାବ କିଭଳି ରହିଛି ?**

ଉ- ରାଜ୍ୟ ସରକାର ମଧ୍ୟମ ଉଦ୍ୟୋଗ ପ୍ରତି ଆବଶ୍ୟକ ଅନୁସାରେ ସହଯୋଗ ଓ ପ୍ରୋତ୍ସାହନ ଦେଲେ ଆହୁରି ଅଧିକ ବିକଶିତ ହୋଇପାରିବ। ବିଶେଷକରି ସରକାରଙ୍କ ଲଘୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ବିଭାଗ ଓ ବିଭାଗ ପକ୍ଷରୁ ପ୍ରଣୟନ ନୀତିଗୁଡ଼ିକର ସମୀକ୍ଷା ହେବା ଆବଶ୍ୟକ। ବାସ୍ତବରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ଅନେକ ସୁବିଧା ବାଟମାରଣା ହୋଇଯାଉଛି। ଯେଉଁମାନେ ପ୍ରକୃତରେ ରାଜ୍ୟ ପାଇଁ କିଛି କରୁଛନ୍ତି ସେମାନଙ୍କ ଲାଗି ବିଶେଷ ସହାୟତାର ଆବଶ୍ୟକତା ରହିଛି।

**ପ୍ର-୩: ପ୍ରତିଯୋଗିତାମୂଳକ ବ୍ୟବସାୟରେ ପ୍ରତିପକ୍ଷଙ୍କୁ କିଭଳି ଦେଖିଥାନ୍ତି ?**

ଉ- ବର୍ତ୍ତମାନ ସମୟରେ ପ୍ରତିପକ୍ଷଙ୍କ ଅପେକ୍ଷା ବଜାର ବ୍ୟବସ୍ଥା ଠିକ୍ ନ ଥିବାରୁ ଅନେକ ସମସ୍ୟା ସୃଷ୍ଟି ହେଉଛି। ସରକାର ବଜାର ବ୍ୟବସ୍ଥାକୁ ସୁଦୃଢ଼ୀକରଣ ସାଙ୍ଗକୁ ଶିଳ୍ପନୀତିରେ ଆବଶ୍ୟକ ପରିବର୍ତ୍ତନ କଲେ ମଧ୍ୟମ ବର୍ଗର ଶିଳ୍ପସଂସ୍ଥା ଆଗକୁ ବଢ଼ିପାରିବେ। ନଚେତ୍ ବ୍ୟବସାୟ ବଞ୍ଚାଇ ରଖିବା ପାଇଁ ଶିଳ୍ପସଂସ୍ଥାଗୁଡ଼ିକ ବିଭିନ୍ନ ବାଟ ଅନୁସରଣ କରୁଛନ୍ତି। ଫଳରେ ସରକାରଙ୍କ ପ୍ରକୃତ ଲକ୍ଷ୍ୟ ପୂରଣ ହୋଇପାରୁ ନାହିଁ। ପ୍ରତିଟି ବ୍ୟବସାୟରେ ପ୍ରତିଯୋଗୀ ଥାଆନ୍ତି, ହେଲେ ପରିଶ୍ରମ ଓ ଅଧ୍ୟବସାୟ ସାଙ୍ଗକୁ ସଚ୍ଚୋଟତାକୁ ପାଥେୟକରି ଆଗକୁ ବଢ଼ିବାକୁ ହେବ।

**ପ୍ର-୪: ରାଜ୍ୟରେ ୨ଚକିଆ ଯାନ ବ୍ୟବସାୟ କିଭଳି ରହିଛି ?**

ଉ- ସାରା ଦେଶ ଏପରିକି ଓଡ଼ିଶା ବଜାରରେ ମଧ୍ୟ ପ୍ରତି ମାସ ୨ଚକିଆ ଯାନର ବିକ୍ରି ଓ ଚାହିଦା ଅନ୍ୟ ଯାନଠାରୁ ଅଧିକ ରହିଛି। କାରଣ ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନରେ ପ୍ରତି ପରିବାର ନିକଟରେ ଗୋଟିଏ ୨ଚକିଆ ଯାନର ଆବଶ୍ୟକତା ବୃଦ୍ଧି ପାଇଛି। ଏହାର ପ୍ରତିଫଳନ ଗାଡ଼ି ବିକ୍ରିରେ ଦେଖିବାକୁ ମିଳିଥାଏ। ହେଲେ ଗତ କିଛି ବର୍ଷ ହେବ ଅଟୋ ନିର୍ମାତାମାନେ ଆବଶ୍ୟକ କଞ୍ଚାମାଲ ଓ ଚିପ୍(ସେମିକଣ୍ଡକ୍ଟର) ଅଭାବ ଯୋଗୁ ଚାହିଦା ମୁତାବକ ଉତ୍ପାଦନ ଅଥବା ଯୋଗାଣ କରିପାରୁନାହାନ୍ତି। ସେଥିପାଇଁ କେତେକ ସମସ୍ୟା ସୃଷ୍ଟି ହେଉଛି, ନଚେତ୍ ଦୁଇଚକିଆ ବଜାର ସର୍ବଦା ଭଲ ରହିଛି।

**ପ୍ର-୫: ବ୍ୟବସାୟ ଓ ପରିବାରକୁ କିଭଳି ପରିଚାଳନା କରୁଛନ୍ତି ?**

ଉ- ଜୀବନର ମୂଲ୍ୟ ଅତୁଳନୀୟ ଓ ଅବିଶ୍ୱସନୀୟ ହୋଇଥାଏ। ତଥାପି ଆମେ ଜୀବନ ଓ ଜୀବିକା ପାଇଁ ଦିନରାତି ଏକ କରି ପରିଶ୍ରମ କରିଥାଉ। ଗୋଟିଏ ପଟରେ ଜୀବିକା ଥିବାବେଳେ ଅପରପକ୍ଷରେ ଜୀବନ ରହିଥାଏ। ଉଭୟ ପକ୍ଷକୁ ଠିକ୍ ଭାବେ ପରିଚାଳନା କରିବାକୁ ହେଲେ ଉଭୟ ପକ୍ଷ ମଧ୍ୟରେ ସମାନତା ଓ ସ୍ୱାଧୀନତାର ଆବଶ୍ୟକତା ରହିଛି। ଏପରିକି ସହଯୋଗ ଓ ସହଯୋଗୀଙ୍କ ସହ ସମ ତାଳରେ କାର୍ଯ୍ୟ କରିବାକୁ ପଡ଼ିଥାଏ।

**ପ୍ର-୬: ଅବସର ସମୟରେ କ'ଣ କରିବାକୁ ଭଲପାଆନ୍ତି ?**

ଉ- ବର୍ତ୍ତମାନ ସମୟରେ ଅବସରର ସଂଜ୍ଞା ବଦଳିଯାଇଛି। ବ୍ୟସ୍ତବହୁଳ ଜୀବନ ମଧ୍ୟରେ ସମୟ ଛୋଟ ହୋଇଯାଇଛି। ଜୀବିକା ପଛରେ ଗୋଡ଼ାଇବାକୁ ପଡୁଛି। ଫଳରେ ସମୟକୁ ଠିକ୍ ଭାବେ କାର୍ଯ୍ୟରେ ଲଗାଇ ନ ପାରିଲେ ସମୟ ମଧ୍ୟ ବୋଝ ହୋଇପଡ଼ିବ। ସବୁ ପରେ ଯେଉଁ କିଛି ସମୟ ମିଳେ ବହି ପଢ଼ିବା, ବିଭିନ୍ନ ବିଷୟରେ ଚର୍ଚ୍ଚା, ଆଲୋଚନା ଓ ଟିଭିରେ ବିତର୍କ କାର୍ଯ୍ୟକ୍ରମକୁ ଠିକ୍ ଭାବେ ଦେଖିବା ସହ ଅନୁକରଣ କରିବାକୁ ଭଲ ଲାଗେ।

# ମୃତ୍ୟୁ ରାତିରେ ସାଙ୍ଗରେ ଥିଲେ ପ୍ରୀତିମାନ

### ଭିସୁଟ୍ ପୁରାତନ ଛାତ୍ରୀ ମୃତ୍ୟୁ ଘଟଣା



### ଡାଏଟମ୍ ରିପୋର୍ଟରେ ପାଣିରେ ବୁଡ଼ି ମୃତ୍ୟୁ ଉଲ୍ଲେଖ

ସମ୍ବଲପୁର,୧୧।୩(ବ୍ୟୁରୋ)

ସମ୍ବଲପୁର ଭିସୁଟ୍‌ର ପୁରାତନ ଛାତ୍ରୀ ଚିନ୍ମୟୀ ପ୍ରିୟଦର୍ଶିନୀ ସାହୁଙ୍କ ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ଡାଏଟମ୍ ରିପୋର୍ଟ ସ୍ୱାଭାବିକ ରହିଛି। ଏହି ରିପୋର୍ଟରେ ଚିନ୍ମୟୀଙ୍କ ପେଟରୁ ଯେଉଁ ପାଣି ବାହାରିଥିଲା ତାହା ବୁଡ଼ିଥିବା ସ୍ଥାନର ପାଣି ସହ ସମାନ ବୋଲି ଉଲ୍ଲେଖ ରହିଛି। ତେଣୁ ପାଣିରେ ବୁଡ଼ି ମୃତ୍ୟୁ ହୋଇଥିବା ନେଇ ପୋଲିସକୁ ଆଉ ଏକ ପ୍ରମାଣ ମିଳିଛି। ଭିସେରା ପରୀକ୍ଷା ରିପୋର୍ଟ ଆସିନାହିଁ। ଏହା ଆସିବା ପରେ ନିଶାଦ୍ରବ୍ୟ ସେବନ କିମ୍ବା ଅନ୍ୟ କେଉଁ କାରଣରୁ ମୃତ୍ୟୁ ଘଟିଛି ତାହା ଜଣାପଡ଼ିବ। ପୁରୁଷବନ୍ଧୁ ପ୍ରୀତିମାନ ଓ ଚିନ୍ମୟୀ ପୂର୍ବରୁ ଅନେକଥର ବିଭିନ୍ନ ସ୍ଥାନକୁ ସାଙ୍ଗହୋଇ ଯାଉଥିଲେ। ମୃତ୍ୟୁ ସମୟରେ ମଧ୍ୟ ପ୍ରୀତିମାନ ଚିନ୍ମୟୀଙ୍କ ସହିତ ଥିଲେ ବୋଲି ଶନିବାର ଏସ୍‌ପି ଅଫିସରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି। ହେଲେ କିଭଳି ସେ ବ୍ରିଜ୍ ଉପରୁ ପାଣିରେ ପଡ଼ିଲେ, ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା କି ଚିନ୍ମୟୀ ସ୍ୱଇଚ୍ଛାରେ ଡେଇଁଥିଲେ ନା କେହି ତାଙ୍କୁ ଠେଲିଦେଇଥିଲେ ଏଭଳି ଅନେକ ପ୍ରଶ୍ନ ଖବରଦାତାମାନେ ପଚାରିଥିଲେ। ଏହାର ଉତ୍ତରରେ ଏସ୍‌ପି ସବୁ ଦିଗକୁ ନେଇ ତଦନ୍ତ କରାଯାଉଛି ବୋଲି କହିଥିଲେ।

ସେ ଆହୁରି କହିଥିଲେ, ହତ୍ୟା ଅଭିଯୋଗ ପରେ ଚିନ୍ମୟୀ ଓ ପ୍ରୀତିମାନଙ୍କ ମୋବାଇଲ ହ୍ୱାଟ୍ସଆପ୍, ଲାପ୍‌ଟପ୍, ବ୍ୟାଗ୍, ଡାଏରି, ଜିମେଲ୍ ମେସେଜ ଭଳି ତଥ୍ୟ ପ୍ରମାଣ ସଂଗ୍ରହ କରାଯାଇଛି। ସେଥିରେ ଉଭୟଙ୍କ ଝଗଡ଼ା କିମ୍ବା ଭୟଭୀତ କରିବା ଭଳି ସୂଚନା ନାହିଁ। ଉଭୟଙ୍କ ସାଙ୍ଗମାନଙ୍କୁ ପଚରାଉଚୁରା କରିବା ପରେ ଚିନ୍ମୟୀଙ୍କୁ ନେଇ ପ୍ରୀତିମାନ ସନ୍ତୋଷ ନ ଥିବା, ତାଙ୍କୁ ମାରିଦେବାକୁ ଯୋଜନା କରିବା ଭଳି କୌଣସି ତଥ୍ୟ ପ୍ରମାଣ ମିଳିନାହିଁ। ମୃତ୍ୟୁ ପୂର୍ବରୁ ଚିନ୍ମୟୀଙ୍କ ସହ କୌଣସି ଶାରୀରିକ ସମ୍ପର୍କ ରଖାଯାଇ ନ ଥିଲା ବୋଲି ବ୍ୟବଚ୍ଛେଦ ରିପୋର୍ଟରେ ଉଲ୍ଲେଖ ହୋଇଛି ବୋଲି ଏସ୍‌ପି ଗଙ୍ଗାଧର କହିଥିଲେ। ସୂଚନାଯୋଗ୍ୟ, ଫେବୃୟାରୀ ୨୮ରେ ଭିସୁଟ୍‌ରେ ଅନୁଷ୍ଠିତ ସମାବର୍ତ୍ତନ ଉତ୍ସବରେ ଚିନ୍ମୟୀ ଯୋଗଦେଇ ସାର୍ଟିଫିକେଟ ଓ ମେଡାଲ ଗ୍ରହଣ କରିଥିଲେ। ପରେ ପୁରୁଷବନ୍ଧୁ ପ୍ରୀତିମାନଙ୍କ ସହ ଖାଇବା ଓ ବୁଲିବାକୁ ଯାଇଥିଲେ। ହେଲେ ରାତି ପ୍ରାୟ ସାଢେ ୯ଟା ସମୟରେ ବୁର୍ଲା ଥାନା ପିସି ବ୍ରିଜ୍ ପାୱାର ଚ୍ୟାନେଲରେ ପଡ଼ିଯାଇ ନିଖୋଜ ହୋଇଯାଇଥିବା ଖବର ପ୍ରଚାର ହୋଇଥିଲା। ବୁର୍ଲା ପୋଲିସ ଓ ଅଗ୍ନିଶମ ବିଭାଗ ପରଦିନ ପାୱାର ଚ୍ୟାନେଲ ପାଣି ଭିତରୁ ଚିନ୍ମୟୀଙ୍କ ମୃତଦେହ ଜବତ କରିଥିଲେ। ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା (ନଂ.୯୬/୨୩) ରୁଜୁ କରିଥିଲା। ଘଟଣାରେ ରାଜ୍ୟ ଗୃହ ବିଭାଗ ଯୁଗ୍ମ ସଚିବ ପ୍ରଣବ ଦେଙ୍କ ପୁଅ ପୁରୁଷବନ୍ଧୁ ପ୍ରୀତିମାନ ଓ ସହଯୋଗୀ ମାନସ ଟୁଡୁଙ୍କୁ ପୋଲିସ ଅଟକ ରଖିଥିଲା। ବ୍ୟବଚ୍ଛେଦ ରିପୋର୍ଟରେ ପାଣିରେ ବୁଡ଼ି ଚିନ୍ମୟୀଙ୍କ ମୃତ୍ୟୁ ଘଟିଥିବା ସ୍ପଷ୍ଟ ହୋଇଥିଲା। ପରେ ପ୍ରୀତିମାନ ଓ ମାନସଙ୍କ ଲାଏ ଡିଟେକ୍ସନ ପରୀକ୍ଷା କରାଯାଇଥିଲା। ଏଥିରେ ଉଭୟ ସତ କହିଥିଲେ ଅର୍ଥାତ୍ ପୋଲିସ ତଦନ୍ତକରି ଯାହା ପାଇଥିଲା ତାହା ସେମାନେ କହିଥିଲେ। ଅନ୍ୟପକ୍ଷେ ପୋଲିସ ପାଣିରେ ବୁଡ଼ି ଚିନ୍ମୟୀଙ୍କ ମୃତ୍ୟୁ ଘଟିଥିବା ବାରମ୍ବାର କହୁଥିବାବେଳେ ପରିବାର ଲୋକେ ହତ୍ୟାକରି ଆତ୍ମହତ୍ୟାର ରୂପ ଦିଆଯାଉଛି ବୋଲି ଅଭିଯୋଗ କରିଆସୁଛନ୍ତି।



କେନ୍ଦ୍ରାପଡ଼ା ଜିଲା ଗହୀରମଥାଠାରେ ବିରଳ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସମୂହ ଅଣ୍ଡାଦାନ।

# ଗହୀରମଥାରେ ଅଲିଭ୍ ରିଡ୍‌ଲେଙ୍କ ସମୂହ ଅଣ୍ଡାଦାନ

## ୨ ଦିନରେ ୩ ଲକ୍ଷ ୨ ହଜାର କଇଁଛଙ୍କ ଅଣ୍ଡାଦାନ

ରାଜନଗର, ୧୧।୩(ଡି.ଏନ୍.ଏ.)

ବିରଳ ଅଲିଭ୍ ରିଡ୍‌ଲେଙ୍କ ଅନ୍ତୁଡ଼ିଶାଳ କେନ୍ଦ୍ରାପଡ଼ା ଜିଲା ଗହୀରମଥାଠାରେ କଇଁଛଙ୍କ ସମୂହ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ୯ ତାରିଖରେ ୮୮ ହଜାର, ୧୦ ରେ ୨ ଲକ୍ଷ ୧୪ ହଜାର ୫୮ଟି ଅଲିଭ୍ ରିଡ୍‌ଲେ ମା' କଇଁଛ କୂଳଠାରୁ ୧ କିମି ଭିତରେ ଦୀର୍ଘ ୧ ମାସ ହେଲା ଭିଡ଼ ଜମାଇଥିଲେ ମଧ୍ୟ ପାଗ ଅନୁକୂଳ ହେଉ ନ ଥିବାରୁ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇ ନ ଥିଲେ। ଗତ ୯ ତାରିଖଠାରୁ ପାଗ ଶୁଖିଲା ସାଙ୍ଗକୁ ଦକ୍ଷିଣା ପବନ ବହିବାରୁ ଗୋଟିଏ ଦିନରେ ୨ ଲକ୍ଷ ୧୪ ହଜାର ୫୮ ମା' ଅଲିଭ୍ ରିଡ୍‌ଲେ ସମୂହ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଶୁକ୍ରବାର ସନ୍ଧ୍ୟାରୁ ହଠାତ୍ ଦଳ ଦଳ ହୋଇ ମା' କଇଁଛମାନେ ଗହୀରମଥାର ନାସୀ-୨ ବାଲୁକାଶଯ୍ୟାକୁ ଉଠିଆସି ସମୂହ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ଶନିବାର ଭୋର୍ ଯାଏ ଏହି ପ୍ରକ୍ରିୟା ଜାରି ରହିଥିଲା। ୨ ଦିନରେ ୩ ଲକ୍ଷ ୨ ହଜାର ୦୫୮ କଇଁଛ ସମୂହଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ପ୍ରଥମ ୨ ଦିନରେ ଏହି ସଂଖ୍ୟା ଭଲ ଥିବାରୁ ଓ ମା' କଇଁଛମାନେ କୂଳରେ ଥିବାରୁ ଚଳିତବର୍ଷ ରେକର୍ଡ ସଂଖ୍ୟକ ସମୂହଅଣ୍ଡାଦାନ ହେବା ନେଇ ଆଶା ପ୍ରକାଶ ପାଇଛି।

ମା' କଇଁଛ ବେଳାଭୂମି ବାଲିରେ ପଛଗୋଡ଼ରେ ୧ରୁ ଦେଢ଼ଫୁଟ ଗଭୀରର ଗାତ ଖୋଳିଥାଏ। ଗାତ ଖୋଳିବା ପରେ ମା' କଇଁଛ ଅଣ୍ଡା ଦେଇଥାଏ। ଅଣ୍ଡାର ଖୋଳପା ନମନୀୟ ହୋଇଥିବାରୁ ଅଣ୍ଡା ଗଳିବା ସମୟରେ ଫାଟିନଥାଏ। ଅଣ୍ଡା ଦେଇସାରିବା ପରେ ମା' କଇଁଛ ଗାତକୁ ବାଲି ଘୋଡ଼ାଇ ଦେଇ ସମୁଦ୍ରକୁ ଫେରିଯାଏ। ଅଣ୍ଡାଗୁଡ଼ିକରୁ ୪୫ରୁ ୬୦ ଦିନ ମଧ୍ୟରେ କଇଁଛ ଶାବକ ବାହାରିଥାନ୍ତି। କଇଁଛଙ୍କ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହେବା ଦିନଠାରୁ ଗହୀରମଥାର ନାସୀ ଦ୍ୱୀପଠାରୁ ଅଳ୍ପଦୂରରେ ଥିବା ପ୍ରତିରକ୍ଷା ବିଭାଗର କ୍ଷେପଣାସ୍ତ୍ର ଘାଟିର ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥାକୁ ବନ୍ଦ କରାଯାଇଛି। ବିରଳ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସମୂହ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଏମାନଙ୍କ ସୁରକ୍ଷା ପାଇଁ ରାଜନଗର ଡିଭିଜନ ବନ ବିଭାଗ ପକ୍ଷରୁ କଡ଼ାକଡ଼ି ବ୍ୟବସ୍ଥା କରାଯାଇଛି। ୩ କିମି ଯାଏ ବାଡ଼ ବୁଜାଯିବା ସହ ବନ କର୍ମଚାରୀମାନେ ଅଣ୍ଡାଦାନ ସ୍ଥଳକୁ ଜଗି ରହିଛନ୍ତି। ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ, ଗହୀରମଥା ରେଞ୍ଜ୍ ଅଫିସର ମାନସ କୁମାର ଦାସ ପ୍ରମୁଖ ଅଣ୍ଡାଦାନ ସ୍ଥଳରେ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରୁଛନ୍ତି। କୂଳରେ କଇଁଛ ଥିବାରୁ ଚଳିତବର୍ଷ ରେକର୍ଡ ସଂଖ୍ୟକ ଗଣଅଣ୍ଡାଦାନ ହେବା ନେଇ ଆଶା ପ୍ରକାଶ ପାଇଛି।

# ଗ୍ୟାସ୍ ସିଲିଣ୍ଡରରେ ଗଞ୍ଜେଇ ଚାଲାଣ

## ୨୭ କେଜି ଗଞ୍ଜେଇ, ୨ ଗାଡ଼ି ଜବତ, ୩ ଗିରଫ

ବ୍ରହ୍ମପୁର ଅଫିସ,୧୧।୩

ଅବକାରୀ ଗୋଇନ୍ଦା ପୋଲିସ ଶନିବାର ପୃଥକ ଭାବେ ଦୁଇଟି ଗାଡି ଓ ଗୋଟିଏ ଯାତ୍ରୀବାହୀ ବସ୍‌ରୁ ଗଞ୍ଜେଇ ଜବତ କରିଛି। ଗଞ୍ଜେଇ କନ୍ଧମାଳରୁ ଭଞ୍ଜନଗର ହୋଇ ବ୍ରହ୍ମପୁର ଚାଲାଣ ହେଉଥିବା ଖବର ପାଇ ଏକ ଟିମ୍ ଦୁର୍ଗାପ୍ରସାଦ ନିକଟରେ ଜଗି ରହିଥିଲା। ଅବକାରୀ ପୋଲିସ ପ୍ରଥମେ ସ୍କୁଟି(ନଂ ଓଡି୦୨ସିଡି୮୨୪୯)କୁ ଅଟକାଇ ସେଥିରେ ଥିବା ଏକ ଗ୍ୟାସ୍ ସିଲିଣ୍ଡରକୁ ଯାଞ୍ଚ କରିଥିଲା। ଉକ୍ତ ସିଲିଣ୍ଡରକୁ କାଟି ଦେଖିବା ବେଳେ ସେଥିରେ ୭କେଜି ଗଞ୍ଜେଇ ରହିଥିବା ଜଣାପଡିଥିଲା। ଏହାକୁ ଆଣୁଥିବା ପୁରୀ ଜିଲା ପିପିଲି ଅଞ୍ଚଳର ଜଗନ ବେହେରା(୩୦)ଙ୍କୁ ମାମଲା ନମ୍ବର ୧୦୧୯/୨୨-୨୩ରେ ପୋଲିସ ଗିରଫ କରିଛି। ତାଙ୍କ ସୂଚନାକୁ ଆଧାରକରି ପରେ ପୋଲିସ ସେଠାରେ ଏକ ବାଇକ୍ (ନଂ ଓଡି୨୧ ଡି ୬୫୬୪)କୁ ଅଟକାଇ ଯାଞ୍ଚକରି ସେଥିରୁ ୧୫କେଜି ୨୦୦ଗ୍ରାମ ଗଞ୍ଜେଇ ଜବତ କରିଥିଲା। ଏଥିରେ ସମ୍ପୃକ୍ତ ଜଗତ୍‌ସିଂହପୁର ନିବାପାଟଣାର ମନୋଜ କୁମାର ସାହୁ(୪୫)ଙ୍କୁ ନଂ.୧୦୨୦/୨୨-୨୩ରେ ଗିରଫ କରିଛି। ସେହିପରି ଆସଥିବା ଏକ ଯାତ୍ରୀବାହୀ ବସ୍‌କୁ ସେଠାରେ ଅଟକାଇ ଜଣେ ଯୁବକଙ୍କ ବ୍ୟାଗ ଯାଞ୍ଚ କରିଥିଲା। ଉକ୍ତ ବ୍ୟାଗରୁ ୫କେଜି ୨୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ମାମଲା ନମ୍ବର ୧୯୨୧/୨୨-୨୩ ରେ କନ୍ଧମାଳ ଜିଲା ବାଲିଗୁଡାର ସୁଦର୍ଶନ ଦିଗାଲଙ୍କୁ ଗିରଫ କରାଯାଇଛି। ଟିମ୍‌ରେ ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତ, ଏଏସ୍‌ଆଇ ବ୍ରଜ ବିହାରୀ ନାୟକ ପ୍ରମୁଖ ସାମିଲ ଥିଲେ।



# ପୂର୍ବତନ କଲେଜ ଅଧ୍ୟକ୍ଷ ଗିରଫ

- **ଜାଲ୍ ପ୍ରମାଣପତ୍ର ଦେଇ ହାତେଇଥିଲେ ପଦବୀ**
- **୪ ଲକ୍ଷ ଟଙ୍କା ଆତ୍ମସାତ୍ ଅଭିଯୋଗ ଆସିଥିଲା**

ଢେଙ୍କାନାଳ ଅଫିସ, ୧୧।୩

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ବୀରାଶାଳା ଆଞ୍ଚଳିକ ଡିଗ୍ରୀ କଲେଜର ପୂର୍ବତନ ଅଧ୍ୟକ୍ଷ ଅଟଳ ବିହାରୀ ବାରିକ ଗିରଫ ହୋଇଛନ୍ତି। ତାଙ୍କ ବିରୋଧରେ ଜାଲ ପ୍ରମାଣପତ୍ର ଦେଇ ଅଧ୍ୟକ୍ଷ ପଦବୀ ହାତେଇବା ଏବଂ ଶିକ୍ଷାନୁଷ୍ଠାନର ୪ ଲକ୍ଷ ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଥିଲା। ଦୀର୍ଘ ୫ବର୍ଷ ହେଲା ସେ ପୋଲିସ ଆଖିରେ ଧୂଳିଦେଇ ଫେରାର ଥିଲେ। ଯାଜପୁର ଜିଲା ସୁକିନ୍ଦା ଥାନା ବରଡିସ୍ଥିତ ନିଜସ୍ୱ ଘରେ ଆତ୍ମଗୋପନ କରି ରହିଥିବା ସୂଚନା ପାଇ ଶନିବାର ସ୍ୱତନ୍ତ୍ର ପୋଲିସ ଟିମ୍ ଚଢ଼ାଉ କରି ତାଙ୍କୁ ଗିରଫ କରିଛି।

ସୂଚନାଯୋଗ୍ୟ, ବୀରାଶାଳା ଆଞ୍ଚଳିକ ଡିଗ୍ରୀ କଲେଜରେ ୨୦୦୮ରୁ ୨୦୧୮ ଯାଏ ଅଧ୍ୟକ୍ଷ ପଦବୀରେ ରହିଥିଲେ ଅଟଳବିହାରୀ। ସେ ଛତିଶଗଡ଼ର ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର (ପିଜି) ପାସ୍ କରିଥିବା କହି ଜାଲ ପ୍ରମାଣପତ୍ର ଦାଖଲ କରି କଲେଜ ଅଧ୍ୟକ୍ଷ ପଦବୀକୁ କରାୟତ୍ତ କରିଥିଲେ। କେବଳ ଏତିକି ନୁହେଁ, ଶିକ୍ଷାନୁଷ୍ଠାନର ଉନ୍ନୟନ ବାବଦ ବହୁ ଲକ୍ଷ ଟଙ୍କା ଆତ୍ମସାତ୍ କରିଥିବା ନେଇ ତାଙ୍କ ସହକର୍ମୀ ଏବଂ ଛାତ୍ରୀଛାତ୍ର କାମାକ୍ଷାନଗର ଉପଖଣ୍ଡ ଦାୟିତ୍ୱରେ ଥିବା ସେତେବେଳର ଉପଜିଲାପାଳ କଳ୍ପତରୁ ବେହେରାଙ୍କ ନିକଟରେ ଅଭିଯୋଗ କରିଥିଲେ।

# ଜଳିଗଲା ୧୭ ବଖରା



ନିଆଁ ଲାଗି ଜଳିଯାଇଥିବା ଘର।

ବସ୍ତା,୧୧।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ଥାନା ବିଦ୍ୟାଧରପୁର ଗ୍ରାମରେ ଶନିବାର ନିଆଁ ଲାଗି ୯ ପରିବାରର ୧୭ ବଖରା ଘର ପୋଡ଼ିଯାଇଛି। ସୂଚନା ଅନୁଯାୟୀ, ଅପରାହ୍ନ ୨ଟା ୩୦ ମିନିଟ୍ ସମୟରେ ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ପ୍ରଥମେ ଏସ୍‌କେ ମନୁଆରଙ୍କ ଘରେ ନିଆଁ ଲାଗିଥିଲା। ପରେ ଏସ୍‌କେ ଆଯାଯୁଲ,ଏସ୍‌କେ ଅନୁଆର,ଏସ୍‌କେ ରିଆଜ,ଏସ୍‌କେ ସିରଜୁଲ,ଏସ୍‌କେ ମଇମୁଦ,ଏସ୍‌କେ ମିରାଜୁଲ,ଏସ୍‌କେ ଫିରାଜୁଲ ଏବଂ ଏସ୍‌କେ ଅରସାତଙ୍କ ଘରକୁ ନିଆଁ ବ୍ୟାପିଥିଲା। ୯ଟି ପରିବାରର ୧୭ ବଖରା ଘରେ ପାଖାପାଖି ୪୦ରୁ ଊର୍ଦ୍ଧ୍ୱ ସଦସ୍ୟ ରହୁଥିଲେ। ସମସ୍ତେ ଖଟିଖିଆ ହୋଇଥିବାରୁ ଘରେ କେବଳ ସ୍ତ୍ରୀ ଲୋକ ଓ ଛୋଟ ପିଲାମାନେ ରହିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତା କ୍ରମେ ସମସ୍ତଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଲକ୍ଷାଧିକ ଟଙ୍କାର ଆସବାବପତ୍ର, ଖାଦ୍ୟ ସାମଗ୍ରୀ, ଲୁଗାପଟା ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ବିପନ୍ନ ପରିବାରଗୁଡ଼ିକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

> ଗୋଟିଏ ମୁହୂର୍ତ୍ତ ଲାଗି ମଧ ଭୁଲିଯାଅନା ଯେ, ଏସବୁ କିଛି ସେହି ଭଗବାନ ହିଁ ନିଜ ଭିତରୁ ନିଜେ ସୃଷ୍ଟି କରିଛନ୍ତି। ସେ ଯେ କେବଳ ସର୍ବତ୍ର ଉପସ୍ଥିତ ଅଛନ୍ତି– ତା'ନୁହେଁ। ସେ କିନ୍ତୁ ନିଜେ ହିଁ ସବୁ ହୋଇଛନ୍ତି। ପାର୍ଥକ୍ୟ କେବଳ ରହିଛି– ପ୍ରକାଶ ଓ ଅଭିବ୍ୟକ୍ତିରେ। ଯଦି ତୁମେ ଏତିକି କଥା ଭୁଲି ଯାଅ– ତେବେ ତୁମେ ସବୁ କିଛି ହରାଇ ବସିବ। –ଶ୍ରୀଅରବିନ୍ଦ

# ବିଭାଜନ ରାଜନୀତି



ଆକାର ପଟେଲ

ଭାରତରେ ଗୋଟିଏ ରାଜନୈତିକ ଦଳ ଏକଚାଟିଆ ଭାବେ ଧର୍ମାନ୍ଧତା ଓ ପକ୍ଷପାତକୁ ପ୍ରଶ୍ରୟ ଦେଇଛି। ଯଦି ତୁମ ସାଥୀ ଭାରତୀୟମାନଙ୍କ ଉପରେ ହେଉଥିବା ଉତ୍ପୀଡନ ଓ କ୍ରୂରତାକୁ ସମର୍ଥନ କରିବାକୁ ଇଚ୍ଛୁକ ନୁହଁ, ତେବେ ଏହି ଗୋଟିଏ ଦଳକୁ ଛାଡ଼ି ଅନ୍ୟ ଦଳଗୁଡ଼ିକ ମଧ୍ୟରୁ ଯେ କୌଣସିଟିକୁ ଭୋଟ ଦେଇପାରିବ। ତାମିଲନାଡୁରେ ପୁରୁଣା ଡିଏମ୍‌କେରୁ ବିଭାଜିତ ହୋଇଥିବା ଦୁଇଟି ଦଳ, କେରଳରେ ଅନେକ ବାମଦଳ ଓ କର୍ଣାଟକରେ ଦେବେଗୌଡ଼ାଙ୍କ ଜନତାଦଳ (ଧର୍ମନିରପେକ୍ଷ) ଦଳ ଅଛି। ଏହା ବ୍ୟତୀତ ଭାରତରେ ଆହୁରି ବହୁ ଦଳ ଅଛନ୍ତି ଯେଉଁଗୁଡ଼ିକ କଂଗ୍ରେସରୁ ସୃଷ୍ଟି ହୋଇଛନ୍ତି, ଯଥା– ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ(ଟିଏମ୍‌ସି), ମହାରାଷ୍ଟ୍ରରେ ନ୍ୟାଶନାଲିଷ୍ଟ କଂଗ୍ରେସ ପାର୍ଟି (ଏନ୍‌ସିପି), ଆନ୍ଧ୍ରପ୍ରଦେଶରେ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି (ୱାଇଏସ୍‌ଆର୍‌ସିପି)। କଂଗ୍ରେସ ବ୍ରାଣ୍ଡର ପରିଚିତି ଥିବାରୁ ଏସବୁ ଦଳ କଂଗ୍ରେସ ନାମକୁ ସ୍ଥାନ ଦେଇଛନ୍ତି। ଏହି ସବୁ ଦଳ ବ୍ୟତୀତ ଜାତୀୟ ସ୍ତରରେ କଂଗ୍ରେସ ଦଳ ଅଛି। ତୁମେ ପିଡିପି କିମ୍ବା ଏନ୍‌ସିକୁ ଭୋଟ ଦେଇପାର (ଯଦି କେବେ କଶ୍ମୀରରେ ନିର୍ବାଚନ ହୁଏ) କିମ୍ବା ଦିଲ୍ଲୀରେ ଏଏପି ବା ତେଲଙ୍ଗାନାରେ କେ. ଚନ୍ଦ୍ରଶେଖର ରାଓଙ୍କ ଟିଆର୍‌ଏସ୍‌କୁ ଭୋଟ ଦେଇପାର। ତେବେ ଏହିସବୁ ଦଳରୁ କୌଣସିଟି ଠିକ୍ ବା ଦୋଷରହିତ ନୁହନ୍ତି। ସେଗୁଡ଼ିକ ମଧ୍ୟରୁ ଅନେକ କ୍ଷମତାରେ ଥିବାବେଳେ ସଂଖ୍ୟାଲଘୁଙ୍କୁ ନିର୍ଯାତନା ଦେବା ଇତିହାସ ଅଛି ଏବଂ ସଂଖ୍ୟାଲଘୁଙ୍କ ଉତ୍ପୀଡ଼ନ ଦୂର କରିବାରେ ବି ଅକ୍ଷମ ହୋଇଛନ୍ତି। କିନ୍ତୁ ସବୁ ଦଳ ମଧ୍ୟରେ କେବଳ ଭାରତୀୟ ଜନତା ପାର୍ଟି(ଭାଜପା) ନିର୍ଯାତନା ଦେବାକୁ ଅଧିକ ଆଗ୍ରହୀ। ୨୦୧୯ ପରେ ବିଶେଷକରି ଭାଜପା ଯେଭଳି ସକ୍ରିୟ ଭାବେ ନାଗରିକତ୍ୱ, ଛାଡପତ୍ର ଓ ଖାଦ୍ୟ ଉପରେ ଏବଂ ପୃଥକୀକରଣ ଆଇନ କରିଛି ତାହା ଅନ୍ୟ କୌଣସି ପାର୍ଟି କରିବାକୁ ଚାହିଁନାହାନ୍ତି। ଅନ୍ୟ କୌଣସି ଦଳ ଜାଣିଶୁଣି ମୁସଲମାନଙ୍କୁ ପୃଥକ୍ କରୁନାହାନ୍ତି। ଭାଜପାର ୩୦୩ ଲୋକ ସଭା ଏବଂ ୯୨ ରାଜ୍ୟ ସଭା ସଦସ୍ୟଙ୍କ ମଧ୍ୟରେ ଜଣେ ହେଲେ ବି ମୁସଲମାନ ନାହାନ୍ତି। ଭାଜପା ଜାଣିଶୁଣି ଓ ସୁପରିକଳ୍ପିତ ଭାବେ ଧର୍ମକୁ ଆଧାରକରି ସମାଜର ବିଭାଜନ କରୁଛି। ଧର୍ମୀୟଭିତ୍ତିରେ ଏଭଳି କାର୍ଯ୍ୟକଳାପରୁ ଭାଜପାକୁ ଲାଭ ମିଳୁଥିଲେ ବି ତାହା ଅନ୍ୟ ଦଳ କରିବାକୁ ଚାହୁଁନାହାନ୍ତି।

ଭାଜପାର କିଛି ବିଚାରଧାରା ପାକିସ୍ତାନର ରାଜନୈତିକ ଦୃଶ୍ୟପଟରେ ସକ୍ରିୟ ଥିବା ରାଜନୈତିକ ଦଳଗୁଡ଼ିକ ସହ ସମାନ। ସେଠାରେ ସବୁ ଦଳ ସଂଖ୍ୟାଲଘୁ (ଜନସଂଖ୍ୟାର ପାଖାପାଖି ୩%) ବିରୋଧୀ। ୧୯୪୮ରେ ଜିନ୍ନାଙ୍କ ମୃତ୍ୟୁର ୬ ମାସ ପରେ ପାକିସ୍ତାନ ସମ୍ବିଧାନ ସଭାରେ କୁହାଯାଇଥିଲା ଯେ, ସଂଖ୍ୟାଲଘୁଙ୍କୁ ସ୍ୱାଧୀନ ଭାବେ ସେମାନଙ୍କ ଧର୍ମ ପାଳନ କରିବା ପାଇଁ ଅଧିକାର ଦିଆଯିବ। କୁହାଯାଇଥିଲା ଯେ, ସମ୍ବିଧାନର ଧର୍ମୀୟ ବିଚାର କ୍ଷେତ୍ରରେ କେବଳ ମୁସଲମାନମାନେ ଅଧିକ ସମର୍ପିତ ଓ ଅନୁକୂଳ ବ୍ୟବହାର ପ୍ରଦର୍ଶନ କରିବେ। କିନ୍ତୁ ଏହା ହେଲା ନାହିଁ। ପରେ ସଂଖ୍ୟାଲଘୁଙ୍କ ପ୍ରତି ଧ୍ୟାନ ଦେବାରେ ପାକିସ୍ତାନ ବିଫଳ ହେଲା। ସଂଖ୍ୟାଲଘୁଙ୍କୁ ରାଜନୈତିକ ପଦବୀରୁ ଦୂରେଇ ରଖିବା ଲାଗି ବହୁ ଆଇନ ଗଢ଼ାଗଲା। ୧୯୫୦ ଦଶକର ଶେଷଭାଗରେ ସଂଖ୍ୟାଲଘୁଙ୍କ ଉପରେ ଅତ୍ୟାଚାର ଆରମ୍ଭ ହୋଇଗଲା ଓ ଏହା ୧୯୮୦ ଦଶକରେ ଶୀର୍ଷରେ ପହଞ୍ଚିଥିଲା। ହେଲେ ଗତ ଦୁଇ ଦଶନ୍ଧିରେ ସ୍ଥିତି ଆଂଶିକା ଭାବେ ଓଲଟିବା ଆରମ୍ଭ ହୋଇଛି। ଶେଷରେ ସଂଖ୍ୟାଲଘୁଙ୍କ ପ୍ରତି ଅତ୍ୟାଚାରରେ କିଛି ଲାଭ ନାହିଁ, ବରଂ ତାହା ଦେଶ ଓ ବ୍ୟବସ୍ଥା ପ୍ରତି ଦୀର୍ଘମିଆଦୀ କ୍ଷତି କରୁଥିଲା ବୋଲି ଅନୁଭବ କରାଗଲା। ବାଂଲାଦେଶ ସମ୍ବିଧାନ ଆରମ୍ଭ ହୁଏ ଆଲ୍ଲାଙ୍କ ପଂକ୍ତିରୁ। ଭାରତ ଭଳି ଏହାର ପ୍ରସ୍ତାବନାରେ ଧର୍ମନିରପେକ୍ଷବାଦ ପ୍ରତି ପ୍ରତିଶ୍ରୁତିବଦ୍ଧ ବୋଲି ଉଲ୍ଲେଖ ରହିଛି। ତା'ପରେ ଏହା କହିଛି ଯେ, ସାମ୍ପ୍ରଦାୟିକବାଦ, କୌଣସି ଧର୍ମ ସପକ୍ଷରେ ରାଜନୈତିକ ବ୍ୟବସ୍ଥା, ରାଜନୈତିକ ଉଦ୍ଦେଶ୍ୟରେ ଧର୍ମୀୟ ନିର୍ଯାତନା ଏବଂ ବାଛବିଚାର ଓ ଅତ୍ୟାଚାରର ମୂଳୋତ୍ପାଟନ ଦ୍ୱାରା ହିଁ ଧର୍ମନିରପେକ୍ଷବାଦର ସିଦ୍ଧାନ୍ତ ଅନୁଭବ କରିହେବ। କିନ୍ତୁ ଭାରତରେ ଯେଭଳି ରାଜନୈତିକ ବିରୋଧୀ ଓ ସିଭିଲ ସୋସାଇଟିକୁ ନିର୍ଯାତନା ଦିଆଯାଉଛି ବାଂଲାଦେଶରେ ବି ସେଭଳି କରାଯାଉଛି। ଭି–ଡେମ୍ ସଂସ୍ଥା ଦ୍ୱାରା ଘୃଣାକୁ ନେଇ କରାଯାଇଥିବା ଉଦାରବାଦୀ ଗଣତନ୍ତ୍ର ସୂଚକାଙ୍କରେ ଭାରତ ପଛରେ ବାଂଲାଦେଶ ରହିଛି। ସ୍ୱାଧୀନତାକୁ ନେଇ ଫ୍ରିଡମ୍ ହାଉସର ବିଶ୍ୱ ସୂଚକାଙ୍କରେ ବାଂଲାଦେଶ ମଧ୍ୟ ଭାରତ ପଛରେ ଅଛି ଓ ଏଥିରେ ଉଭୟ ଦେଶକୁ ଆଂଶିକ ସ୍ୱାଧୀନ ବୋଲି ଦର୍ଶାଯାଇଛି। ତିନି ଦେଶ ମଧ୍ୟରେ ବାଂଲାଦେଶ ହେଉଛି ଏକମାତ୍ର ଦେଶ ଯାହାର କ୍ୟାବିନେଟ୍‌ରେ ପ୍ରମୁଖ ସଂଖ୍ୟାଲଘୁ ସମ୍ପ୍ରଦାୟର ସାଧନ ଚନ୍ଦ୍ର ମଜୁମଦାର ପ୍ରତିନିଧିତ୍ୱ କରୁଛନ୍ତି।

ପାକିସ୍ତାନ ତା'ର ପ୍ରାରମ୍ଭିକ ଦଶନ୍ଧିଗୁଡ଼ିକରେ ଯାହା କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲା ୨୦୧୪ ପରେ ଭାରତ ତାହା ପ୍ରୟୋଗ କରୁଛି। ଯଦିଓ ଭାରତର ଏବକାର ଆର୍ଥିକ ସଫଳତା ମୁଖ୍ୟତଃ ବାକ୍‌ପଟୁତାରେ ସୀମିତ, ତେବେ ଏହା ଜାଣିବା ଦରକାର ଯେ, ପାକିସ୍ତାନ ୧୯୬୦ ଦଶକରେ ବହୁବାର ୧୦% ଅଭିବୃଦ୍ଧି ଛୁଇଁଥିଲା। ରାଜନୈତିକ ବିଶେଷଜ୍ଞ ହଣ୍ଟିଂଟନ୍ ସେ ସମୟରେ ଆୟୁବ ଖାଁଙ୍କୁ ଗ୍ରୀକ୍ ଆଇନ ନିର୍ମାତା ସୋଲୋନ ଏବଂ ଲିକୁରଗୁସଙ୍କ ସହ ତୁଳନା କରିଥିଲେ। ଏଠାରେ ପ୍ରକୃତ କଥା ହେଉଛି, ଅତି କମ୍‌ରେ ସ୍ୱଳ୍ପ ଅବଧି ପାଇଁ ଆର୍ଥିକ ଅଭିବୃଦ୍ଧି ବିଭାଜନ ବା ବହିଷ୍କରଣ ରାଜନୀତି ସହ ସାଥ–ସାଥ ଚାଲିପାରିବ। କିନ୍ତୁ ଦୀର୍ଘଦିନ ଧରି ଏହା ହୋଇପାରିବ ନାହିଁ। ନିଜ ନାଗରିକଙ୍କୁ ଆକ୍ରମଣ କରିବା, ଆଇନ ଓ ନୀତି ମାଧ୍ୟମରେ ଲଗାତର ନିର୍ଯାତନା ଦେବା, ସନ୍ତ୍ରାସବାଦ ଓ ଭିଡ଼ହିଂସାକୁ ଉତ୍ସାହିତ କରୁଥିବା ଦେଶଗୁଡ଼ିକ ରେକର୍ଡରେ ସଫଳତା ନାହିଁ। ଏହା ସମ୍ଭବତଃ କିମ୍ବା ଏକମାତ୍ର କାରଣ, ଯେଉଁଥିପାଇଁ ବିଭାଜନ କରୁଥିବା ତଥା ନିର୍ଯାତନା ଦେଉଥିବା ରାଜନୀତି ନିର୍ବାଚନ ଦୃଷ୍ଟିରୁ ଲାଭଦାୟକ ହୋଇପାରୁଥିଲେ ବି ଗୋଟିଏ ଦଳ(ଭାଜପା)କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ଦଳ ଏହି ଭାବନାରୁ ଦୂରେଇ ରହିଛନ୍ତି।

Email:aakar.patel@gmail.com

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | 9 | | 4 | | 3 | | 8 |
| | | 8 | | | | | | 5 |
| | | | | | | | | 2 |
| | | | | | 1 | | 6 | |
| | | | | | 6 | | 8 | |
| 3 | 7 | | | | | 9 | | |
| | 2 | | 4 | | 9 | | | |
| | | | 3 | | | | 5 | |
| | | 5 | | 1 | 2 | | | 9 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 5 | 8 | 4 | 9 | 1 | 2 | 7 |
| 2 | 8 | 1 | 7 | 6 | 3 | 4 | 5 | 9 |
| 9 | 4 | 7 | 1 | 5 | 2 | 3 | 6 | 8 |
| 8 | 3 | 2 | 4 | 9 | 6 | 5 | 7 | 1 |
| 4 | 7 | 9 | 3 | 1 | 5 | 2 | 8 | 6 |
| 1 | 5 | 6 | 2 | 7 | 8 | 9 | 3 | 4 |
| 6 | 1 | 4 | 5 | 2 | 7 | 8 | 9 | 3 |
| 7 | 2 | 3 | 9 | 8 | 1 | 6 | 4 | 5 |
| 5 | 9 | 8 | 6 | 3 | 4 | 7 | 1 | 2 |

ଗତ କାଲିର ଉତ୍ତର

# ପଛକୁ ଫେରିବାର ସୁଖ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

କିଏ ଜଣେ କହିଥିଲେ ପରା, ''ଜୀବନ ଆଗକୁ ବଞ୍ଚାଯାଏ ସିନା, ପଛକୁ ଫେରି ଚାହିଁଲେ ଜୀବନକୁ ବୁଝିହୁଏ।'' ତେବେ ଏହି ଭୋଗବାଦୀ ଆଧୁନିକ ସମାଜରେ ସଭିଏ ଯେତେବେଳେ ଜଣେ ଅନ୍ୟ ଜଣଙ୍କର ପ୍ରତିଯୋଗୀ ସାଜି ଆଗକୁ ମାଡ଼ିଯିବାକୁ ତତ୍ପର, ସେତେବେଳେ ଜଣେ ଦାର୍ଶନିକର ଭାବନା ନେଇ କେବଳ ଜୀବନକୁ ବୁଝିବା ପାଇଁ କିଏ କାହିଁକି ପଛକୁ ଫେରି ଚାହିଁ ସମୟର ଅପଚୟ କରନ୍ତା! ତଥାପି ସମାଜରେ ସବୁ କାଳରେ ଏମିତି କିଛି ଲୋକ ଥାଆନ୍ତି, ଯେଉଁମାନେ ଅତ୍ୟନ୍ତ ଆବେଗରେ ନିଜ ପଛକୁ ଫେରି ଚାହିଁବାରେ ସୁଖ ପାଇଥାଆନ୍ତି। ସେମାନଙ୍କ ସୁସ୍ଥ ଓ ସ୍ୱଚ୍ଛଳ ବର୍ତ୍ତମାନ ପଛରେ ଯେ ଦିନେ ଅସୁସ୍ଥ ଅତୀତଟିଏ ଥିଲା, ଏକଥା କେବଳ ନିଜେ ମନେପକାନ୍ତି ନାହିଁ, ବରଂ ଅନ୍ୟମାନଙ୍କୁ କହିବାରେ ସାମାନ୍ୟ ଦ୍ୱିଧାବୋଧ କରନ୍ତି ନାହିଁ। ଏ ପ୍ରକାର ଉନ୍ମୁକ୍ତତା ସେମାନଙ୍କ ବର୍ତ୍ତମାନର ଉଜ୍ଜ୍ୱଳ ବ୍ୟକ୍ତିତ୍ୱରେ ମେଞ୍ଚାଏ ମଇଳା ଲେସିଦେବାର ସମ୍ଭାବନା ବହନ କରେ, ଏହା ଭାବି ସଙ୍କୁଚିତ ହୁଅନ୍ତି ନାହିଁ। ଘରେ ପଖାଳ ଖାଇ ବାହାରେ ପଲାଉ ଖାଇଥିବାର ମିଥ୍ୟା ପ୍ରୌଢ଼ି ବଖାଣୁଥିବା ଲୋକମାନଙ୍କର ଯେଉଁଠି ଅଭାବ ନାହିଁ, ସେଠି ନିଜ ଅନ୍ଧାରି ଅତୀତର ଅକପଟ ଉନ୍ମୋଚନ ପ୍ରକୃତରେ ଏକ ଆଶ୍ଚର୍ଯ୍ୟ ଆତ୍ମକଥନ। କଳିଙ୍ଗର ରାଜଉଆସ ମଧ୍ୟରେ ଗଜଦନ୍ତ ପଲଙ୍କରେ ଶୋଇଥିବା ଗଜପତି କପିଳେନ୍ଦ୍ରଦେବ ପଛକୁ ଫେରି ଯେମିତି ଦେଖୁଥିଲେ ଗାଈଆଳ କପିଳାକୁ, ସେମିତି ମଧ୍ୟ ଦେଖୁଥିଲେ ଏକ ବାରବୁଲା ଦରିଦ୍ର ବ୍ରାହ୍ମଣକୁ ମଗଧର ମହାମନ୍ତ୍ରୀ ବିଦ୍ୱାନ୍ ଚାଣକ୍ୟ। ଏମିତି ପଛକୁ ଫେରି ଚାହିଁବାରେ ସେମାନଙ୍କୁ କି ସୁଖ ମିଳୁଥିଲା କେଜାଣି, ଏଯାଏ ବି କିଛି ଲୋକ ପ୍ରଗତି ପଥରେ ଆଗକୁ ମାଡ଼ି ଚାଲୁଥିଲାବେଳେ ରହି ରହି ପଛକୁ ଟିକେ ଫେରିଚାହାନ୍ତି। ସାମାନ୍ୟ ଅଶ୍ରୁ, ଆବେଗ, ଆନନ୍ଦ ଓ ଆଶ୍ୱସ୍ତି ପରେ ପୁଣି ଆଗେଇ ଚାଲନ୍ତି ଜୀବନ ରାସ୍ତାରେ।

କେବେ କେଉଁଠି ପଢ଼ିବାକୁ ମିଳିଥିବା ସେଇ ଶିଳ୍ପପତି ଶେଠଙ୍କ ନାମ ଅବଶ୍ୟ ସ୍ମରଣରେ ନାହିଁ। ତେବେ ଘନଶ୍ୟାମ ଦାସ ବିର୍ଲା ବା ଧୀରୁଭାଇ ଅମ୍ବାନୀଙ୍କ ମଧ୍ୟରୁ କେହି ଜଣେ ହୋଇପାରନ୍ତି। ଥରେ ତାଙ୍କ ଅଫିସ ଚ୍ୟାମ୍ବରରୁ ନିଜ କାର୍ ପାଖକୁ ଆସୁଥିବାବେଳେ ତାଙ୍କ ଅଜାଣତରେ ନିଜ ଶାର୍ଟ ପକେଟରୁ ଦୁଇଟି ଆଠଣି ମୁଦ୍ରା ଖସି ପଡ଼ିଲା। ତାଙ୍କ ସହ ପଛରେ ଆସୁଥିବା ତାଙ୍କ ବ୍ୟକ୍ତିଗତ ସହାୟକ ଏହା ଦେଖି ମୁଦ୍ରା ଦୁଇଟିକୁ ଗୋଟାଇ ଆଣି ତାଙ୍କୁ ଦେବାରୁ ସେ ଅଚାନକ ଗମ୍ଭୀର ହୋଇଗଲେ ଓ ଅଧୁଲି ଦୁଇଟିକୁ ମୁଣ୍ଡରେ ମାରି ଶାର୍ଟର ଅନ୍ୟ ପକେଟରେ ରଖିଲେ। ଦେଶର ଜଣେ ଅଗ୍ରଣୀ ଶିଳ୍ପପତିଙ୍କ ଏହି ଅପୂର୍ବ ଅଧୁଲି ପ୍ରୀତି ଦେଖି ବ୍ୟକ୍ତିଗତ ସହାୟକ ରୋମାଞ୍ଚିତ ହେଉଥିବାବେଳେ ଅଚାନକ ଆଉ ଏକ ଘଟଣା ଘଟି ତାଙ୍କୁ ସ୍ତମ୍ଭଚକିତ କରିଦେଲା। ନିଜ ଚିରା ପକେଟରୁ ଦୁଇଟି ମୁଦ୍ରା ଖସି ପଡ଼ିଥିବା ଜାଣି କାଳେ ଅନ୍ୟ କିଛି ମୁଦ୍ରା ଅନ୍ୟ କେଉଁଠି ଖସି ପଡ଼ିଥାଇପାରେ ବୋଲି ଭାବି ସେ ତାହା ଖୋଜି ଖୋଜି ପଛକୁ ଫେରିବାକୁ ଲାଗିଲେ। ''ଏତେ ବଡ଼ ଶିଳ୍ପପତି, ଅଥଚ ସାମାନ୍ୟ ଅଧୁଲି କେଇଟି ପାଇଁ ପୁଣି ଏତେ ଲୋଭ!'' ବ୍ୟକ୍ତିଗତ ସହାୟକଙ୍କ ନଜରରେ ତାଙ୍କ ଲୋଭାସକ୍ତ ମୁନିବଙ୍କ ଉଚ୍ଚତା ଛୋଟ ହୋଇ ଆସୁଥିଲାବେଳେ ସେ ଶୁଣିଲେ– ''ରାସ୍ତା କଡ଼ରେ ବସିଥିବା ଭିକାରିଙ୍କ ପାଇଁ ମେଞ୍ଚାଏ ଅଧୁଲି ଖୁଚୁରା କରି ପକେଟରେ ରଖିଥିଲି। ପକେଟ ଚିରା ଥିବାରୁ କେତେ କେଉଁଠି ଖସିପଡ଼ିଥିବ କେଜାଣି!'' ସାମାନ୍ୟ କେଇଟି ଅଧୁଲି ପାଇଁ ଏଡ଼େ ବଡ଼ ଲକ୍ଷପତିଙ୍କର ପୁଣି ଏତେ ଅବସୋସ! ନିଜ ମୁହଁରେ ନ କହିଲେ ବି ବ୍ୟକ୍ତିଗତ ସହାୟକଙ୍କ ମନର ଏମିତି ଏକ କଟାକ୍ଷକୁ ତାଙ୍କ ମୁନିବ ବୁଝିନେଲେ ଓ ନିଜ ଭାଷାରେ ତାଙ୍କୁ ବୁଝାଇଦେଲେ ଏମିତି କିଛି କହି। ''ପରିମାଣର ପରିମାପରେ ଅଧୁଲି ବା ଆଠଣିର ମୂଲ୍ୟ ବହୁତ କମ୍ ହୋଇପାରେ, ମାତ୍ର ମୋ ଜୀବନର ଆଦ୍ୟ ପର୍ଯ୍ୟାୟରେ ଯେତେବେଳେ ଢୋକେ ପିଇ ଦଣ୍ଡେ ଜିଇବାର ନାମ ଥିଲା ଜୀବନ, ସେତେବେଳେ ଏଇ ଆଠଣି ଯେଉଁ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା, ତାହା କେମିତି ଭୁଲିବି! ଆଜି ଲକ୍ଷପତି ହୋଇଗଲି ବୋଲି କେମିତି ଭୁଲିପାରିବି ଏହି କ୍ଷୁଦ୍ର ମୁଦ୍ରାଟିର ବୃହତ୍ ଅବଦାନକୁ!''



ପକେଟରୁ ଗଳିଥିବା ଅଧୁଲି ଉଦ୍ଧାର ପାଇଁ ଶିଳ୍ପପତି ଶେଠ ପଛକୁ ଫେରିବା ସହିତ ନିଜ କର୍ଦ୍ଦମାକ୍ତ ଅତୀତକୁ ଫେରିଯିବା ପରି ଏ ସଂସାରରେ କିଛି ଲୋକ ସକଳ ପରିପୂର୍ଣ୍ଣତା ସତ୍ତ୍ୱେ ବି ଆପଣାର ଅପୂର୍ଣ୍ଣ ବା ଶୂନ୍ୟ ଅତୀତକୁ ଫେରି ଅଫୁରନ୍ତ ଆନନ୍ଦ ଲାଭ କରନ୍ତି। ସେମିତି ଜଣେ ଥିଲେ ସେଇ ଆୟକର ଅଫିସର। ତାଙ୍କ ପଦବୀ ଯାବତୀୟ ପ୍ରାଚୁର୍ଯ୍ୟ ଓ ପ୍ରତିଷ୍ଠାର ଧାରକ ଥିଲେ ମଧ୍ୟ ସେ ଅତ୍ୟନ୍ତ ସାଦାସିଧା ଜୀବନ ନିର୍ବାହ କରୁଥିଲେ। ରାଜଧାନୀ ନଗରୀରେ ଛୋଟ ଘରଟିଏ ଭଡ଼ା ନେଇ ସେ ନିଜ ହାତରେ ରୋଷେଇ କରି ଖାଉଥିଲେ ଓ ସପ୍ତାହ ଶେଷରେ ଯାଉଥିଲେ ଦେଢ଼ଶହ କିମି ଦୂର ଗାଁରେ ଛାଡ଼ି ଆସିଥିବା ନିଜ ପତ୍ନୀ ଓ ପରିବାର ପାଖକୁ। କାହିଁକି ଏମିତି ଏକ କ୍ଳେଶକର ଜୀବନକୁ ଆପଣେଇ ନେଇଛନ୍ତି ବୋଲି କେହି ଦରଦୀ ବନ୍ଧୁ ପ୍ରଶ୍ନ କଲେ ସେ କହନ୍ତି, ''କେମିତି ଭୁଲିବି ସେ କଥାସବୁ! ବାପା କେତେ କଷ୍ଟରେ ମୂଲ ଲାଗି ମୋତେ ମଣିଷ କରିଛନ୍ତି। ଆଜି ଇନ୍‌କମ୍ ଟ୍ୟାକ୍ସ ଅଫିସରଟିଏ ହୋଇଗଲି ବୋଲି ବିପତ୍ନୀକ ବାପାକୁ ଗାଁରେ ଛାଡ଼ି ସହରରେ ସ୍ତ୍ରୀ ସହ ସଉକ କରିବି!''

ସେମିତି ଗନ୍ଧହୀନ ଗଳାକଥାକୁ ଗୌରବର ସହ ଗାଇ ଉଠୁଥିବା ଆଉ ଜଣେ ତରୁଣଙ୍କ କଥା। ସେ ବି ରହନ୍ତି ଭୁବନେଶ୍ୱରରେ, କାମ କରନ୍ତି ରାଜ୍ୟର ଏକ ସଂଭ୍ରାନ୍ତ ସମ୍ବାଦପତ୍ରର ସହ ସମ୍ପାଦକ ଭାବେ। ବାଲ୍ୟକାଳରୁ ନିଜ ବାପାଙ୍କୁ ହରାଇ ଏଯାଏ ନିଜ ସଂସାର ବାନ୍ଧିବାଠୁଁ ଦୂରେଇ ରହିଥିବା ଏହି ଯୁବକ ପ୍ରତି ସପ୍ତାହାନ୍ତ ଛୁଟିରେ ରାଜଧାନୀରୁ ଅଢ଼େଇଶହ କିମି ଦୂର ନିଜ ଗାଁକୁ ଯାଆନ୍ତି ନିଜ ବିଧବା ମାଆଙ୍କୁ ଭେଟିବା ପାଇଁ। ଗତ କେଇବର୍ଷ ହେଲା ଏଇ ନିର୍ଘଣ୍ଟରେ ସାମାନ୍ୟ ବ୍ୟତିକ୍ରମ ହୋଇ ନ ଥିବାର ଲକ୍ଷ୍ୟ କରି ଦିନେ ଏହି ଲେଖକ ଏକ ଅନୌପଚାରିକ ବାର୍ତ୍ତାଳାପ ବେଳେ ଏହାର ରହସ୍ୟ ଜାଣିବାକୁ ଇଚ୍ଛା କରିବାରୁ ଯାହା ଉତ୍ତର ମିଳିଲା, ତାହା ଥିଲା ଆମ ସଂସ୍କାରବୋଧର ଭିନ୍ନ ଏକ ପରିଭାଷା। ସେ କହିଥିଲେ, ''ସପ୍ତାହର ଛଅଦିନ ମୋ ଖବରକାଗଜ ପାଇଁ, ଯିଏ ମୋତେ ଅନ୍ନ ଦେଉଛି। ବାକି ଦିନଟି ମୋ ମାଆ ପାଇଁ, ଯିଏ ମୋତେ ଜନ୍ମ ଦେଇଛି।''

ଯୁବ ସାମ୍ବାଦିକଙ୍କର ଏହି ଅପୂର୍ବ ମାତୃପ୍ରେମ ଦେଖି ଏ ଲେଖକ ତାଙ୍କ ସହ ଆଳାପରୁ ଜାଣିଲା ଯେ, ଅତି କଞ୍ଚା ବୟସରୁ ବୈଧବ୍ୟ ଭୋଗି ମଧ୍ୟ ତହିଁରେ ଭାଙ୍ଗି ନ ପଡ଼ି ତାଙ୍କ ମାଆ ଯେମିତି ନିଜ ତିନି ସନ୍ତାନଙ୍କୁ ଲାଳନପାଳନ କରିଛନ୍ତି, ତାହା ପୁଅଟିକୁ ବିଗଳିତ କରିଛି ଓ ସେ ସେଇ କଷ୍ଟ ଲାଘବ କରିବାକୁ ମାଆଙ୍କ ଅଗୋଚରରେ ସାମୟିକ ଭାବେ ପାଠପଢ଼ା ବନ୍ଦ ରଖି ଇଟାଭାଟି ଶ୍ରମିକ ଭାବେ କିଛି ଅର୍ଥ ରୋଜଗାର କରିବାକୁ ବିବଶ କରିଛି।

ଆମର ଏଇ ଯୁବ ସାମ୍ବାଦିକ ହୁଅନ୍ତୁ କି ସେଇ ଆୟକର ଅଫିସର ଥିବା ଅଧୁଲି ହଜାଇ ଖୋଜୁଥିବା ସେଇ ବିଶିଷ୍ଟ ଶିଳ୍ପପତି; ଏମାନେ ସମସ୍ତେ ବର୍ତ୍ତମାନର ଉଜ୍ଜ୍ୱଳ ଆଲୋକ ଅନ୍ତରାଳରେ ଥିବା ଅତୀତ ଅନ୍ଧାରର କଳାଛାୟାକୁ ଯେମିତି ଦେଖିଛନ୍ତି, ସେମିତି ଦେଖନ୍ତେ ସିନା ଗୋଇଠି ଟେକି ନିଜର ଉଚ୍ଚତା ବଢ଼ାଉଥିବା ଆତ୍ମବଡ଼ିମାକାରୀମାନେ!

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୭୨୪୧୦୫

# ଲଢୁଆ ନାୟିକା

ବ୍ୟକ୍ତିତ୍ୱ



ଶାଳିଜା ଧାମି

ଚଳିତ ବର୍ଷ ଅନ୍ତର୍ଜାତୀୟ ମହିଳା ଦିବସରେ ଚର୍ଚ୍ଚିତ ଖବର ମଧ୍ୟରେ ସ୍ଥାନ ପାଇଥିଲେ ଗ୍ରୁପ୍ କ୍ୟାପଟେନ୍ ଶାଳିଜା ଧାମି। ସେ ୱେଷ୍ଟର୍ନ ସେକ୍ଟରର ଛାମୁଆ ଯୁଦ୍ଧ ୟୁନିଟ୍‌ର ନେତୃତ୍ୱ ନେବାରେ ଭାରତୀୟ ବାୟୁସେନା (ଆଇଏଏଫ୍)ର ପ୍ରଥମ ମହିଳା ଅଧିକାରୀ ହୋଇପାରିଛନ୍ତି। ସେ ମିଜାଇଲ ସ୍କ୍ୱାଡର୍ନର ଦାୟିତ୍ୱ ନେବେ। ଦୀର୍ଘବର୍ଷ ଧରି ପୁରୁଷ ଅଧିକାରୀଙ୍କ ଲଢୁଆ କାର୍ଯ୍ୟକୁ ବାହାବା ମିଳୁଥିଲା। ଏବେ ଶାଳିଜା ସାହସର ସହିତ ପୁରୁଷ ସମକକ୍ଷ ପଦକ୍ଷେପ ନେବାରେ ନିଜକୁ ପ୍ରସ୍ତୁତ କରିପାରିଥିବାରୁ ଆକାଶରେ ତାଙ୍କ ଲଢୁଆ ଯାତ୍ରା ଅନ୍ୟ ଯୁବତୀମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିବା ସ୍ୱାଭାବିକ।

ପଞ୍ଜାବର ଲୁଧିଆନାରେ ୧୯୮୧ରେ ଶାଳିଜାଙ୍କ ଜନ୍ମ। ପିତା ହର୍କେଶ ଧାମି ପଞ୍ଜାବ ରାଜ୍ୟ ଶକ୍ତି ନିଗମର ଅବସରପ୍ରାପ୍ତ କର୍ମଚାରୀ ଓ ମାତା ଦେବ କୁମାରୀ ଜଳ ଯୋଗାଣ ଓ ପରିମଳ ବିଭାଗରୁ ମଧ୍ୟ ଅବସର ନେଇ ସାରିଛନ୍ତି। ଭାଇ ସର୍ଭସୁରେଶଥ୍ ଧାମି ମଣିପୁରର ଇମ୍ଫାଲ ବିଶ୍ୱବିଦ୍ୟାଳୟରେ ଡିଫେନ୍ସ ଷ୍ଟଡିଜ୍‌ର ପ୍ରଫେସର ଭାବେ କାର୍ଯ୍ୟ କରୁଛନ୍ତି। ତେବେ ଶାଳିଜାଙ୍କ ପଢ଼ା ସରକାରୀ ସ୍କୁଲରେ ହୋଇଥିଲା। ପରେ ସେ ଖାଲ୍‌ସା କଲେଜ ଫର୍ ଓମେନ୍‌ରୁ ଦ୍ୱାଦଶ ଏବଂ ସେହିଠାରୁ ଇଲେକ୍‌ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେଶନ୍ ବିଷୟ ରଖି ବ୍ୟାଚଲର ଅଫ୍ ଟେକ୍ନୋଲଜି ଡିଗ୍ରୀ ଅର୍ଜନ କରିଥିଲେ। ପିଲାଟିବେଳୁ ଇଚ୍ଛାଥିଲା ଆକାଶରେ ଉଡ଼ିବା। ଲକ୍ଷ୍ୟସ୍ଥଳରେ ପହଞ୍ଚିବା ଲାଗି ପରିଶ୍ରମ କରିଥିଲେ। ଉପରକୁ ଉଠିବାର ସୋପାନ ହୋଇଗଲା ଆଇଏଏଫ୍। ୨୦୦୩ରେ ସେ ହାଲ୍ ଏଚ୍‌ପିଟି–୩୨ ଦୀପକ ଧରି ଏକାକୀ ଉଡ଼ିଲେ। ଫ୍ଲାଇଂ ଅଫିସର ଭାବେ ସେ ୨୦ ଡିସେମ୍ବର ୨୦୦୩ରେ ମାନ୍ୟତା ପାଇ ଶର୍ଟ–ସର୍ଭିସ କମିଶନ୍‌ରେ ସାମିଲ ହେଲେ। ନିରନ୍ତର ଉଦ୍ୟମ ଜାରି ରଖିବାରୁ ସେ ୨୦ ଡିସେମ୍ବର ୨୦୦୫ରେ ଫ୍ଲାଇଟ୍ ଲ୍ୟୁଟ୍‌ନାଣ୍ଟ ଓ ୨୦ ଡିସେମ୍ବର ୨୦୦୯ରେ ସ୍କ୍ୱାଡର୍ନ ଲିଡର ହୋଇଥିଲେ। ଦୃଢ଼ ଇଚ୍ଛାଶକ୍ତି ସହ ଲକ୍ଷ୍ୟ ଉର୍ଦ୍ଧ୍ୱମୁଖୀ ହେଲେ ସଫଳତା ପାଇବାର ମାର୍ଗ ସ୍ପଷ୍ଟ ଦିଶିଯାଇଥାଏ। ୨୦ ଡିସେମ୍ବର ୨୦୧୬ରେ ଶାଳିଜା ୱିଙ୍ଗ୍ କମାଣ୍ଡର ହୋଇଥିଲେ। ଅଗଷ୍ଟ ୨୦୧୯ରେ ଫ୍ଲାଇଟ୍ କମାଣ୍ଡର ପଦବୀକୁ ଉନ୍ନୀତ ହୋଇ ସେ ପ୍ରଥମ ମହିଳା ଅଧିକାରୀ ଭାବେ ସେହି ସ୍ଥାନରେ ପହଞ୍ଚିବାରେ ଇତିହାସ ରଚିଥିଲେ। ଫଳରେ ସେ ହିଣ୍ଡନ୍ ଏୟାର ଫୋର୍ସ ଷ୍ଟେଶନର ଚେତକ ହେଲିକପ୍ଟର ୟୁନିଟ୍‌ରେ ଫ୍ଲାଇଟ୍ କମାଣ୍ଡର ଭାବେ କାର୍ଯ୍ୟ ଆରମ୍ଭ କରି ଆଇଏଏଫ୍‌ର ପ୍ରଥମ ମହିଳା ଫ୍ଲାଇଂ ଇନ୍‌ଷ୍ଟ୍ରକ୍ଟର ହୋଇଥିଲେ।

୧୮ ଡିସେମ୍ବର ୨୦୧୮ରେ ପର୍ମାନେଣ୍ଟ କମିଶନ ମର୍ଯ୍ୟାଦା ପାଇଥିବା ଶାଳିଜାଙ୍କ ଯାତ୍ରା ଏବେ ୱେଷ୍ଟର୍ନ ସେକ୍ଟରର ଛାମୁଆ ଯୁଦ୍ଧ ୟୁନିଟ୍‌ର ନେତୃତ୍ୱ ନେବା ଯାଏ ପହଞ୍ଚିଥିବାରୁ ସେ ଖୁସି ବ୍ୟକ୍ତ କରିଛନ୍ତି। ୪୧ ବର୍ଷୀୟା ଏହି ମହିଳା ନିଜ କ୍ୟାରିୟରରେ ଘଟିଥିବା ଉତ୍ଥାନ ଲାଗି ସ୍ୱାମୀ ବିନୀତ ଜୋଷୀଙ୍କୁ ଶ୍ରେୟ ଦେଇଥାଆନ୍ତି। ବିନୀତ ଆଇଏଏଫ୍‌ର ଜଣେ ଦକ୍ଷ ହେଲିକପ୍ଟର ପାଇଲଟ। ଦୁଇ ପୁଅର ଜନନୀ ଶାଳିଜା କହନ୍ତି, ସ୍ୱାମୀଙ୍କ ବୃତ୍ତି ସହ ତାଙ୍କ ବୃତ୍ତି ସମାନ। ସ୍ୱାମୀ ବରିଷ୍ଠ ଅଧିକାରୀ ଓ ତାଙ୍କଠାରୁ ଅଧିକ ଦିନ ଦେଶ ପାଇଁ ସେବା କରିବାର ସୁଯୋଗ ପାଇସାରିଲେଣି। ଉଭୟ କାର୍ଯ୍ୟବ୍ୟସ୍ତ ରହିଥାଆନ୍ତି। ସେ ଯେତେବେଳେ ଘରେ ନ ଥାଆନ୍ତି, ତାଙ୍କ କାମ ସ୍ୱାମୀ କରିଥାଆନ୍ତି ଓ ସ୍ୱାମୀଙ୍କ ଅନୁପସ୍ଥିତିରେ ସେ ଦାୟିତ୍ୱ ତୁଲାଇଥାଆନ୍ତି। ଅଦ୍ୟାବଧି ପରିବାର ଓ କାର୍ଯ୍ୟକ୍ଷେତ୍ର ମଧ୍ୟରେ ସମତୁଲତା ବଜାୟ ରଖିଛନ୍ତି ବୋଲି ଶାଳିଜା କହିଛନ୍ତି। ଯେତେବେଳେ ଅତି ଜରୁରୀ କାର୍ଯ୍ୟରେ ଯୋଗ ଦେବା ଲାଗି ଦୂରକୁ ଚାଲିଯାଇଥାଆନ୍ତି, ସେତେବେଳେ ସ୍ୱାମୀଙ୍କ ଅଭୟବାଣୀ– 'ତୁମେ ଯାଅ, ସବୁ କିଛି ଠିକ୍ ହୋଇଯିବ' ଶୁଣିବା ପରେ ସେ ଆଶ୍ୱସ୍ତ ହୋଇଥାଆନ୍ତି ବୋଲି କହିଥାଆନ୍ତି। ଏତିକି ସହଯୋଗ ସ୍ୱାମୀଙ୍କଠାରୁ ନ ପାଇଥିଲେ ସେ ଆଜି ଯେଉଁଠାରେ ପହଞ୍ଚିଛନ୍ତି, ହୁଏତ ତାହା ସମ୍ଭବ ହୋଇ ନ ଥାଆନ୍ତା ବୋଲି ଶାଳିଜା କହିଛନ୍ତି। ଆକାଶରେ ଉଡୁଥିବା ଏହି ପକ୍ଷୀଯୁଗଳ ଘରବାହୁଡ଼ିଲେ ପିଲାମାନଙ୍କ ସହିତ ସମୟ କଟାଇବା ଅନ୍ୟମାନଙ୍କ ପାଇଁ ଆଦର୍ଶ ହୋଇପାରିଛନ୍ତି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ବିଭିନ୍ନ ବ୍ୟାଙ୍କ ବିଷୟରେ ଶୁଣିଛନ୍ତି, ହେଲେ ଅସ୍ଥି ବ୍ୟାଙ୍କ କଥା ଜାଣିଛନ୍ତି କି? ଉତ୍ତରପ୍ରଦେଶରେ ପ୍ରତିଷ୍ଠା ହେଉଛି ଏଭଳି ଏକ ବ୍ୟାଙ୍କ, ଯେଉଁଥିରେ ଅସ୍ଥି ସଂରକ୍ଷିତ ରହିବ। ଯୋଗୀ ଆଦିତ୍ୟନାଥ ସରକାର କରିଥିବା ମୋକ୍ଷ ଯୋଜନାରେ ବାରାଣସୀର ମଣିକର୍ଣ୍ଣିକା ଘାଟରେ ଏହି ଅସ୍ଥି ବ୍ୟାଙ୍କ ପ୍ରତିଷ୍ଠା କରାଯିବ। ଅସ୍ଥି ବ୍ୟାଙ୍କରୁ ସଂରକ୍ଷିତ ଅସ୍ଥିକୁ ନେଇ ଶ୍ରଦ୍ଧାଳୁମାନେ ପରେ ବିସର୍ଜନ କରିପାରିବେ। ଉକ୍ତ ବ୍ୟାଙ୍କ ମାଧ୍ୟମରେ ଲୋକଙ୍କୁ ନିଜ ପ୍ରିୟଜନଙ୍କ ଶେଷ ରୀତିନୀତି କରିବା ପାଇଁ ବି ସୁବିଧା ମିଳିବ। ନାଗରିକ ସଂସ୍ଥା ଏ ନେଇ ଏକ ପ୍ରସ୍ତାବ ପଠାଇଛି ଓ ସରକାର ଏହି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ମଣିକର୍ଣ୍ଣିକା ଘାଟରେ ଶବଦାହ କରୁଥିବା ବିକାଶ ଗୁପ୍ତା କହିଛନ୍ତି, ଏହି ବ୍ୟାଙ୍କରେ ମୃତ ବ୍ୟକ୍ତିଙ୍କ ଅସ୍ଥି, ପାଉଁଶ ଓ ଅବଶିଷ୍ଟାଂଶ ବି ସଂରକ୍ଷିତ ରହିବ। ମଣିକର୍ଣ୍ଣିକା ଘାଟରେ ପ୍ରତିଦିନ ହାରାହାରି ୯୦ରୁ ୧୨୦ ମୃତଦେହ ଦାହ କରାଯାଇଥାଏ। ପ୍ରାୟତଃ ଦୂର ସ୍ଥାନରୁ ଏଠାକୁ ଆସୁଥିବା ମୃତକଙ୍କ ପରିବାର ସଦସ୍ୟଙ୍କ ପାଇଁ ଅସ୍ଥି, ପାଉଁଶ ସଂଗ୍ରହ କରିବା ଲାଗି ଦୀର୍ଘସମୟ ଅପେକ୍ଷା କରିବା କଷ୍ଟକର ହୋଇଥାଏ। ଏଭଳି ପରିସ୍ଥିତିରେ ଅନେକ ଥର ସମ୍ପର୍କୀୟମାନେ ଅସ୍ଥି ସଂଗ୍ରହ ନ କରି ଚାଲିଯାଆନ୍ତି। ଅବଶ୍ୟ ବ୍ୟାଙ୍କ ପ୍ରତିଷ୍ଠା ହେବା ପରେ ଅସ୍ଥିକୁ ସଂରକ୍ଷଣ କରାଯାଇ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇପାରିବ।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ମାର୍ଚ୍ଚ ୧୯୯୮

- ନାସାର ବୈଜ୍ଞାନିକମାନେ ସରକାରୀ ଭାବେ ପାଥଫାଇଣ୍ଡର ମହାକାଶଯାନକୁ ଅଚଳ ଘୋଷଣା କରିଛନ୍ତି।
- ତ୍ରିପୁରାରେ ମାନିକ ସରକାରଙ୍କ ନେତୃତ୍ୱରେ ୧୭ ଜଣ ସଦସ୍ୟ ବିଶିଷ୍ଟ ନୂଆ ମନ୍ତ୍ରିମଣ୍ଡଳ ଗଠିତ।
- କେନ୍ଦ୍ର ସାହିତ୍ୟ ଏକାଡେମୀର ସଭାପତି ଭାବେ ରାଜ୍ୟର ସୁନାମଧନ୍ୟ କବି ରମାକାନ୍ତ ରଥ ନିର୍ବାଚିତ।

## ଚିରନ୍ତନୀ

ବିଶ୍ୱ ହେଲା ନିକଟତମ
ଅତିହିଁ ପ୍ରିୟ, ପ୍ରାସ
ଉଠିଲା ପୂରି ସକଳ କ୍ଷତ
ସକଳ ଅବକାଶ।
(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଗରିବ ପରିଚୟ ଲାଗି ପ୍ରତିଯୋଗିତା

ମହାଶୟ,

ବର୍ତ୍ତମାନ ମାଗଣା ଚାଉଳ, ଗହମ ଓ ଘରଖଣ୍ଡେ ପାଇବା ପାଇଁ, ଗରିବର ପରିଚୟ ପାଇବା ଲାଗି ଲୋକେ ପରସ୍ପର ମଧ୍ୟରେ ପ୍ରତିଯୋଗିତା କରିଚାଲିଛନ୍ତି। ଏଣେ ଓଡ଼ିଶାର ଶସ୍ୟ ଶ୍ୟାମଳା କ୍ଷେତ୍ର ଆଜି ମରୁଭୂମିର ଟାଙ୍ଗରା କ୍ଷେତ୍ରରେ ପରିଣତ ହେଲାଣି। ଘରେ ବସି ଗରିବର ପରିଚୟ ପାଇ ଯଦି ବିନାମୂଲ୍ୟରେ ଚାଉଳ ମିଳିଗଲା, ତେବେ ପରିଶ୍ରମ କରିବାର ତାତ୍ପର୍ଯ୍ୟ କ'ଣ? ଗରିବ ତ ଗରିବ, ଲୋଭରେ ଧନୀବ୍ୟକ୍ତିମାନେ ମଧ୍ୟ ଧରାଧରି କରି ଗରିବର ପ୍ରମାଣପତ୍ରଟିଏ ପାଇଗଲେ ଚାଉଳ ବିକନ୍ତୁ ପଛେ ମାଗଣା ଚାଉଳ ଆଣି ନିଜକୁ ଚାଲାଖ ମନେକରୁଛନ୍ତି। କେହି ଚିନ୍ତା କରୁନାହାନ୍ତି ଯେ, ସରକାର କାହିଁକି ମାଗଣା ଚାଉଳ ଦେଉଛନ୍ତି। ଏ ଅର୍ଥ କ'ଣ ସେମାନଙ୍କର ବାପ ଅର୍ଜିତ ଧନ। ଏଣେ ମାଗଣା ଚାଉଳ ଦେଇ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଉପରେ ବିଭିନ୍ନ ପ୍ରକାର ଟ୍ୟାକ୍ସ ବସାଇ ସରକାର ଲୋକଙ୍କୁ ଯେ ଶୋଷଣ କରୁଛନ୍ତି, ତାହା ବୁଝିବା ଅବସ୍ଥାରେ କେହି ନାହାନ୍ତି। ଭୋଟବେଳେ ଟଙ୍କା ପକେଟରେ ଗୁଞ୍ଜି ଭୋଟ ହାତେଇ ନେତା ହେବା ପରେ କେମିତି ଲୋକସେବା କରୁଛନ୍ତି ତାହା ଜାଣିବା ବେଳକୁ ନେଡିଗୁଡ କହୁଣିକୁ ବୋହି ଯାଇଥିବ।

–ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

## ଅପମିଶ୍ରଣ ଉପରେ ରୋକ ଲଗାଯାଉ

ତେଲ, କ୍ଷୀର, ଡାଲି, ହଳଦୀ, ଜିରା ଓ ଚାଉଳ ଭଳି ଅତ୍ୟାବଶ୍ୟକ ସାମଗ୍ରୀରେ ଯେମିତି ଭାବେ ଅପମିଶ୍ରଣ ହେଉଛି, ଔଷଧରେ ଅପମିଶ୍ରଣ ଅକ୍ଷମଣୀୟ। ସେସବୁକୁ ଗ୍ରାହକମାନେ ନେଇ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦିନକୁ ଦିନ ଏହା ବୃଦ୍ଧି ପାଇବାରେ ଲାଗିଛି। ଦୋକାନ ବଜାର ଖୋଲା ଥିବା ବେଳେ ବିଭାଗୀୟ କର୍ମଚାରୀଙ୍କ ଦ୍ୱାରା ଅତର୍କିତ ଚଢ଼ାଉ କରାଯାଇ ଆଇନଗତ ବ୍ୟବସ୍ଥା କରାଯାଉ। ଏପରି ହେଲେ ଅପମିଶ୍ରଣକୁ କିଛି ପରିମାଣରେ ରୋକାଯାଇପାରନ୍ତା। ଜନସାଧାରଣ ଟିକିଏ ଆଶ୍ୱସ୍ତି ପାଆନ୍ତେ।

–ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




୧୧।୦୩।୨୦୨୩

| | |
|---|---|
| ୫,୩୦, ୬୨୧ ଟଙ୍କା | |
| ସୁନା | ୫.୬୨୦ ଗ୍ରାମ |
| ରୁପା | ୪୮ ଗ୍ରାମ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ ପକ୍ଷରୁ ପୁସ୍ତକ ଲୋକାର୍ପଣ ଓ କବିତା ପାଠୋତ୍ସବ, ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟ, ରୂପାଲି ଛକ ନିକଟ, ସକାଳ ୯ଟା ୩୦।
- ଅସ୍ପୃଶ୍ୟ ଦଳିତ ସଂରକ୍ଷଣ ସୁରକ୍ଷା ସମିତି, ଓଡ଼ିଶାର ବାର୍ଷିକ ସମ୍ମିଳନୀ, ବୁଦ୍ଧ ମନ୍ଦିର, ୟୁନିଟ୍-୯, ପୂର୍ବାହ୍ନ ୧୧ଟା ୩୦।
- ୭ମ ମେଗା ହ୍ୟାଣ୍ଡଲୁମ୍ ଫେବ୍ ମେଳା, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୫ଟା।
- ବ୍ରଜ ଜ୍ୟୋତ୍ସ୍ନା କ୍ରିଏଶନ ପକ୍ଷରୁ ଲେଖା-ଲେଖକ-ବୈଠକ ଓ ପୁସ୍ତକ ଲୋକାର୍ପଣ ଉତ୍ସବ, ବୁଦ୍ଧ ମନ୍ଦିର, ଅପରାହ୍ନ ୫ଟା ୩୦।
- ଲୋୟଲା ସ୍କୁଲ ପକ୍ଷରୁ ବାର୍ଷିକ ସ୍କାଉଟ୍‌ସ ଆଣ୍ଡ ଗାଇଡ୍‌ସ କ୍ୟାମ୍ପ ଉଦ୍‌ଘାଟନ, ସ୍କୁଲ ପରିସର, ସନ୍ଧ୍ୟା ୬ଟା ୩୦।
- ମାରିଆ ମଣ୍ଟେଶ୍ୱରୀ ସ୍କୁଲ ଅଫ୍ ଲିଟିଲ ଆଞ୍ଜେଲ୍‌ସର ବାର୍ଷିକ ଉତ୍ସବ, ସ୍କୁଲ ପରିସର, ସୂର୍ଯ୍ୟନଗର, ୟୁନିଟ୍-୭, ସନ୍ଧ୍ୟା ୬ଟା ୩୦।
- ରେନାନ୍‌ସା ୟୁନିଭର୍ସାଲ୍, ୧୦୭, ଓମ୍ ଭିଲ୍ଲା, ଶ୍ରୀବିହାର, ପଟିଆ, ସନ୍ଧ୍ୟା ୬ଟା ୩୦।

କଟକ

- କେସିଏସ୍ ଫାଉଣ୍ଡେଶନ ପକ୍ଷରୁ କାର୍ତ୍ତିକ ଚନ୍ଦ୍ର ସାହୁ ପ୍ରତିଭା ସମ୍ମାନ ପ୍ରଦାନ ସମାରୋହ, ଶଶିକଳା ପ୍ୟାଲେସ୍, ମାଛୁଆ ବଜାର, ଅପରାହ୍ନ ୫ଟା।

ବାଲିଅନ୍ତା

- ଶ୍ରୀଜଗନ୍ନାଥଙ୍କ ନବନିର୍ମିତ ମନ୍ଦିର ଓ ମା' ଲକ୍ଷ୍ମୀଙ୍କ ବିଗ୍ରହ ଓ ସିଂହାସନ ପ୍ରତିଷ୍ଠା, କୋଟକଣାସ୍ଥିତ ମନ୍ଦିର ପରିସର, ପୂର୍ବାହ୍ନ ୧୧ଟା।

# ଓଡ଼ିଆ ଭାଷା ଆମର ସର୍ବୋତ୍କୃଷ୍ଟ ପରିଚୟ

**ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ**

ଭୁବନେଶ୍ୱର,୧୧।୩(ବ୍ୟୁରୋ)

ଓଡ଼ିଆ ଭାଷା ଓଡ଼ିଆମାନଙ୍କର ଆତ୍ମା। ଏହା ହେଉଛି ଆମ ପୂର୍ବପୁରୁଷ ଭେଟି ଦେଇଥିବା ସର୍ବୋତ୍କୃଷ୍ଟ ପରିଚୟ। ଆମ ଭାଷାକୁ ବଞ୍ଚାଇ ରଖିବା ଆମମାନଙ୍କର ଉତ୍ତରଦାୟିତ୍ୱ। ଆମେମାନେ ଚାହିଁଲେ ହିଁ ଓଡ଼ିଆ ଭାଷା ତିଷ୍ଠି ରହିପାରିବ। ଏହାକୁ ସୁରକ୍ଷା ଦେବା ସହ ଏହାର ପ୍ରଚାରପ୍ରସାର କରିବା ଆବଶ୍ୟକ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ଶନିବାର ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ ଅବସରରେ 'ଐତିହାସିକ ଦୃଷ୍ଟିକୋଣରୁ ଶାସ୍ତ୍ରୀୟ ଓଡ଼ିଆ' ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କହିଲେ, ଓଡ଼ିଆ ଲିପି ଭିତରେ ଚକାନୟନଙ୍କୁ ଦେଖିହୁଏ। ଏହି ଲିପିର ସମାହାରରେ ଓଡ଼ିଆ ଭାଷାର ସୃଷ୍ଟି। ଯେଉଁଥିରେ ରହିଛି ସ୍ୱୟଂ ମହାପ୍ରଭୁ ଜଗନ୍ନାଥଙ୍କ ଉପସ୍ଥିତି। କୃଷ୍ଣଙ୍କ ବଂଶୀରୁ ଭାଷାର ସୃଷ୍ଟି। ଭାଷା କେବଳ ମଣିଷର ଅସ୍ମିତା ନୁହେଁ, ଏହା ହୃଦୟକୁ ହୃଦୟ ସହ ଯୋଡ଼ି ନଦୀ ଓ ଆକାଶ ଭଳି, ଭାଷାର ବି ସୀମା ସରହଦ ନ ଥାଏ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି।

ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଔପନ୍ୟାସିକା ପ୍ରତିଭା ରାୟ ଯୋଗଦେଇ କହିଲେ, ଭାଷା ଓ ଅଗ୍ନି ହେଉଛି ମଣିଷର ଦୁଇଟି ବିସ୍ମୟକର ଆବିଷ୍କାର। ଭାଷା ବିନା ସାହିତ୍ୟ ଓ ସଂସ୍କୃତି ବିଷୟରେ ଚିନ୍ତା କରାଯାଇପାରେନା ବୋଲି ଡ. ରାୟ ମତପୋଷଣ କରିଥିଲେ। ଏହି ଅବସରରେ ଓଡ଼ିଆ ଭାଷାକୁ ଅବଦାନ ପାଇଁ ବିଶିଷ୍ଟ ଭାଷାବିତ୍ ଦେବୀପ୍ରସନ୍ନ ପଟ୍ଟନାୟକ, ପ୍ରଫେସର ବି. ଏନ୍. ପଟ୍ଟନାୟକ, ପ୍ରଫେସର ଡି. ଜି. ରାଓ ଏବଂ ପ୍ରଶାସନିକ ଅଧିକାରୀ ମନୋରଞ୍ଜନ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ସ୍ମରଣିକାକୁ ରାଜ୍ୟପାଳ ଓ ଅନ୍ୟ ଅତିଥିମାନେ ଉନ୍ମୋଚନ କରିଥିଲେ। ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ ବସନ୍ତ ପଣ୍ଡା ପ୍ରାରମ୍ଭିକ ସୂଚନା ଓ ପ୍ରଫେସର ଶୈଳେନ୍ଦ୍ର ମୋହନ ସ୍ୱାଗତ ଭାଷଣ ଦେଇଥିଲେ। ସିଆଇଆଇଏଲ୍‌ର ଶାସ୍ତ୍ରୀୟ ଭାଷା ମୁଖ୍ୟ ପ୍ରଫେସର ସି. ଭି. ଶିବରାମାକ୍ରିଷ୍ଣା ଧନ୍ୟବାଦ ଦେଇଥିଲେ। ଭାଷାବିତ୍ ଦେବାଶିଷ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ସ୍ମରଣିକାକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ଗାୟତ୍ରୀବାଳା ପଣ୍ଡା ପାଇଲେ 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର'

ଭୁବନେଶ୍ୱର,୧୧।୩(ବ୍ୟୁରୋ)

ବିଶିଷ୍ଟ ଓଡ଼ିଆ କବି ଡ. ଗାୟତ୍ରୀବାଳା ପଣ୍ଡାଙ୍କୁ ମିଳିଛି ୨୦୨୨ ବର୍ଷ ପାଇଁ 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର'। କବିତା ପୁସ୍ତକ 'ଦୟାନଦୀ' ପାଇଁ ସେ ଏହି ଜାତୀୟ ପୁରସ୍କାର ପାଇଛନ୍ତି। ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏକାଡେମୀର ନବନିର୍ବାଚିତ ସଭାପତି ମାଧବ କୌଶିକ ଡ. ପଣ୍ଡାଙ୍କୁ ପୁରସ୍କାର ସ୍ୱରୂପ ୧ଲକ୍ଷ ଟଙ୍କାର ଅର୍ଥରାଶି ଓ ତାମ୍ର ଫଳକ ପ୍ରଦାନ କରିଛନ୍ତି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଇଣ୍ଡୋ-ଇଂଲିଶ ଲେଖକ ଉପମନ୍ୟୁ ଚାଟାର୍ଜୀ, କେନ୍ଦ୍ର ସାହିତ୍ୟ ଏକାଡେମୀ ସଚିବ କେ. ଶ୍ରୀନିବାସ ରାଓ ଓ ଉପସଭାପତି ବିଶିଷ୍ଟ ସାହିତ୍ୟିକା କୁମୁଦ୍ ଶର୍ମା ଉପସ୍ଥିତ ଥିଲେ। ଏହି ଅବସରରେ ଏକାଡେମୀ ପକ୍ଷରୁ ୬ଦିନିଆ ସାହିତ୍ୟ ଉତ୍ସବ 'ଫେଷ୍ଟିଭାଲ ଅଫ ଲେଟର୍ସ' ଆରମ୍ଭ ହୋଇଛି। ପୁରସ୍କାର ଗ୍ରହଣ କରି ଡ. ପଣ୍ଡା କହିଛନ୍ତି, ୨୦୧୭ ମସିହାରେ ପକ୍ଷୀଘର ପ୍ରକାଶନୀ ସଂସ୍ଥା ଦ୍ୱାରା ପ୍ରକାଶିତ 'ଦୟାନଦୀ' କଳିଙ୍ଗ ଯୁଦ୍ଧ ଉପରେ ଆଧାରିତ। ପୁସ୍ତକରେ ସ୍ଥାନ ପାଇଥିବା କବିତା ସବୁ ଇତିହାସର କୌଣସି ତାତ୍ତ୍ୱିକ ଆଲୋଚନା ବା କାବ୍ୟରୂପ ନୁହେଁ; ଏହା ଐତିହାସିକ ଦୟା ନଦୀରେ ନୌଯାତ୍ରାର କାବ୍ୟିକ ସମ୍ବେଦନା। କଳିଙ୍ଗ ଯୁଦ୍ଧର ଏକମାତ୍ର ସାକ୍ଷୀ ହେଉଛି ଦୟାନଦୀ, ଯାହା ଏବେ ବି ରହିଛି। ଶାନ୍ତି, ପ୍ରୀତି ଓ ମୈତ୍ରୀର ଜୟଗାନ କରୁଛି ବୋଲି ଗାୟତ୍ରୀବାଳା କହିଛନ୍ତି। ପୂର୍ବରୁ ଗାୟତ୍ରୀବାଳା ୨୦୧୧ରେ କବିତା ସଂକଳନ 'ଗାଁ' ପାଇଁ ପ୍ରଥମେ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପାଇଥିଲେ। ଏହାବ୍ୟତୀତ ସେ ରାଜ୍ୟ ଯୁବ ପୁରସ୍କାର, ରାଜୀବ ଗାନ୍ଧୀ ସଦ୍‌ଭାବନା ପୁରସ୍କାର, ଉତ୍କଳ ସାହିତ୍ୟ ସମାଜ ଯୁବ ସାହିତ୍ୟିକ ସମ୍ମାନ, ଶାରଳା କାବ୍ୟ ସମ୍ମାନ ପ୍ରମୁଖ ମଧ୍ୟ ପାଇଛନ୍ତି।



ଡ. ଗାୟତ୍ରୀବାଳା ପଣ୍ଡା 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର' ଗ୍ରହଣ କରୁଛନ୍ତି।

# ୧୮ଦିନରେ କୃଷକ ସାଥୀ ସଂଘର ଧାରଣା

**୧୪ରେ ମୁଖ୍ୟ ସଚିବଙ୍କ ସହ ଆଲୋଚନା**

ଭୁବନେଶ୍ୱର,୧୧।୩(ବ୍ୟୁରୋ)

କୃଷି ଓ କୃଷକର ବିକାଶ ପାଇଁ ୭ ଦଫା ନେଇ ଲୋୟର ପିଏମ୍‌ଜିରେ ଓଡ଼ିଶା କୃଷକ ସାଥୀ ସଂଘ ପକ୍ଷରୁ ଦିଆଯାଇଥିବା ଧାରଣା ୧୮ ଦିନରେ ପହଞ୍ଚିଛି। ୧୨ ତାରିଖ ପର୍ଯ୍ୟନ୍ତ ଧାରଣା ଜାରିରହିବ ବୋଲି ସଂଘ ନିଷ୍ପତ୍ତି ନେଇଥିବା ବେଳେ ୧୪ ତାରିଖରେ ସଂଘର ପ୍ରତିନିଧି ଦଳ ସହ ମୁଖ୍ୟ ଶାସନ ସଚିବ ଆଲୋଚନା କରିବେ ବୋଲି ସୂଚନା ମିଳିଛି। କୃଷି ବିଭାଗରେ କୃଷି କର୍ମଚାରୀର ମାନ୍ୟତା, କୁଶଳୀ ଶ୍ରମିକ ହାରରେ ମାସିକ ମଜୁରି, ପିଏଫ୍, ଇଏସ୍‌ଆଇ ସହ ସାମାଜିକ ସୁରକ୍ଷା ଆଦି ଦାବି ରହିଛି। ସେହିପରି କାର୍ଯ୍ୟରତ କୃଷକ ସାଥୀଙ୍କ ମୃତ୍ୟୁ ପରେ ଅଗ୍ରାଧିକାର ଭିତ୍ତିରେ ପରିବାର ସଦସ୍ୟଙ୍କୁ ନିଯୁକ୍ତି, କୃଷିଭିତ୍ତିକ ଉନ୍ନୟନ କାର୍ଯ୍ୟରେ ଏନ୍‌ଜିଓ ପରିବର୍ତ୍ତେ କୃଷକ ସାଥୀମାନଙ୍କୁ ନିୟୋଜିତ କରିବା ଦାବି ରହିଛି। ତେବେ ବୁଧବାର ଲୋକସେବା ଭବନରେ ଆୟୋଜିତ ବୈଠକରେ ଆଲୋଚନା ପରେ ସଂଘ ପକ୍ଷରୁ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ସଂଘର ସଭାପତି ଅମୂଲ୍ୟ କର ସୂଚନା ଦେଇଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅଭିଜିତ୍


@ ଗୋପାଳ


@ ସଗୁନ୍


@ ସନ୍ତୋଷ


@ ପୁମା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ୨୮ରେ ନୂଆଦିଲ୍ଲୀରେ ବିକ୍ଷୋଭ କରିବେ ଅଙ୍ଗନୱାଡି କର୍ମୀ

ଭୁବନେଶ୍ୱର,୧୧।୩(ବ୍ୟୁରୋ)

ଆସନ୍ତା ୨୮ ତାରିଖରେ ନୂଆଦିଲ୍ଲୀରେ ବିକ୍ଷୋଭ କରିବେ ଅଙ୍ଗନୱାଡି କର୍ମୀ। ଏ ନେଇ ଶନିବାର ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ସଂଘର ରାଜ୍ୟ କମିଟି ପକ୍ଷରୁ କମ୍ରେଡ ଅଶୋକ ଦାଶଙ୍କ ଅଧ୍ୟକ୍ଷତାରେ ଲୋହିଆ ଏକାଡେମୀରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଅଙ୍ଗନୱାଡି କର୍ମୀଙ୍କ ପ୍ରତି ସରକାରଙ୍କ ଅଣଦେଖାକୁ ନେଇ କ୍ଷୋଭ ପ୍ରକାଶ ପାଇଥିଲା। ସଂଘର ସାଧାରଣ ସମ୍ପାଦିକା ହରପ୍ରିୟା ସ୍ୱାଇଁ କହିଲେ, ମହିଳାଙ୍କଠାରୁ ଭୋଟ୍ ନେବାର ପ୍ରଲୋଭନ ଦେଖାଇ ବିଭିନ୍ନ ପ୍ରତିଶ୍ରୁତି ଦେଉଥିଲେ ମଧ ପ୍ରକୃତ ପକ୍ଷେ ସରକାର ରାଜ୍ୟର ୩ ଲକ୍ଷରୁ ଅଧିକ କର୍ମଜୀବୀ ମହିଳା ସ୍କିମ୍ ୱାର୍କରଙ୍କୁ ଶୋଷଣ କରୁଛନ୍ତି। ଗତ ୯ ତାରିଖରେ ଓଡ଼ିଶା ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ହୋଇଥିବା ବୈଠକରେ ଭତ୍ତା ବୃଦ୍ଧି ଓ ଏସ୍‌ଏନ୍‌ପିର ଦର ସଂଶୋଧନ ନେଇ ସକାରାତ୍ମକ ଆଲୋଚନା ହୋଇଥିବାରୁ ଅଙ୍ଗନୱାଡ଼ି କର୍ମଚାରୀ ୟୁନିୟନ୍ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ଆସନ୍ତା ୧୩ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ହେବାକୁ ଥିବା ଗଣଧାରଣା ସ୍ଥଗିତ ରଖାଯାଇଛି। ପ୍ରତିଶ୍ରୁତି ଶୀଘ୍ର କାର୍ଯ୍ୟକାରୀ ନ ହେଲେ ସଂଘ ଆହୁରି ଶକ୍ତିଶାଳୀ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ୨୮ ତାରିଖରେ ନୂଆଦିଲ୍ଲୀ ଅଭିଯାନରେ ଓଡ଼ିଶାରୁ ବହୁ ସଂଖ୍ୟକ ଅଙ୍ଗନୱାଡ଼ି କର୍ମୀ, ମିନି ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ଯୋଗଦେବେ। ସମସ୍ତ ସ୍କିମ୍ ୱାର୍କରଙ୍କୁ ୱାର୍କର ମାନ୍ୟତା, ମାସିକ ସର୍ବନିମ୍ନ ୨୬ ହଜାର ଟଙ୍କା ଭତ୍ତା ଓ ସମସ୍ତ ସାମାଜିକ ନିରାପତ୍ତା ପ୍ରଦାନ ଦାବି କରାଯିବ। ସଂଘର କାର୍ଯ୍ୟକାରୀ ସଭାପତି ବିଜୟ ଜେନା, ରାଜ୍ୟ ସମ୍ପାଦକ ଜୟନ୍ତ ଦାସ, ସମ୍ପାଦିକା ବିଷ୍ଣୁପ୍ରିୟା ଜେନା, ପ୍ରତିଭା ପାଲ, ସ୍ୱର୍ଣ୍ଣଲତା ପ୍ରଧାନ ବୈଠକରେ ଉପସ୍ଥିତ ଥିଲେ।

# ୩ ଆହତଙ୍କୁ ୫୦ ହଜାର ଲେଖାଏ ଦେବାକୁ ଓଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

**ବିଦ୍ୟୁତ୍ ଟ୍ରାନ୍ସଫର୍ମର ବିସ୍ଫୋରଣ ଘଟଣା**

ଭୁବନେଶ୍ୱର,୧୧।୩(ବ୍ୟୁରୋ)

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଓମ୍‌ଫେଡ୍ ଛକ ନିକଟ ରେଳ ସଦନ ପାଚେରିକୁ ଲାଗି ଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବିସ୍ଫୋରଣ ଘଟଣାରେ ୩ଜଣ ଆହତଙ୍କୁ ୫୦ ହଜାର ଲେଖାଏ କ୍ଷତିପୂରଣ ରାଶି ମିଳିବ। ଏହି ମାମଲାର ଶୁଣାଣି କରି ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି) ଶନିବାର ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱରେ ଥିବା ଟାଟା କମ୍ପାନୀକୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ବିସ୍ଫୋରଣରେ ଗୁରୁତର ଆହତ ହୋଇଥିବା ଜଳଖିଆ ଦୋକାନୀ ବିଜୟ ବେହେରା, ତାଙ୍କ ପୁଅ ଆଶୁତୋଷ ଓ କର୍ମଚାରୀ ଗୌତମ ନାୟକଙ୍କୁ କ୍ଷତିପୂରଣ ରାଶି ଦେବାକୁ କମିଶନ ଟାଟା କମ୍ପାନୀର ରାଜ୍ୟ ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କୁ ସୁପାରିସ କରିଛନ୍ତି। ସୂଚନାଯୋଗ୍ୟ, ୨୦୨୧ ମାର୍ଚ୍ଚ ୧୭ ସକାଳେ ବିଜୟ ତାଙ୍କ ଜଳଖିଆ ଦୋକାନରେ କାମ କରୁଥିବାବେଳେ ତାଙ୍କ ପୁଅଙ୍କ ସମେତ କର୍ମଚାରୀ ଗୌତମ ନାୟକ ଓ ସନ୍ତୋଷ ନାୟକ ମଧ୍ୟ ସେଠାରେ ଥିଲେ। ଏହି ସମୟରେ ନିକଟରେ ଥିବା ଟ୍ରାନ୍ସଫର୍ମରଟି ଜଳିଉଠିବା ସହ ଭୟଙ୍କର ବିସ୍ଫୋରଣ ହୋଇଥିଲା। ଫଳରେ ବିଜୟଙ୍କ ସମେତ ୪ଜଣ ଟ୍ରାନ୍ସଫର୍ମର ନିଆଁରେ ଜଳି ଯାଇଥିଲେ। ବାପା ଓ ପୁଅ ସମେତ କର୍ମଚାରୀ ଗୌତମ ଗୁରୁତର ଆହତ ହୋଇ ଦୀର୍ଘଦିନ ପରେ ସୁସ୍ଥ ହୋଇଥିଲେ। ଏହି ଘଟଣାରେ ଥାନା ପକ୍ଷରୁ ଏକ ମାମଲା (ନଂ.୧୫୩/୨୦୨୧) ରୁଜୁ କରି ତଦନ୍ତ ଆରମ୍ଭ ହୋଇଥିଲା। ଏଥିସହ ମାନବାଧିକାରୀ କର୍ମୀ ପ୍ରଦୀପ୍ତ ନାୟକ କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। କମିଶନଙ୍କ ପକ୍ଷରୁ ଏନେଇ ଟାଟା କମ୍ପାନୀକୁ ନୋଟିସ୍ କରାଯାଇଥିଲେ ମଧ କମ୍ପାନୀ ପକ୍ଷରୁ କୌଣସି ଉତ୍ତର ଦିଆଯାଇ ନ ଥିଲା।

# ରାଜପଥରେ ଜଳିଗଲା ହାଇୱା



ଖୋର୍ଦ୍ଧା ଅଫିସ,୧୧।୩

ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥର ଗଡ଼ଖୋର୍ଦ୍ଧା ନିକଟରେ ଏକ ଚଳନ୍ତା ହାଇୱାରେ ଅଗ୍ନିକାଣ୍ଡ ଘଟିଛି। ଫଳରେ ଗାଡ଼ିର ସମ୍ମୁଖ ଭାଗ କ୍ୟାବିନ ଜଳିଯାଇଛି। ଅଗ୍ନିଶମ ସେବାସଂସ୍ଥା କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିରେ କେହି ମୃତାହତ ହୋଇ ନ ଥିବା ବେଳେ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ସୂଚନା ମୁତାବକ, ଅପରାହ୍ନ ପ୍ରାୟ ୪ଟାରେ ନିଜିଗଡ଼ ତାପଙ୍ଗରୁ ଏକ ହାଇୱା(ଓଡି୦୨-ବିଜି-୧୪୪୭) ଚିପ୍‌ସ ନେଇ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ଗାଡ଼ିରେ ଡ୍ରାଇଭରଙ୍କୁ ମିଶାଇ ଦୁଇଜଣ ଥିଲେ। ଗଡ଼ଖୋର୍ଦ୍ଧା ଛକ ନିକଟରେ ହଠାତ୍ ଗାଡ଼ିରେ ନିଆଁ ଲାଗିଯାଇଥିଲା। ଡ୍ରାଇଭର କୌଶଳକ୍ରମେ ଗାଡ଼ିକୁ ରାସ୍ତାର ଡିଭାଇଡର ପାର୍ଶ୍ୱରେ ରଖିବା ପରେ ଓହ୍ଲାଇ ପଡ଼ିଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କିଛି ସମୟ ପାଇଁ ରାଜପଥରେ ଯାନବାହନ ଚଳାଚଳ ପ୍ରଭାବିତ ହୋଇଥିଲା। ଖୋର୍ଦ୍ଧା ଶିଳ୍ପାଞ୍ଚଳ ଓ ହାଇୱେ ପାଟ୍ରୋଲିଂ ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ।


ଭୁବନେଶ୍ୱର ରସୁଲଗଡଠାରେ ଆରମ୍ଭ ହୋଇଥିବା ଶ୍ରୀଶ୍ରୀ ଗୋପୀନାଥ ଦେବଙ୍କ ପଞ୍ଚଦୋଳ ମେଳଣରେ ବିଭିନ୍ନ ଅଞ୍ଚଳରୁ ବିମାନରେ ଆସିଥିବା ଠାକୁର ନିଜ ଆସ୍ଥାନରେ ପୂଜା ପାଉଛନ୍ତି।



ପୁରୀ ସମାହାର ଗ୍ରାମରେ ଅନୁଷ୍ଠିତ ଦୋଳ ମେଳଣରେ ସମବେତ ଗ୍ରାମ ଦେବତାମାନେ।

**ଜାତୀୟ ନାରୀ ଚିତ୍ରଶିଳ୍ପୀ ଶିବିର ଉଦ୍‌ଯାପିତ**

ଭୁବନେଶ୍ୱର,(ବ୍ୟୁରୋ)- ଓଡ଼ିଶା ଲଳିତ କଳା ଏକାଡେମୀ ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା କୋଣାର୍କଠାରେ ଚାଲିଥିବା ୪ଦିନିଆ ଜାତୀୟ ନାରୀ ଚିତ୍ରଶିଳ୍ପୀ ଶିବିର ଉଦ୍‌ଯାପିତ ହୋଇଯାଇଛି। ପୁରୀ ଅତିରିକ୍ତ ଜିଲାପାଳ କୈଳାସ ଚନ୍ଦ୍ର ନାୟକ, ଉପଜିଲାପାଳ ଭବତରଣ ସାହୁ, ଏକାଡେମୀ ସଭାପତି ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଅତିଥି ରୂପେ ଯୋଗଦେଇଥିଲେ। ଏକାଡେମୀ ସଚିବ ପଞ୍ଚାନନ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଂଶଗ୍ରହଣ କରିଥିବା ୧୯ଜଣ ନାରୀ ଶିଳ୍ପୀଙ୍କୁ ମାନପତ୍ର, ଉତ୍ତରୀୟ ଓ ୨୫ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### 'ମାଧମ' ଜରିଆରେ ୧୪ ମାମଲା ସମାଧାନ

ଭୁବନେଶ୍ୱର,୧୧।୩(ବ୍ୟୁରୋ) ଭୁବନେଶ୍ୱରସ୍ଥିତ ଡିସିପିଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ମହିଳା ସହଯୋଗ କେନ୍ଦ୍ର 'ମାଧମ' ଦ୍ୱାରା ପ୍ରତିମାସ ଏକାଧିକ ମାମଲାର ସମାଧାନ କରାଯାଉଛି। ଗତ ଫେବୃୟାରୀରେ ଏହି କେନ୍ଦ୍ରରେ ସମୁଦାୟ ୧୮ଟି ଅଭିଯୋଗ ପଞ୍ଜୀକରଣ କରାଯାଇଥିବା ବେଳେ ସେଥିମଧ୍ୟରୁ ୧୪ଟି ଆପୋସ ସମାଧାନ କରାଯାଇଛି। ସେହିପରି ୨ଜଣ ମହିଳାଙ୍କୁ ଡାକ୍ତରୀ ସହାୟତା ଯୋଗାଇ ଦିଆଯାଇଥିବା ବେଳେ ଅନ୍ୟ ୨ଜଣଙ୍କୁ ଆଇନଗତ ସହାୟତା ଯୋଗାଇ ଦିଆଯାଇଛି। ଏଥିସହ ୨ଜଣଙ୍କ କ୍ଷେତ୍ରରେ ସେମାନଙ୍କ ଥାନାରେ ମାମଲା ରୁଜୁ ଲାଗି ପରାମର୍ଶ ଦିଆଯାଇଥିବା ଶନିବାର କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୧୪ ସେପ୍ଟେମ୍ବର ୩ରେ କାର୍ଯ୍ୟ ଆରମ୍ଭ କରିଥିବା 'ମାଧମ' ପରିବାର ସମାଜ ତଥା କାର୍ଯ୍ୟସ୍ଥଳୀରେ ଶାରୀରିକ, ମାନସିକ ଓ ସାମାଜିକ ନିର୍ଯାତନା, ଘରୋଇ ହିଂସା, ଯୌନ ନିର୍ଯାତନା, ମହିଳା ଚାଲାଣ, ବାଲ୍ୟ ବିବାହ, ଏସିଡ୍ ଆକ୍ରମଣର ଶିକାର ହେଉଥିବା ପୀଡ଼ିତାଙ୍କୁ ସୁରକ୍ଷା ଦେବା ସହ ଉଚିତ ପରାମର୍ଶ ଦେଇ ସେମାନଙ୍କ ମଧ୍ୟରେ ସକାରାତ୍ମକ ମନୋଭାବ ସୃଷ୍ଟି କରିବା ଦିଗରେ ପ୍ରୟାସ ଜାରିରଖିଛି। ଡିସିପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସଂସ୍ଥା କାର୍ଯ୍ୟକରିବା ସହ ପୀଡ଼ିତା ମହିଳାମାନଙ୍କୁ ସୁରକ୍ଷା ଯୋଗାଇବା ଲାଗି ଆବଶ୍ୟକୀୟ ସହଯୋଗ, ପରାମର୍ଶ, ଡାକ୍ତରୀ ସହାୟତା ଓ ନ୍ୟାୟ ପ୍ରଦାନ ଲାଗି ପ୍ରଚେଷ୍ଟା ଚାଲୁରଖିଛି। ଯେଉଁ ମହିଳାମାନେ ଥାନା କିମ୍ବା କୋର୍ଟକୁ ନ ଯାଇ ସେମାନଙ୍କ ସମସ୍ୟାର ଆପୋସ ସମାଧାନ ଚାହୁଁଛନ୍ତି 'ମାଧମ' ସେମାନଙ୍କର ସମସ୍ୟା ବୁଝି ସମାଧାନ କରି ଅନେକ ସଫଳତା ପାଇଛି ବୋଲି କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି।

### ନୂତନ ପାଞ୍ଜି ପଢ଼ିଲେ, ବିଶ୍ୱର କଲ୍ୟାଣ ମନାସିଲେ

ପୁରୁଣା ଭୁବନେଶ୍ୱର,୧୧।୩(ଡି.ଏନ୍.ଏ.): ସ୍ଥାନୀୟ ଭୀମେଶ୍ୱର ମନ୍ଦିର ପରିସରରେ ପୂଜା ପାଉଥିବା ରାଧାକୃଷ୍ଣ ମନ୍ଦିରରେ ଗତବର୍ଷ ଭଳି ଚଳିତବର୍ଷ ନୂତନ ପାଞ୍ଜି ପଠନ କରିଛନ୍ତି ପୂଜକ ଚୌଧୁରୀ ଦେବ ପ୍ରସାଦ ଦାଶ। ଏହାକୁ ଶୁଣୁଥିବା ଶ୍ରଦ୍ଧାଳୁ ବିଶ୍ୱର କଲ୍ୟାଣ ପାଇଁ ଠାକୁରଙ୍କ ନିକଟରେ ଶୁଭ ମନାସିଥିଲେ। ୩ ଦିନ ଧରି ରାଧାକୃଷ୍ଣ ଦେବ କଲୋନୀରେ ଚାଚେରୀ ଭୋଗ ଖାଇଥିଲେ। ଦୋଳ ଉତ୍ସବ ସହ ପାଞ୍ଜି ପଠନରେ ସମାପନ କରାଯାଇଥିଲା। ଶେଷରେ ଠାକୁରଙ୍କୁ ଝୁଲଣାରେ ହାକେରା ମୁଆଁ ଲାଗି ହେବା ପରେ ପାଞ୍ଜି ପଠନ ଶେଷ ହୋଇଥିଲା। ପଦ୍ମନାଭ ଷଡ଼ଙ୍ଗୀ, ମାନସ ପଟ୍ଟନାୟକ, ଶିବନାରାୟଣ ରାୟ ଉପସ୍ଥିତ ଥିଲେ।

# ରାସ୍ତା ପାଇଁ ଗଛ ବଳି

**ବଡ଼ଗଡ଼ ବ୍ରିଟ୍ ରାସ୍ତାରୁ କଟାଯାଉଛି ବହୁ ପୁରୁଣା ଗଛ**

ଭୁବନେଶ୍ୱର, ୧୧।୩ (ବ୍ୟୁରୋ)

ଉନ୍ନୟନମୂଳକ କାର୍ଯ୍ୟପାଇଁ ରାଜଧାନୀ ଭୁବନେଶ୍ୱରରେ ଗଛକଟା ଚାଲିଛି। ୫୦ ବର୍ଷରୁ ଊର୍ଦ୍ଧ୍ୱ ବିଶାଳକାୟ ଗଛକୁ କାଟି ପଦା କରି ଦିଆଯାଉଛି। ସବୁଜ ସହର ଭୁବନେଶ୍ୱର ଏବେ କଂକ୍ରିଟ ସହରରେ ପରିଣତ ହୋଇସାରିଲାଣି। ଯୁଆଡେ ଚାହିଁବ ଖାଲି ଉଚ୍ଚ ଅଟ୍ଟାଳିକା, କଂକ୍ରିଟ୍ ରାସ୍ତାଘାଟ। ସହରର କାଁ ଭାଁ ସ୍ଥାନରେ ଗଛ ଥିବାବେଳେ ସେଗୁଡ଼ିକୁ ମଧ୍ୟ କାଟି ଦିଆଯାଉଛି। ସହରୀ ସଭ୍ୟତା ପାଇଁ ନିରୀହ ଗଛ ବଳି ପଡୁଛନ୍ତି। ଫଳରେ ଉତ୍ତପ୍ତ ସହରରେ ପରିଣତ ହେବାରେ ଲାଗିଛି ଭୁବନେଶ୍ୱର। ମାର୍ଚ୍ଚ ଆରମ୍ଭରୁ ତାପମାତ୍ର ୩୮ ଡିଗ୍ରୀ ଟପିଲାଣି। ରାସ୍ତା ପ୍ରଶସ୍ତୀକରଣ ପାଇଁ ଗତ ୭ ଦିନରୁ ଊର୍ଦ୍ଧ୍ୱ ହେବ ବଡ଼ଗଡ଼ ବ୍ରିଟ କଲୋନୀରେ ଗଛକଟା ଦୃଶ୍ୟ ସ୍ଥାନୀୟ ପରିବେଶବିତ୍ ଓ ଜନସାଧାରଣଙ୍କୁ କଷ୍ଟ ଦେଉଛି। ପୂର୍ତ୍ତ ବିଭାଗ ଦ୍ୱାରା ରାସ୍ତାର ବିକାଶ କରାଯିବା ସହ ୨ଥାକିଆ କରାଯିବାକୁ ବ୍ୟବସ୍ଥା ହୋଇଛି, ଯାହା ବଡ଼ଗଡ଼ ଛକରୁ ସାଇମନ୍ଦିର ଛକ ଯାଏ ସଂଯୋଗ କରିବ। ଏଥିପାଇଁ ପୂର୍ବରୁ ଟିମ୍ ପ୍ରାଇଡ୍ ପକ୍ଷରୁ ସେଠାରେ ଜବରଦଖଲ ହଟାଯାଇଥିଲା।



ମାତ୍ର ଜବରଦଖଲ ହଟିବା ପରେ ମଧ୍ୟ ରାସ୍ତା ପ୍ରଶସ୍ତୀକରଣରେ ଗଛ ବାଧା ସୃଷ୍ଟି କରୁଥିବାରୁ ଏଗୁଡ଼ିକୁ କାଟି ଦିଆଯାଉଛି। ଏହାକୁ ନେଇ ଜନଅସନ୍ତୋଷ ପ୍ରକାଶ ପାଇଛି। ସୁରେନ୍ଦ୍ର ଜେନାଙ୍କ ସମେତ ସ୍ଥାନୀୟ ବାସିନ୍ଦା ଏହି ଗଛକଟାକୁ ବିରୋଧ କରିଛନ୍ତି। ସେ କହିଛନ୍ତି, ଫେବୃୟାରୀରୁ ରାଜଧାନୀ ଭୁବନେଶ୍ୱରରେ ତାତି ୩୮ ଡିଗ୍ରୀ ଛୁଇଁଛି। ଆଗକୁ ଏପ୍ରିଲ-ମେ' ମାସରେ ପ୍ରବଳ ଖରା ଅନୁଭୂତ ହେବ। ଉନ୍ନତୀକରଣ ନାମରେ ବିଏମସି ଓ ଅନ୍ୟ ବିଭାଗ ଯେପରି ଗଛ କାଟୁଛି ଭୁବନେଶ୍ୱର ତାପମାତ୍ରା ୫୦ ଡିଗ୍ରୀ ପାର କରିବା କିଛି ବଡ଼କଥା ନୁହେଁ। ସେହିପରି ସ୍ଥାନୀୟ ବାସିନ୍ଦା ସାଗରିକା ମହାରଣା କହିଛନ୍ତି, ଘର ପାଖରେ ଗଛ ଥିଲା। ଖରାଦିନେ ପବନ ଆସିବା ସହିତ ଗଛ ଛାଇତଳେ ଲୋକମାନେ ସାହାରା ନେଉଥିଲେ। ମାତ୍ର ଏବେ ସବୁକୁ କାଟି ପଦା କରିଦିଆଯାଇଛି। ଏମିତି ଗଛ କାଟି ଚାଲିଲେ ତାପମାତ୍ରା ବଢ଼ିବା ସହ ଆଗକୁ ପରିବେଶ ସନ୍ତୁଳନ ବିଗିଡିଯିବ ବୋଲି ସେ କହିଛନ୍ତି। ସରକାରଙ୍କ ପକ୍ଷରୁ ଗଛ କାଟିବା ନେଇ ଏଯାବତ୍ ଦଣ୍ଡବିଧାନର ବ୍ୟବସ୍ଥା ହୋଇ ନ ଥିବାରୁ ସହରରେ ଥିବା ଗଛ ପ୍ରତି ବିପଦ ସୃଷ୍ଟି ହୋଇଛି। ରାଜଧାନୀକୁ ଲାଗି ଚନ୍ଦକା, ଓଏଫ୍‌ଡିସି ଓ ସିଟି ଫରେଷ୍ଟ ଡିଭିଜନ ରହିଛି। ବନ ବିଭାଗ ଉପରେ ବୃକ୍ଷରୋପଣ କରାଯିବା ସହିତ ଜଙ୍ଗଲ ସୃଷ୍ଟିର ଦାୟିତ୍ୱ ନ୍ୟସ୍ତ। ମାତ୍ର ଗତ କିଛିବର୍ଷର ପରିସଂଖ୍ୟାନକୁ ଅନୁଧ୍ୟାନ କଲେ ନୂତନ ଜଙ୍ଗଲ ସୃଷ୍ଟି କରିବାରେ ସରକାରୀ ସଂସ୍ଥାଗୁଡ଼ିକ ବିଫଳ ହୋଇଛନ୍ତି। ବନ ବିଭାଗର ଉକ୍ତ ତିନିଟି ସଂସ୍ଥା ମିଳିତ ଭାବେ ଯେତିକି ଗଛ ଲଗାଇଥିବା ଦାବି କରୁଛନ୍ତି, ସେଥିରୁ କେତେ ବଞ୍ଚୁଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଭୁବନେଶ୍ୱରର ପ୍ରମୁଖ ଅଞ୍ଚଳରେ ଏବେ ମାଟି ମୁଠେ ଖୋଜିଲେ ମିଳୁନାହିଁ। ଚାରିଆଡେ ବାଲି ସିମେଣ୍ଟ ଗଦା ହୋଇଥିବାବେଳେ ପାରଦ ଉପରମୁହାଁ ହେଉଛି। ଅପରପକ୍ଷେ ପୁରୁଣା ବଡ଼ ଗଛକୁ କାଟି ଫୁଲ ଗଛ ଏବଂ ଅନ୍ୟାନ୍ୟ ଶୋ' ଗଛ ଲଗାଇ ବିଏମ୍‌ସି ବାହାଃବା ନେବାକୁ ଚେଷ୍ଟା କରୁଛି।



ବଡ଼ଗଡ଼ ବ୍ରୀଟ୍ ରାସ୍ତା ପାର୍ଶ୍ୱରେ ଥିବା ବହୁ ବର୍ଷର ପୁରୁଣା ଗଛକୁ କାଟି ଦିଆଯାଇଛି।

# ଓଡ଼ିଆ ଭାଷା, ସାହିତ୍ୟକୁ ପାରଳାଖେମୁଣ୍ଡିର ଅବଦାନ ରହିଛି





ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ଶାସ୍ତ୍ରୀୟ ଓଡିଆ ଭାଷା ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଭୁବନେଶ୍ୱର,୧୧।୩(ବ୍ୟୁରୋ)

ଓଡ଼ିଆ ଭାଷା ପ୍ରତିଷ୍ଠାନ ଭୁବନେଶ୍ୱର ଏବଂ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ପାରଳାଖେମୁଣ୍ଡି ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଅଧ୍ୟାପକ ଡ. ଚନ୍ଦ୍ରଶେଖର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଓଡ଼ିଆ ଶାସ୍ତ୍ରୀୟତା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଡ. ବୈରାଗୀ ଚରଣ ପଟ୍ଟନାୟକ ଓଡ଼ିଆ ଭାଷା ଓ ସାହିତ୍ୟକୁ ପାରଳାଖେମୁଣ୍ଡିର ଅବଦାନ ରହିଥିବା କହିଥିଲେ। ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ଓ ପ୍ରଫେସର ଫଣୀନ୍ଦ୍ର ଭୂଷଣ ନନ୍ଦ ପାରଳାଖେମୁଣ୍ଡିର ସାହିତ୍ୟିକ ପରମ୍ପରା ଓ ଏହି ଦିବସ ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅଜୟ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଛାତ୍ରୀଛାତ୍ରଙ୍କୁ ନେଇ ଓଡ଼ିଆ ଭାଷାରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଡ. ବିଘ୍ନେଶ୍ୱର ମିଶ୍ର ଧନ୍ୟବାଦ ଦେଇଥିଲେ।

## ପେଟ୍ରୋଲ ପମ୍ପରେ ବୋମାମାଡ଼ ଘଟଣା, ଆଉ ଜଣେ ଗିରଫ

ଭୁବନେଶ୍ୱର,୧୧।୩(ବ୍ୟୁରୋ)

ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡ଼ା ପେଟ୍ରୋଲ ପମ୍ପରେ ତେଲ ପକାଇବାକୁ କେନ୍ଦ୍ରକରି ଗୁଳିମାଡ଼ ଘଟଣାରେ ଆଉ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଖାରବେଳନଗର ଥାନା ଅନ୍ତର୍ଗତ ରିକ୍ସା କଲୋନିରେ ରହୁଥିବା ନୟାଗଡ଼ ଜିଲା ଓଡ଼ଗାଁ ଥାନା ଅଞ୍ଚଳର ଟୁକୁନା ବେହେରା। ତାଙ୍କୁ ଶନିବାର କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ମନୋଜ ବେହେରାଙ୍କୁ ଦୁଇ ସପ୍ତାହ ତଳେ ଗିରଫ କରାଯାଇଥିଲଶ। ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ପୋଲିସ ପ୍ରୟାସ ଜାରିରଖିଛି। ୨୦୨୨ ମାର୍ଚ୍ଚ ୨୭ ତାରିଖ ରାତିରେ ଝାରପଡ଼ା ଗୋଲେଇ ଛକ ନିକଟ ଇଣ୍ଡିଆନ୍ ଅଏଲ ପେଟ୍ରୋଲ ପମ୍ପରେ ଗୁଳିମାଡ଼ ହୋଇଥିଲା। ଅଭିଯୋଗକାରୀ ସିପୁନ ଖୁଣ୍ଟିଆଙ୍କ ସାଙ୍ଗ ବିଶ୍ୱଜିତ ଗୁଳିମାଡ଼ରେ ଆହତ ହୋଇଥିଲେ। ଏନେଇ ପୋଲିସ ମାମଲା ନଂ.୧୩୪/୨୨ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ଲିଙ୍ଗଗତ ସମାନତାର ଆହ୍ୱାନ ଦିଏ ମହିଳା ଦିବସ





ସେଣ୍ଟ୍ରାଲ ହର୍ଟିକଲଚରାଲ ଏକ୍ସପେରିମେଣ୍ଟାଲ ଷ୍ଟେଶନରେ ଅନୁଷ୍ଠିତ ଅନ୍ତର୍ଜାତୀୟ ମହିଳା ଦିବସ।

ଭୁବନେଶ୍ୱର, ୧୧।୩ (ବ୍ୟୁରୋ)

ଅନ୍ତର୍ଜାତୀୟ ମହିଳା ଦିବସରେ ମହିଳାଙ୍କ ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ତଥା ରାଜନୈତିକ ସଫଳତାକୁ ପାଳନ କରାଯାଏ। ସେହିପରି ଲିଙ୍ଗଗତ ସମାନତାକୁ ତ୍ୱରାନ୍ୱିତ କରିବା ପାଇଁ ଆହ୍ୱାନ ଦେଇଥାଏ ଏହି ସ୍ୱତନ୍ତ୍ର ଦିବସ। ସମାଜ ପାଇଁ ମହିଳାଙ୍କ ଅବଦାନ ତଥା ନିଃସ୍ୱାର୍ଥପର ସେବା ଦାନକୁ ଆହୁରି ଉତ୍ସାହିତ କରିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସେଣ୍ଟ୍ରାଲ ହର୍ଟିକଲଚରାଲ ଏକ୍ସପେରିମେଣ୍ଟାଲ ଷ୍ଟେଶନ ଭୁବନେଶ୍ୱରଠାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଥିଲା। ସହରୀ ଉଦ୍ୟାନ କୃଷିର ଜୟନ୍ତୀ ସାହୁ, ଉଦ୍ୟାନ କୃଷି ଉଦ୍ୟୋଗୀ ପୁନମ ମହାପାତ୍ର, ଉଦ୍ୟାନ କୃଷି ଇକୋଟୁରିଜମ୍‌ର ସରିତା ମହାପାତ୍ର, ଉଦ୍ୟାନ କୃଷକ ବାବୁନି ସାହୁ, ଉଦ୍ୟାନ ଉଦ୍ୟୋଗୀ ସୌମ୍ୟା ସୁରଭି ପାଣିଗ୍ରାହୀ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ପରିବାର ଓ ସମାଜ ପ୍ରତି ମହିଳାଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ସଫଳତା ବଖାଣିବା ସହ ଅନ୍ୟମାନଙ୍କୁ ପ୍ରେରଣା ଦେଇଥିଲେ। ଏହି ଅବସରରେ 'ଲିଙ୍ଗଗତ ସମାନତା ପାଇଁ ଅଭିନବତା ଏବଂ ପ୍ରଯୁକ୍ତିବିଦ୍ୟା' ବିଷୟ ଉପରେ ବିତର୍କ ପ୍ରତିଯୋଗିତା ହୋଇଥିଲା। ଏଥିରେ ଉଭୟ ମହିଳା ଓ ପୁରୁଷ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବ୍ୟକ୍ତିଙ୍କୁ ପୁରସ୍କୃତ କରାଯାଇଥିଲା। କେନ୍ଦ୍ରୀୟ ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ରର ନୋଡାଲ ଅଫିସର ଅନ୍ନପୂର୍ଣ୍ଣା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# 'ଉତ୍ତରପିଢ଼ି ସାରଳା ମହାଭାରତ ଜାଣନ୍ତୁ'

ଭୁବନେଶ୍ୱର,୧୧।୩(ବ୍ୟୁରୋ)

କେଦାରନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ଅବସରରେ ଶନିବାର ଆଲୋଚନା ଚକ୍ର ଆୟୋଜିତ ହୋଇଛି। ପ୍ରତିଷ୍ଠାନ ସଭାପତି ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରଘୁନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରକୁ ବିଶିଷ୍ଟ ଭାଷାବିଜ୍ଞାନୀ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ଶିଳାଲେଖରୁ ଆରମ୍ଭ କରି ସାହିତ୍ୟ ପର୍ଯ୍ୟନ୍ତ ବିଭିନ୍ନ ଉଦାହରଣ ଦେଇ ଓଡ଼ିଆ ଭାଷାର ଗୌରବମୟ ପରମ୍ପରା ବିଷୟରେ କହିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଇଆଇଟି କାନପୁରର ପୂର୍ବତନ ଇଂଲିଶ ବିଭାଗ ମୁଖ୍ୟ ପ୍ରଫେସର ବିବୁଧେନ୍ଦ୍ର ନାରାୟଣ ପଟ୍ଟନାୟକ ସାରଳା ମହାଭାରତରେ ବ୍ୟବହୃତ ଓଡ଼ିଆ ଶବ୍ଦାବଳୀ, ଲୋକକଥା ଓ ପରମ୍ପରା ଉପରେ ମତବ୍ୟକ୍ତ କରିଥିଲେ। ଆମ ଉତ୍ତରପିଢ଼ି ସାରଳା ମହାଭାରତ ବିଷୟରେ ଜାଣିବା ଆବଶ୍ୟକ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡ. ପ୍ରସନ୍ନ କୁମାର ମହାନ୍ତି ଓଡ଼ିଆ ଭାଷାର ଶାସ୍ତ୍ରୀୟତା ପ୍ରସଙ୍ଗରେ ନିଜ ଅନୁଭୂତି ଓ ଅଭିଜ୍ଞତାକୁ ଉପସ୍ଥାପନ କରିଥିଲେ। ରାଜ୍ୟ ସଂଗ୍ରହାଳୟର ସଂଗ୍ରହାଧ୍ୟକ୍ଷା ଡ. ଭାରତୀ ପାଲ୍ ଓଡ଼ିଶାର ବିଭିନ୍ନ ଅଭିଲେଖରେ କିଭଳି ପ୍ରାଚୀନ ଓଡ଼ିଆ ଭାଷା ସାଇତି ହୋଇ ରହିଛି ତାହା ବୁଝାଇ କହିଥିଲେ। ବିଶିଷ୍ଟ ଅତିଥି ତଥା ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା ଶିଳାଲେଖ, ଗୀତାଭିଧାନ, ଚଉତିଶା, ମାଦଳାପାଞ୍ଜି,

**କେଦାରନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ**

ରୁଦ୍ରସୁଧାନିଧି ଓ ଅନ୍ୟାନ୍ୟ ବିଷୟରେ କେନ୍ଦ୍ର ପକ୍ଷରୁ ହେଉଥିବା ଗବେଷଣା ବିଷୟରେ ଅବଗତ କରାଇଥିଲେ। ଓଡ଼ିଆ ଶାସ୍ତ୍ରୀୟ ଭାଷା ହେବାପରେ ଆମର ଦାୟିତ୍ୱ ବଢ଼ିଛି ବୋଲି ମତ ଦେଇଥିଲେ। ସମ୍ପାଦକ ଡ. ରମେଶ ଚନ୍ଦ୍ର ପାଣି ସ୍ୱାଗତ ସୂଚନା, ଯୁଗ୍ମ ସମ୍ପାଦକ ଡ. ଦେବାଶିଷ ମହାପାତ୍ର ଅତିଥି ପରିଚୟ ପ୍ରଦାନ ଓ ଅନ୍ୟତମ ଯୁଗ୍ମ ସମ୍ପାଦକ ଅରୁଣ କୁମାର ନାୟକ ଧନ୍ୟବାଦ ଦେଇଥିଲେ। ଡ. ମନ୍ମଥ କୁମାର ଶତପଥୀ, ଡ. ବିବେକାନନ୍ଦ ପାଣିଗ୍ରାହୀ, ଡ. ଗୋବିନ୍ଦଚନ୍ଦ୍ର ପେଣ୍ଡୋଇ, ଡ. ବିନୋଦିନୀ ପାତ୍ର, ପଣ୍ଡିତ ବିରଞ୍ଚି ନାରାୟଣ ମିଶ୍ର ପ୍ରମୁଖ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ।

# ୭୦୦ ବର୍ଷର ପୁରାତନ ମନ୍ଦିର ଠାବ

ଭୁବନେଶ୍ୱର,୧୧।୩ (ବ୍ୟୁରୋ)

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ପୁରୁଷୋତ୍ତମପୁର ଶାସନ ଗ୍ରାମ ନିକଟରୁ ଏକ ବହୁ ପୁରାତନ ମନ୍ଦିରର ଢାଞ୍ଚାର ସନ୍ଧାନ ମିଳିଛି। ଗବେଷଣା ସଂସ୍ଥା ଇନ୍‌ଟାକର ସଦସ୍ୟମାନେ ଏହି ଐତିହାସିକ ସ୍ଥାନଟିର ପ୍ରାଥମିକ ସର୍ବେକ୍ଷଣ କରିଛନ୍ତି। ଧାନମଣ୍ଡଳ ରେଳଷ୍ଟେଶନ ନିକଟବର୍ତ୍ତୀ ଇଷ୍ଟକୋଷ୍ଟ ରେଳଲାଇନର ଅନତି ଦୂରରେ ଥିବା ଏହି ପ୍ରାଚୀନ ମନ୍ଦିରର ଧ୍ୱଂସାବଶେଷକୁ ପ୍ରଥମେ ଯାଜପୁରର ଐତିହ୍ୟପ୍ରେମୀ ନୃପତି ନିହାର ଶିଅଳ ଦେଖିଥିଲେ। ପରେ ସେ ଏ ସମ୍ପର୍କରେ ଗବେଷଣା ସଂସ୍ଥା(ଇଣ୍ଡିଆନ ନ୍ୟାଶନାଲ ଟ୍ରଷ୍ଟ ଫର୍ ଆର୍ଟ ଆଣ୍ଡ କଲଚର(ଇନ୍‌ଟାକ୍)କୁ ଅବଗତ କରାଇଥିଲେ। ସୂଚନା ପାଇ ଇନଟାକ ଓଡ଼ିଶାର ପ୍ରକଳ୍ପ ସଂଯୋଜକ ଅନିଲ ଧୀର, ଦୁଇ ସଦସ୍ୟ ଦୀପକ କୁମାର ନାୟକ, ବିଶ୍ୱଜିତ ମହାନ୍ତି, ଐତିହ୍ୟପ୍ରେମୀ ବିକ୍ରମ ନାୟକ ଓ ସୁମନ ପ୍ରକାଶ ସ୍ୱାଇଁ ପ୍ରମୁଖ ଧାନମଣ୍ଡଳ ଅଞ୍ଚଳର ଏହି ପୁରାତନ ସ୍ଥାନରେ ପହଞ୍ଚି ଏକ ପ୍ରାଥମିକ ସର୍ବେକ୍ଷଣ କରିଛନ୍ତି। ଏହି ପୁରାତନ ମନ୍ଦିର ପ୍ରାୟ ୭୦୦ ବର୍ଷର ହୋଇଥିବା ଇନ୍‌ଟାକ ସଦସ୍ୟମାନେ କହିଛନ୍ତି। ଏ ସମ୍ପର୍କରେ ଗବେଷକ ଦୀପକ କୁମାର ନାୟକ କହିଛନ୍ତି, ଏହି ସ୍ଥାନରେ ପୂର୍ବରୁ ଏକ ପୁରାତନ ମନ୍ଦିର ଥିଲା ଯାହା କୌଣସି କାରଣରୁ ଏବେ ସମ୍ପୂର୍ଣ୍ଣ ଭାଙ୍ଗି ନଷ୍ଟ ହୋଇଯାଇଛି। ତେବେ ମନ୍ଦିରର ପୁରାତନ ଢାଞ୍ଚା ଏବେ ମଧ୍ୟ ଦେଖିବାକୁ ମିଳୁଛି। ସେହି





ପ୍ରାଚୀନ ମନ୍ଦିରର ଅନେକ ଭଗ୍ନ ଶିଳାଖଣ୍ଡ, କାରୁକାର୍ଯ୍ୟଖଚିତ ପଥର ତଥା ପ୍ରାଚୀନ ମୂର୍ତ୍ତି ସବୁ ନିକଟବର୍ତ୍ତୀ ସ୍ଥାନରେ ବିକ୍ଷିପ୍ତ ଭାବରେ ପଡିରହିଛି। ଏହି ସବୁ କାରୁକାର୍ଯ୍ୟ ସବୁ ଦେଖିଲେ ମନ୍ଦିରଟି ପୂର୍ବ-ଗଙ୍ଗବଂଶୀଙ୍କ ରାଜୁତି ସମୟରେ ନିର୍ମିତ ହୋଇଥିବା ଅନୁମେୟ ବୋଲି ନାୟକ ପ୍ରକାଶ କରିଛନ୍ତି।

ସଦସ୍ୟ ବିଶ୍ୱଜିତ ମହାନ୍ତିଙ୍କ ମତରେ ପୂର୍ବରୁ ଗୁହେଶରପାଟକ ନାମରେ କଥିତ ଯାଜପୁର ଅଞ୍ଚଳ କ୍ରମାନୟରେ ଭୌମକର, ସୋମବଂଶୀ, ଗଙ୍ଗବଂଶୀ ଓ ସୂର୍ଯ୍ୟବଂଶୀ ଶାସକମାନଙ୍କ ଦ୍ୱାରା ଶାସିତ ହୋଇଛି। ଏହି ସବୁ ରାଜବଂଶଙ୍କର ରାଜୁତି

- ସନ୍ଧାନ କଲା ଗବେଷଣା ସଂସ୍ଥା ଇନ୍‌ଟାକ୍
- ସ୍ଥାନଟିର ପ୍ରତ୍ନତାତ୍ତ୍ୱିକ ଖନନର ଆବଶ୍ୟକ

ସମୟରେ କଳା ଓ ଭାସ୍କର୍ଯ୍ୟ କ୍ଷେତ୍ରରେ ଅନେକ ଉନ୍ନତି ସାଧିତ ହୋଇଥିଲା। ଅନେକ କାରୁକାର୍ଯ୍ୟପୂର୍ଣ୍ଣ ମନ୍ଦିର ସବୁର ନିର୍ମାଣ ହୋଇଥିଲା। ତେବେ ବାହ୍ୟ ଶତ୍ରୁଙ୍କ ଆକ୍ରମଣରେ ଅନେକ ମନ୍ଦିର ସବୁ ବିନାଶପ୍ରାପ୍ତ ହୋଇଥିଲା। ଯାଜପୁର ଅଞ୍ଚଳରେ ଫିରୋଜ. ଶାହା ତୋଗଲକ, କଳାପାହାଡ଼ ଓ ଆଉରଙ୍ଗଜେବ ଆଦି ଶାସକମାନେ ମଠ ମନ୍ଦିରଙ୍କ ପ୍ରତି ପ୍ରଭୃତ କ୍ଷତି ସାଧନ କରିଛନ୍ତି। କୌଣସି ବାହ୍ୟଶତ୍ରୁଙ୍କ ଆକ୍ରମଣ ଦ୍ୱାରା ମନ୍ଦିରଟି ଧ୍ୱଂସପ୍ରାପ୍ତ ହୋଇଥିବା ଯଥେଷ୍ଟ ସମ୍ଭବ। ଇନଟାକ ପ୍ରକଳ୍ପ ସଂଯୋଜକ ଅନୀଲ ଧୀର କହିଛନ୍ତି, ଏହି ସ୍ଥାନର ନିକଟବର୍ତ୍ତୀ ଅଞ୍ଚଳରେ ଛୋଟବଡ଼ ଅନେକ ଗଡ଼ର ଉପସ୍ଥିତି ଦେଖିବାକୁ ମିଳେ। ସେଥିମଧ୍ୟରୁ ଅମରାବତୀ ଦୁର୍ଗ, ତେଲିଗଡ଼ ଓ ଦର୍ପଣଗଡ଼ ଆଦି ଅନ୍ୟତମ। ଗଙ୍ଗ ରାଜୁତି ସମୟର ଅନେକ ପ୍ରତ୍ନତାତ୍ତ୍ୱିକ ଅବଶେଷ ଏ ଅଞ୍ଚଳରୁ ସଂଗୃହୀତ ହୋଇଛି। ଧର୍ମଶାଳା ଅଞ୍ଚଳରୁ ମିଳିଥିବା ବିଶାଳ ତଥା ଭବ୍ୟ କୃଷ୍ଣ-ବିଷ୍ଣୁଙ୍କ ପ୍ରତିମା ଓ ତେଲିଗଡରୁ ପ୍ରାପ୍ତ ରଥଯାତ୍ରାର ଦୃଶ୍ୟର ଅବତାରଣା। ଏହି ସ୍ଥାନରେ ମଧ୍ୟ ସେହିପରି କିଛି କାରୁକାର୍ଯ୍ୟପୂର୍ଣ୍ଣ ଶିଳ୍ପକଳା ଆମକୁ ଦେଖିବାକୁ ମିଳିଛି। ଏହି ମନ୍ଦିରଟି ଆନୁମାନିକ ଭାବେ ତ୍ରୟୋଦଶରୁ ପଞ୍ଚଦଶ ଶତାବ୍ଦୀ (୧୩ଶହ ରୁ ୧୫ଶହ ଶତାବ୍ଦୀ) ମଧ୍ୟରେ ନିର୍ମିତ ହୋଇଥାଇପାରେ। ବର୍ତ୍ତମାନ ସ୍ଥାନଟିର ପ୍ରତ୍ନତାତ୍ତ୍ୱିକ ଖନନର ଆବଶ୍ୟକତା ରହିଛି। ରାଜ୍ୟ ସଂସ୍କୃତି ବିଭାଗ ଓ ପ୍ରତ୍ନତତ୍ତ୍ୱ ବିଭାଗ ଏ ନେଇ ତତ୍ପର ହୋଇ କାର୍ଯ୍ୟ କଲେ ଅନେକ ଲୁକ୍କାୟିତ ଇତିହାସର ରହସ୍ୟ ଉନ୍ମୋଚନ ହୋଇପାରେ। ଯଦି ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଚାହାଁନ୍ତି, ତେବେ ଇନ୍‌ଟାକ ତରଫରୁ ଏ ସମ୍ପର୍କିତ ସମସ୍ତ ସବିଶେଷ ତଥ୍ୟ ଯୋଗାଇ ଦିଆଯିବ ବୋଲି ଅନୀଲ ଧୀର ପ୍ରକାଶ କରିଛନ୍ତି।



# 'ଭାଇଚାରାର ବାର୍ତ୍ତା ଦିଏ ଦୋଳ ଉତ୍ସବ'

**ଖୋର୍ଦ୍ଧା ଅଫିସ,୧୧।୩**

ଖୋର୍ଦ୍ଧା ବ୍ଲକ ଗୋଡ଼ିପଡ଼ାରେ ଚାଲିଛି ଦୋଳମେଳଣ ଉତ୍ସବ। ଏହି ଉତ୍ସବ ତିନିଦିନ ଧରି ଅନୁଷ୍ଠିତ ହୋଇଥାଏ। ହୋଲି ପର୍ବ ରାତିରେ ବିମାନରେ ଠାକୁରମାନେ ପଟୁଆରରେ ଆସି ମେଳଣ ପଡ଼ିଆରେ ବିଜେ କରିଥିଲେ। ବାବା ବାଲୁଙ୍କେଶ୍ୱର ହେଉଛନ୍ତି ଥାନପତି। ମେଳଣ କମିଟି ପକ୍ଷରୁ ଆମନ୍ତ୍ରଣ ପାଇ ୩୦ ଗ୍ରାମର ଠାକୁର ଗୋଡ଼ିପଡ଼ା ମେଳଣ ପଡ଼ିଆରେ ବିରାଜମାନ କରିଛନ୍ତି। ମେଳଣ କମିଟି ସୂଚନା ମୁତାବକ, ଚଳିତ ବର୍ଷ ଏହି ମେଳଣ ୯୭ ବର୍ଷରେ ପଦାର୍ପଣ କରିଛି। ରୀତିନୀତି ଅନୁଯାୟୀ ଠାକୁରଙ୍କ ନୀତିକାନ୍ତି ଚାଲିଛି। କୋଭିଡ୍ କଟକଣା ପରେ ମେଳଣ ପଡ଼ିଆରେ ପ୍ରବଳ ଜନସମାଗମ ରହିଛି। ଶେଷଦିନରେ ଭକ୍ତ ଓ ଠାକୁରଙ୍କ ଅବିର ଖେଳ ପରେ ଭୋରୁ ଠାକୁରମାନେ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିବେ। ଏ ନେଇ ଗୋଡ଼ିପଡ଼ା ମେଳଣ ପଡ଼ିଆରେ ଏକ ଆଧ୍ୟାତ୍ମିକ ବାତାବରଣ ରହିଛି। ମନ୍ତ୍ରଧ୍ୱନିରେ କମ୍ପୁଛି ପରିବେଶ। ସୁସଜ୍ଜିତ ଆଲୋକମାଳାରେ ଝଲସୁଛି ମେଳଣ ପଡ଼ିଆ। ସତୀଶ୍ ପ୍ରହରାଜ କୁହନ୍ତି, ଗାଁ ସଂସ୍କୃତି ପରମ୍ପରା ସହ ଯୋଡ଼ିହୋଇ ରହିଛି ଏହି ମେଳଣ ଉତ୍ସବ। ଏହି ସମୟରେ ଗାଁରେ ତିନିଦିନ ଧରି ଉତ୍ସବ ଲାଗିରହିଥାଏ। ସେହିପରି ପଞ୍ଚାନନ ଖଣ୍ଡାୟତରାୟ କୁହନ୍ତି, ଦୋଳଉତ୍ସବ ଭାଇଚାରାର ବାର୍ତ୍ତା ଦେଇଥାଏ। ଯୁବ ସାମାଜିକ କର୍ମୀ ଲୋହିତ ନାରାୟଣ ମହାପାତ୍ର କୁହନ୍ତି, ଦୋଳଉତ୍ସବ ହେଉଛି ଓଡ଼ିଶାର ଏକ ଗଣପର୍ବ। ସବୁଠି ଏକ ଉତ୍ସାହର ମାହୋଲ ରହିଥାଏ। ଏହି ସଂସ୍କୃତି, ପରମ୍ପରା ଲାଗି ଗାଁ ଗାଁ ମଧ୍ୟରେ ସମ୍ପର୍କର ନିବିଡ଼ତା ବଢ଼ିଥାଏ। ଅନ୍ୟପକ୍ଷରେ ଭଳିକି ଭଳି ଦୋକାନ ବଜାର ଖୋଲିଥିବା ବେଳେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ଆକର୍ଷିତ କରୁଛି। ପିଲାଙ୍କ ଖେଳଣାଠାରୁ ଆରମ୍ଭକରି ଘରକରଣା, ଘରୋଇ ସାଜସଜ୍ଜା, ଫାଷ୍ଟଫୁଡ୍ ଷ୍ଟଲ୍, ଚଟ୍‌ପଟି ଖାଦ୍ୟ, ମିଠା ଦୋକାନରେ ଗ୍ରାହକଙ୍କ ଭିଡ଼ ଜମୁଛି। ଲୋକେ ମେଳଣ ପଡ଼ିଆରେ ଠାକୁରଙ୍କ ଦର୍ଶନ ସହ କିଣାକିଣିର ମଜା ନେଉଛନ୍ତି। ଦୀର୍ଘଦିନ ଧରି ବାହାରେ ରହିଥିବା ଯୁବପିଢ଼ି, ବନ୍ଧୁମାନେ ଏହି ସମୟରେ ଏକାଠି ହୋଇ ମଜା ଉଠାଇଥାନ୍ତି ବୋଲି ମହାପାତ୍ର କହିଛନ୍ତି।

## ୯୭ ବର୍ଷରେ ଗୋଡିପଡ଼ା ଦୋଳ ମେଳଣ



ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଦଳେଇପୁଟ ଗ୍ରାମ ମହାବୀର ପୀଠରେ ଅନୁଷ୍ଠିତ ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ବାହାରିଥିବା କଳସ ଶୋଭାଯାତ୍ରା।

## ସଂକ୍ଷେପରେ

### ବିଦ୍ୟୁତ୍ ଖୁଣ୍ଟରେ ପିଟିହୋଇ ବାଇକ୍ ଆରୋହୀ ମୃତ

ବାଲୁଗାଁ,୧୧।୩(ଡି.ଏନ୍.ଏ.): ବାଲୁଗାଁ ହାଇସ୍କୁଲ ରୋଡ୍‌ସ୍ଥିତ ରେଲ୍‌ୱେ ଓଭରବ୍ରିଜ୍ ନିକଟ ବିଦ୍ୟୁତ୍ ଖୁଣ୍ଟରେ ପିଟିହୋଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ଗୁଣ୍ଡୁରପୁର ସାହିର ଆଦିତ୍ୟ ପଣ୍ଡା(୨୪)। ସୂଚନା ମୁତାବକ, ଶୁକ୍ରବାର ରାତିରେ ଆଦିତ୍ୟ ଏକ ବିବାହ ଭୋଜିରେ ଯୋଗଦେଇ ବାଇକ୍‌ରେ ଘରକୁ ଫେରୁଥିଲେ। ଓଭରବ୍ରିଜ୍ ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ଫଳରେ ସେ ବାଇକ୍‌ରୁ ଛିଟିକି ଖୁଣ୍ଟରେ ମାଡ଼ହୋଇ ଗୁରୁତର ଆହତ ହୋଇଥିଲେ। ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ସେ ପଡ଼ିରହିଥିବା ବେଳେ ବିଳମ୍ବିତ ରାତି ଯୋଗୁ କେହି ତାଙ୍କୁ ଉଦ୍ଧାର କରିପାରି ନ ଥିଲେ। ପରେ ବାଲୁଗାଁ ପୋଲିସ୍‌ର ପାଟ୍ରୋଲିଂ ଗାଡ଼ି ପହଞ୍ଚି ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଲୁଗାଁ ପୋଲିସ ଶନିବାର ସକାଳେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୬୩/୨୩) ରୁଜୁ କରି ତଦନ୍ତ ଚଳାଇଛି।

### ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି

**ଖୋର୍ଦ୍ଧା ଅଫିସ,୧୧।୩:** ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଦଳେଇପୁଟ ଗ୍ରାମ ପାହାଡ଼ ଉପରେ ବିଜେ ଶ୍ରୀସଙ୍କଟମୋଚନ ମହାବୀର ପୀଠରେ ଚାଲିଥିବା ତ୍ରୟୋଦଶ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାର ପୂର୍ଣ୍ଣାହୁତି ହୋଇଛି। ଗତ ୮ ତାରିଖରୁ ଯଜ୍ଞ ରୀତିନୀତି ମୁତାବକ ତିନିଦିନ ଧରି ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିନରେ ଅଙ୍କୁରାରୋପଣ, ମଧ୍ୟାହ୍ନରେ ଜଳଯାତ୍ରା, କଳସ ଶୋଭାଯାତ୍ରା, ସର୍ବଦେବଦେବୀ ଆବାହନ, ଅଗ୍ନି ସ୍ଥାପନ ପରେ ହୋମଯଜ୍ଞ ଆରମ୍ଭ ହୋଇ ରୀତିନୀତି ମୁତାବକ ସମାପନ ହୋଇଥିଲା। ପରେ ସୂର୍ଯ୍ୟପୂଜା, ଗୋପୂଜା ଆଦି ଅନୁଷ୍ଠିତ ହେଇଥିଲା। ଶୁକ୍ରବାର ହନୁମାନଙ୍କର ଷୋଡ଼ଶ ଉପଚାର ପୂଜା ସହିତ ଅପରାହ୍ନରେ ପୂର୍ଣ୍ଣାହୁତି, ଆଳତି ଏବଂ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇ ଯଜ୍ଞ କାର୍ଯ୍ୟ ସମାପନ ହୋଇଥିଲା। ଯଜ୍ଞସ୍ଥଳରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପ୍ରତିଦିନ ସନ୍ଧ୍ୟାରେ ପ୍ରବଚନ ସହିତ ଭଜନ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ନିତ୍ୟାନନ୍ଦ ଦାସ ଓ ସନ୍ଧ୍ୟାରାଣୀ ଦାସ କର୍ତ୍ତାଭାବେ ଯଜ୍ଞକର୍ମରେ ଅଂଶଗ୍ରହଣ କରିଥିବା ବେଳେ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

### ନୂତନ ପାଞ୍ଜି ପଢ଼ିଲେ, ବିଶ୍ୱର କଲ୍ୟାଣ ମନାସିଲେ

ପୁରୁଣା ଭୁବନେଶ୍ୱର,୧୧।୩(ଡି.ଏନ୍.ଏ.): ସ୍ଥାନୀୟ ଭୀମେଶ୍ୱର ମନ୍ଦିର ପରିସରରେ ପୂଜା ପାଉଥିବା ରାଧାକୃଷ୍ଣ ମନ୍ଦିରରେ ଗତବର୍ଷ ଭଳି ଚଳିତବର୍ଷ ନୂତନ ପାଞ୍ଜି ପଠନ କରିଛନ୍ତି ପୂଜକ ଚୌଧୁରୀ ଦେବ ପ୍ରସାଦ ଦାଶ। ଏହାକୁ ଶୁଣୁଥିବା ଶ୍ରଦ୍ଧାଳୁ ବିଶ୍ୱର କଲ୍ୟାଣ ପାଇଁ ଠାକୁରଙ୍କ ନିକଟରେ ଶୁଭ ମନାସିଥିଲେ। ୩ ଦିନ ଧରି ରାଧାକୃଷ୍ଣ ଦେବ କଲୋନୀରେ ଚାଚେରୀ ଭୋଗ ଖାଇଥିଲେ। ଦୋଳ ଉତ୍ସବ ସହ ପାଞ୍ଜି ପଠନରେ ସମାପନ କରାଯାଇଥିଲା। ଶେଷରେ ଠାକୁରଙ୍କୁ ଝୁଲଣାରେ ହାକେରା ମୁଆଁ ଲାଗି ହେବା ପରେ ପାଞ୍ଜି ପଠନ ଶେଷ ହୋଇଥିଲା। ପଦ୍ମନାଭ ଷଡ଼ଙ୍ଗୀ, ମାନସ ପଟ୍ଟନାୟକ, ଶିବନାରାୟଣ ରାୟ ଉପସ୍ଥିତ ଥିଲେ।

# ସରିଲା ଆଞ୍ଚଳିକ ଦୋଳ ମହୋତ୍ସବ



ଆଞ୍ଚଳିକ ଦୋଳ ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

**ନିରାକାରପୁର,୧୧।୩(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଲେଣ୍ଡୋ ପଞ୍ଚାୟତସ୍ଥିତ ଶ୍ରୀଲଡୁକେଶ୍ୱର ଦେବଙ୍କ ପୀଠରେ ଚାଲିଥିବା ଫୁଲ ଦୋଳ ସହିତ ଆଞ୍ଚଳିକ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ମୁଖ୍ୟ ବକ୍ତା ରାଜ୍ୟ ବିଜୁ ଜନତା ଦଳ ମହିଳା ଉପସଭାପତି ବାସନ୍ତି ମହାପାତ୍ର, ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ବିନୋଦିନୀ ଦାଶ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ମହେନ୍ଦ୍ର ବିଶୋଇ ଅତିଥି ପରିଚୟ ପ୍ରଦାନ କରିବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅଞ୍ଚଳର କେତେଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୧୨ ନମ୍ବର ଜୋନ୍‌ର ଜିଲା ପରିଷଦ ସଭ୍ୟ ବିଜୟ କୁମାର ପାଲ୍‌ଟାସିଂହ, ସମିତି ସଭ୍ୟ ବିକାଶ ନାୟକ, ଅନୁଷ୍ଠାନର ପୂର୍ବତନ ସଭାପତି ପ୍ରଫୁଲ୍ଲ କୁମାର ଜେନା ଏବଂ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଆଜିଠୁ ଗୁରୁଜଙ୍ଗ ପଞ୍ଚୁଦୋଳ ମେଳଣ

**ଖୋର୍ଦ୍ଧା ଅଫିସ,୧୧।୩**

ଖୋର୍ଦ୍ଧା ଗୁରୁଜଙ୍ଗର ପ୍ରସିଦ୍ଧ ଶୈବପୀଠ ଶ୍ରୀଧବଳେଶ୍ୱର। କୋଭିଡ୍ କଟକଣା ଯୋଗୁ ଗତ ଦୁଇ ବର୍ଷ ନିରାଡ଼ମ୍ବରରେ ପାଳିତ ହୋଇଥିବା ଗୁରୁଜଙ୍ଗ ମେଳଣ ଏଥର ଜମିବ। ସ୍ଥାନୀୟ ପଡ଼ିଆରେ ରବିବାରଠାରୁ ଆରମ୍ଭ ହେବ ପଞ୍ଚୁଦୋଳ ମେଳଣ। ଏନେଇ ଗୁରୁଜଙ୍ଗ ପଞ୍ଚୁଦୋଳ ମେଳଣ କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଥାନପତି ଶ୍ରୀଧବଳେଶ୍ୱରଙ୍କଠାରୁ ଆମନ୍ତ୍ରଣ ପାଇ ଆଖପାଖ ଗ୍ରାମର ୨୧ଟି ଠାକୁର ବିମାନରେ ବିଜେ ହୋଇ ମେଳଣ ପଡ଼ିଆରେ ପହଞ୍ଚିବେ। ସେଠାରେ ତିନିଦିନ ରହିବା ପରେ ଆସନ୍ତା ୧୫ ତାରିଖରେ ମେଳଣ ଉତ୍ସବ, ହରିହର ଭେଟ ଓ ଫଗୁଖେଳ ପରେ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ। ଚଳିତ ବର୍ଷ ଗ୍ରାମ୍ୟ ପଞ୍ଚୁଦୋଳ କମିଟି ପକ୍ଷରୁ ରାଣୀହାଟ କୀର୍ତ୍ତନ, ସାଂସ୍କୃତିକ ଏବଂ ଅପେରା କାର୍ଯ୍ୟକ୍ରମ ରହିଛି। ଏନେଇ ଶନିବାର ଧବଳେଶ୍ୱର କଲ୍ୟାଣମଣ୍ଡପରେ କମିଟି ସମ୍ପାଦକ ଜିତେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। କମିଟି ଉପସଭାପତି ସୁବାସ ଦାସ, ସ୍ଥାନୀୟ କାଉନସିଲର ପ୍ରମୋଦ ବଳିୟାରସିଂ, ଖବରଦାତା ସମ୍ମିଳନୀର ଆବାହକ ସୂର୍ଯ୍ୟ ନାରାୟଣ ମହାନ୍ତି, ସନ୍ତୋଷ ମିଶ୍ର, ଅବ୍ୟକ୍ତ ହରିହର ଖାଡ଼ଙ୍ଗା ପ୍ରମୁଖ ଉତ୍ସବର ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ଅଘଟଣମୁକ୍ତ ଓ ଶୃଙ୍ଖଳିତ ଉତ୍ସବ ଆୟୋଜନକୁ ଗୁରୁତ୍ୱ ଦିଆଯାଇଛି। ଭୂଷଣ୍ଡପୁର ବାଣ ବିସ୍ଫୋରଣ ଘଟଣା ପରେ ଚଳିତବର୍ଷ ମେଳଣ ପଡ଼ିଆରେ ଆତସବାଜିକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି।

# ୩.୮୬ କୋଟି ଜରିମାନା ଆଦାୟ

**ଭୁବନେଶ୍ୱର (ବ୍ୟୁରୋ)/ ଖୋର୍ଦ୍ଧା ଅଫିସ,୧୧।୩**

**ଜିଲାସ୍ତରୀୟ ଲୋକ ଅଦାଲତ**
- ୪୮,୨୪୪ ମାମଲା ଫଇସଲା
- ମେ' ୧୩ରେ ଜାତୀୟ ଲୋକ ଅଦାଲତ

ଖୋର୍ଦ୍ଧା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଓ ଦୌରା ଜଜ୍ ନିଶିଥ ନିଶାଙ୍କଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ଖୋର୍ଦ୍ଧା ଜିଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ଯଥା ଖୋର୍ଦ୍ଧା, ବାଣପୁର, ଚିଲିକା, ଜଟଣୀ ପରିସରରେ ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି । ଏହି ଲୋକ ଅଦାଲତରେ ମୋଟ ୫୩,୪୫୨ ମାମଲା ସମସ୍ତ ବିଚାର ବିଭାଗୀୟ ଅଦାଲତଙ୍କ ପକ୍ଷରୁ ଆଗତ କରାଯାଇଥିଲା। ସେଥିମଧ୍ୟରୁ ମୋଟ ୪୮,୨୪୪ ମାମଲାର ଫଇସଲା କରାଯାଇ ସମୁଦାୟ ୩ କୋଟି ୮୬ ଲକ୍ଷ ୬୫ ହଜାର ୧୨ଟଙ୍କାର ବୀମା, ରାଜସ୍ୱ, ଖାଉଟି ସମସ୍ୟା ସମ୍ପର୍କିତ ରାଜିନାମା ସ୍ୱାକ୍ଷରିତ କରାଯାଇଛି । ସେଥିରେ ଗାଡ଼ିମୋଟର ଦୁର୍ଘଟଣା ସମ୍ପର୍କିତ ୧୬୦ ମାମଲା ମଧ୍ୟରୁ ୮ଟିର ଫଇସଲା କରାଯାଇ ୬୧ ଲକ୍ଷ ୯୦ ହଜାର ଟଙ୍କା ଦୁର୍ଘଟଣା କ୍ଷତିପୂରଣ ରାଶି ପୀଡ଼ିତମାନଙ୍କୁ ପ୍ରଦାନ ପାଇଁ ସମ୍ପୃକ୍ତ ବୀମା କମ୍ପାନୀମାନଙ୍କୁ ଅଦାଲତଙ୍କ ପକ୍ଷରୁ ଆଦେଶ ଦିଆଯାଇଛି। ସେହିପରି ୧୪ ଖାଉଟି ମାମଲାରୁ ଗୋଟିଏ ମାମଲାର ଫଇସଲା କରାଯାଇ ୪୩,୨୬୮ ଟଙ୍କା, ୪୩ ଜମି ଅଧିଗ୍ରହଣ ମାମଲାରୁ ୧ଟି, ୨୬୪ ପାରିବାରିକ ମାମଲାରୁ ୩୪ଟି, ୫୨,୯୭୦ ରାଜସ୍ୱ ମାମଲାରୁ ୪୮,୨୦୦ ମାମଲାର ଫଇସଲା କରାଯାଇ ୩,୨୪,୩୧,୭୪୪ ଟଙ୍କା ରାଜସ୍ୱ ସଂଗ୍ରହ କରାଯାଇଥିଲା । ଏହି ଲୋକ ଅଦାଲତରେ ସଚିବ, ଜିଲା ଆଇନ ସେବା ପ୍ରାଧିକରଣ ସୌଦାମିନୀ ସିଂ ଉପସ୍ଥିତ ରହି ଲୋକ ଅଦାଲତର ସଫଳତା ପାଇଁ ସମସ୍ତ ବିଚାର ବିଭାଗୀୟ ଅଧିକାରୀ, ରାଜସ୍ୱ ଅଧିକାରୀ, କୋର୍ଟ କର୍ମଚାରୀ ଏବଂ ଜିଲା ଆଇନସେବା ପ୍ରାଧିକରଣଙ୍କ କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଦେଇଥିଲେ। ପରବର୍ତ୍ତୀ ଜାତୀୟ ଲୋକ ଅଦାଲତ ଆସନ୍ତା ମେ' ୧୩ରେ ଅନୁଷ୍ଠିତ ହେବ। ଜନସାଧାରଣ ଏହାର ସୁବିଧା ନେବାକୁ ଲୋକ ଅଦାଲତ ସଚିବ କହିଛନ୍ତି।

# ବଙ୍କାଡ଼ଗଡ଼ ଜଙ୍ଗଲରେ ନିଆଁ



**ବାଣପୁର,୧୧।୩(ଡି.ଏନ୍.ଏ.)**

- ୫ ଦିନ ହେବ ଲାଗିଛି ନିଆଁ
- କେହି ଦୁର୍ବୃତ୍ତ ଲଗାଉଥିବା ଚର୍ଚ୍ଚା
- ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

ରାଜ୍ୟରେ ଜଙ୍ଗଲ ନିଆଁ ଆୟତ୍ତରେ ନାହିଁ। କେବଳ ବର୍ଷା ହିଁ ଭରସା। ଗତ ନଭେମ୍ବରରୁ ବର୍ଷା ହେଉ ନ ଥିବା ବେଳେ ଅନ୍ୟପଟେ ତାପମାତ୍ରା ବଢ଼ିଚାଲିଛି। କିଛି ସପ୍ତାହ ହେବ ରାଜ୍ୟର ଅଧିକାଂଶ ଜଙ୍ଗଲରେ ନିଆଁ ଲାଗିଥିବା ଜଣାପଡ଼ିଛି। ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଅନ୍ତର୍ଗତ ନୀଳାଦ୍ରିପ୍ରସାଦ ପଞ୍ଚାୟତର ବଙ୍କାଡ଼ଗଡ଼ ଜଙ୍ଗଲରେ ନିଆଁ ଲାଗିଥିବା ଦେଖିବାକୁ ମିଳିଛି। ଫଳରେ ବହୁ ଗଛ ପୋଡ଼ି ନଷ୍ଟ ହେବା ସହ ବନ୍ୟଜନ୍ତୁ ମଧ୍ୟ ମୃତ୍ୟୁବରଣ କରୁଛନ୍ତି । ଖବରପାଇ ବନ ବିଭାଗ ଓ ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରୁଥିଲେ ମଧ୍ୟ କେହି ଦୁର୍ବୃତ୍ତ ପୁଣି ନିଆଁ ଲଗାଉଥିବା ସାଧାରଣରେ ଅଭିଯୋଗ ହେଉଛି।

ସୂଚନା ମୁତାବକ, ନୀଳାଦ୍ରିପ୍ରସାଦ ପଞ୍ଚାୟତରେ ରହିଛି ବଙ୍କାଡ଼ଗଡ଼ ଜଙ୍ଗଲ। ଏଠାରେ ଶାଗୁଆନ ସହ ବହୁ ଔଷଧୀୟ ବୃକ୍ଷ ରହିଛି। ବନ୍ୟପ୍ରାଣୀ ନିର୍ଭୟରେ ଚଳପ୍ରଚଳ କରିଥାନ୍ତି। ଉକ୍ତ ଜଙ୍ଗଲରୁ ବିଭିନ୍ନ ଚେରମୂଳ ସଂଗ୍ରହ କରି ଏଠାକାର ଆଦିବାସୀମାନେ ଜୀବିକା ନିର୍ବାହ କରନ୍ତି। ଜଙ୍ଗଲରେ ନିଆଁ ଲାଗିବା ଫଳରେ ପରିବେଶ ସନ୍ତୁଳନ ବିଗିଡ଼ିବା ସହ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯଦି ଏହିପରି ଜଙ୍ଗଲରେ ନିଆଁ ଲାଗିରହେ ତେବେ ଆଗକୁ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେବା ସହ ବନ୍ୟଜନ୍ତୁ ଜନବସତିମୁହାଁ ହେବେ ବୋଲି ଆଲୋଚନା ହେଉଛି। ଖୋର୍ଦ୍ଧା ଡିଏଫ୍‌ଓ ଉକ୍ତ ସମସ୍ୟାକୁ ଗୁରୁତର ସହ ନେଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି। ଅନ୍ୟପକ୍ଷରେ ଏନେଇ ଅଗ୍ନିଶମ ଅଧିକାରୀ(ହାବିଲଦାର) ଡମ୍ବରୁଧର ମହାନ୍ତି କୁହନ୍ତି, କିଛିଦିନ ପୂର୍ବେ ବଙ୍କାଡ଼ଗଡ଼ ଜଙ୍ଗଲରେ ନିଆଁ ଲାଗିଥିବା ଜାଣିବା ପରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏବେ ଉକ୍ତ ଜଙ୍ଗଲରେ ନିଆଁ ଲାଗିଥିବା ନେଇ କୌଣସି ସୂଚନା ନାହିଁ ବୋଲି ସେ କହିଛନ୍ତି।

# 'କର୍ମ ହିଁ ପରିଚୟ ସୃଷ୍ଟି କରିଥାଏ'

## ଅନ୍ତର୍ଜାତୀୟ ମହିଳା ଦିବସ

**ଜଟଣୀ,୧୧।୩(ଡି.ଏନ୍.ଏ.)**

ସତ୍ୟନାରାୟଣ ମାୟା ମିଶ୍ର ଟ୍ରଷ୍ଟ ପକ୍ଷରୁ ଶନିବାର ଜଟଣୀ ରାମଚନ୍ଦ୍ରପୁରସ୍ଥିତ ଉତ୍ତରାୟଣୀ କ୍ଲବ ପରିସରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଶିଷ୍ଟ ଲେଖିକା ଡ. ଶକୁନ୍ତଳା ବଳିୟାରସିଂହ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅତିଥିଭାବେ ରତ୍ନବାଳା ସ୍ୱାଇଁ ଓ ଚନ୍ଦନା ଦାସ, ମୁଖ୍ୟ ବକ୍ତାଭାବେ କମଳା ମହାରଣା ଯୋଗଦେଇଥିଲେ। ପ୍ରାରମ୍ଭରେ ଆମନ୍ତ୍ରିତ ଅତିଥିଙ୍କୁ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ କରାଯାଇଥିଲା। କର୍ମ ହିଁ ଭଗବାନ୍। କର୍ମ ହିଁ ମନୁଷ୍ୟର ପରିଚୟ ସୃଷ୍ଟି କରିଥାଏ ବୋଲି ମୁଖ୍ୟ ବକ୍ତା ମହାରଣା କହିଥିଲେ। ବୈଷୟିକ ଜ୍ଞାନକୁ ବ୍ୟବହାର କରି ଜଣେ ମହିଳା କିପରି ନିଜକୁ ସମସ୍ତଙ୍କ ନିକଟରେ ଆଦୃତ କରାଇପାରିବ ସେ ଦିଗରେ ମୁଖ୍ୟ ଅତିଥି ବଳିୟାରସିଂହ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୨ଜଣ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଜଟଣୀ ଓ ଖୋର୍ଦ୍ଧା ମାରୱାଡି ମହିଳା ସମିତି ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ କମଳା ମହାରଣାଙ୍କୁ ସମ୍ମାନିତ କରାଯାଇଥିଲା। ସବିତା ରାୟ ଏବଂ କୃଷ୍ଣା ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରିନା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ପ୍ରଦୀପ ଜେନା, ତିରୁପତି ଶତପଥୀ, କବି ପାଇକରାୟ, ପ୍ରଶାନ୍ତ ପ୍ରଧାନ, ମନୋଜ ମିଶ୍ରଙ୍କ ସହିତ ସାମାଜିକ ଅନୁଷ୍ଠାନ କର୍ମ ମନ୍ଦିର ଓ ସ୍ୱର ସଙ୍ଗଠନର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାଧାରୀ।

# ଯାତ୍ରୀଙ୍କ ମୋବାଇଲ ଫେରାଇଲେ ଟିଟିଇ

**ଜଟଣୀ,୧୧।୩(ଡି.ଏନ୍.ଏ.)**



ଟିଟିଇଙ୍କଠାରୁ ମୋବାଇଲ ଫୋନ ଗ୍ରହଣ କରୁଛନ୍ତି।

ଏବେ ବି ବଞ୍ଚିଛି ମାନବିକତା। ଜଣେ ଯାତ୍ରୀ ଟ୍ରେନ୍‌ରେ ଛାଡ଼ିଯାଇଥିବା ଏକ ମୋବାଇଲ ଫୋନ୍‌କୁ ଉଦ୍ଧାର କରି ଟିଟିଇ ଏଲ୍.ଡି. ମହାନ୍ତି ଫେରାଇଛନ୍ତି। ସୂଚନା ମୁତାବକ, ଏସ୍. ମହାରଣା ନାମକ ଜଣେ ଯାତ୍ରୀ ଶନିବାର ଫାଲକ୍‌ନାମା ଏକ୍ସପ୍ରେସରେ ସିକନ୍ଦରାବାଦରୁ ହାୱଡ଼ା ଯାଉଥିଲେ। ତେବେ କୌଣସି କାରଣରୁ ସେ ଖୋର୍ଦ୍ଧାରୋଡ୍ ଷ୍ଟେଶନରେ ଓହ୍ଲାଇଥିଲେ। ଷ୍ଟେଶନ ବାହାରକୁ ଯାଉଥିବା ବେଳେ ତାଙ୍କ ମୋବାଇଲ ଟ୍ରେନ୍ ବଗିରେ ରହିଯାଇଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ଉକ୍ତ ଷ୍ଟେଶନରେ କାର୍ଯ୍ୟରତ ମୁଖ୍ୟ ଟିକେଟ ନିରୀକ୍ଷକ(ସିଟିଆଇ) ଅମୂଲ୍ୟ କୁମାର ସାହୁଙ୍କୁ ଜଣାଇଥିଲେ। ଏହାପରେ ସିଟିଆଇ ଫୋନ୍‌ରେ ଉକ୍ତ ଟ୍ରେନ୍‌ରେ ଯାଉଥିବା ଟିଟିଇ ମହାନ୍ତିଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଉକ୍ତ ବଗିରେ ବସିଥିବା ଯାତ୍ରୀଙ୍କୁ ମହାନ୍ତି ମୋବାଇଲ ସମ୍ପର୍କରେ ପଚାରିଥିଲେ। ସେଠାରେ ବସିଥିବା ଜଣେ ଯାତ୍ରୀ ମୋବାଇଲ ପାଇଥିବା କହିଥିଲେ। ଏହାପରେ ମହାନ୍ତି ମୋବାଇଲ ଆଣିବା ସହ ଭୁବନେଶ୍ୱର ଷ୍ଟେଶନରେ କାର୍ଯ୍ୟରତ ଆର୍‌ପିଏଫ୍‌ଙ୍କ ଉପସ୍ଥିତିରେ ହସ୍ତାନ୍ତର କରିଥିଲେ। ମୋବାଇଲ ଫେରିପାଇବା ପରେ ମହାରଣା ରେଳ ବିଭାଗ କର୍ମଚାରୀଙ୍କୁ ପ୍ରଶଂସା କରିଥିଲେ।

# ଫାଇନାଲରେ ଜୁନିୟର ୟୁନାଇଟେଡ୍ କ୍ଲବ

## ରାଜ୍ୟସ୍ତରୀୟ କେରଙ୍ଗ ଅହମଦୀୟା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

**ଖୋର୍ଦ୍ଧା ଅଫିସ,୧୧।୩**

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଅହମଦୀୟା ମୁସ୍‌ଲିମ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ୪୯ତମ କେରଙ୍ଗ ଅହମଦୀୟା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ବିଜୟୀ ହୋଇ ଜୁନିୟର ୟୁନାଇଟେଡ୍ କ୍ଲବ କଟକ ଫାଇନାଲରେ ପ୍ରବେଶ କରିଛି। ଶନିବାର ସ୍ଥାନୀୟ ଖେଳପଡ଼ିଆରେ ଜୁନିୟର ୟୁନାଇଟେଡ୍ ଫୁଟ୍‌ବଲ କ୍ଲବ କଟକ ଏବଂ ଶରଧାପୁର ସ୍ପୋର୍ଟସ ଆସୋସିଏଶନ(ଏସ୍‌ଏସ୍‌ଏ) ମଧ୍ୟରେ ମ୍ୟାଚ୍ ହୋଇଥିଲା। ଆରମ୍ଭରୁ ଖେଳ ସଂଘର୍ଷପୂର୍ଣ୍ଣ ରହିଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଟାଇବ୍ରେକରରେ ଜୁନିୟର ୟୁନାଇଟେଡ୍ କ୍ଲବ ୨-୧ ଗୋଲରେ ବିଜୟୀ ହୋଇଥିଲା। ଜୁନିୟର ୟୁନାଇଟେଡ୍ କ୍ଲବ ଗୋଲ୍‌କିପର ହାରିସୁଦ୍ଦିନ ବେଷ୍ଟ ପ୍ଲେୟର ଭାବେ ପୁରସ୍କୃତ ହୋଇଥିଲେ। ବିଦେଶୀ ନାଏକ, ସାଗିର ଅହମଦ, ଅମଜଦ ଏହେସାନ ଖାଁ, ଟୁଟୁ ବାହିନୀପତି ଏବଂ ଶୋଏବ ଅହମଦ ମ୍ୟାଚ୍ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ସନ୍ତୋଷ ଟ୍ରଫି କ୍ୟାପ୍‌ଟେନ୍ ନିପେନ୍ଦ୍ର ଦାସ ଯୋଗଦେଇଥିବା ବେଳେ ଖୋର୍ଦ୍ଧା ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ଉପେନ୍ଦ୍ର ନାଥ ଦାସ, କ୍ରୀଡ଼ାବିତ୍ ଡାନିଆଲ ନାଏକ, ସ୍ଥାନୀୟ ସରପଞ୍ଚ ମବରୁର ହୁସେନ ଏବଂ ସମିତିସଭ୍ୟ ଶାହିଦ ମହମ୍ମଦ ଅତିଥିଭାବେ ଯୋଗଦେଇଥିଲେ। ରବିବାର ଫାଇନାଲ ମ୍ୟାଚ୍ ଜୁନିୟର ୟୁନାଇଟେଡ୍ ଏବଂ କଳିଙ୍ଗ ସ୍ପୋର୍ଟିଂ କ୍ଲବ ଭୁବନେଶ୍ୱର ମଧ୍ୟରେ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ମିଳିଛି।




ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

# ସେମିରେ ପପୁଲାର କ୍ଲବ

**ଖୋର୍ଦ୍ଧା ଅଫିସ,୧୧।୩**

ଖୋର୍ଦ୍ଧା ବ୍ଲକ ମଲ୍ଲିପୁର ପଞ୍ଚାୟତର ଝିଙ୍କୁଡ଼ିଆରେ ଚାଲିଥିବା ପ୍ରଥମ ରାଜ୍ୟସ୍ତରୀୟ ବାବା ବାଲୁଙ୍କେଶ୍ୱର-ମୁକ୍ତେଶ୍ୱର ଓ ସିଦ୍ଧେଶ୍ୱର(ତ୍ରିଦେବ) ଚ୍ୟାଲେଞ୍ଜ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ପପୁଲାର କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଶନିବାର ସ୍ଥାନୀୟ ଖେଳପଡ଼ିଆରେ ଭୁବନେଶ୍ୱର ଇଟାଲିଆ ସ୍ପୋର୍ଟ୍ସ କ୍ଲବ ଓ ଢେଙ୍କାନାଳ ପପୁଲାର କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଉଭୟ ଟିମ୍ ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଟାଇବ୍ରେକରରେ ପପୁଲାର କ୍ଲବ ୫-୪ ଗୋଲ ବ୍ୟବଧାନରେ ବିଜୟୀ ହୋଇଥିଲା। ମିହିର ରଞ୍ଜନ ମହାପାତ୍ର ମ୍ୟାଚ୍ ଧାରା ବିବରଣୀ ପ୍ରଦାନ କରିଥିଲେ। ରେଫରି ରାଜୁ ମହାନ୍ତି, ପ୍ରଫୁଲ୍ଲ କୁମାର ବେହେରା, ଗିରିଶ୍ ଚନ୍ଦ୍ର ଜାନୀ ଓ ଯୁଧିଷ୍ଠିର ବେହେରା ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ସ୍ଥାନୀୟ ସରପଞ୍ଚ ସୁଦାମ ଚରଣ ସେଠୀ, ଆୟୋଜକ କମିଟି ସଭାପତି ମାନସ ମହାପାତ୍ର, ସମ୍ପାଦକ ବିକ୍ରମ ରଣା, ସାମାଜିକ କର୍ମୀ ପ୍ରମୋଦ ହରିଚନ୍ଦନ ଓ ବୈରାଗୀ ଜେନା ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିଙ୍କ ସହ ଅନ୍ୟମାନେ।

## ସଂକ୍ଷେପରେ

### ବେଆଇନ ଚାଳକଙ୍କଠୁ ୨୫ ହଜାର ଟଙ୍କା ଜରିମାନା ଆଦାୟ

ଗୋପ,୧୧।୩(ଡି.ଏନ୍.ଏ.)- ଗୋପ-ନିମାପଡ଼ା ରାସ୍ତାର ବାହାଣିଆ ଛକ ନିକଟରେ ଶନିବାର ମଧ୍ୟାହ୍ନରେ ଜିଲା ଆଞ୍ଚଳିକ ପରିବହନ ବିଭାଗ ଓ ଗୋପ ପୋଲିସର ମିଳିତ ଚଢ଼ାଉରେ ୨୫ ହଜାର ୬ ଶହ ଟଙ୍କା ଜରିମାନା ଆଦାୟ ହୋଇଛି। ପ୍ରକାଶ ଯେ, କିଛିଦିନ ଧରି ଏହି ରାସ୍ତାରେ ବେଆଇନ ଭାବେ ବିନା କାଗଜପତ୍ର, ହେଲମେଟ୍‌ରେ ଗାଡ଼ି ଚଳାଚଳ କରୁଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଏହି ଅଭିଯୋଗକୁ ନେଇ ଜିଲା ଆଞ୍ଚଳିକ ପରିବହନ ବିଭାଗ ଅଧିକାରୀ ରବିନ୍ ପଟ୍ଟନାୟକ, ଜିଲା ଟ୍ରାଫିକ୍ ଇନ୍‌ସ୍ପେକ୍ଟର ସୁଶାନ୍ତ ପାତ୍ର ଓ ଗୋପ ଥାନା ଅଧିକାରୀ ସୁନୀଲ୍ ପ୍ରଧାନଙ୍କ ନେତୃତ୍ୱରେ ଗାଡ଼ି ଚେକିଂ କରାଯାଇଥିଲା। ଚେକିଂ ସମୟରେ ବିନା କାଗଜପତ୍ର, ହେଲମେଟ୍ ନ ଥିବା ଗାଡ଼ି ଉପରେ ଫାଇନ୍ କରାଯାଇଥିଲା। ଆଉ କେତେକ ଗାଡ଼ି ଉପରେ ମକଦ୍ଦମା ରୁଜୁ କରାଯାଇଥିବା ଜଣାପଡ଼ିଛି। ଏଠାରେ ସୂଚନାଯୋଗ୍ୟ, କିଛିଦିନ ଧରି ଗୋପ ଥାନା ଅଞ୍ଚଳରେ ବହୁ ଚୋରା ଗାଡ଼ି ଚାଲୁଥିବା ଭଳି ଅଭିଯୋଗ ରହିଥିବାବେଳେ ତୁରନ୍ତ ଏହି ଗାଡ଼ି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହୋଇଛି।

### ଶ୍ରମିକଙ୍କୁ କାର୍ଯ୍ୟ ଦେଉଥିବାରୁ ସରପଞ୍ଚଙ୍କୁ ପ୍ରଶଂସା

ଗୋପ,୧୧।୩(ଡି.ଏନ୍.ଏ.)- ସବୁ ସମୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ମେସିନ କାର୍ଯ୍ୟ କୁ ବିରୋଧ କରି ନିଜ ପଞ୍ଚାୟତରେ ଶ୍ରମିକଙ୍କୁ ୧୦୦ ଦିନର କାମ ଯୋଗାଇ ଦେବାକୁ ଶପଥ ନେଇଛନ୍ତି ଗୋପ ବ୍ଲକ ଅନ୍ତର୍ଗତ ନୂଆଖୋଲମରା ସରପଞ୍ଚ ଉପେନ୍ଦ୍ର କାନୁନଗୋ। ଏଥିସହ ସେ ପଞ୍ଚାୟତ ଅଧୀନ ଓରତଣ୍ଡା ଗ୍ରାମର ଶତାଧିକ ଜବକାର୍ଡ ଥିବା ଗରିବଙ୍କୁ ମଧ କାର୍ଯ୍ୟ ଯୋଗାଉଛନ୍ତି। ସରପଞ୍ଚଙ୍କ ଏହି କାର୍ଯ୍ୟକୁ ଗ୍ରାମବାସୀ ପ୍ରଶଂସା କରିବା ସହ ସାଧୁବାଦ ଜଣାଇଛନ୍ତି। ବ୍ଲକର ବିଭିନ୍ନ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଏଣିକି ମେଶିନ କାର୍ଯ୍ୟ କରିବ ନାହିଁ। ସମସ୍ତ ପଞ୍ଚାୟତରେ ଥିବା ଜବକାର୍ଡ ହିତାଧିକାରୀମାନେ ମଧ ଶ୍ରମିକ ଭାବେ କାମ କରିବେ ବୋଲି ନିର୍ଦ୍ଦେଶ ଦେବା ପରେ ଗୋପ ବ୍ଲକର ନୂଆଖୋଲମରା ସରପଞ୍ଚ କାନୁନ୍‌ଗୋ ନିଜ ପଞ୍ଚାୟତରେ ଶ୍ରମିକଙ୍କ ହାତରେ ୧୦୦ ଦିନର କାମ ଦେଇଥିବା କହିଥିବା ବେଳେ ଏହି ଶ୍ରମିକମାନେ ଅନ୍ୟ ପାଇଁ ଉଦାହରଣ ସୃଷ୍ଟି କରିପାରିବେ ବୋଲି କହିଛନ୍ତି। କିନ୍ତୁ କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ସରକାରଙ୍କ ଜନହିତକର ଯୋଜନାରେ ବାଧା ସୃଷ୍ଟି କରୁଥିବା ବେଳେ ତାଙ୍କର ଏପରି କାର୍ଯ୍ୟକୁ ମଧ କେତେଜଣ ବିରୋଧ କରୁଥିବା ସେ କହିଛନ୍ତି।

### ଯୁବକଙ୍କ ମୋବାଇଲ୍ ଫେରାଇଲେ ୧୦୮ କର୍ମଚାରୀ



ଗୋପ,୧୧।୩(ଡି.ଏନ୍.ଏ.)- ପୁରୀ-କୋଣାର୍କ ବେଳାଭୂମି ରାସ୍ତାରେ ଅଚେତ ଅବସ୍ଥାରେ ପଡ଼ିଥିବା ଜଣେ ଯୁବକଙ୍କ ମୋବାଇଲକୁ ଗୋପର ଜଣେ ୧୦୮ କର୍ମଚାରୀ ଫେରାଇଥିବା ଫଟୋ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି। ସୂଚନା ଯେ, ଶୁକ୍ରବାର ବିଳମ୍ବିତ ରାତିରେ ପୁରୀ-କୋଣାର୍କ ବେଳାଭୂମି ରାସ୍ତାର ଟିକିନା ଛକ ନିକଟରେ ଗୋପ ଥାନା ଅନ୍ତର୍ଗତ ବାସୁଦେବପୁରର ବାସୁଦେବ ମହାରଣା ଅଚେତ ଅବସ୍ଥାରେ ପଡ଼ିଥିଲେ। ସେହି ସମୟରେ ୧୦୮ ଆମ୍ବୁଲାନ୍ସ ଗୋପ ଫେରୁଥିଲା। ଆମ୍ବୁଲାନ୍ସ କର୍ମଚାରୀ ଅଶୋକ ରାଜଯୋଗୀ ଓ କାହ୍ନୁ ଚରଣ ନାୟକ, ପ୍ରତ୍ୟୁଷ ବିଶ୍ୱାଳ ପ୍ରମୁଖ ସେଠାରେ ଗାଡ଼ି ଅଟକାଇ ଉକ୍ତ ଘଟଣା ନିକଟସ୍ଥ ରାମଚଣ୍ଡୀ ଥାନା ଅଧିକାରୀଙ୍କୁ ଜଣାଇ ଯୁବକଙ୍କୁ ପୁରୀ ସଦର ହସ୍ପିଟାଲରେ ଭର୍ତ୍ତି କରିଥିଲେ। କିନ୍ତୁ ଉକ୍ତ ଯୁବକଙ୍କ ମୋବାଇଲ ଫୋନ୍‌ଟି ଆମ୍ବୁଲାନ୍ସ ମଧରେ ରହିଯାଇଥିଲା। ପରଦିନ ଆମ୍ବୁଲାନ୍ସ କର୍ମଚାରୀ ଅଶୋକ ମୋବାଇଲଟିକୁ ଯୁବକଙ୍କ ପରିବାର ସଦସ୍ୟଙ୍କୁ ଫେରାଇଛନ୍ତି। ତେବେ ପୂର୍ବରୁ ଅଶୋକ ୧୦୮ ଗାଡ଼ିରୁ ଲକ୍ଷାଧିକ ଟଙ୍କା ପାଇ ଫେରାଇବା ପରେ ଚର୍ଚ୍ଚାକୁ ଆସିଥିଲେ।

## ଯୁଗ୍ମ କମିଟି ଦ୍ୱାରା କ୍ଷୟକ୍ଷତି ଆକଳନ

**ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସ ଅଗ୍ନିକାଣ୍ଡ ଘଟଣା**

ପୁରୀ ଅଫିସ,୧୧।୩

ବଡ଼ଦାଣ୍ଡସ୍ଥିତ ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସ ଅଗ୍ନିକାଣ୍ଡ ଘଟିବାର ୩୬ ଘଣ୍ଟା ପରେ ନିଆଁ ଲିଭିଥିବା ବେଳେ ଶନିବାର କେତେଜଣ ଦୋକାନୀ ନିଜ ଦୋକାନ ମଧ୍ୟକୁ ଯାଇ ସ୍ଥିତି ଦେଖିଥିଲେ। ଏଥିସହ ପ୍ରଶାସନିକ ସ୍ତରରେ ଗଠିତ ହୋଇଥିବା ଯୁଗ୍ମ କମିଟିର ସଦସ୍ୟମାନେ ଘଟଣାସ୍ଥଳକୁ ଯାଇ ଜଳିଯାଇଥିବା ଦୋକାନ ପରିଦର୍ଶନ କରିବା ସହ କ୍ଷୟକ୍ଷତି ଆକଳନ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, କମ୍ପ୍ଲେକ୍ସର ତଳ ମହଲା ଓ ପ୍ରଥମ ମହଲାରେ ଥିବା ସମସ୍ତ ଦୋକାନ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଦ୍ୱିତୀୟ ଓ ତୃତୀୟ ମହଲାରେ ଥିବା ହୋଟେଲ କିଛି ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ହୋଇଥିବା ଦୋକାନୀମାନେ ସେମାନଙ୍କର ସବୁକିଛି ସାମଗ୍ରୀ ହରାଇଛନ୍ତି। ଫଳରେ ସରକାର ତାଙ୍କର ଏହି ଅସମୟରେ ସାହାଯ୍ୟର ହାତ ବଢ଼ାଇବା ପାଇଁ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ, ଗତ ବୁଧବାର ସନ୍ଧ୍ୟାରେ କମ୍ପ୍ଲେକ୍ସର ଏକ ଲୁଗା ଦୋକାନରେ ଶର୍ଟସର୍କିଟ ହୋଇ ନିଆଁ ଲାଗିଥିଲା। କିଛି ସମୟ ପରେ ନିଆଁ ଅନ୍ୟ ସ୍ଥାନକୁ ବ୍ୟାପିଥିଲା। ଅଗ୍ନିଶମ ବିଭାଗ ପ୍ରଶାସନ ମିଳିତ ଭାବେ କାର୍ଯ୍ୟ କରି ଦୀର୍ଘ ୩୬ ଘଣ୍ଟା ପରିଶ୍ରମ କରି ନିଆଁକୁ ଆୟତ୍ତ



ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସରେ ଯୁଗ୍ମ କମିଟିର ସଦସ୍ୟମାନେ ସ୍ଥିତି ଅନୁଧ୍ୟାନ କରୁଛନ୍ତି ।

କରିବାରେ ସଫଳ ହୋଇଥିଲେ। ମାତ୍ର ନିଆଁ ଲିଭିବା ବେଳକୁ କମ୍ପ୍ଲେକ୍ସ ଭିତରେ ଥିବା ୪୩ଟି ଦୋକାନ ପୋଡି ପାଉଁଶ ହୋଇଯାଇଥିଲା। ନିଆଁ ଲିଭିବା ପରେ ପ୍ରଶାସନ ପକ୍ଷରୁ ଶନିବାର କ୍ଷୟକ୍ଷତିର ଆକଳନ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ଅଗ୍ନିକାଣ୍ଡରେ ତଳ ମହଲାର ସମସ୍ତ ୪୩ଟି ଦୋକାନ ସମ୍ପୂର୍ଣ୍ଣ ଜଳିଯାଇଥିବା ବେଳେ ପ୍ରଥମ ମହଲାରେ ଥିବା ବ୍ୟାଙ୍କ ଓ ସମ୍ରାଟ ବସ୍ତ୍ରାଳୟ ମଧ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ଦ୍ୱିତୀୟ ଏବଂ ତୃତୀୟ ମହଲାରେ ଥିବା ହୋଟେଲ ଆଂଶିକ ପ୍ରଭାବିତ ହୋଇଛି। ହୋଟେଲ୍ ସମ୍ରାଟ୍ ଭିତରେ ରହିଥିବା ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କକୁ ଗୋରୁଆଳ ଶାଖାକୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ ଗ୍ରାହକମାନେ ସେଠାରେ ସେବା ପାଇବେ ବୋଲି ହୋଟେଲ୍ ଉପରେ ବ୍ୟାନର୍ ଲଗାଯାଇଛି। କମ୍ପ୍ଲେକ୍ସରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ରହି ନ ଥିବାରୁ ଏଭଳି ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଥିବା ସ୍ପଷ୍ଟ ହୋଇଛି। ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ ଟିମ୍ ଅଗ୍ନିକାଣ୍ଡ କ୍ଷୟକ୍ଷତିର ଆକଳନ କରି ସମସ୍ତ ରିପୋର୍ଟ ପ୍ରଦାନ କରିବା ଲାଗି ତଦନ୍ତ କରାଯାଇ କମ୍ପ୍ଲେକ୍ସକୁ ସିଲ୍ କରିଦିଆଯାଇଛି। ଉପଜିଲାପାଳଙ୍କ ନେତୃତ୍ୱରେ ଗଠିତ ହୋଇଥିବା ଟିମ୍‌କୁ ୧୫ ତାରିଖ ସୁଦ୍ଧା କ୍ଷୟକ୍ଷତି ଆକଳନର ପୂର୍ଣ୍ଣାଙ୍ଗ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ଟିମ୍‌ରେ ପୁରୀ ତହସିଲଦାର, ଟାଉନଥାନା ଅଧିକାରୀ ଓ ଜିଲା ଅଗ୍ନିଶମ ଅଧିକାରୀ ରହିଛନ୍ତି। ଅପରପକ୍ଷେ ଶନିବାର ପରିସ୍ଥିତ ଠିକ୍ ହେବା ପରେ ପୋଡିଯାଇଥିବା ଦୋକାନକୁ ଦୋକାନ ମାଲିକମାନେ ଦୋକାନକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ତେବେ ଏତେବଡ଼ ଘଟଣା ଘଟିଥିଲେ ମଧ କମ୍ପ୍ଲେକ୍ସ ମାଲିକ ଦେଖା ନ ଦେବା ଦୋକାନୀଙ୍କ ଚିନ୍ତା ବଢ଼ାଇଛି। ମାଲିକଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ କିନ୍ତୁ ଯିଏ ବୁଝାବୁଝି କରୁଥିଲେ ତାଙ୍କ ସହ ଆଲୋଚନା ବେଳେ ସରକାର ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି ବୋଲି କହିଛନ୍ତି।

### ଏମାନେ ଯାହା କୁହନ୍ତି...

“ କ୍ଷୟକ୍ଷତିର ଆକଳନ କରାଯାଇଛି। ତେବେ ଆକଳନରୁ ଜଣାପଡିଛି ଯେ, କମ୍ପ୍ଲେକ୍ସର ଗ୍ରାଉଣ୍ଡ ଫ୍ଲୋରରେ ଥିବା ଦୋକାନୀଙ୍କର ସମ୍ପୂର୍ଣ୍ଣ ଭାବରେ କ୍ଷତି ହୋଇଛି। ଜିନିଷ ସବୁ ପୋଡି ଯାଇଥିବା ବେଳେ ରିକୋଭରି ହେବାଭଳି କିଛି ନାହିଁ। ତେବେ ସୁନା ଦୋକାନର ଲକର ଓ ବ୍ୟାଙ୍କର ଲକର ସୁରକ୍ଷିତ ଭାବରେ ରହିଛି। ସେହିପରି ପ୍ରଥମ ମହଲରେ ଥିବା ବସ୍ତ୍ରାଳୟ ଦୋକାନ ସମ୍ପୂର୍ଣ୍ଣ ଭାବେ କ୍ଷତିଗସ୍ତ ହୋଇଛି। ହୋଟେଲର ବିଶେଷ କିଛି କ୍ଷତି ହୋଇନାହିଁ। ତେବେ ରିପୋର୍ଟରେ କାହାର କେଉଁ ଦୋକାନ ଥିଲା। କେତେ ଲୋକ କାର୍ଯ୍ୟ କରୁଥିଲେ। କ'ଣ ସବୁ କ୍ଷୟକ୍ଷତି ହୋଇଛି ସେ ସମ୍ପର୍କରେ ତଥ୍ୟ ପ୍ରଦାନ କରାଯିବ।

**-କ୍ଷୀରୋଦ କୁମାର ବେହେରା, ତହସିଲଦାର**

“ କମ୍ପ୍ଲେକ୍ସର କୌଣସି ସ୍ଥାନରେ ନିଆଁ ଆଉ ଅଛିକି ନାହିଁ ତାହା ଅନୁଧ୍ୟାନ କରିଥିଲୁ। ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ହୋଇଛି। କମ୍ପ୍ଲେକ୍ସରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ନ ଥିଲା। ପୁରୀ ସହରରେ ଅଧିକାଂଶ ଦୋକାନରେ ଅଗ୍ନିନିର୍ବାପକ ବ୍ୟବସ୍ଥା ନାହିଁ ସେମାନଙ୍କୁ ନୋଟିସ ଦିଆଯିବ। ଯେଉଁମାନେ ନିୟମ ଉଲ୍ଲଂଘନ କରିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। କମ୍ପ୍ଲେକ୍ସ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରାଯିବ।

**-ନାରାୟଣ ଦାଶ, ଡେପୁଟି ଫାୟାର ଅଫିସର**

“ ଦୋକାନରେ ନିଆଁ ଲାଗି ସବୁ ପୋଡିଯାଇଛି। ସରକାରଙ୍କ ପକ୍ଷରୁ କରାଯାଉଥିବା ତଦନ୍ତରେ ନ୍ୟାୟ ପାଇବେ କି ନାହିଁ ସନ୍ଦେହ କରିଛନ୍ତି। ତେବେ ସମସ୍ତ ଦୋକାନୀଙ୍କୁ ସେ ଅଗ୍ନିନିର୍ବାପକ ବ୍ୟବସ୍ଥା ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି।

**- ରଶ୍ମି ମିଶ୍ର, ଦୋକାନୀ**

## ଜିଲା ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ସଂଘର ନିର୍ବାଚନ

ପୁରୀ ଅଫିସ,୧୧।୩

ଜିଲା ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକମାନଙ୍କର ଏକ ବୈଠକ ଶନିବାର କୁଳମଣି ଭବନରେ ଅନୁଷ୍ଠିତ ହୋଇଛି। ସଦାଶିବ ସ୍ୱାଇଁଙ୍କ ସଭାପତିତ୍ୱରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଅବସରପ୍ରାପ୍ତ ଶିକ୍ଷକଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ଅନ୍ୟ ରାଜ୍ୟ ଭଳି ସ୍ୱାସ୍ଥ୍ୟଭତ୍ତା ଯୋଗାଇଦେବା ପାଇଁ ଦାବି ହୋଇଥିଲା। ୧.୧ ୨୦୦୬ ମସିହା ଠାରୁ ୩୧ .୧୨.୨୦୧୨ ମସିହା ପର୍ଯ୍ୟନ୍ତ ଅବସରପ୍ରାପ୍ତ ଗ୍ରହଣ କରିଥିବା ଶିକ୍ଷକମାନଙ୍କୁ ରାଜ୍ୟ ସରକାର ଗ୍ରେଡ ପେରୁ ବଞ୍ଚିତ କରିଥିବାରୁ ଶିକ୍ଷକମାନେ ଗଭୀର କ୍ଷୋଭ ପ୍ରକାଶ କରିଥିଲେ। ଏହି ବର୍ଗର ଶିକ୍ଷକଙ୍କୁ ୧.୧.୨୦୦୬ ରୁ ହିସାବକୁ ନେଇ ଆର.ଏ.ସି.ପି ପ୍ରଦାନ କରିବା ପାଇଁ ଦାବି କରାଯାଇଥିଲା। ୩୦ ବର୍ଷ ବୟସ ପରେ ୧୦ ପ୍ରତିଶତ ପେନସନ୍ ବୃଦ୍ଧି କରାଯାଉ ବୋଲି ଦାବି କରାଯାଇଥିଲା। ଏହି ଅବସରରେ ସଂଘର ଜିଲା ସଭାପତି ଭାବେ ମାୟାଧର ମିଶ୍ର, ଉପ ସଭାପତି ଭାବରେ ବାନାମ୍ବର ପ୍ରଧାନ ଓ ପୌର୍ଣ୍ଣମାସୀ ଦେବୀ, ସାଧାରଣ ସମ୍ପାଦକ ଭାବେ ରାମଚନ୍ଦ୍ର ଦାଶ, ସହ ସମ୍ପାଦକ ଓ କୋଷାଧ୍ୟକ୍ଷ ଭାବରେ ଉପେନ୍ଦ୍ର ମହାରଣା ଏବଂ ସଂଯୋଜକ ଭାବରେ ପ୍ରହ୍ଲାଦ ସ୍ୱାଇଁଙ୍କୁ ନିର୍ବାଚନ କରାଯାଇଥିଲା।

## ପୁରୀ ରେଳ ଷ୍ଟେଶନରେ ଅଗ୍ନିକାଣ୍ଡ



ଅଗ୍ନିଶମ ବିଭାଗର ଜଣେ କର୍ମଚାରୀ ନିଆଁକୁ ଲିଭାଉଛନ୍ତି।

ପୁରୀ ଅଫିସ,୧୧।୩

ପୁରୀରେ ଅଗ୍ନିକାଣ୍ଡ ଥମିବାର ନାଁ ଧରୁନି। ଗତ ୩ଦିନ ମଧ୍ୟରେ ବଡ଼ଦାଣ୍ଡସ୍ଥିତ ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସ ଓ ନୀଳାଦ୍ରି କମ୍ପ୍ଲେକ୍ସରେ ନିଆଁ ଲାଗିଥିବାବେଳେ ଶନିବାର ପୁଣି ଏକ ଅଗ୍ନିକାଣ୍ଡ ଘଟିଛି। ତେବେ ଏଥର ଅଗ୍ନିକାଣ୍ଡ କୌଣସି ମାର୍କେଟ କମ୍ପ୍ଲେକ୍ସ ନୁହେଁ, ବରଂ ପୁରୀ ରେଲୱେ ଷ୍ଟେଶନ ପରିସରରେ ଘଟିଛି। ଶନିବାର ସକାଳେ ରେଳ ଷ୍ଟେଶନ ଏକ ନମ୍ବର ପ୍ଲାଟଫର୍ମର ୧୦ନଂ. ଟ୍ରାକ ନିକଟରେ ନିଆଁ ଲାଗିଯାଇଛି। ରେଳ ଧାରଣା କଡ଼ରେ ଥିବା ଅଳିଆ ଗଦାରେ ନିଆଁ ଲାଗିଯିବାରୁ ଏହି ଅଗ୍ନିକାଣ୍ଡ ହୋଇଛି। ଖବରପାଇ ଅଗ୍ନିଶମ ବାହିନୀ ତୁରନ୍ତ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅପରପକ୍ଷେ ନିଆଁ ଲାଗିଥିବା ସ୍ଥାନର ଅଳ୍ପ ଦୂରରେ ଏକ ରେଳ ଇଞ୍ଜିନ ମଧ ଥିଲା। ତେବେ ସେଥିରେ ନିଆଁ ଲାଗିବା ଆଶଙ୍କା ଥିବାରୁ ରେଳ କର୍ମଚାରୀମାନେ ଉକ୍ତ ଇଞ୍ଜିନକୁ ସ୍ଥାନାନ୍ତର କରିଥିଲେ।

ତେବେ ଘଟଣା ସମ୍ପର୍କରେ ଡେପୁଟି ଫାୟାର ଅଫିସର ନାରାୟଣ ଦାସଙ୍କ କହିବା ଅନୁଯାୟୀ, ଶନିବାର ସକାଳେ ପ୍ରାୟ ୯ଟା ବେଳେ ରେଲୱେ ଷ୍ଟେଶନର ୧ନଂ. ପ୍ଲାଟଫର୍ମ ନିକଟରେ ନିଆଁ ଲାଗିଥିବା ନେଇ ରେଲୱେ କର୍ମଚାରୀଙ୍କ ପକ୍ଷରୁ ସୂଚନା ଆସିଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀମାନେ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଯେଉଁ ସ୍ଥାନରେ ନିଆଁ ଲାଗିଥିଲା, ସେ ସ୍ଥାନରେ ରେଲୱେର ଅଦରକାରୀ ଜିନିଷ ବା ଅଳିଆ ପକାଯାଇଥାଏ। ବର୍ତ୍ତମାନ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। କୌଣସି ବ୍ୟକ୍ତି ବିଡି କିମ୍ବା ସିଗାରେଟ ଖାଇ ପକାଇବା ଫଳରେ ଅଳିଆରେ ନିଆଁ ଲାଗି ବ୍ୟାପିଥିବା ଅନୁମାନ କରାଯାଉଛି। ନିଆଁ ଲିଭାଇବା କାର୍ଯ୍ୟରେ ୧୫ଜଣ କର୍ମଚାରୀ ନିୟୋଜିତ ହୋଇଥିବା ବେଳେ ଦୁଇଟି ଦମକଳ ଗାଡ଼ି ଆସିଥିଲା। ଅଧଘଣ୍ଟାଏ ମଧ୍ୟରେ ନିଆଁକୁ ଆୟତ୍ତ କରାଯାଇଛି। ଅଗ୍ନିକାଣ୍ଡରେ କୌଣସି ଜୀବନହାନି କି କ୍ଷୟକ୍ଷତି ହୋଇ ନ ଥିବା ଦାଶ କହିଛନ୍ତି। ସେହିଭଳି ଆରପିଏଫ୍ କର୍ମଚାରୀ ସନ୍ତୋଷ କୁମାର ପାଣିଗ୍ରାହୀଙ୍କ କହିବା ଅନୁଯାୟୀ, ୧ ନଂ. ପ୍ଲାଟଫର୍ମ ନିକଟରେ ନିଆଁ ଲାଗିଥିବା ଜାଣିବା ପରେ ପାଖରେ ଥିବା ପାଣି ଟାଙ୍କିରୁ ପାଣି ଆଣି ନିଆଁ ଲିଭାଇବା ପାଇଁ ଚେଷ୍ଟା କରାଯାଇଥିଲା। ପରେ ସେଠାରେ ଥିବା ଇଞ୍ଜିନକୁ ଅନ୍ୟ ଜାଗାକୁ ସ୍ଥାନାନ୍ତର କରାଯାଇଥିଲା। କିପରି ନିଆଁ ଲାଗିଲା ତାହାର ତଦନ୍ତ କରାଯିବ। ତେବେ ଆଗକୁ ଏପରି ଘଟଣା ନ ଘଟିବ ସେଥିପାଇଁ ଧ୍ୟାନ ନିଆଯିବ। ପୂର୍ବରୁ ମଧ ଷ୍ଟେଶନ ପରିସରରେ ଅଗ୍ନିକାଣ୍ଡ ଘଟିଛି। ପୁରୀ ଷ୍ଟେଶନ ଚାରିପାଖ ଖୋଲା ଥିବାବେଳେ ପ୍ଲାଟଫର୍ମ ନିକଟରେ ଅଳିଆ ପକାଇବା ଓ ଜଙ୍ଗଲ ରହିବାକୁ ବୁଦ୍ଧିଜୀବୀ ନାପସନ୍ଦ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୯ରେ ପୁରୀ ଷ୍ଟେଶନରେ ଟ୍ରେନରେ ଅଗ୍ନିକାଣ୍ଡ ଘଟିଥିଲା। ସେହିପରି କିଛି ବର୍ଷ ପୂର୍ବ ଏକ ଅଳିଆଗଦାରେ ମଧ ନିଆଁ ଲାଗିଥିଲା। ତେଣୁ ରେଲୱେ ଏଥିପ୍ରତି ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି।

**ଅଳିଆଗଦାରେ ଲାଗିଥିଲା ନିଆଁ**

## ଜୀବନର ରଙ୍ଗ କାର୍ଯ୍ୟକ୍ରମ

ପୁରୀ ଅଫିସ,୧୧।୩

ସ୍ୱେଚ୍ଛାସେବୀ ସଙ୍ଗଠନ ସାମୁଖ୍ୟ ଦି ବେଲ ଓ ପୁରୀ ଜିଲା ଦିବ୍ୟାଙ୍ଗ ମହାମଞ୍ଚ ମିଳିତ ଆନୁକୁଲ୍ୟରେ ହୋଲି ଓ ଦୋଳପୂର୍ଣ୍ଣମା ଅବସରରେ ଜୀବନ ରଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ୟୁଥ୍ ହଷ୍ଟେଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ନିମନ୍ତେ ହୋଇଥିଲା। ଏହି ଅବସରରେ ବିଭିନ୍ନ ଖେଳ, ନୃତ୍ୟ, ଚିତ୍ରାଙ୍କନ ଇତ୍ୟାଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପରସ୍ପରକୁ ଅବିର ଲଗାଇବା ସହିତ ମିଠା ବାଣ୍ଟି ହୋଲି ଖେଳିଥିଲେ। ପୁରୀର ଅନେକ ବୁଦ୍ଧିଜୀବି, ଜିଲା ଦିବ୍ୟାଙ୍ଗ ମହାମଞ୍ଚର ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ ଅତିଥି ଭାବେରେ ଯୋଗଦେଇ ଜୀବନକୁ ଖୁସିରେ ବଞ୍ଚିବାର ଏହା ଏକ ନିଆରା ପ୍ରୟାସ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବରେ ନେହେରୁ ଯୁବ କେନ୍ଦ୍ରର ଜିଲା ସଂଯୋଜକ ଜୟଶଙ୍କର ଯୋଶୀ ଯୋଗଦେଇଥିଲେ। ସୁକାନ୍ତ ପଣ୍ଡା ସଂଯୋଜନା କରିଥିବା ବେଳେ ଦିବ୍ୟାଙ୍ଗ ମହାମଞ୍ଚର ସମ୍ପାଦିକା ଗଜଲକ୍ଷ୍ମୀ ରାୟ, ଦି ବେଲ୍‌ର ବ୍ରଜକିଶୋର ସାହୁ, ସଞ୍ଜୟ ପ୍ରଧାନ, ରତିକାନ୍ତ ପ୍ରତିହାରୀ, ସତ୍ୟନାରାୟଣ ସାହୁ, ଟିଙ୍କିନା ପ୍ରଧାନ,ଦେବରାଜ ଦାସ, ବିଶ୍ୱନାଥ ହରିଚନ୍ଦନ, ଓମ୍ ପ୍ରସାଦ ମହାନ୍ତି, ଅମର ବାରିକ, ଗୋପାଳ ନାୟକ,ବନିତା ଦୀକ୍ଷିତ ପ୍ରମୁଖ ପରିଚାଳନା କରିଥିଲେ।

## ସରପଞ୍ଚଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଭିତ୍ତିହୀନ

କାକଟପୁର,୧୧।୩(ଡି.ଏନ୍.ଏ.)

କାକଟପୁର ବ୍ଲକ ବାଙ୍ଗୁରୀଗାଁ ପଞ୍ଚାୟତ ଅନ୍ତର୍ଗତ ବାଣିଆ ଗ୍ରାମ ୧୮ନଂ. ୱାର୍ଡରେ ଥିବା ବାଉରାଣୀ ପୋଖରୀ ଓ ଖେଳପଡ଼ିଆ ଉନ୍ନତୀକରଣ ପାଇଁ ଆସିଥିବା ଅର୍ଥ ହଡ଼ପ ନେଇ ହୋଇଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି ସମ୍ପୃକ୍ତ ସରପଞ୍ଚ ପାର୍ଥ ବେହେରା। ସୂଚନା ଅନୁଯାୟୀ ଉପରୋକ୍ତ ୱାର୍ଡରେ ଥିବା ଦଳପୂର୍ଣ୍ଣ ତଥା ଖରାଦିନେ ଶୁଷ୍କ ରହୁଥିବା ପୋଖରୀରେ ଗାଧୁଆପାହାଚ ଓ ଏକ ଗୃହ ପାଇଁ ୨ଲକ୍ଷ ୫୦ହଜାର ବ୍ୟୟ ଅଟକଳ କରାଯାଇଥିଲା। ହେଲେ ଏହି ଅର୍ଥ ଟଙ୍କାକୁ ଅନ୍ୟ କାର୍ଯ୍ୟ କରି ବାକି ଅର୍ଥ ସରପଞ୍ଚ ଆତ୍ମସାତ କରିଥିବା ନେଇ ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା। ସେହିପରି ଗ୍ରାମର ଖେଳପଡ଼ିଆ ଉନ୍ନତୀକରଣ ପାଇଁ ମଧ ଆସିଥିବା ୨ ଲକ୍ଷ ଟଙ୍କାରୁ କିଛି ହଡ଼ପ କରିଥିବା ଅଭିଯୋଗ ହୋଇଥିଲା। ତେବେ ଉକ୍ତ ଅଭିଯୋଗକୁ ସରପଞ୍ଚ ପ୍ରାର୍ଥ ବେହେରା ଖଣ୍ଡନ କରିବା ସହ କହିଛନ୍ତି, ପୋଖରୀଟି ଯେହେତୁ ସବୁଦିନିଆ ବ୍ୟବହାର ଉପଯୋଗୀ ନ ଥିଲା। ତେଣୁ ସେ ଗ୍ରାମସଭା ଓ ପଞ୍ଚାୟତ ବୈଠକରେ ରେଗୁଲେସନ କରି ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ବ୍ଲକ ଉନ୍ନୟନ ଅଧିକାରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଏବଂ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅନୁମୋଦନକ୍ରମେ ଉକ୍ତ ଅନୁଦାନ ରାଶିକୁ ପଞ୍ଚାୟତର ଅନ୍ୟ ଜନହିତକର କାର୍ଯ୍ୟରେ ବିନିଯୋଗ କରିଛନ୍ତି। କାରଣ ଅଦରକାରୀ ଅବ୍ୟବହୃତ ସ୍ଥାନରେ ସରକାରୀ ଅର୍ଥକୁ ବିନିଯୋଗ ନ କରିବାକୁ ଜିଲାସ୍ତରୀୟ ପଦାଧିକାରୀଙ୍କ ନିର୍ଦ୍ଦେଶ ପାଳନ କରିଛି ବୋଲି ସରପଞ୍ଚ କହିଛନ୍ତି। ପ୍ରଥମେ ପୋଖରୀର ଉନ୍ନତୀକରଣ କରିବା ପରେ ଯାଇ ପାହାଚ ଓ ବସ୍ତ୍ର ପ୍ରଖାଳନ ଗୃହ କରିବି। ଏପରିକି ସମ୍ପୃକ୍ତ ୧୮ନଂ ୱାର୍ଡର ସଭ୍ୟ ମଧ ପଞ୍ଚାୟତ ବିବରଣୀରେ ହସ୍ତାକ୍ଷର କରିଛନ୍ତି। ସେହିପରି ଅନ୍ୟ ଅଭିଯୋଗ ଯଥା ଖେଳପଡିଆ ପାଇଁ ଆସିଥିବା ୨ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନାମରେ ଅଛି। ବର୍ତ୍ତମାନ କାର୍ଯ୍ୟ ଚାଲୁ ରହିଥିବା ବେଳେ ବିଲ୍ ହୋଇନାହିଁ, ତେଣୁ କିଭଳି ମୁଁ ଅର୍ଥ ଆତ୍ମସାତ କରିଲି ବୋଲି ସରପଞ୍ଚ ପ୍ରଶ୍ନ କରିଛନ୍ତି। କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ରାଜନୈତିକ ଅଭିସନ୍ଧି ରଖି ନୀରିହ ଗ୍ରାମବାସୀଙ୍କୁ ଉସୁକାଇ ଏଭଳି ମିଥ୍ୟା ଅଭିଯୋଗ କରିଛନ୍ତି।



ପାନାସ୍ୱଦ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ନେତୃତ୍ୱ ବିକାଶ ପ୍ରଶିକ୍ଷଣ ଶିବିରରେ ଅତିଥିଙ୍କ ସହ ଶିବିରାର୍ଥୀ ।

## ରାଜ୍ୟସ୍ତରୀୟ ସବ୍‌ଜୁନିୟର କିରୋଗୀ, ପୁମ୍‌ସି ପ୍ରତିଯୋଗିତା

ପୁରୀ ଅଫିସ,୧୧।୩

ଓଡ଼ିଶା ଟାଏକୋଣ୍ଡୋ ସଂଘ ଓ ପୁରୀ ଟାଏକୋଣ୍ଡୋ ସଂଘ ମିଳିତ ସହଯୋଗରେ ୩୪ତମ ଓଡ଼ିଶା ସବ୍ ଜୁନିୟର କିରୋଗୀ ଓ ୬ତମ ପୁମ୍‌ସି ଟାଏକୋଣ୍ଡୋ ପ୍ରତିଯୋଗିତା ଗରୁଡ଼ ଛକସ୍ଥିତ ରେଲୱେ କଲ୍ୟାଣ ମଣ୍ଡପରେ ଶନିବାର ଆରମ୍ଭ ହୋଇଛି। ଉକ୍ତ ପ୍ରତିଯୋଗିତାରେ ବିଭିନ୍ନ ଜିଲାରୁ ୪୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାରେ ୭ରୁ ୧୪ବର୍ଷ ବାଳିକା ଓ ବାଳକ ଅଂଶଗ୍ରହଣ କରିଛନ୍ତି। ଉକ୍ତ ପ୍ରତିଯୋଗିତାକୁ ଅନ୍ତର୍ଜାତୀୟ ରେଫରି ଓ ଜାତୀୟ ରେଫରି ପରିଚାଳନା କରିଥିଲେ। ପୁରୀ ଜିଲା କ୍ରୀଡା ସଙ୍ଘର ସମ୍ପାଦକ ରବିଶଙ୍କର ପ୍ରତିହାରୀ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସେହିପରି ସିକିମର ଅନ୍ତର୍ଜାତୀୟ ରେଫରି ତ୍ରିଲୋକ ସୁବା ଆମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତାକୁ ଅନ୍ତର୍ଜାତୀୟ ରେଫରି ଅଶୋକ କୁମାର ସାହୁ ପରିଚାଳନା କରିଥିଲେ। ଓଡ଼ିଶା ଟାଏକୋଣ୍ଡୋ ସଂଘ ସାଧାରଣ ସମ୍ପାଦକ ମନମୋହନ ଭଞ୍ଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଉକ୍ତ ପ୍ରତିଯୋଗିତା ଦୁଇଦିନ ଧରି ଅନୁଷ୍ଠିତ ହେବ।



ଟାଏକୋଣ୍ଡୋ ପ୍ରତିଯୋଗିତାରେ ଭାଗ ନେଇଥିବା ୨ ପ୍ରତିଯୋଗୀ ।

## ୮୫ଗ୍ରାମ ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

ପୁରୀ ଅଫିସ,୧୧।୩

ପୁରୀ ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ଏବଂ ସାତପଡ଼ା ଅବକାରୀ ଥାନା ଅଧିକାରୀ ବିନୋଦ ବାସ୍କେଙ୍କ ନେତୃତ୍ୱରେ ଏକ ଟିମ୍ ସଦର ଥାନା ଅଧୀନ ଗୋରୁଆଳ ଚାରିଛକରେ ଚଢ଼ାଉ କରି ବ୍ରାଉନ ସୁଗାର ବେପାର କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ସେ ହେଲେ ସଦରଥାନା ଅନ୍ତର୍ଗତ ଗୋରୁଆଳ ନୂଆପାଟଣା ଗ୍ରାମର ପ୍ରଭାତ ବରାଳ । ତାଙ୍କଠାରୁ ଅବକାରୀ ପୋଲିସ ୮୫ ଗ୍ରାମ ବ୍ରାଉନ ସୁଗାର ସହ ଗୋଟିଏ ଓଡି ୩୩ ପି ୮୮୭୪ ନମ୍ବର ବିଶିଷ୍ଟ ବାଇକ୍ ଜବତ କରିଛି। ଏ ନେଇ ପୋଲିସ ନଂ.୧୫୩/୨୨-୨୩ ଏକ ମାମଲା ରୁଜୁ କରି ଶନିବାର କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ ଗୋରୁଆଳ ଅଞ୍ଚଳରେ ଜଣେ ବ୍ୟକ୍ତି ବ୍ରାଉନ ସୁଗାର କାରବାର କରୁଥିବା ଖବରପାଇ ଅବକାରୀ ପୋଲିସ ଉକ୍ତ ଅଞ୍ଚଳରେ ଚଢାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ୭୭୪୧ ମାମଲା ସମାଧାନ, ୭୫.୧ ଲକ୍ଷ ଜରିମାନା ଆଦାୟ

**ଜିଲାସ୍ତରୀୟ ଲୋକ ଅଦାଲତ**

ପୁରୀ ଅଫିସ,୧୧।୩

ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ପୁରୀ ସମେତ ନିମାପଡା, କୋଣାର୍କ, ପିପିଲି, ବ୍ରହ୍ମଗିରି ଓ କଣାସ ଅଦାଲତରେ ଶନିବାର ପ୍ରଥମ ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଜଜ୍ ଶିତିକଣ୍ଠ ସାମଲଙ୍କ ତତ୍ତ୍ୱାବଧାନରେ ଉକ୍ତ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ ଲୋକ ଅଦାଲତରେ ୭୭୪୧ଟି ମାମଲା ଫଇସଲା କରାଯିବା ସହ ଜରିମାନା ବାବଦକୁ ୭୫,୧୬,୯୯୪ ଟଙ୍କା ଆଦାୟ କରାଯାଇଛି। ୭ଟି ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା ବିଚାର କରାଯାଇ ୩୭,୮୪,୦୦୦ଟଙ୍କା କ୍ଷତିପୂରଣ ପାଇଁ ବୀମା କମ୍ପାନୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ୬ଟି ପାରିବାରିକ ବିବାଦ, ୫୩ଟି ଜମି ଅଧିକରଣ ବିବାଦ ଏବଂ ୨୦ଟି ଅନ୍ୟାନ୍ୟ ବିବାଦର ବିଚାର କରାଯାଇ ସମାଧାନ କରାଯାଇଛି। ୭୬୫୫ଟି ରାଜସ୍ୱ ମାମଲାର ଫଇସଲା କରାଯାଇ ୩୮,୩୨,୯୯୪ ଟଙ୍କା ଆଦାୟ କରାଯାଇଛି। ଉକ୍ତ ଅଦାଲତରେ ପରିବାର ଅଦାଲତର ବିଚାରପତି ଅରୁଣ କୁମାର ମଲ୍ଲିକ, ଦ୍ୱିତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍ ଅମିୟ ରଞ୍ଜନ ଜେନା, ବରିଷ୍ଠ ଦେୱାନୀ ଅଦାଲତ ବିଚାରପତି ରାଣା ଘୋଷ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଜିତେନ୍ଦ୍ର ଦାସ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁଶ୍ରୀ ପଲ୍ଲବୀ ଦାସ, ଡି.ଐଶ୍ୱର୍ଯ୍ୟା, ଏସ୍ ଆଚାର୍ଯ୍ୟ ପ୍ରମୁଖ ମାମଲାଗୁଡ଼ିକର ଫଇସଲା କରିଥିଲେ। ଉକ୍ତ ଲୋକ ଅଦାଲତକୁ ଜିଲା ଆଇନସେବା ପ୍ରାଧିକରଣ ସଚିବ ଅମିତ କୁମାର ବାରିକ ପରିଚାଳନା କରିଥିଲେ। ପ୍ରାଧିକରଣର କର୍ମଚାରୀମାନେ ଅଦାଲତ ପରଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ବୃନ୍ଦାବନ ଚନ୍ଦ୍ର ଲଉଡି ସଂଘର ବାର୍ଷିକ ଉତ୍ସବ

ଖୁଣ୍ଟୁଣୀ,୧୧।୩(ଡି.ଏନ୍.ଏ.): ଖୁଣ୍ଟୁଣୀ ଥାନା ଅଧୀନ ଘଣ୍ଟିଖାଲସ୍ଥିତ ଦୋଳଯାତ୍ରା ପଡିଆର ପାଲା ମଣ୍ଡପରେ ବୃନ୍ଦାବନ ଚନ୍ଦ୍ର ଲଉଡି ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଘଣ୍ଟିଖାଲ ଯାଦବ ସମାଜ ପକ୍ଷରୁ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ବାବା ସଦାନନ୍ଦ ଦାସଜୀ ମହାରାଜ, ସମ୍ମାନିତ ଅତିଥି ଭାବେ ୩ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ଘଣ୍ଟିଖାଲ ସରପଞ୍ଚଙ୍କ ପ୍ରତିନିଧି ସୁବାସ ଚନ୍ଦ୍ର ବିଶ୍ୱାଳ, କଖଡ଼ି ସରପଞ୍ଚ କଳ୍ପନା ଛତାର, ସରୋଜ ପ୍ରଧାନ, ଲକ୍ଷ୍ମୀଧର ମହାନ୍ତି, ପ୍ରଣବାନନ୍ଦ ପ୍ରଧାନ, ଜାନକୀଲତା ନାଏକ, ଲକ୍ଷ୍ମୀପ୍ରିୟା ବେହେରା, ମଙ୍ଗୁଳି ପାଣି, ଶ୍ରୀକର ଜେନା, ଗୋବର୍ଦ୍ଧନ ବେଉରା, ଘଣ୍ଟିଖାଲ ଯାଦବ ସମାଜ ସଭାପତି ପ୍ରେମାନନ୍ଦ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଆଠଗଡ଼ ଯୁବ ଯାଦବ ମହାସଂଘ ସଭାପତି ସନ୍ତୋଷ କୁମାର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଉତ୍ସବରେ ବଉଳପଦା, ଧୁରୁଷିଆ, କେଉଟପଡ଼ା, ଦ୍ୱାରାବତୀପୁର, କାଇପୁଡ଼ିଆ, ରାଧାଶ୍ୟାମପୁର, କଦମ୍ବପାଟଣା, ଘଣ୍ଟିଖାଲ, ବାଉଁଶଦଣ୍ଡା, କନ୍ଦରପୁର, ଧବଳେଶ୍ୱର, ବିଦ୍ୟାଧରପୁର ଗ୍ରାମର ଲଉଡି ସଂଘର କର୍ମକର୍ତ୍ତା ଲଉଡି ନୃତ୍ୟଗୀତ ପରିବେଷଣ କରିଥିଲେ।

### ଭାଗବତ କଥାମୃତ ଜ୍ଞାନଯଜ୍ଞ

ଚୌଦ୍ୱାର,୧୧।୩(ଡି.ଏନ୍.ଏ.): ଟାଙ୍ଗୀ-ଚୌଦ୍ୱାର ବ୍ଲକ ବଡ଼ସାମନ୍ତରାପୁର ପଞ୍ଚାୟତର ଅଧୀନ ବଡ଼ ପଦାଗାଁରେ ଭାଗବତ କଥାମୃତ ଜ୍ଞାନଯଜ୍ଞ ଶନିବାର ଅନୁଷ୍ଠିତ ହୋଇଯାଇଛି। କୈଳାସ ଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଗ୍ରାମର ଭାଗବତ ଟୁଙ୍ଗିରେ ଆୟୋଜିତ କାର୍ଯ୍ୟକ୍ରମରେ ସତ୍ୟ ସନାତନ ଭାଗବତ ପ୍ରଚାର ସମିତି ସଭାପତି ସିଦ୍ଧେଶ୍ୱର ନାୟକ, ଶୁଭେନ୍ଦ୍ରନାଥ ଷଡ଼ଙ୍ଗୀ, ବିଚିତ୍ରାନନ୍ଦ ନାୟକ, ପରମାନନ୍ଦ ସାହୁ, ତୋଫାନୀ ବାବା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଭାଗବତ ସମ୍ପର୍କରେ ଆଲୋଚନା କରିଥିଲେ। ହୃଷୀକେଶ ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୨୭ଜଣ ଭାଗବତ ପ୍ରଚାର ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଧର ବାରିକ, ଦାମୋଦର ରାଉତ, ବାଉରିବନ୍ଧୁ ପରିଡ଼ା, ନାରାୟଣ ସୁନ୍ଦରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରବି ନାରାୟଣ ସିଂ ଧନ୍ୟବାଦ ଦେଇଥିଲେ।

### ଅରୁଣୋଦୟନଗର ନାଗରିକ ପରିଷଦର ବସନ୍ତ ଉତ୍ସବ

କଟକ ଅଫିସ, ୧୧।୩: ଅରୁଣୋଦୟନଗର ନାଗରିକ ପରିଷଦର ୩୮ତମ ବାର୍ଷିକ ମିଳନ ଓ ବସନ୍ତ ଉତ୍ସବ ପରିଷଦର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ପରିଷଦର ସଭାପତି ଡ. ନିରଞ୍ଜନ ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ, ମୁଖ୍ୟବକ୍ତା ଭାବେ ପ୍ରଫେସର ବୈଷ୍ଣବ ଚରଣ ସାମଲ, କର୍ପୋରେଟର ପ୍ରଦୀପ କିଶୋର ଖୁଣ୍ଟିଆ ଓ ଗୋପାଳ ଚନ୍ଦ୍ର ବେହେରା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ପରିଷଦର ସହ ସମ୍ପାଦକ ମହେଶ୍ୱର ମହାନ୍ତି ଓ ଲକ୍ଷ୍ମୀଧର ଦାଶ ମାତୃବନ୍ଦନା ଗାନ କରିଥିବାବେଳେ ସମ୍ପାଦକ ସମରେନ୍ଦ୍ର ଘୋଷ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପରିଷଦର ମୁଖପତ୍ର 'ଅରୁଣଜ୍ୟୋତି' ଉନ୍ମୋଚିତ ହୋଇଥିଲା। ଏହାପରେ ପରିଷଦ ପକ୍ଷରୁ ୭ ଜଣ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ଅଧାପକ ଶରତ କୁମାର ସାହାଣୀ ସଭା ପରିଚାଳନା ଓ ଉପସଭାପତି ଡ. ଦେବଦତ୍ତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# 'ଜ୍ଞାନକୌଶଳ ବୃଦ୍ଧି ସଫଳ ଉଦ୍ୟୋଗୀର ମାପକାଠି'

କଟକ ଅଫିସ, ୧୧।୩

ଜିଲା ଶିଳ୍ପକେନ୍ଦ୍ର (ଡିଆଇସି) ପକ୍ଷରୁ ଆୟୋଜିତ ଉଦ୍ୟୋଗୀ ସପ୍ତାହ ପାଳନ ଓ ଶିଳ୍ପ ପ୍ରଦର୍ଶନୀ-୨୦୨୩ ଯୋବ୍ରାସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟଠାରେ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଜ୍ଞାନକୌଶଳ ବୃଦ୍ଧି ସହ ସକାରାତ୍ମକ ମନୋଭାବ ରଖି କାର୍ଯ୍ୟ କଲେ ଜଣେ ସଫଳ ଉଦ୍ୟୋଗୀ ହୋଇପାରିବେ। ଏଥିସହ ଉତ୍ପାଦନ ବିପଣନ ତଥା ଉପଭୋକ୍ତାମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ଲକ୍ଷ୍ୟ ରଖି କାର୍ଯ୍ୟ କରିବାକୁ ସେ ଗୁରୁତ୍ୱ ଦେଇଥିଲେ। ମହିଳା ଉଦ୍ୟୋଗୀମାନେ ଶିକ୍ଷା ସହ ଜ୍ଞାନକୌଶଳ ବୃଦ୍ଧି କରି କାର୍ଯ୍ୟ କରିବାକୁ ସେ କହିଥିଲେ। ଡିଆଇସି ସାଧାରଣ ପରିଚାଳକ ନୱାଲ କିଶୋର ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଉପସଭାପତି ସୁଭଦ୍ରା



ନୌବାଣିଜ୍ୟ ସଂଗ୍ରହାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସମେତ ଅନ୍ୟ ଅତିଥିବୃନ୍ଦ।

**ଉଦ୍ୟୋଗୀ ସପ୍ତାହ ପାଳନ ଓ ଶିଳ୍ପ ପ୍ରଦର୍ଶନୀ ଉଦ୍‌ଯାପିତ**

ଦାସ, ଷ୍ଟେଟ୍ ବ୍ୟାଙ୍କ ଏଜିଏମ୍ ଜଗନ୍ନାଥ ନାୟକ, ଆଞ୍ଚଳିକ ଅଧିକାରୀ ପ୍ରଣତି ଶତପଥୀ, ରାଜେଶ କୁମାର ବେହେରା, କାନାଡା ବ୍ୟାଙ୍କ ଆଞ୍ଚଳିକ ଅଧିକାରୀ ଏସ୍. ରାଜଶେଖର, ଓସ୍‌ମେ ସଭାପତି ଗୌରୀ ଶଙ୍କର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଶିଳ୍ପ କେନ୍ଦ୍ରର ଅଧିକାରୀମାନଙ୍କ ସହିତ ଜିଲା ନିବେଶ ପ୍ରୋତ୍ସାହନ ସଂସ୍ଥା(ଦୀପା)ର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଦୀପାର ମୁଖ୍ୟଙ୍କ ସମେତ ବିଭିନ୍ନ ଉଦ୍ୟୋଗୀ, ଷ୍ଟାର୍ଟ ଅପ୍, ବ୍ୟାଙ୍କମାନଙ୍କୁ ସମ୍ମାନିତ କରାଯାଇଥିଲା। ସୂଚନାଯୋଗ୍ୟ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଗତ ୫ ତାରିଖରୁ ଉଦ୍ୟୋଗୀ ସପ୍ତାହ ପାଳନ ଓ ଶିଳ୍ପ ପ୍ରଦର୍ଶନୀ ଆରମ୍ଭ ହୋଇଥିଲା। ପ୍ରତିଦିନ ଔଦ୍ୟୋଗିକ ସମ୍ପର୍କିତ ଦୁଇଟି କର୍ମଶାଳା ସହ ମହିଳା ଉଦ୍ୟୋଗୀ ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଔଦ୍ୟୋଗିକ କ୍ଷେତ୍ର ପ୍ରତି ଆକୃଷ୍ଟ ହେବା ସହ କୌଶଳ ବୃଦ୍ଧି ନିମନ୍ତେ ମଧ୍ୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା।

# ତମ୍ବା କେବୁଲ ଚୋରି, ୩ ଗିରଫ

କଟକ ଅଫିସ, ୧୧।୩

ରେଲୱେର ତମ୍ବା କେବୁଲ୍ ଚୋରି କରିବା ଅଭିଯୋଗରେ ୩ ଜଣ ଅଭିଯୁକ୍ତଙ୍କୁ କଟକ ଆର୍‌ପିଏଫ୍ ଟିମ୍ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମୟୂରଭଞ୍ଜ ଜିଲାର ସରୋଜ କୁମାର ନାୟକ ଓରଫ କାଣ୍ଡା, ମଙ୍ଗଳ ହେମ୍ବ୍ରମ୍ ଓ ଗୌରାଙ୍ଗ ଭଞ୍ଜ। ଏ ନେଇ ଏକ ମାମଲା(ନଂ.୬/୨୩) ରୁଜୁ ହୋଇଛି। ସୂଚନା ମୁତାବକ, କେନ୍ଦ୍ରାପଡା ରୋଡ୍ ରେଳ ଷ୍ଟେସନ ବିରୁପା ନଦୀ ବ୍ରିଜ୍ ନିକଟରେ କେତେଜଣ ଦୁର୍ବୃତ୍ତ ରେଲୱେର ତମ୍ବା କେବୁଲ ଚୋରି କରି ଜାଳୁଥିବାବେଳେ କଟକ ଆର୍‌ପିଏଫ୍ ଟିମ୍ ସେମାନଙ୍କୁ କାବୁ କରିଥିଲା। ପଚରାଉଚରାବେଳେ ଅଭିଯୁକ୍ତମାନେ ମୟୂରଭଞ୍ଜ ଜିଲାର ମୂଳବାସିନ୍ଦା ହୋଇଥିବାବେଳେ ଏବେ ଚୌଦ୍ୱାରର ମଙ୍ଗୁଳି ଅଞ୍ଚଳରେ ବାସ କରୁଥିଲେ। ସେମାନେ କେବୁଲ ଓ ଅନ୍ୟ ଜିନିଷ ଚୋରି କରିଥିବା ସ୍ୱୀକାର କରିଥିଲେ।

# ୮୬୭୦ ମାମଲା ଫଇସଲା

କଟକ ଅଫିସ, ୧୧।୩

**ଜିଲାସ୍ତରୀୟ ଲୋକ ଅଦାଲତ**

କଟକ ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ) ଆନୁକୂଲ୍ୟରେ କଟକ ଜିଲା ଓ ଦୌରାଜଜ୍ କୋର୍ଟ ପରିସର ଏବଂ ତାଲୁକ ସ୍ତରରେ ଜିଲାସ୍ତରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। କଟକ ଜିଲା ଓ ଦୌରାଜଜ୍ ତଥା କଟକ ଜିଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ସୌମେନ୍ଦ୍ର କୁମାର ରାଜଗୁରୁଙ୍କ ଅଧକ୍ଷତାରେ ଉକ୍ତ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। କଟକ ଜିଲା କୋର୍ଟର ସମସ୍ତ ବିଚାରପତି ନିଜ କୋର୍ଟରେ ଥିବା ମାମଲାର ଫଇସଲା କରିଥିଲେ। ଅଦାଲତରେ ଗ୍ରହଣ କରାଯାଇଥିବା ମୋଟ୍ ୯୯୨୪ ମାମଲାରୁ ୮୬୭୦ ଫଇସଲା କରାଯାଇଥିଲା। ଏଥିସହ ୩ କୋଟି ୬୮ ଲକ୍ଷ ୨୨ହଜାର ୫୫୨ ଟଙ୍କା ଜରିମାନା ଓ ଅନୁକମ୍ପାମୂଳକ ରାଶି ସ୍ଥିର ହୋଇଥିଲା। ଏଥିରେ ମୋଟର ଯାନ ଦୁର୍ଘଟଣାଜନିତ ମାମଲା, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ରାଜସ୍ୱ ଏବଂ ଆଇପିଆର୍‌ଜନିତ ମାମଲା ଫଇସଲା କରାଯାଇଥିଲା। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସ୍ୱୟଂପ୍ରଭା ଆଚାର୍ଯ୍ୟ ଅଦାଲତ ପରିଚାଳନା କରିଥିଲେ।


କଟକ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ କଟକ ଜିଲା ଓ ଦୌରାଜଜ୍ କୋର୍ଟ ପରିସରରେ ଶନିବାର ଅନୁଷ୍ଠିତ ଜିଲାସ୍ତରୀୟ ଲୋକ ଅଦାଲତ।

# ଟିକାକରଣ ପାଇଁ ଲୋକଙ୍କୁ ସଚେତନ କରାଯାଉ



କାର୍ଯ୍ୟକ୍ରମରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

କଟକ ଅଫିସ,୧୧।୩

**ଅନ୍ତର୍ଜାତୀୟ ଗର୍ଭାଶୟ କର୍କଟ ଦିବସ**

ଚିନ୍ତା ବଢ଼ାଉଛି ଗର୍ଭାଶୟ କର୍କଟ। ବର୍ତ୍ତମାନ ସମୟରେ ଅନେକ ମହିଳା ଏହି ରୋଗର ଶିକାର ହେଉଛନ୍ତି। ଏହାର ନିରାକରଣ ପାଇଁ ବିଶ୍ୱବ୍ୟାପୀ ମାର୍ଚ୍ଚ ୧୧ ତାରିଖରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଏହି ପରିପ୍ରେକ୍ଷୀରେ କଟକସ୍ଥିତ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ରୋଗ ପ୍ରତିଷ୍ଠାନର ସ୍ତ୍ରୀ କର୍କଟ ରୋଗ ବିଭାଗ ପକ୍ଷରୁ ୧୩ ତମ ବିଶ୍ୱ ଗର୍ଭାଶୟ କର୍କଟ ରୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଚେତନତା ଅଭିଯାନ କାର୍ଯ୍ୟକ୍ରମରେ ପ୍ରଫେସର ଡା. ସି.ଏନ୍. ପୁରନ୍ଦରେ ଓ ସୁସ୍ମିତା ବାଗ୍‌ଚୀ ପ୍ରମୁଖ ଯୋଗ ଦେଇଥିଲେ। ଗର୍ଭାଶୟ କର୍କଟ ପାଇଁ ଏବେ ଟିକା ଉପଲବ୍ଧ। ହେଲେ ଏହାର ବ୍ୟବହାର ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ହେବା ଆବଶ୍ୟକ। ରାଜ୍ୟର ୯ରୁ ୧୪ ବର୍ଷ ପର୍ଯ୍ୟନ୍ତ କିଶୋରୀମାନଙ୍କୁ ମାଗଣାରେ ଟିକା ପ୍ରଦାନ ପାଇଁ ଉଦ୍ୟମ କରାଯାଉଥିବା ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର ପ୍ରତିଷ୍ଠାନର ଚିକିତ୍ସକମାନେ କହିଛନ୍ତି। ଡା. ଭାଗ୍ୟଲକ୍ଷ୍ମୀ ନାୟକ କହିଛନ୍ତି, ଗର୍ଭଶୟ କର୍କଟ ରୋଗ ବର୍ତ୍ତମାନ ବଡ଼ ସମସ୍ୟା ଭାବରେ ଉଭା ହୋଇଛି। ଏହାର ନିରାକରଣ ପାଇଁ ଟିକାକରଣ ଓ ପରୀକ୍ଷା ଆବଶ୍ୟକତା ରହିଛି। ପ୍ରାଥମିକ ଅବସ୍ଥାରେ ଏହି ରୋଗର ସଫଳ ପରୀକ୍ଷଣ କରାଯିବା ଦରକାର ବୋଲି ସେ କହିଛନ୍ତି। ଯଦି ୯ରୁ ୧୪ ବର୍ଷୀୟା କିଶୋରୀମାନେ ଟିକା ନେବେ ତେବେ ଆଗାମୀ ୨୦ରୁ ୩୦ ବର୍ଷ ମଧ୍ୟରେ ଗର୍ଭାଶୟ କର୍କଟ ରୋଗ ସମ୍ପୂର୍ଣ୍ଣ ରୂପେ ମହିଳାମାନଙ୍କଠାରୁ ଦୂରେଇଯିବ। ଏହି ରୋଗର କୌଣସି ଲକ୍ଷଣ ନ ଥାଏ। ଯଦି ସରକାର ମାଗଣାରେ ଟିକାକରଣ ବ୍ୟବସ୍ଥା କରନ୍ତେ, ତେବେ ସମାଜରୁ ଏହି ବ୍ୟାଧି ସର୍ବଦା ଦୂରେଇ ଯାଆନ୍ତା ବୋଲି ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ରୋଗ ପ୍ରତିଷ୍ଠାନ ଡାକ୍ତରମାନେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରିଥିଲେ।

# ମହିଳାମାନେ ଆତ୍ମନିର୍ଭରଶୀଳ ହୁଅନ୍ତୁ

**ଅନ୍ତର୍ଜାତୀୟ ମହିଳା ଦିବସ**

ଚୌଦ୍ୱାର,୧୧।୩(ଡି.ଏନ୍.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ସଫା ପଞ୍ଚାୟତରେ ଅନ୍ତର୍ଜାତୀୟ ମହିଳା ଦିବସ ଶନିବାର ପାଳିତ ହୋଇଯାଇଛି। ଇମ୍ଫା ଶିଳ୍ପଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଇଲା ପଣ୍ଡା ଫାଉଣ୍ଡେଶନ, କଟକ ଜିଲା ପ୍ରଶାସନ ଓ ଜିଲା ସମାଜ ମଙ୍ଗଳ ସମିତିର ମିଳିତ ଆନୁକୂଲ୍ୟରେ ସଫା ପଞ୍ଚାୟତ କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମକୁ ଜିଲା ସମାଜ ମଙ୍ଗଳ ଅଧିକାରୀ ସବିତା ରାଉତ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମିଶନ ଶକ୍ତି ଡିପିସି ସ୍ୱାଗତିକା ପରିଡ଼ା, ଇମ୍ଫାର ଡିଜିଏମ୍ ଜି. ସାରଦା ପ୍ରସାଦ ରାଓ, ଟାଙ୍ଗୀ ବ୍ଲକ୍ ଶିଶୁମଙ୍ଗଳ ଅଧିକାରୀ ମନୋରମା ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ନିବାସ ଚନ୍ଦ୍ର ପାଣ୍ଡବ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମହିଳାମାନେ ଆତ୍ମ ନିର୍ଭରଶୀଳ ହେଲେ ପରିବାରର ଆର୍ଥିକ ବିକାଶ ସହ ସମାଜର ବିକାଶ ସମ୍ଭବ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସରକାରଙ୍କ ତରଫରୁ ପ୍ରଚଳନ କରାଯାଇଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନାରେ ମହିଳାମାନେ ସାମିଲ ହେବାକୁ ସେମାନେ ପରାମର୍ଶ ଦେଇଥିଲେ। କରଞ୍ଜି, ଗରୁଡ଼ଗାଁ, ସଫା ପଞ୍ଚାୟତର ଅଙ୍ଗନୱାଡ଼ି କର୍ମୀ ଓ ସୁପରଭାଇଜରଙ୍କ ସମେତ ୧୫୦ରୁ ଊର୍ଦ୍ଧ୍ୱ ମହିଳା ଓ ବାଳିକା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଫାଉଣ୍ଡେଶନ ଅଧିକାରୀ ଆଶିଷ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ କିଶୋରୀମାନଙ୍କ ମଧ୍ୟରେ ପୋଷ୍ଟର, ଝୋଟି, ମୁରୁଜ, ମ୍ୟୁଜିକ୍ ଚେୟାର, କୁଇଜ୍ ପ୍ରତିଯୋଗିତା ଓ ବାଳକମାନଙ୍କ ମଧ୍ୟରେ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆଇସିଡିଏସ୍ ସୁପରଭାଇଜର ମଞ୍ଜୁଶ୍ରୀ ଦାସ, ହେନା ଦେଇ, ମମତା ପତି, ଉର୍ମିଳା ସାହୁ, କାଦମ୍ବିନୀ ପତି, ଚନ୍ଦ୍ରଶେଖର ମହାପାତ୍ର, ଅର୍ଚ୍ଚନା ଜେନା, ବର୍ଷାରାଣୀ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବକ୍ସଡ୍ରେନ୍ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ

କଟକ ଅଫିସ,୧୧।୩

କଟକ ମହାନଗର ନିଗମ(ସିଏମ୍‌ସି) ଅଞ୍ଚଳରେ ଚାଲିଥିବା ଜାଇକା କାର୍ଯ୍ୟକୁ ଶନିବାର କମିଶନର ନିଖିଳ ପଓ୍ୱନ କଲ୍ୟାଣ ଅନୁଧ୍ୟାନ କରିଥିଲେ। ବକ୍ସିବଜାର ପଟ୍ଟାପୋଲ ନିକଟରୁ ମେରିଆବଜାର ପର୍ଯ୍ୟନ୍ତ ଚାଲିଥିବା ବକ୍ସଡ୍ରେନ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବାକୁ ସେ ୱାଟ୍‌କୋର ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷକରି ବର୍ଷାଦିନେ ଏଥିଯୋଗୁ ଲୋକମାନେ ଯେପରି ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପ୍ରତି ଦୃଷ୍ଟିଦେବାକୁ କହିଥିଲେ। ସହରରେ ଜାଇକା କାର୍ଯ୍ୟକୁ ସଫଳତାର ସହ ଶେଷ କରିବା ପାଇଁ ନିକଟରେ ୱାଟ୍‌କୋକୁ କାର୍ଯ୍ୟ ହସ୍ତାନ୍ତର କରାଯାଇଥିଲା । ପୂର୍ବରୁ ଜାଇକା କାର୍ଯ୍ୟ ପରିଚାଳନା ପାଇଁ ଗଠନ କରାଯାଇଥିବା ସଂସ୍ଥାକୁ ରାଜ୍ୟ ସରକାର ଭାଙ୍ଗିଦେବା ପରେ ପ୍ରଥମଥର ପାଇଁ ସିଏମ୍‌ସି କମିଶନର ଏହି କାର୍ଯ୍ୟ ତଦାରଖ କରିଛନ୍ତି। ବକ୍ସିବଜାର ଓ ମେରିଆବଜାରଠାରେ ବକ୍ସଡ୍ରେନ କାର୍ଯ୍ୟ ତଦାରଖ କରିଥିଲେ। ପରେ ସେ ବଜ୍ରକବାଟିରେ ପହଞ୍ଚି ବକ୍ସଡ୍ରେନ କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରିବା ପରେ ଉପସ୍ଥିତ ଯନ୍ତ୍ରୀମାନଙ୍କୁ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଧାର୍ଯ୍ୟ ସମୟ ମଧ୍ୟରେ ବକ୍ସଡ୍ରେନ କାର୍ଯ୍ୟ ଶେଷ କରିବା ପାଇଁ କମିଶନର ଯନ୍ତ୍ରୀମାନଙ୍କ ସହ ବାରମ୍ବାର ବୈଠକ ଓ ସମୀକ୍ଷା କାର୍ଯ୍ୟ ଜାରି ରଖିଛନ୍ତି।


ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣ ବକ୍ସଡ୍ରେନ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

# ଓଡ଼ିଆ ଭାଷା ପ୍ରତି ସଚେତନତା ସୃଷ୍ଟି କରାଯାଉ

କଟକ ଅଫିସ, ୧୧।୩

**ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ**

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ଶନିବାର ପାଳିତ ହୋଇଯାଇଛି। ଉତ୍କଳ ସାହିତ୍ୟ ସମାଜ ପରିସରରେ ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଅଧକ୍ଷତା କରି କହିଥିଲେ, ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ସଚେତନା ସୃଷ୍ଟି କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନେବା ଦରକାର। ସଙ୍ଗଠନ ସମ୍ପାଦକ ଡ. ସୁନାମଣି ରାଉତ, କାର୍ଯ୍ୟ ନିର୍ବାହିକା ସମିତି ସଭ୍ୟ ବ୍ରହ୍ମାନନ୍ଦ ମହାନ୍ତି, ସରୋଜିନୀ ମିଶ୍ର, ମୁରଲୀଧର ଶତପଥୀ, ଦେବୁ ଚାଟାର୍ଜୀ, ଶରତ ଚନ୍ଦ୍ର ଦାଶ, ମନୋରଞ୍ଜନ ମିଶ୍ର, ଗୌତମ ଚନ୍ଦ୍ର କର, ଶରତ ଚନ୍ଦ୍ର ମହାନ୍ତି ଓ କୃଷ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା ଓ କୋଷାଧକ୍ଷ ଶିବାଶିଷ କର ଧନବାଦ ଦେଇଥିଲେ। ସେହିପରି ସମୀଚୀନ ଆନୁକୂଲ୍ୟରେ ମର୍କତନଗରଠାରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି। କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବି ରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ମାତୃଭାଷାର ସୁରକ୍ଷା ଦ୍ୱାରା ହିଁ ସମାଜର ପ୍ରତିଷ୍ଠା, ପରମ୍ପରା ଓ ଐତିହ୍ୟର ସୁରକ୍ଷା ସମ୍ଭବ। ଦେଶର ସମ୍ବିଧାନରେ ସ୍ୱୀକୃତିପ୍ରାପ୍ତ ୨୨ଟି ଭାଷା ମଧ୍ୟରୁ ଅନ୍ୟତମ ଓ ଷଷ୍ଠ ଶାସ୍ତ୍ରୀୟ ଭାଷା ଭାବେ ମାନ୍ୟତାପ୍ରାପ୍ତ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ପରିଣୀତା ଦାସ, ଜନ୍ମେଜୟ ଉଦ୍‌ଗାତା, ମନମୋହନ ଦାସ, ସସ୍ମିତା ମଲ୍ଲିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୋନାଲୀ ମହାରଣା ଧନ୍ୟବାଦ ଦେଇଥିଲେ।

# ନାରୀ ସଶକ୍ତୀକରଣ ଲାଗି ମାନସିକତାରେ ପରିବର୍ତ୍ତନ ଜରୁରୀ

କଟକ ଅଫିସ, ୧୧।୩

**ଡ୍ରିମ୍‌ସରେ ଅନ୍ତର୍ଜାତୀୟ ମହିଳା ସପ୍ତାହ**

ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ସପ୍ତାହ ପାଳିତ ହୋଇଯାଇଛି। ଡ୍ରିମ୍‌ସ ଓ ପଦ୍ମିନୀ କେୟାର ହସ୍ପିଟାଲର ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଥିଲେ, ପ୍ରତ୍ୟେକ କ୍ଷେତ୍ରରେ ମହିଳାମାନେ ନିଜର ଦକ୍ଷତା ପ୍ରଦର୍ଶନ କରୁଛନ୍ତି। ସେମାନଙ୍କୁ ଉପଯୁକ୍ତ ସମ୍ମାନ ଓ ପ୍ରୋତ୍ସାହନ ଦିଆଯିବା ଆବଶ୍ୟକ ବୋଲି ସେ କହିଥିଲେ। ସେହିପରି ପଦ୍ମଶ୍ରୀ ଡ. ପ୍ରିୟମ୍ବଦା ମହାନ୍ତି ହେଜ୍‌ମାଦି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଝିଅମାନେ ଉଚ୍ଚ ଶିକ୍ଷିତା ହେବା ସହ ବିଜ୍ଞାନ, ବୈଷୟିକ ଜ୍ଞାନକୌଶଳ, ପ୍ରଶାସନିକ ସେବା ଓ ପ୍ରତିରକ୍ଷା ଭଳି କ୍ଷେତ୍ରରେ ଆଗରେ ଅଛନ୍ତି। ତଥାପି ସମାଜରେ କନ୍ୟା ସନ୍ତାନ ପ୍ରତି ଭିନ୍ନ ଦୃଷ୍ଟିଭଙ୍ଗୀ ପରିଲକ୍ଷିତ ହେଉଛି। ମହିଳାଙ୍କ ପ୍ରତି ପାରିବାରିକ ହିଂସା ଉଦ୍‌ବେଗଜନକ ସ୍ଥିତିରେ ରହିଛି। ବାସ୍ତବରେ ନାରୀ ସଶକ୍ତୀକରଣ ଆହ୍ୱାନର ସଫଳତା ଲାଗି ମାନସିକତାରେ ପରିବର୍ତ୍ତନ ହେବା ଜରୁରୀ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ଅନ୍ତର୍ଜାତୀୟ ମହିଳା ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଡ. ମହାନ୍ତିଙ୍କୁ ଜୀବନବ୍ୟାପୀ ସାଧନା ଲାଗି ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାଧାପିକା ଡ. ଲୀନା ପଟ୍ଟନାୟକଙ୍କ ମୁଖ୍ୟ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଡ. କଲ୍ୟାଣ କୁମାର ସାହୁ, ନୟନ ରଞ୍ଜନ ସାମଲ, ସ୍ନିଗ୍ଧମଧୁସୂଦନ ଦାସ, ଅନୁରେଖା ନାୟକ, ଜୀବନାନନ୍ଦ ମେହେନା, ପ୍ରାଧାପକ ସୁରଜିତ୍ ମହାନ୍ତି, ଏନ୍. ପ୍ରେମଲତା ଦେବୀ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଡ. ପ୍ରିୟମ୍ବଦା ମହାନ୍ତି ହେଜ୍‌ମାଦିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଶିଶୁଭବନରେ ରାଜ୍ୟସ୍ତରୀୟ କର୍ମଶାଳା**

# ବୃକ୍‌କ ଜନିତ ସମସ୍ୟା ବଢୁଛି

କଟକ ଅଫିସ,୧୧।୩

ବିଶ୍ୱ ବୃକ୍‌କ ଦିବସ ଉପଲକ୍ଷେ କଟକ ଶିଶୁଭବନରେ ରାଜ୍ୟସ୍ତରୀୟ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀରାମଚନ୍ଦ୍ର ଭେଷଜ ମହାବିଦ୍ୟାଳୟର ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ସୁଧାଂଶୁ ଶେଖର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିସହ ରାଜ୍ୟ ତଥା ରାଜ୍ୟ ବାହାରର ୧୦୦ରୁ ଊର୍ଦ୍ଧ୍ୱ ଶିଶୁରୋଗ ବିଶେଷଜ୍ଞ , ଶିଶୁ ଶଲ୍ୟ ବିଶେଷଜ୍ଞ ଓ ଶିଶୁ ବୃକ୍‌କ ରୋଗ ବିଶେଷଜ୍ଞ ଯୋଗ ଦେଇଥିଲେ। ବିଭିନ୍ନ କାରଣରୁ ଶିଶୁମାନଙ୍କ ମଧ୍ୟରେ ବୃକ୍‌କ ଜନୀତ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଅନେକ କ୍ଷେତ୍ରରେ ଶିଶୁମାନଙ୍କର ବୃକ୍‌କ୍‌ଜନୀତ ସମସ୍ୟା ବୟସ୍କ ବ୍ୟକ୍ତିଙ୍କଠାରୁ ଭିନ୍ନ ହୋଇଥାଏ। ସାଧାରଣତଃ ଶିଶୁଙ୍କ ମଧ୍ୟରେ ଜନ୍ମଗତ ମୂତ୍ରାଶୟ ଜନିତ ସମସ୍ୟା, ବାରମ୍ବାର ପରିସ୍ରା ସଂକ୍ରମଣ ଦେଖାଦେଇଥାଏ। ପ୍ରାରମ୍ଭରୁ ଚିକିତ୍ସା ନ କଲେ ପରବର୍ତ୍ତୀ ସମୟରେ ସମ୍ପୂର୍ଣ୍ଣ ବୃକ୍‌କ୍ ନଷ୍ଟହେବାର ସମ୍ଭାବନା ରହିଛି ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ଶିଶୁଭବନ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ଜେ.ଏନ୍. ବେହେରା, ପ୍ରଫେସର ଡା. ସୁବ୍ରତ ମହାନ୍ତି, ଶିଶୁଭବନ ଶଲ୍ୟ ବିଭାଗୀର ମୁଖ୍ୟ ପ୍ରଫେସର ଡା . ପ୍ରମୋଦ କୁମାର ମହାନ୍ତି ଯୋଗଦେଇଥିଲେ। ଶିଶୁ ବୃକ୍‌କ ରୋଗ ବିଶେଷଜ୍ଞ ଡା. ରାଜୀବ ସିହ୍ନା ଓ ପ୍ରତିରୋପଣ ବିଶେଷଜ୍ଞ ଡା. ପ୍ରଦୀପ ଚକ୍ରବର୍ତ୍ତୀ ଯୋଗଦେଇ ଶିଶୁମାନଙ୍କଠାରେ ସଫଳ ବୃକ୍‌କ ପ୍ରତିରୋପଣ ଓ ଆଧୁନିକ ଚିକିତ୍ସା ପ୍ରଣାଳୀ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଶିଶୁଭବନର ଶିଶୁ କିଡ୍‌ନୀ ରୋଗ ବିଭାଗୀୟ ମୁଖ୍ୟ ଡା. ସୁବଳ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି କର୍ମଶାଳାରେ ଶିଶୁମାନଙ୍କର ବିଭିନ୍ନ ବୃକ୍‌କ ଜନିତ ସମସ୍ୟା ଏହାର ନିରାକରଣ, ଉନ୍ନତ ତଥା ଆଧୁନିକ ଚିକିତ୍ସାର ଅଗ୍ରଗତି ବିଷୟରେ ଅଲୋଚନା ହୋଇଥିଲା।



କର୍ମଶାଳାରେ ଶିଶୁଭବନ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ଜେ.ଏନ୍. ବେହେରା ବକ୍ତବ୍ୟ ଦେଉଛନ୍ତି।

# ପ୍ରତ୍ୟକ୍ଷ ଟିକସ ସଂଗ୍ରହ ୧୩.୭୩ ଲକ୍ଷ କୋଟି

ନୂଆଦିଲ୍ଲୀ,୧୧।୩



ଚଳିତ ଆର୍ଥିକ ବର୍ଷର ପ୍ରାରମ୍ଭରୁ ୨୦୨୩ ମାର୍ଚ୍ଚ ୧୦ ତାରିଖ ସୁଦ୍ଧା ପ୍ରତ୍ୟକ୍ଷ ଟିକସ ସଂଗ୍ରହ ନେଟ୍ ରିଫଣ୍ଡ ପରିମାଣ ବାଦ୍ ଯିବା ପରେ ପ୍ରାୟ ୧୪ (୧୩. ୭୩) ଲକ୍ଷ କୋଟି ଟଙ୍କା ସଂଗ୍ରହ ହୋଇଛି। ଏପରିକି ଗତ ବର୍ଷର ସମାନ ଅବଧି ମଧ୍ୟରେ ନେଟ୍ ସଂଗ୍ରହଠାରୁ ପ୍ରାୟ ୧୭% (୧୬.୭୮%) ବୋଲି ଶନିବାର କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ (ସିବିଡିଟି) ପକ୍ଷରୁ କୁହାଯାଇଛି। ଏପରିକି ଏହି ସଂଗ୍ରହ ମୋଟ ବଜେଟ ଆକଳନର ପ୍ରାୟ ୯୭% (୯୬.୬୭%) ଏବଂ ୨୦୨୨-୨୩ ଆର୍ଥିକ ବର୍ଷର ସଂଶୋଧିତ ପ୍ରତ୍ୟକ୍ଷ ଟିକସ ଆକଳନର ୮୩%(୮୩.୧୯%)ରୁ ଅଧିକ ବୋଲି ସିବିଟିଡି ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଦେଶରେ ସଂଗୃହୀତ ହୋଇଥିବା ପ୍ରତ୍ୟକ୍ଷ ଟିକସ ପରିମାଣରେ ନିରନ୍ତର ଅଭିବୃଦ୍ଧି ଘଟିଛି। ଏପରିକି ଚଳିତ ବର୍ଷ ମାର୍ଚ୍ଚ ୧୦ ସୁଦ୍ଧା ମୋଟ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ପରିମାଣ ପ୍ରାୟ ୧୭(୧୬.୬୮) ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ପୂର୍ବ ବର୍ଷର ସମାନ ଅବଧି ମଧ୍ୟରେ ସଂଗୃହୀତ ପ୍ରତ୍ୟକ୍ଷ ଟିକସଠାରୁ ଏହା ପ୍ରାୟ ୨୩%(୨୨.୫୮%) ବୋଲି ସିବିଡିଟି ପକ୍ଷରୁ କୁହାଯାଇଛି। ସେହିପରି ବର୍ତ୍ତମାନ ସୁଦ୍ଧା କର୍ପୋରେଟ ଓ ବ୍ୟକ୍ତିଗତ ଆୟକରର ଅଭିବୃଦ୍ଧି ମୋଟ ରାଜସ୍ୱ ସଂଗ୍ରହ ହିସାବରେ ଯଥାକ୍ରମେ ୧୮.୦୮% ଓ ୨୭.୫୭% ବୃଦ୍ଧି ଘଟିଛି। ବିଶେଷକରି ରିଫଣ୍ଡକୁ ଭଲ ଭାବେ ହିସାବ କରିବା ପରେ କର୍ପୋରେଟ ଆୟକରର ନେଟ୍ ଅଭିବୃଦ୍ଧି ୧୩. ୬୨% ଓ ବ୍ୟକ୍ତିଗତ ଆୟକର ୨୦.୦୬ % ଅଭିବୃଦ୍ଧି ହୋଇଛି। ଏପରିକି ଅଗ୍ରିମ ଟିକସ ଆକାରରେ ଟିକସଦାତାଙ୍କଠାରୁ ଯେଉଁ ଅଧିକ ଟିକସ ଆଦାୟ କରାଯାଇଥିଲା ତାହା ରିଫଣ୍ଡ ଆକାରରେ ହିତାଧିକାରୀଙ୍କୁ ଫେରାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୨ ଏପ୍ରିଲ ୧ ରୁ ୨୦୨୩ ମାର୍ଚ୍ଚ ୧୦ତାରିଖ ମଧ୍ୟରେ ୨. ୯୫ ଲକ୍ଷ କୋଟି ଟଙ୍କା ରିଫଣ୍ଡ ଆକାରରେ ଟିକସଦାତାଙ୍କୁ ଦିଆଯାଇଛି। ପୂର୍ବବର୍ଷ ତୁଳନାରେ ଏହି ରିଫଣ୍ଡ ପରିମାଣ ୫୯.୪୪% ବୋଲି ସିବିଟିଡି ପକ୍ଷରୁ ସୂଚନା ଦିଆଯାଇଛି।

## ରିଅଲ୍‌ମି ଜିଟି ୩ର ଶୁଭାରମ୍ଭ

ନୂଆଦିଲ୍ଲୀ,୧୧।୩

ଦେଶର ପ୍ରମୁଖ ସ୍ମାର୍ଟଫୋନ ବ୍ରାଣ୍ଡ ରିଅଲ୍‌ମିର ଅତ୍ୟାଧୁନିକ ମଡେଲ ଜିଟି ୩ କୁ ମୋବାଇଲ ୱାର୍ଲ୍ଡ କଂଗ୍ରେସ୍-୨୦୨୩ରେ ଅନ୍ତଃରାଷ୍ଟ୍ରୀୟସ୍ତରୀୟ ଉନ୍ମୋଚନ କରାଯାଇଛି। ବିଶେଷ କରି ଅବିଶ୍ୱସନୀୟ ଟେକ୍ନୋଲୋଜି ସହ ବିଶ୍ୱର ଦ୍ରୁତତମ ଚାର୍ଜିଂ ପାୱାର ୨୪୦ୱାଟ୍ ସହିତ ଏହାର ପରବର୍ତ୍ତୀ ପିଢ଼ିର ସ୍ୱିଡ୍ ଫ୍ଲାଗ୍‌ଶିପ ମଡେଲର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ରିଅଲ୍‌ମି ଇଣ୍ଡିଆର ସିଇଓ ମାଧବ ସେଠ୍ କହିଛନ୍ତି, ରିଅଲ୍‌ମି ଜିଟି୩ ସହ ରିଅଲ୍‌ମି ସ୍ମାର୍ଟଫୋନ୍‌ଗୁଡିକ ପାଇଁ ଦ୍ରୁତ, ଦକ୍ଷ ଓ ସୁରକ୍ଷିତ ଚାର୍ଜିଂ ପାଇଁ ସ୍ତର ବୃଦ୍ଧି କରିଛି। ଏପରିକି ପ୍ରଥମ ପିଢ଼ିରୁ ଆରମ୍ଭକରି ରିଅଲ୍‌ମି ଜିଟି ସିରିଜ୍ ରିଅଲ୍‌ମିର ସବୁଠାରୁ ଅତ୍ୟାଧୁନିକ ଟେକ୍ନୋଲୋଜି ଉଦ୍ଭାବନ, ଜିଟି ମାଷ୍ଟର ସିରିଜ୍, ଟ୍ରୁ ପ୍ରିମିୟମ ଫ୍ଲାଗ୍‌ଶିପ୍ ରିଅଲ୍‌ମି ଜିଟି୨ ପ୍ରୋ ସିରିଜ୍ ଓ ବର୍ତ୍ତମାନ ସ୍ୱିଡ୍ ଲିମିଟ୍ ବ୍ରେକର୍-ରିଅଲ୍‌ମି ଜିଟି୩ରେ ଆକର୍ଷଣୀୟ ସୁଟ୍‌କେସ୍ ଡିଜାଇନର ଉପସ୍ଥାପନ କରିଛି।

## ଜିଓ ପକ୍ଷରୁ ଜାତୀୟ ସୁରକ୍ଷା ସପ୍ତାହ



ଭୁବନେଶ୍ୱର,୧୧।୩

ଦଶର ପ୍ରମୁଖ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓର ଓଡ଼ିଶା ୟୁନିଟ୍ ପକ୍ଷରୁ ୫୨ତମ ଜାତୀୟ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟ ସମେତ ସାରା ରାଜ୍ୟରେ ରହିଥିବା ବିଭିନ୍ନ କାର୍ଯ୍ୟ କ୍ଷେତ୍ରରେ ମଧ୍ୟ ଜାତୀୟ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ସେହିଭଳି ଜିଓ ପକ୍ଷରୁ ଜାତୀୟ ସୁରକ୍ଷା ସପ୍ତାହ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, କମ୍ପାନୀର କାର୍ଯ୍ୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଟିମ୍ ସଦସ୍ୟ ଓ ସେବା ପ୍ରଦାନକାରୀ ସହଯୋଗୀମାନଙ୍କ ସମେତ ଜିଓର ସମସ୍ତ କର୍ମଚାରୀଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରି ସୁରକ୍ଷା ସଂସ୍କୃତିରେ ଉନ୍ନତି ଆଣିବା ଓ ତା'ର ପ୍ରସାର କରିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା। ଏପରିକି ଶୂନ ଆଘାତ (ଜିରୋ ହାର୍ମ) ଲକ୍ଷ୍ୟ ହାସଲ କରିବା ଲାଗି ଜିଓ ପାଇଁ ଏହା ବେଶ୍ ସହାୟକ ହେବ। ସେହିପରି ଜାତୀୟ ସୁରକ୍ଷା ଦିବସ ପତାକା ଉତ୍ତୋଳନ ସହ ଜାତୀୟ ସୁରକ୍ଷା ସପ୍ତାହ ପାଳିତ ହୋଇଥିବା ବେଳେ ଜିଓ କର୍ମଚାରୀ ଓ ଏହାର ସେବା ପ୍ରଦାନକାରୀ ସହଯୋଗୀମାନେ ସୁରକ୍ଷା ଶପଥ ପାଠ କରିଥିଲେ ଏବଂ ସମସ୍ତେ ସୁରକ୍ଷା ବ୍ୟାଜ୍ ପରିଧାନ କରିଥିଲେ। ସୂଚନାଯୋଗ୍ୟ, ପ୍ରତିବର୍ଷ ମାର୍ଚ୍ଚ ୪ରେ ଜାତୀୟ ସୁରକ୍ଷା ଦିବସ ପାଳନ ସହ ଜାତୀୟ ସୁରକ୍ଷା ସପ୍ତାହ ପାଳିତ ହୋଇଥାଏ।

## ବିଓବିର ଋଣ ସୁଧ ହାର ହ୍ରାସ

ନୂଆଦିଲ୍ଲୀ,୧୧।୩

ବ୍ୟାଙ୍କ ଅଫ୍ ବରୋଦା(ବିଓବି) ପକ୍ଷରୁ ଏକ ସ୍ୱଳ୍ପ ଅବଧି ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଫର ଚଳିତ ବର୍ଷ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୈଧ ରହିବ। ବିଶେଷ କରି ବ୍ୟାଙ୍କ ତା'ର ଗୃହଋଣ ସୁଧ ହାରକୁ ୪୦ବେସିସ୍ ପଏଣ୍ଟସ୍ (ବିପିଏସ୍) ହ୍ରାସକରି ବାର୍ଷିକ ୮.୫୦% କରିଥିବା ବେଳେ ଏମ୍ଏସ୍ଏମ୍ଇ ଋଣ ସୁଧ ହାରକୁ ମଧ୍ୟ ହ୍ରାସକରି ବାର୍ଷିକ ୮.୪୦% କରିଥିବା ଜଣାପଡ଼ିଛି। ସେହିଭଳି ବ୍ୟାଙ୍କ ମଧ୍ୟ ପ୍ରକ୍ରିୟାକରଣ ଚାର୍ଜେସ୍ ଉପରେ ୧୦୦% ରିହାତିର ଘୋଷଣା କରିଛି। ଏହା ସହ ଏମ୍ଏସ୍ଏମ୍ଇ ଲୋନ୍ ଉପରେ ୫୦% ପ୍ରକ୍ରିୟାକରଣ ଚାର୍ଜେସ୍‌କୁ ଛାଡ଼ କରାଯାଇଛି। ଯେଉଁ ଋଣଗ୍ରହୀତାମାନେ ନୂତନ ଗୃହଋଣ, ବାଲାନ୍ସ ଟ୍ରାନ୍ସଫର ତଥା ଗୃହ ଉନ୍ନତୀକରଣ ଲୋନ୍ ପାଇଁ ଆବେଦନ କରୁଛନ୍ତି। ସେମାନଙ୍କ ପାଇଁ ନୂତନ ହୋମ୍ ଲୋନ୍ ବାର୍ଷିକ ୮.୫୦% ରେ ଉପଲବ୍ଧ ରହିଛି। ଏହି ହାର ଋଣଗ୍ରହୀତାଙ୍କ କ୍ରେଡିଟ୍ ସ୍କୋର ସହିତ ଲିଙ୍କ୍ ହୋଇଥାଏ। ଏହି ଉଭୟ ଅଫର ଚଳିତ ବର୍ଷ ମାର୍ଚ୍ଚ ୩୧ପର୍ଯ୍ୟନ୍ତ ବୈଧ ରହିବ। ଏ ସମ୍ପର୍କରେ ବିଓବିର ଇଡି ଅଜୟ କୁମାର ଖୁରାନା କହିଛନ୍ତି, ଗୃହ ଋଣ ସୁଧ ହାରକୁ ହ୍ରାସକରି ଆମେ ଅତ୍ୟନ୍ତ ଆନନ୍ଦିତ। ଏହା ଏକ ସ୍ୱତନ୍ତ୍ର ଲିମିଟେଡ୍ ଅବଧି ଅଫର ୮.୫୦%ର ଘୋଷଣା କରିଛି। ଏହି ଅଫର ସହାୟତାରେ ବର୍ତ୍ତମାନ ପରିସ୍ଥିତିରେ ଗୃହ କ୍ରେତାଙ୍କ ପାଇଁ ଗୃହ କ୍ରୟ ଆହୁରି ସୁଲଭ ହୋଇପାରିବ। ସେହିଭଳି ଏମ୍ଏସ୍ଏମ୍ଇ ଉଦ୍ୟୋଗ ପାଇଁ ସୁଧ ହାରରେ ହ୍ରାସ ପୁନଶ୍ଚ ଆଗ୍ରହୀ ଉଦ୍ୟୋଗୀମାନଙ୍କୁ ସେମାନଙ୍କର ଅଭିଳାଷକୁ ପୂରଣ କରିବାରେ ସହାୟକ ହେବ। ଅପରପକ୍ଷରେ ଗୃହଋଣ ଆବେଦନ ପ୍ରଣାଳୀକୁ ବ୍ୟାଙ୍କ ସରଳ କରିଛି। ଏହାର ଗ୍ରାହକମାନେ ଡିଜିଟାଲ ମାଧ୍ୟମରେ ଆବେଦନ କରିପାରିବେ। ଏପରିକି ମାତ୍ର ୩୦ମିନିଟ୍ ମଧ୍ୟରେ ଗ୍ରାହକ ଋଣ ମଞ୍ଜୁରୀ ପତ୍ର ପାଇପାରିବେ।

## ରାଉରକେଲାରେ ଏଚ୍ଏମ୍ଏସ୍ଆଇ 'ଏସ୍ଇସି'

ଭୁବନେଶ୍ୱର,୧୧।୩



ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍ଏମ୍ଏସ୍ଆଇ) ଏବଂ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର (ଆଇଟିଆଇ) ରାଉରକେଲା ସହଯୋଗିତାରେ ଏକ ଅତ୍ୟାଧୁନିକ ଦକ୍ଷତା ଉନ୍ନତୀକରଣ କେନ୍ଦ୍ର (ଏସ୍ଇସି) ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ବିଶେଷକରି ସ୍କିଲ୍ ଇଣ୍ଡିଆ ମିଶନ ପ୍ରତି ପ୍ରତିବଦ୍ଧ ରହିଥିବା ଏଚ୍ଏମ୍ଏସ୍ଆଇ ପକ୍ଷରୁ ରାଉରକେଲା ଆଇଟିଆଇ ସହଯୋଗିତାରେ ଉକ୍ତ କେନ୍ଦ୍ରର ଶୁଭାରମ୍ଭ କରାଯାଇଛି। ରାଉରକେଲା ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍‌ର ସଭାପତି ସୁବ୍ରତ କୁମାର ପଟ୍ଟନାୟକ, ରାଉରକେଲା ଆଞ୍ଚଳିକ ପରିବହନ ଅଧିକାରୀ ବିଭାବଞ୍ଜନ ସାମନ୍ତସିଂହରାୟ, ରାଉରକେଲା ଶିଳ୍ପ ତାଲିମ କେନ୍ଦ୍ରର ଅଧ୍ୟକ୍ଷ ଧନଞ୍ଜୟ ଖୁରା, ଏଚ୍ଏମ୍ଏସ୍ଆଇର ପ୍ରବନ୍ଧକ-ଆଞ୍ଚଳିକ ବ୍ୟବସାୟ-ପୂର୍ବ ଗ୍ରାହକ ସେବା ରାଜେନ୍ଦ୍ର ଭୀମରାଓ ସିନ୍ଦେ ଏବଂ ରାଉରକେଲା ସରକାରୀ ଆଇଟିଆଇ ଓ ଏଚ୍ଏମ୍ଏସ୍ଆଇର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଚ୍ଏମ୍ଏସ୍ଆଇର ପରିଚାଳନା ନିର୍ଦ୍ଦେଶକ, ସଭାପତି ଓ ସିଇଓ ଆତସୁସି ଓଗାତା କହିଛନ୍ତି, ଓଡ଼ିଶାରେ ତୃତୀୟ ଦକ୍ଷତା ଉନ୍ନତୀକରଣ କେନ୍ଦ୍ରର ଉଦ୍‌ଘାଟନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଏହି ନୂଆ କେନ୍ଦ୍ର ସହରର ସ୍ଥାନୀୟ ଯୁବବର୍ଗଙ୍କୁ ନିଯୁକ୍ତି କୈନ୍ଦ୍ରିକ ବୈଷୟିକ ଶିକ୍ଷା ଓ ଦକ୍ଷତା ସହ ତାଲିମ ଜରିଆରେ ସଶକ୍ତ କରାଇବ। ଏପରିକି ଓଡ଼ିଶାରେ ଏହା ୩ୟ କେନ୍ଦ୍ର ହୋଇଥିବା ବେଳେ ପୂର୍ବରୁ କଟକ ଏବଂ ବାଲେଶ୍ୱର ଠାରେ ଏଭଳି କେନ୍ଦ୍ର ଜାରି ରହିଛି। ସୂଚନାଯୋଗ୍ୟ, ରାଉରକେଲାର ରିଜର୍ଭ ପୋଲିସ ଲାଇନ ନିକଟସ୍ଥ ଜେଲ ରୋଡ୍‌ରେ ଏଚ୍ଏମ୍ଏସ୍ଆଇର ଦକ୍ଷତା ଉନ୍ନତୀକରଣ କେନ୍ଦ୍ର ରହିଛି।

## ବିଓଆଇ ପକ୍ଷରୁ 'କ୍ୟାପ୍‌ସୁଲ ପ୍ରଶିକ୍ଷଣ'

ଭୁବନେଶ୍ୱର,୧୧।୩

ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ)ର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ବ୍ୟବସାୟୀ ପ୍ରତିନିଧିଙ୍କ ନିମନ୍ତେ ଏକ ଦିନିକିଆ କର୍ମଶାଳା 'କ୍ୟାପ୍‌ସୁଲ ପ୍ରଶିକ୍ଷଣ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଓଆଇ ଏନ୍‌ବିଜି ଓଡ଼ିଶାର ମହାପ୍ରବନ୍ଧକ ବିକ୍ରମ କେଶରୀ ମିଶ୍ର ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ବିଜି ଓଡ଼ିଶା ଉପ-ମହାପ୍ରବନ୍ଧକ ରବୀନ୍ଦ୍ରନାଥ ସରକାର, ବିଓଆଇ ଭୁବନେଶ୍ୱର ଅଞ୍ଚଳର ଉପ-ଆଞ୍ଚଳିକ ପ୍ରବନ୍ଧକ ଅଶୋକ କୁମାର ଜେନାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ଏପରିକି ଭୁବନେଶ୍ୱର ଜୋନ୍ ଅନ୍ତର୍ଗତ ବିଓଆଇର ସମସ୍ତ କେନ୍ଦ୍ରରୁ ମୋଟ୍ ୮୦ଜଣ ବ୍ୟବସାୟୀ ପ୍ରତିନିଧି ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବିଶେଷକରି ବ୍ୟବସାୟୀ ପ୍ରତିନିଧି, ବ୍ୟବସାୟୀ ପ୍ରତିନିଧି ଏଜେଣ୍ଟ ଲୋକମାନଙ୍କୁ ପ୍ରଶିକ୍ଷିତ କରାଇବା ଏବଂ ସରକାରୀ ପ୍ରାୟୋଜିତ ବିଭିନ୍ନ ଯୋଜନା ଯଥା ପିଏମ୍ଏସ୍‌ବିୱାଇ, ପିଏମ୍‌ଜେଜେବିୱାଇ, ଏପିୱାଇ ଓ ଏସ୍ଏସ୍ଏ ଆଦି ସମ୍ପର୍କରେ ସେମାନଙ୍କୁ ଅବଗତ କରାଇବାର ଉଦ୍ୟମକୁ ବ୍ୟାଙ୍କ ପକ୍ଷରୁ ପ୍ରଶଂସା କରାଯାଇଥିଲା। ସେହିପରି ବିଭିନ୍ନ ଦିଗରୁ ଉତ୍ତମ ପ୍ରଦର୍ଶନ କରିଥିବା ବ୍ୟବସାୟୀ ପ୍ରତିନିଧିଙ୍କୁ ବ୍ୟାଙ୍କ ପକ୍ଷରୁ ସମ୍ମାନିତ କରାଯାଇଥିଲା। ପରିଶେଷରେ ବ୍ୟାଙ୍କର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ସରକାରୀ ବ୍ୟବସାୟିକ ଉତ୍ପାଦ ଯେପରି ଏସ୍‌ସିଏସ୍ଏସ୍, ପିପିଏଫ୍, ଏନ୍‌ପିଏସ୍, ଏସ୍‌ଜିବି, ଆର୍‌ବିଆଇ ଫ୍ଲୋଟିଂ ବଣ୍ଡସ ଇତ୍ୟାଦି ଉପରେ ବିସ୍ତୃତ ଉପସ୍ଥାପନା ପ୍ରସ୍ତୁତି କରାଯାଇଥିଲା।

ଫୁରସତ୍

## କୀଟ ମସ୍ତିଷ୍କର ପ୍ରଥମ ସମ୍ପୂର୍ଣ୍ଣ ମାନଚିତ୍ର



ନୂଆଦିଲ୍ଲୀ

ଜନ୍ ହପ୍‌କିନ୍ସ ୟୁନିଭର୍ସିଟି ଏବଂ ୟୁନିଭର୍ସିଟି ଅଫ୍ କେମ୍ବ୍ରିଜ୍ ନେତୃତ୍ୱରେ ଅନ୍ତର୍ଜାତୀୟ ଦଳ ଏକ ଡ୍ରୋସୋଫିଲା(ଖାଦ୍ୟପଦାର୍ଥ ଉପରେ ଉଡୁଥିବା କ୍ଷୁଦ୍ର ମାଛି)ର ମସ୍ତିଷ୍କରେ ଥିବା ପ୍ରତ୍ୟେକ ସ୍ନାୟୁ ସଂଯୋଗକୁ ଅନୁଧ୍ୟାନ କରି ଏକ ଚିତ୍ର ପ୍ରସ୍ତୁତ କରିଛି, ଯାହା ଏକ ମଣିଷ ମସ୍ତିଷ୍କର ତୁଳନାତ୍ମକ ନମୁନା। ଏହି ମଡେଲ ଜରିଆରେ ନ୍ୟୁରନ ପରସ୍ପର ସହିତ କିପରି ସଂଯୋଗ ତାହା ଆମେ ଜାଣିପାରିବା ବୋଲି ଜନ୍ ହପ୍‌କିନ୍ସ ବାୟୋମେଡିକାଲ ବିଶେଷଜ୍ଞ ତଥା ବରିଷ୍ଠ ଲେଖକ ଜୋଶୁଆ ଟି. ଭୋଗେଲଷ୍ଟାଇନ କହିଛନ୍ତି। ମସ୍ତିଷ୍କକୁ ମାପ କରିବାର ପ୍ରଥମ ପ୍ରୟାସ ୧୯୭୦ରେ ଆରମ୍ଭ ହୋଇଥିବାବେଳେ ଏକ ଗୋଲାକାର ପୋକର ମସ୍ତିଷ୍କକୁ ୧୪ ବର୍ଷ ଅନୁସନ୍ଧାନ କରିବା ପରେ ସେହି ନମୁନାଟି ନୋବେଲ ପୁରସ୍କାର ପାଇଥିଲା। ରିଲିଜ୍ ହୋଇଥିବା ଏହି ମସ୍ତିଷ୍କ ନମୁନାଟି ଏକ କ୍ଷୁଦ୍ର ମାଛି ଡ୍ରୋସୋଫିଲାର। ଏହି ମାନଚିତ୍ରରେ ୩ ହଜାର ୧୬ଟି ନ୍ୟୁରନ୍ ଥିବାବେଳେ ସେମାନଙ୍କ ମଧ୍ୟରେ ୫ ଲକ୍ଷ ୪୮ ହଜାର ସଂଯୋଗ ରହିଛି। ଏହି ମାନଚିତ୍ର ପାଇଁ ୫୦ ବର୍ଷ ଲାଗିଥିବା ଭୋଗେଲଷ୍ଟାଇନ କହିଛନ୍ତି। ଏକ ମୂଷାର ମସ୍ତିଷ୍କ ଏହି ଛୋଟ ମାଛିର ମସ୍ତିଷ୍କଠାରୁ ଏକ ମିଲିୟନ ଗୁଣ ବଡ଼ ବୋଲି ଅନୁଧ୍ୟାନରୁ ଜଣାପଡ଼ିଛି। ତେବେ ଭବିଷ୍ୟତରେ ମଣିଷ ମସ୍ତିଷ୍କର ନମୁନା କରିବା ସମ୍ଭାବନା କମ୍ ବୋଲି କୁହାଯାଇଛି।

## ପ୍ରଥମ ଥର ପାଇଁ ସମାନ ଫି' ପାଇଛି



ମୁମ୍ବାଇ: ବଲିଉଡ୍‌ର ଦେଶୀ ଗର୍ଲ ପ୍ରିୟଙ୍କା ଚୋପ୍ରା ତାଙ୍କ ଆଗାମୀ ସିରିଜ୍ 'ସିଟାଡେଲ୍'କୁ ନେଇ ବହୁଚର୍ଚ୍ଚାରେ ଅଛନ୍ତି। ଏହା ସମଧ୍ୟରେ ପ୍ରିୟଙ୍କାଙ୍କ ଏକ ମତ ଚର୍ଚ୍ଚାର ପରିସରକୁ ଆସିଛି। ଚଳଚ୍ଚିତ୍ର ମହୋତ୍ସବରେ ଆମାଜନ୍ ଷ୍ଟୁଡିଓର ମୁଖ୍ୟ ଜେନିଫର ସାଲ୍‌କେଙ୍କ ସହ କଥାବାର୍ତ୍ତା ବେଳେ ସେ କହିଛନ୍ତି, 'ସେ ଫିଲ୍ମ ଇଣ୍ଡଷ୍ଟ୍ରିରେ ୨୨ ବର୍ଷ ହେବ କାମ କଲେଣି। ପାଖାପାଖି ୭୦ରୁ ଊର୍ଦ୍ଧ୍ୱ ଏବଂ ୨ଟି ଟିଭି ଶୋ'ରେ ସେ କାମ କରିସାରିଛନ୍ତି। କିନ୍ତୁ ଯେତେବେଳେ ସେ 'ସିଟାଡେଲ୍'ରେ କାମ କଲେ, ସେତେବେଳେ ସେ ତାଙ୍କ କ୍ୟାରିୟରରେ ପ୍ରଥମ ଥର ପାଇଁ ସମାନ ଫି' ପାଇଛନ୍ତି। ଏହା ଜାଣି ତାଙ୍କୁ ହସ ଲାଗୁଛି ବୋଲି କହିଛନ୍ତି। କାରଣ ପୂର୍ବରୁ କରୁଥିବା କାମ ସମାନ ଥିଲେ ମଧ୍ୟ ସେ କମ୍ ଫି' ପାଉଥିଲେ। କିନ୍ତୁ ଆମାଜନ୍ ଷ୍ଟୁଡିଓର କହିବା ମୁତାବକ, ଏହା ପ୍ରିୟଙ୍କାଙ୍କ ହକ୍, ସେ ଏହାର ଅଂଶୀଦାର। ଏହି ସିରିଜ୍ ଚଳିତ ବର୍ଷ ଏପ୍ରିଲ ୨୮ରେ ଆମାଜନ୍ ପ୍ରାଇମ୍ ଭିଡିଓରେ ଇଂଲିଶ୍, ହିନ୍ଦୀ, ତାମିଲ, ତେଲୁଗୁ, ମାଲୟାଲମ୍, କନ୍ନଡ଼ ଭାଷାରେ ରିଲିଜ୍ ହେବ।

## 'ଦି କପିଲ ଶର୍ମା ଶୋ'କୁ ମୋଦି ଆମନ୍ତ୍ରିତ




ମୁମ୍ବାଇ

'ଦି କପିଲ ଶର୍ମା ଶୋ' ବିଷୟରେ କିଏ ନ ଜାଣିଛି। ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ଏହି ଶୋ' ଦେଖିବାକୁ ବେଶ୍ ପସନ୍ଦ କରିଥା'ନ୍ତି। ତେବେ ଏହି ଶୋ'ରେ ବହୁ ବଡ଼ ବଡ଼ ସେଲିବ୍ରିଟି, ରାଜନେତା, କ୍ରିକେଟର, ଖବରଦାତାଙ୍କ ପରି ବିଶିଷ୍ଟ ବ୍ୟକ୍ତିବିଶେଷ ଆସିଥା'ନ୍ତି। ଶୋ'ର ଉପସ୍ଥାପକ ତଥା ଅଭିନେତା କପିଲ ଶର୍ମା ଏକ ସାକ୍ଷାତ୍‌କାର ଦେବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନେଇ କିଛି କଥା କହିଛନ୍ତି। ଯେତେବେଳେ କପିଲ ବ୍ୟକ୍ତିଗତ ଭାବେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିଥିଲେ, ସେତେବେଳେ ସେ ମୋଦିଙ୍କୁ ତାଙ୍କ ଶୋ'କୁ ନିମନ୍ତ୍ରଣ କରିଥିବା କହିଥିଲେ। ମୋଦି ଉତ୍ତରରେ କହିଥିଲେ, ଏବେ ତାଙ୍କୁ ବିରୋଧୀମାନେ ବହୁତ କମେଡି କରୁଛନ୍ତି। କପିଲଙ୍କ ଅନୁରୋଧରେ ପ୍ରଧାନମନ୍ତ୍ରୀ ମନାକରି ନ ଥିଲେ। କେଉଁଦିନ ଗୋଟେ ଆସିବେ ବୋଲି କହିଥିଲେ। ତେବେ କପିଲ ତାଙ୍କ କମେଡି ଫିଲ୍ମ 'ଜ୍ୱିଗାଟୋ'ର ରିଲିଜ୍ ପାଇଁ ବ୍ୟସ୍ତ ଅଛନ୍ତି। ଆସନ୍ତା ୧୭ ତାରିଖରେ ଏହି ଫିଲ୍ମ ରିଲିଜ୍ ହେବ ବୋଲି ସୂଚନା ମିଳିଛି।

## ବିମାନ କମ୍ପାନୀ ପକ୍ଷରୁ ମହିଳାଙ୍କୁ ୧୩ ସୁଟ୍‌କେଶ

ତାଲାହାସି

ନିକଟରେ ବିମାନ ଉଡ଼ାଣ ସମୟରେ କ୍ଷତିଗ୍ରସ୍ତ ହୋଇଥିବା ଏକ ବ୍ୟାଗ୍ ବଦଳାଇବାରୁ ଏୟାରଲାଇନ୍ସ ପକ୍ଷରୁ ୧୩ଟି ଟ୍ରଲି ବ୍ୟାଗ୍ ମିଳିଥିବା ଜନୈକା ମହିଳା କହିଛନ୍ତି। ଫ୍ଲୋରିଡାର ୨୯ ବର୍ଷୀୟା ପେଟନ୍ ଥମସନ୍ ନିକଟରେ ଏକ ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ସେ ବିମାନ କମ୍ପାନୀ ଭୁଲ୍ କରିଥିବା କହିଛନ୍ତି। ଆମେରିକାରେ ତାଙ୍କର ଟ୍ରଲି ବ୍ୟାଗ୍‌ଟିକୁ ଡେଲ୍‌ଟା ନଷ୍ଟ କରିଥିବା କହିଛନ୍ତି। ପରେ ସେ ସେଥିପାଇଁ ଏକ ଦାବିପତ୍ର ଲେଖିଥିଲେ। ସେଥିରେ ତାଙ୍କ ଟ୍ରଲିକୁ ବଦଳାଇବାକୁ କହି ତା'ର ଏକ ଫଟୋ ଶେୟାର କରିଥିଲେ। ପରେ ବିମାନ କମ୍ପାନୀ ତାଙ୍କ କଥାରେ ରାଜି ହୋଇଥିଲା। ଏହାର କିଛି ସମୟ ପରେ ସେ ଏକ ମେସେଜ୍ ପାଇଥିଲେ। ୧୩ଟି ବକ୍ସ ଥିବା ଏକ ଜିପ୍ ଦେଖିବାକୁ ପାଇଥିଲେ। ତାକୁ ଖୋଲିବା ପରେ ସେଥିରେ ୧୩ଟି ନୂଆ ସୁଟ୍‌କେଶ ଥିବା ଜାଣିବାକୁ ପାଇଥିଲେ। ସବୁ ସୁଟ୍‌କେଶର ରଙ୍ଗ ଭିନ୍ନ ହୋଇଥିବା ଦେଖି ସେ ଖୁସି ହେବା ସହ ହସିଥିଲେ। ଏହା ବିମାନ କମ୍ପାନୀର ଭୁଲ୍ ବୋଲି ସେ କହିଛନ୍ତି। ତେବେ ଏହି ଭିଡିଓରେ ଅନେକ ୟୁଜର୍ସ ବିଭିନ୍ନ କଥା କହି ଥଟ୍ଟା କରିଥିବା ଦେଖିବାକୁ ମିଳିଛି।



## ସଂକ୍ଷେପରେ

### ମା' ଜାଗୁଳାଇ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ

ମାହାଙ୍ଗା,୧୧।୩(ସ୍ୱ.ପ୍ର.): ମାହାଙ୍ଗା ବ୍ଲକ ଚାହାପଡା ପଞ୍ଚାୟତ ଅନ୍ତର୍ଗତ ବରଦିଆ ଗ୍ରାମର ମା'ଜାଗୁଳାଇ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅଙ୍କୁରାରୋପଣ, କଳସ ଯାତ୍ରା, ଗୋ ପୂଜା, ସୂର୍ଯ୍ୟ ପୂଜା, ନାମ ଯଜ୍ଞ , ନଗର ଭ୍ରମଣ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। କର୍ତ୍ତା ଭାବେ ପ୍ରିୟବ୍ରତ ସ୍ୱାଇଁ ଓ କର୍ତ୍ତି ଭାବେ ମିତାଞ୍ଜଳି ସ୍ୱାଇଁ ପୂଜା କାର୍ଯ୍ୟରେ ବସିଥିବାବେଳେ ପଣ୍ଡିତ ଦେବବ୍ରତ ଦାସ ପୂଜା କାର୍ଯ୍ୟ ସମ୍ପାଦନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ କାଳନ୍ଦୀ ପୁଟିଆ, କିଶୋର ବରାଳ, ଜନ୍ମେଜୟ ସ୍ୱାଇଁ, କୃଷ୍ଣଚନ୍ଦ୍ର ବରାଳ, ଶରତ ବେହୁରା,ବନମାଳି ବରାଳ, ସାମାଜିକକର୍ମୀ ଶିବଚରଣ ଜେନା ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ ।

### ଭାରତୀୟ କ୍ଷେତ ମଜଦୁର ସଂଘର ଜିଲା ସମ୍ମିଳନୀ

ନିଶ୍ଚିନ୍ତକୋଇଲି,୧୧।୩ (ସ୍ୱ.ପ୍ର.): ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ପଞ୍ଚାୟତ ବାଣୀନଗର କ୍ଷୀରୋଦ ମଣ୍ଡପରେ ଭାରତୀୟ କ୍ଷେତ ମଜଦୁର (ବିକେଏମ୍ୟୁ) ସଂଘର କଟକ ଜିଲା ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା କମିଟି ସମ୍ପାଦକ ତ୍ରୈଲୋକ୍ୟ ନାଥଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥିଭାବେ ରାଜ୍ୟ ସମ୍ପାଦକ ସୁର ଜେନା ଏବଂ ସମ୍ମାନିତ ଅତିଥିଭାବେ ବିଭିନ୍ନ ବ୍ଲକ ଓ ଜୋନାଲ କମିଟି ସଭ୍ୟ ପ୍ରସନ୍ନ ମହାପାତ୍ର, ରମାକାନ୍ତ ବିଶ୍ୱାଳ, ସନାତନ ମଲିକ ପ୍ରମୁଖ ଯୋଗଦେଇ ସଂଘର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। କ୍ଷେତ ମଜଦୁର ଶ୍ରମିକଙ୍କୁ ଦୈନିକ ୪୦୦ ଟଙ୍କା ମଜୁରିରେ ୩ଶହ ଦିନର କାମ ଯୋଗାଇଦେବା, ଗରିବ, ଶ୍ରମିକ, ଦଳିତ ଓ ଆଦିବାସୀ ବର୍ଗର ଭୂମିହୀନ ବ୍ୟକ୍ତିଙ୍କୁ ଘରଡ଼ିହ ପଟ୍ଟା ଯୋଗାଇବା, ଶ୍ରମ ଆଇନ ପ୍ରଣୟନ କରିବା, ୬୦ ବର୍ଷରୁ ଉର୍ଦ୍ଧ୍ୱ ଶ୍ରମିକଙ୍କୁ ୬ ହଜାର ଟଙ୍କା ପେନସନ୍ ଦେବା, ଶ୍ରମିକଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇବା ଏବଂ ଖାଦ୍ୟ ସୁରକ୍ଷା ଆଇନରେ ଅନ୍ତର୍ଭୁକ୍ତ କରିବା ଆଦି ଦାବି କରାଯାଇଥିଲା। ବର୍ତ୍ତମାନ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଅହେତୁକ ମୂଲ୍ୟ ବୃଦ୍ଧିକୁ ରୋକିବା, ଚୁଡ଼ା, ଗୁଡ଼ ଓ ମୁଢ଼ି ଆଦି ଖାଉଟି ସାମଗ୍ରୀ ଉପରୁ ଜିଏସ୍‌ଟି ପ୍ରତ୍ୟାହାର କରିବା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ରେ ୨୦୦ ଦିନର କାର୍ଯ୍ୟ ଯୋଗାଇବା ନେଇ ଆଲୋଚନା ହୋଇଛି। ଏହି ଅବସରରେ କମିଟିର ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା।

### ପେଟ୍ରୋଲ ପମ୍ପରେ ବୋମାମାଡ଼ ଘଟଣା, ଆଉ ଜଣେ ଗିରଫ

ଭୁବନେଶ୍ୱର,୧୧।୩(ବ୍ୟୁରୋ): ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡ଼ା ପେଟ୍ରୋଲ ପମ୍ପରେ ତେଲ ପକାଇବାକୁ କେନ୍ଦ୍ରକରି ଗୁଳିମାଡ଼ ଘଟଣାରେ ଆଉ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଖାରବେଳନଗର ଥାନା ଅନ୍ତର୍ଗତ ରିକ୍ସା କଲୋନିରେ ରହୁଥିବା ନୟାଗଡ଼ ଜିଲା ଓଡ଼ଗାଁ ଥାନା ଅଞ୍ଚଳର ଟୁକୁନା ବେହେରା। ତାଙ୍କୁ ଶନିବାର କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ମନୋଜ ବେହେରାଙ୍କୁ ଦୁଇ ସପ୍ତାହ ତଳେ ଗିରଫ କରାଯାଇଥିଲା।

# ହାତୀ, ବାଘ ଦେଖି ଗ୍ରାମବାସୀ ଆତଙ୍କିତ

## ବନ ବିଭାଗ ସହାୟତା ଲୋଡ଼ିଲେ ଲୋକେ

ବଡ଼ମ୍ବା,୧୧।୩(ଡି.ଏନ୍.ଏ.)

ବଡ଼ମ୍ବା ଅଞ୍ଚଳରେ ସମ୍ପ୍ରତି ବନ୍ୟଜନ୍ତୁ ଗାଁମୁହାଁ ହେଉଛନ୍ତି। ନିକଟରେ ଖମାରସାହି ଅଞ୍ଚଳରେ ଏକ କଲରାପତରିଆ ବାଘ ପଶି ଆତଙ୍କ ଖେଳାଇଥିଲା। ଶୁକ୍ରବାର ରାତିରେ ଗୋପାଳପୁର ଗାଁରେ ଏକ ଦନ୍ତାହାତୀ


ଗୋପାଳପୁର ଗାଁକୁ ପଶି ଆସିଥିବା ଦନ୍ତା ହାତୀ ।

ପଶି ବାଡ଼ିରେ ଗଦା ହୋଇଥିବା ବିରି, ମୁଗ ଓ ଧାନ ଇତ୍ୟାଦି ନଷ୍ଟ କରିଛି। ଏଥିସହ ଗାଁର ଶେଷମୁଣ୍ଡରେ ରହୁଥିବା ଶ୍ରମିକମାନଙ୍କ ରନ୍ଧା ଖାଦ୍ୟ ଏବଂ ଅନ୍ୟାନ୍ୟ ସାମଗ୍ରୀ ନଷ୍ଟ କରିଛି। ହାତୀକୁ ଦେଖି ଭୟରେ ଦୌଡ଼ିବା ବେଳେ ମନୋରମା ନାମକ ଜଣେ ମହିଳା ପଡ଼ିଯାଇ ଆହତ ହୋଇଛନ୍ତି। ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ଅଞ୍ଚଳବାସୀ ଭୟଭୀତ ଅଛନ୍ତି। ତେଣୁ ଧନ ଜୀବନ ସୁରକ୍ଷା ପାଇଁ ବନ ବିଭାଗ ତୁରନ୍ତ ପଦକ୍ଷେପ ନେବା ଜରୁରୀ ବୋଲି ସାଧାରଣରେ ଦାବି ହୋଇଛି।

# ଧର୍ମଦାସପୁରରେ ଦୋଳ ଉତ୍ସବ

ମାହାଙ୍ଗା,୧୧।୩(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ମୂଳବସନ୍ତ ପଞ୍ଚାୟତ ଅନ୍ତର୍ଗତ ଧର୍ମଦାସପୁର ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ଦୋଳ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ନୀଳକଣ୍ଠେଶ୍ୱର ଦୋଳ ଉତ୍ସବ କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଶିଶୁ ସାହିତ୍ୟିକ ତଥା ଶିକ୍ଷାବିତ୍ ଶଶିଭୂଷଣ ମିଶ୍ର ସଭାପତିତ୍ୱ କରିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ୫ରୁ ଉର୍ଦ୍ଧ୍ୱ ଦୋଳ ବିମାନ ଶୋଭାଯାତ୍ରାରେ ଆସି ମନ୍ଦିର ପରିସରରେ ବିରାଜମାନ କରିଥିଲେ। ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ପ୍ରଫେସର ବିବେକାନନ୍ଦ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥିଭାବେ ପ୍ରଫେସର କାର୍ତ୍ତିକେଶ୍ୱର ସାହୁ , ସମ୍ମାନିତ ଅତିଥିଭାବେ କବି ପ୍ରଶାନ୍ତ କୁମାର କର, ବୈରାଗୀ ମିଶ୍ର ସ୍ମୃତି କମିଟି ସଭାପତି ଉପେନ୍ଦ୍ରନାଥ ରଣା, ଦୋଳ କମିଟି ସମ୍ପାଦକ ବସନ୍ତ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ଦୋଳ ଉତ୍ସବର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଉଲ୍ଲେଖନୀୟ ସାମାଜିକ କାର୍ଯ୍ୟ ପାଇଁ ଖବରଦାତା ରମେଶ ଚନ୍ଦ୍ର ସାହୁ, କଣ୍ଠଶିଳ୍ପୀ କମଳାକାନ୍ତ ସିଂହ, କଳାକାର ଅଚ୍ଛୁତାନନ୍ଦ ଦାସ ପ୍ରମୁଖଙ୍କୁ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପଣ୍ଡିତ ପ୍ରଭାତ କର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଗୁରୁଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ କମିଟି ସଦସ୍ୟ ମନୋରଞ୍ଜନ ମିଶ୍ର, ଧରଣୀଧର ମିଶ୍ର, ପର୍ଶୁରାମ ମିଶ୍ର, ଶୁଭଙ୍କର ମିଶ୍ର, ଦୀପଙ୍କର ମିଶ୍ର. ଅମିତ ମିଶ୍ର ଓ ଜଗନ୍ନାଥ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।


ଦୋଳ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ ।

# ଅନନ୍ତନାରାୟଣ ମନ୍ଦିର ପ୍ରତିଷ୍ଠା

ବାରଙ୍ଗ,୧୧।୩ (ଡି.ଏନ୍.ଏ.)

ବାରଙ୍ଗ ତଥା ପଟିଆ ଅଞ୍ଚଳର ଆରାଧ ଶୈବପୀଠ ବାବା ସୋମନାଥ ମନ୍ଦିର ପରିସରରେ ଅନନ୍ତନାରାୟଣଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୁଦୂର ନେପାଳରୁ ଅଜସ୍ର ଶାଳଗ୍ରାମ ସହ ଅନନ୍ତନାରାୟଣଙ୍କ ମୂର୍ତ୍ତିକୁ ଅଣାଯାଇ ଏଠାରେ ସ୍ଥାପନା କରାଯାଇଛି। ସ୍ଥାପନ କରାଯାଇ ପୂଜାର୍ଚ୍ଚନା ଚାଲିଥିଲେ ମଧ୍ୟ ପରେ ବିଧି ମୁତାବକ ଜୀବନ୍ୟାସ ଦିଆଯାଇଥିଲା। ରାଜ୍ୟର ନାମୀଦାମୀ ପଣ୍ଡିତମାନଙ୍କ ଦ୍ୱାରା କରାଯାଇଥିବା ପୂଜାର୍ଚ୍ଚନା ସହ ତିନିଧରି ଚାଲିଥିବା ଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା । ଉମାକାନ୍ତ ହାତୀ ଓ କଳ୍ପନା ହାତୀ କର୍ତ୍ତାଭାବେ କାର୍ଯ୍ୟ ସମ୍ପନ୍ନ କରିଥିବାବେଳେ ମାଗୁଣିଷ ଡଙ୍ଗୀ, ନୀଳକଣ୍ଠ ମିଶ୍ରଙ୍କ ନେତୃତ୍ୱରେ ପଣ୍ଡିତମାନେ ପୂଜାର୍ଚ୍ଚନା କରିଥିଲେ। ଶରତଚନ୍ଦ୍ର ପଣ୍ଡା, ମନ୍ଦିର କମିଟି ଓ ବାବାସୋମନାଥ ସେନା ସହ ଗ୍ରାମବାସୀ ଏହାକୁ ପରିଚାଳନା କରିଥିଲେ ।

# ଶିଶୁ ନିଖୋଜ, ଚିନ୍ତାରେ ପରିବାର

ବାରଙ୍ଗ,୧୧।୩ (ଡି.ଏନ୍.ଏ.)

ଗତ ସୋମବାରଠାରୁ ଚନ୍ଦକା ଥାନା ଅଧୀନ ଅନ୍ଧାରୁଆ ପଞ୍ଚାୟତ ଗୋଡ଼ିବାରି ଆଦିବାସୀ ସାହିର ସାତବର୍ଷର ପିଲାଟି ନିଖୋଜ ଥିବାର ଚନ୍ଦକା ଥାନାରେ ଶୁକ୍ରବାର ଅଭିଯୋଗ ହୋଇଛି। ଗୋଡିବାରି ଆଦିବାସୀ ସାହିର ଲୋଚନ କାଣ୍ଡେଥାର ପୁଅ କ୍ରିଷ୍ଣା କାଣ୍ଡେଥା (୭) ବର୍ଷ । ସେ ସାହିର ଅନ୍ୟ ଏକ ପିଲା ବେଟା ହାଂସଦାର ସହ କେଉଁଆଡେ ପଳାଇଯାଇଛି। ବେଟାର ବାପା ପୂର୍ଣ୍ଣଚନ୍ଦ୍ର ହାଂସଦାରର ଘର ବାରିପଦା ଜିଲା ଖୁଣ୍ଟା ଥାନା ଅଧୀନ ଗୁଡ଼ିଙ୍ଗାକଟରାରେ ବୋଲି ଜଣାପଡିଛି । ହେଲେ ବେଟା ଗତ କିଛି ଦିନ ହେବ ଏହି ଅଞ୍ଚଳରେ ଗାଈ ଜଗୁଥିଲା ଓ ସେ ଗୋଡ଼ିବାରିରେ ରହୁଥିଲା। କ୍ରିଷ୍ଣାକୁ ପରିବାର ଲୋକେ ଖୋଜି ନିରାଶ ହେବା ପରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ନିଖୋଜ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

# ଓଡ଼ିଆ ଭାଷାର ଶ୍ରୀବୃଦ୍ଧି ପାଇଁ ସଂକଳ୍ପବଦ୍ଧ ହୁଅ


ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସରେ ଯୋଗଦେଇଥିବା ଅଧ୍ୟାପିକା, ଅଧ୍ୟାପକମାନେ ।

## ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ

ବଡ଼ମ୍ବା,୧୧।୩(ଡି.ଏନ୍.ଏ.)

ବଡ଼ମ୍ବା ମୋହନ ସୁବୁଦ୍ଧି ମହାବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଶନିବାର ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ ହେବା ସହ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ସରିତା ସାହୁ ଏହି ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ କହିବା ସହ ଓଡ଼ିଆ ଭାଷାର ଶ୍ରୀବୃଦ୍ଧି ନିମନ୍ତେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ। ଆଲୋଚନାଚକ୍ରରେ ଅର୍ଥନୀତି ବିଭାଗ ମୁଖ୍ୟ ପ୍ରାଧ୍ୟାପକ ବିଶ୍ୱନାଥ ପଟ୍ଟନାୟକ ସାହିତ୍ୟ ସଂରଚନାରେ ବ୍ରତୀ ହେବାକୁ କହିଥିଲେ। ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଅଧ୍ୟାପିକା ଡ. ସୁବାସିନୀ ସାହୁ , ସୁଶ୍ରୀ ସଙ୍ଗୀତା ମହାପାତ୍ର, ଗୀତାଞ୍ଜଳି ନାୟକ, ଡ. ଅରବିନ୍ଦ ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ପ୍ରତିଭାଧାରୀ ସାହିତ୍ୟିକଙ୍କ ସମ୍ପର୍କରେ କହିଥିଲେ। ଛାତ୍ରୀମାନେ ଓଡ଼ିଆ ଭାଷା ସାହିତ୍ୟର ଇତିହାସ ବିଷୟରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଲକ୍ଷ୍ମୀଧର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ହରିହର ମିଶ୍ରଙ୍କୁ ସତ୍ୟବାଦୀ ସାରସ୍ୱତ ସମ୍ମାନ

ଭୁବନେଶ୍ୱର,୧୧।୩(ବ୍ୟୁରୋ)

ସାହିତ୍ୟ ପତ୍ରିକା 'ଗୋପବନ୍ଧୁଙ୍କ ସତ୍ୟବାଦୀ' ପକ୍ଷରୁ 'ସତ୍ୟବାଦୀ ସାରସ୍ୱତ ସମ୍ମାନ-୨୦୨୨' କବି, ନାଟ୍ୟକାର, ଗାଳ୍ପିକ, ସମାଲୋଚକ ତଥା ସାରଳା ପୁରସ୍କାରପ୍ରାପ୍ତ ହରିହର ମିଶ୍ରଙ୍କୁ ପ୍ରଦାନ କରାଯିବ। ପ୍ରବନ୍ଧ ବିଭାଗରେ ଡ. ଶ୍ରୀଶ ପଟେଲ, ଗଳ୍ପ ପାଇଁ ସୀତେଶ ତ୍ରିପାଠୀ ଓ କବିତାରେ ସୌଭାଗ୍ୟବନ୍ତ ମହାରଣାଙ୍କୁ 'ସତ୍ୟବାଦୀ ସାହିତ୍ୟ ସମ୍ମାନ' ପ୍ରଦାନ କରାଯିବ। ଶିଶୁଗଳ୍ପରେ ଅଶୋକ ପ୍ରଧାନ ଓ ପ୍ରଶାନ୍ତ ନାଥଙ୍କୁ ଶିଶୁ କବିତା ପାଇଁ ସମ୍ବର୍ଦ୍ଧିତ କରାଯିବ। 'ସତ୍ୟବାଦୀ ସାରସ୍ୱତ ସମ୍ମାନ'ରେ ୧ ଲକ୍ଷ ଟଙ୍କା ପୁରସ୍କାର ଓ 'ସତ୍ୟବାଦୀ ସାହିତ୍ୟ ସମ୍ମାନ'ରେ ସମ୍ମାନିତ ପ୍ରତିଭାମାନଙ୍କୁ ୧୦ ହଜାର ଟଙ୍କା ସହିତ ଉପାୟନ ପ୍ରଦାନ କରାଯିବ। ଏଥିପାଇଁ ଗଠିତ ବିଚାରକ ମଣ୍ଡଳୀର ବୈଠକ ଶନିବାର 'ସମାଜ' ସମ୍ପାଦକ ନିରଞ୍ଜନ ରଥଙ୍କ ଅଧ୍ୟକ୍ଷତାରେ ଗୋପବନ୍ଧୁ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଚାରକ ମଣ୍ଡଳୀଙ୍କ ଦ୍ୱାରା 'ସତ୍ୟବାଦୀ ସାରସ୍ୱତ ସମ୍ମାନ' ପାଇଁ ବିଶିଷ୍ଟ ସାହିତ୍ୟିକମାନଙ୍କଠାରୁ ଆହ୍ୱାନ କରାଯାଇଥିବା ମତାମତ ଭିତ୍ତିରେ ନିଷ୍ପତ୍ତି ହୋଇଥିଲା। 'ଗୋପବନ୍ଧୁଙ୍କ ସତ୍ୟବାଦୀ' ପତ୍ରିକାର ସମ୍ପାଦକ ରଥଙ୍କ ଦ୍ୱାରା ଗଠିତ ବିଚାରକ ମଣ୍ଡଳୀରେ ଡ. ପ୍ରଫୁଲ୍ଲ ମିଶ୍ର, 'ପକ୍ଷୀଘର' ପ୍ରକାଶକ ବନୋଜ ତ୍ରିପାଠୀ, ଆକାଶବାଣୀ ରେଡ଼ିଓର ନିର୍ଦ୍ଦେଶକ ତରୁଣକାନ୍ତି ରାଉତ, ପ୍ରାଧ୍ୟାପକ ସୁଶୀଲ ପ୍ରଧାନ, ଇଂ. ପ୍ରଭାକର ସ୍ୱାଇଁ, ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡ଼. ରମେଶ ଚନ୍ଦ୍ର ମଲ୍ଲିକ, ଡ. ବ୍ରଜମୋହନ ମିଶ୍ର, ଡ଼. ବିଜୟାନନ୍ଦ ସିଂ ଓ ଡ. କୈଳାଶ ପଟ୍ଟନାୟକ ପ୍ରମୁଖ ଥିଲେ। ଆସନ୍ତା ଅପ୍ରେଲ ୨ ତାରିଖ ରବିବାର କଟକ ବିଜୁ ପଟ୍ଟନାୟକ ଛକସ୍ଥିତ 'ସାରଳା ଭବନ'ରେ ଅନୁଷ୍ଠିତ ହେବାକୁ ଥିବା 'ଗୋପବନ୍ଧୁଙ୍କ ସତ୍ୟବାଦୀ'ର ସପ୍ତମ ବାର୍ଷିକ ସମାରୋହରେ ଏହି ସାରସ୍ୱତ ସାଧକମାନଙ୍କୁ ସମ୍ମାନିତ କରାଯିବ।

# ଥାନାରେ କର୍ମଚାରୀ ଅଭାବ

## ଦାବି ପୂରଣ ନ ହେଲେ ଆନ୍ଦୋଳନ

କଟକ ସଦର,୧୧।୩ (ଡି.ଏନ୍.ଏ.)

କଟକ ଜିଲା କିଶନନଗର ଥାନାରେ ଦୀର୍ଘଦିନ ହେବ କର୍ମଚାରୀଙ୍କ ଅଭାବ ରହିଛି। ଏ ସମ୍ପର୍କରେ ଉତ୍କଳ ବିକାଶ ପରିଷଦ ପକ୍ଷରୁ ବାରମ୍ବାର କଟକ ଗ୍ରାମାଞ୍ଚଳ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟି ଦିଆଯାଉନାହିଁ। ଆଗାମୀ ଦିନରେ ଉକ୍ତ ଥାନାରେ କର୍ମଚାରୀ ପଦବୀ ପୂରଣ ପାଇଁ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ ସହ ରାସ୍ତାରୋକୋ କରାଯିବ ବୋଲି ପରିଷଦର ସଭାପତି ପ୍ରକାଶ ଚନ୍ଦ୍ର ସେଠୀ ଏକ ଦାବିପତ୍ର ମାଧ୍ୟମରେ ଶୁକ୍ରବାର ଡିଜିପିଙ୍କୁ ଜଣାଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, କଟକ ସଦର, ସାଲେପୁର ଓ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଏହି ଥାନା ରହିଛି। ବିଶେଷକରି ପଡୋଶୀ ଜଗତ୍‌ସିଂହପୁର ଜିଲାର ବିରିଡ଼ି ଓ ରଘୁନାଥପୁର ଥାନାର କେତେକ ଅଞ୍ଚଳ, କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ ଅଧୀନ ତେଣ୍ଡାକୁଡା ଅଞ୍ଚଳ କିଶନନଗର ଥାନାର ସୀମାରେ ରହିଛି। ରାତ୍ରିକାଳୀନ ପାଟ୍ରୋଲିଂ ଠିକ୍ ଭାବେ କରାଯାଉ ନ ଥିବାରୁ ଚୋରି, ଲୁଟ୍, ଡକାୟତି କରି ଅଭିଯୁକ୍ତମାନେ ସହଜରେ ଖସି ପଳାଇ ଯାଉଛନ୍ତି। ଏହି ଥାନାରେ ୪ଟି କନଷ୍ଟେବଲ, ଗୋଟିଏ ଏସ୍‌ଆଇ, ଗୋଟିଏ ଏଏସଆଇ ପଦବୀ ଅଦ୍ୟାବଧି ଖାଲିପଡ଼ିଛି। ଜିଲାର ଛୋଟ ଛୋଟ ଥାନାରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ରହିଥିବାବେଳେ ଏହି ଥାନା ପ୍ରତି ସରକାରଙ୍କର ବୈମାତୃକ ମନୋଭାବ କାହିଁକି ବୋଲି ସେଠୀ ପ୍ରଶ୍ନ କରିଛନ୍ତି। ଅପରପକ୍ଷରେ ପାଟ୍ରୋଲି ପାଇଁ ଏହି ଥାନାରେ ଗୋଟିଏ ମାତ୍ର ପିସିଆର୍ ଭ୍ୟାନ୍ ରହିଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣବେଳେ କଟକ ସହରକୁ ଗାଡ଼ିରେ ନେବାକୁ ପଡ଼େ। ଯଦି ଜାମିନ ନାମଞ୍ଜୁର ହୁଏ ତା'ହେଲେ ପୁଣି ଅଭିଯୁକ୍ତଙ୍କୁ ଚୌଦ୍ୱାର ଜେଲ୍‌ରେ ଛାଡ଼ିବାକୁ ପଡେ। ଫଳରେ ଏଭଳି ଦିନରେ ଥାନା ଅଞ୍ଚଳରେ ପୋଲିସ ପାଟ୍ରୋଲିଂ ଏକରକମର ବନ୍ଦ ହୋଇଯାଏ। ତେଣୁ ଆଉ ଗୋଟିଏ ପିସିଆର୍ ଭ୍ୟାନ୍ ଦେବା ପାଇଁ ଦାବି କରାଯାଇଛି। ଦାବି ପୁରଣ ନ ହେଲେ କଟକ-ପାରାଦୀପ ୧୨ନଂ. ରାଜ୍ୟ ରାଜପଥକୁ ସୋମପୁରଠାରେ ଅବରୋଧ କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନବେଳେ କୌଣସି ପୋଲିସ ଅଧିକାରୀ ପ୍ରତିଶ୍ରୁତି ଦେଇ ନ ଥିବା ସେଠୀ କହିଛନ୍ତି।

# ୨୦ରେ ଭ୍ରମଣରେ ଯିବେ ସମ୍ବାଦପତ୍ର ବିକ୍ରେତା ସଂଘ ସଦସ୍ୟ


ପ୍ରସ୍ତୁତି ବୈଠକରେ ସମ୍ବାଦପତ୍ର ବିକ୍ରେତା ସଂଘ ସଦସ୍ୟମାନେ ।

କଟକ ଅଫିସ, ୧୧।୩:

ସମ୍ବାଦପତ୍ର ବିକ୍ରେତା ସଂଘର ସଦସ୍ୟମାନେ ଆସନ୍ତା ୨୦ ତାରିଖରେ ତୀର୍ଥସ୍ଥାନ ଭ୍ରମଣରେ ଯିବେ। ସଂଘର ୪୦ ଜଣ ସଭ୍ୟ ଗୁଜରାଟର ସ୍ୱାମୀ ନାରାୟଣ, ଦ୍ୱାରିକା, ସୋମନାଥ, ଉଜ୍ଜୟିନୀ ଆଦି ତୀର୍ଥସ୍ଥାନ ଭ୍ରମଣ ନିମନ୍ତେ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏ ନେଇ ସଂଘ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ବାରବାଟୀ ଷ୍ଟାଡିୟମଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ବିଜୟ କୁମାର ପଢିହାରୀ, ଉପସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁ ଚରଣ ଦାଶ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ପ୍ରଭାସ ପ୍ରଧାନ, ହିମାଂଶୁ ମହାପାତ୍ର, ମନୋଜ ପାଲ୍, ପ୍ରଶାନ୍ତ ସାହୁ, ପ୍ରଦ୍ୟୁମ୍ନ ବିଶୋଇ, ଦୁର୍ଗାପ୍ରସାଦ ଛାଟୋଇ, ରବି ପାଲ୍, ହୃଷୀକେଶ ପଢିହାରୀ, ହେମନ୍ତ ପଟ୍ଟନାୟକ, ଦୀପ୍ତିରଞ୍ଜନ ପଟ୍ଟନାୟକ, ରଘୁ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗାଁ ଗାଁ ବୁଲିଲେ ନନ୍ଦିବଟ ମହାପୁରୁଷ ବିମାନ



ମାହାଙ୍ଗା,୧୧।୩(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଜଳେଶ୍ୱରପୁର ଗ୍ରାମର ନନ୍ଦିବଟ ମହାପୁରୁଷ ମଠ ଦୋଳ ବିମାନ ଗାଁ ଗାଁ ବୁଲି ଭୋଗ ଖାଇଛନ୍ତି। ଏହି ଅବସରରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ବିମାନରେ ବିରାଜମାନ କରି ନାଣ୍ଡିବରଠାରୁ ବାହାରି ଅଳିଯୋଡା, ଡଗରାସାହି, କାହ୍ନପୁର,ନୃତ୍ତଙ୍ଗ, ଯଁକୋଟି, ଶିରିପୁର, ଗଙ୍ଗପୁରା, କୁଆଁପାଳ ବଜାର ,ପଶୁଲୁଣ୍ଡା, ପରିଡାପାଟଣା ଆଦି ସାହି ବୁଲି ଭୋଗ ଖାଇଥିଲେ । ବିମାନ ଆସିବା ସମୟରେ ଗାଁଗୁଡ଼ିକର ରାସ୍ତା ପରିଷ୍କାର କରାଯିବା ସହ ଦୀପ ଓ ଧୂପ ଲଗାଇ ସ୍ୱାଗତ କରାଯାଇଥିଲା। ଏହି ସମୟରେ ଭଜନ, କୀର୍ତ୍ତନ, ବାଜା ,ବାଣ ଯୋଗୁ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଶତାଧିକ ଭକ୍ତ ଏଥିରେ ସାମିଲ ହୋଇ ବିମାନକୁ କାନ୍ଧେଇ ବୁଲିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ଣ୍ଣଚନ୍ଦ୍ର ସାମଲ, ଅଭିମନ୍ୟୁ ଖୁଣ୍ଟିଆ, କୈଳାସ ଖୁଣ୍ଟିଆ, ବଟକୃଷ୍ଣ ସାମଲ, ପଦ୍ମଚରଣ ଲେଙ୍କା ଓ ରମେଶ ସାମଲ ପ୍ରମୁଖ ଯୋଗ ଦେଇଥିଲେ।

# ୭୦୦ ବର୍ଷର ପୁରାତନ ମନ୍ଦିର ଠାବ

- ସନ୍ଧାନ କଲା ଗବେଷଣା ସଂସ୍ଥା ଇନ୍‌ଟାକ୍
- ସ୍ଥାନଟିର ପ୍ରତ୍ନତାତ୍ତ୍ୱିକ ଖନନର ଆବଶ୍ୟକ

ଭୁବନେଶ୍ୱର,୧୧।୩-(ବ୍ୟୁରୋ)

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ପୁରୁଷୋତ୍ତମପୁର ଶାସନ ଗ୍ରାମ ନିକଟରୁ ଏକ ବହୁ ପୁରାତନ ମନ୍ଦିରର ଢାଞ୍ଚାର ସନ୍ଧାନ ମିଳିଛି। ଗବେଷଣା ସଂସ୍ଥା ଇନ୍‌ଟାକର ସଦସ୍ୟମାନେ ଏହି ଐତିହାସିକ ସ୍ଥାନଟିର ପ୍ରାଥମିକ ସର୍ବେକ୍ଷଣ କରିଛନ୍ତି। ଧାନମଣ୍ଡଳ ରେଳଷ୍ଟେଶନ ନିକଟବର୍ତ୍ତୀ ଇଷ୍ଟକୋଷ୍ଟ ରେଳଲାଇନର ଅନତି ଦୂରରେ ଥିବା ଏହି ପ୍ରାଚୀନ ମନ୍ଦିରର ଧ୍ୱଂସାବଶେଷକୁ ପ୍ରଥମେ ଯାଜପୁରର ଐତିହ୍ୟପ୍ରେମୀ ନୃପତି ନିହାର ଶିଅଳ ଦେଖିଥିଲେ। ପରେ ସେ ଏ ସମ୍ପର୍କରେ ଗବେଷଣା ସଂସ୍ଥା(ଇଣ୍ଡିଆନ ନ୍ୟାଶନାଲ ଟ୍ରଷ୍ଟ ଫର୍ ଆର୍ଟ ଆଣ୍ଡ କଲଚର(ଇନ୍‌ଟାକ୍)କୁ ଅବଗତ କରାଇଥିଲେ। ସୂଚନା ପାଇ ଇନଟାକ ଓଡ଼ିଶାର ପ୍ରକଳ୍ପ ସଂଯୋଜକ ଅନିଲ ଧୀର, ଦୁଇ ସଦସ୍ୟ ଦୀପକ କୁମାର ନାୟକ, ବିଶ୍ୱଜିତ ମହାନ୍ତି, ଐତିହ୍ୟପ୍ରେମୀ ବିକ୍ରମ ନାୟକ ଓ ସୁମନ ପ୍ରକାଶ ସ୍ୱାଇଁ ପ୍ରମୁଖ ଧାନମଣ୍ଡଳ ଅଞ୍ଚଳର ଏହି ପୁରାତନ ସ୍ଥାନରେ ପହଞ୍ଚି ଏକ ପ୍ରାଥମିକ ସର୍ବେକ୍ଷଣ କରିଛନ୍ତି। ଏହି ପୁରାତନ ମନ୍ଦିର ପ୍ରାୟ ୭୦୦ ବର୍ଷର ହୋଇଥିବା ଇନ୍‌ଟାକ ସଦସ୍ୟମାନେ କହିଛନ୍ତି। ଏ ସମ୍ପର୍କରେ ଗବେଷକ ଦୀପକ କୁମାର ନାୟକ କହିଛନ୍ତି, ଏହି ସ୍ଥାନରେ ପୂର୍ବରୁ ଏକ ପୁରାତନ ମନ୍ଦିର ଥିଲା ଯାହା କୌଣସି କାରଣରୁ ଏବେ ସମ୍ପୂର୍ଣ୍ଣ ଭାଙ୍ଗି ନଷ୍ଟ ହୋଇଯାଇଛି। ତେବେ ମନ୍ଦିରର ପୁରାତନ ଢାଞ୍ଚା ଏବେ ମଧ୍ୟ ଦେଖିବାକୁ ମିଳୁଛି। ସେହି ପ୍ରାଚୀନ ମନ୍ଦିରର ଅନେକ ଭଗ୍ନ ଶିଳାଖଣ୍ଡ, କାରୁକାର୍ଯ୍ୟଖଚିତ ପଥର ତଥା ପ୍ରାଚୀନ ମୂର୍ତ୍ତି ସବୁ ନିକଟବର୍ତ୍ତୀ ସ୍ଥାନରେ ବିକ୍ଷିପ୍ତ ଭାବରେ ପଡିରହିଛି। ଏହି ସବୁ କାରୁକାର୍ଯ୍ୟ ସବୁ ଦେଖିଲେ ମନ୍ଦିରଟି ପୂର୍ବ-ଗଙ୍ଗବଂଶୀଙ୍କ ରାଜୁତି ସମୟରେ ନିର୍ମିତ ହୋଇଥିବା ଅନୁମେୟ ବୋଲି ନାୟକ ପ୍ରକାଶ କରିଛନ୍ତି।

ସଦସ୍ୟ ବିଶ୍ୱଜିତ ମହାନ୍ତିଙ୍କ ମତରେ ପୂର୍ବରୁ ଗୁହେଶରପାଟକ ନାମରେ କଥିତ ଯାଜପୁର ଅଞ୍ଚଳ କ୍ରମାନ୍ୱୟରେ ଭୌମକର, ସୋମବଂଶୀ, ଗଙ୍ଗବଂଶୀ ଓ ସୂର୍ଯ୍ୟବଂଶୀ ଶାସକମାନଙ୍କ ଦ୍ୱାରା ଶାସିତ ହୋଇଛି। ଏହି ସବୁ ରାଜବଂଶଙ୍କର ରାଜୁତି





ସମୟରେ କଳା ଓ ଭାସ୍କର୍ଯ୍ୟ କ୍ଷେତ୍ରରେ ଅନେକ ଉନ୍ନତି ସାଧିତ ହୋଇଥିଲା। ଅନେକ କାରୁକାର୍ଯ୍ୟପୂର୍ଣ୍ଣ ମନ୍ଦିର ସବୁର ନିର୍ମାଣ ହୋଇଥିଲା। ତେବେ ବାହ୍ୟ ଶତ୍ରୁଙ୍କ ଆକ୍ରମଣରେ ଅନେକ ମନ୍ଦିର ସବୁ ବିନାଶପ୍ରାପ୍ତ ହୋଇଥିଲା। ଯାଜପୁର ଅଞ୍ଚଳରେ ଫିରୋଜ୍ ଶାହା ତୋଗଲକ, କଳାପାହାଡ଼ ଓ ଆଉରଙ୍ଗଜେବ ଆଦି ଶାସକମାନେ ମଠ ମନ୍ଦିରଙ୍କ ପ୍ରତି ପ୍ରଭୃତ କ୍ଷତି ସାଧନ କରିଛନ୍ତି। କୌଣସି ବାହ୍ୟଶତ୍ରୁଙ୍କ ଆକ୍ରମଣ ଦ୍ୱାରା ମନ୍ଦିରଟି ଧ୍ୱଂସପ୍ରାପ୍ତ ହୋଇଥିବା ଯଥେଷ୍ଟ ସମ୍ଭବ। ଇନଟାକ ପ୍ରକଳ୍ପ ସଂଯୋଜକ ଅନୀଲ ଧୀର କହିଛନ୍ତି, ଏହି ସ୍ଥାନର ନିକଟବର୍ତ୍ତୀ ଅଞ୍ଚଳରେ ଛୋଟବଡ଼ ଅନେକ ଗଡ଼ର ଉପସ୍ଥିତି ଦେଖିବାକୁ ମିଳେ। ସେଥିମଧ୍ୟରୁ ଅମରାବତୀ ଦୁର୍ଗ, ତେଲିଗଡ଼ ଓ ଦର୍ପଣଗଡ଼ ଆଦି ଅନ୍ୟତମ। ଗଙ୍ଗ ରାଜୁତି ସମୟର ଅନେକ ପ୍ରତ୍ନତାତ୍ତ୍ୱିକ ଅବଶେଷ ଏ ଅଞ୍ଚଳରୁ ସଂଗୃହୀତ ହୋଇଛି। ଧର୍ମଶାଳା ଅଞ୍ଚଳରୁ ମିଳିଥିବା ବିଶାଳ ତଥା ଭବ୍ୟ କୃଷ୍ଣ-ବିଷ୍ଣୁଙ୍କ ପ୍ରତିମା ଓ ତେଲିଗଡରୁ ପ୍ରାପ୍ତ ରଥଯାତ୍ରାର ଦୃଶ୍ୟର ଅବତାରଣା। ଏହି ସ୍ଥାନରେ ମଧ୍ୟ ସେହିପରି କିଛି କାରୁକାର୍ଯ୍ୟପୂର୍ଣ୍ଣ ଶିଳ୍ପକଳା ଆମକୁ ଦେଖିବାକୁ ମିଳିଛି। ଏହି ମନ୍ଦିରଟି ଆନୁମାନିକ ଭାବେ ତ୍ରୟୋଦଶରୁ ପଞ୍ଚଦଶ ଶତାବ୍ଦୀ (୧୩ଶହ ରୁ ୧୫ଶହ ଶତାବ୍ଦୀ) ମଧ୍ୟରେ ନିର୍ମିତ ହୋଇଥାଇପାରେ। ବର୍ତ୍ତମାନ ସ୍ଥାନଟିର ପ୍ରତ୍ନତାତ୍ତ୍ୱିକ ଖନନର ଆବଶ୍ୟକତା ରହିଛି। ରାଜ୍ୟ ସଂସ୍କୃତି ବିଭାଗ ଓ ପ୍ରତ୍ନତତ୍ତ୍ୱ ବିଭାଗ ଏ ନେଇ ତତ୍ପର ହୋଇ କାର୍ଯ୍ୟ କଲେ ଅନେକ ଲୁକ୍କାୟିତ ଇତିହାସର ରହସ୍ୟ ଉନ୍ମୋଚନ ହୋଇପାରେ। ଯଦି ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଚାହାଁନ୍ତି, ତେବେ ଇନ୍‌ଟାକ ତରଫରୁ ଏ ସମ୍ପର୍କିତ ସମସ୍ତ ସବିଶେଷ ତଥ୍ୟ ଯୋଗାଇ ଦିଆଯିବ ବୋଲି ଧୀର ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଚାଳକଙ୍କଠୁ ୨୫ ହଜାର ଟଙ୍କା ଜରିମାନା ଆଦାୟ

ଗୋପ,୧୧।୩(ଡି.ଏନ୍.ଏ.): ଗୋପ-ନିମାପଡ଼ା ରାସ୍ତାର ବାହାଣିଆ ଛକ ନିକଟରେ ଶନିବାର ମଧ୍ୟାହ୍ନରେ ଜିଲା ଆଞ୍ଚଳିକ ପରିବହନ ବିଭାଗ ଓ ଗୋପ ପୋଲିସର ମିଳିତ ଚଢ଼ାଉରେ ୨୫ ହଜାର ୬ ଶହ ଟଙ୍କା ଜରିମାନା ଆଦାୟ ହୋଇଛି। ପ୍ରକାଶ ଯେ, କିଛିଦିନ ଧରି ଏହି ରାସ୍ତାରେ ବେଆଇନ ଭାବେ ବିନା କାଗଜପତ୍ର, ହେଲମେଟ୍‌ରେ ଗାଡ଼ି ଚଳାଚଳ କରୁଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଏହି ଅଭିଯୋଗକୁ ନେଇ ଜିଲା ଆଞ୍ଚଳିକ ପରିବହନ ବିଭାଗ ଅଧିକାରୀ ରବିନ୍ ପଟ୍ଟନାୟକ, ଜିଲା ଟ୍ରାଫିକ୍ ଇନ୍‌ସ୍ପେକ୍ଟର ସୁଶାନ୍ତ ପାତ୍ର ଓ ଗୋପ ଥାନା ଅଧିକାରୀ ସୁନୀଲ୍ ପ୍ରଧାନଙ୍କ ନେତୃତ୍ୱରେ ଗାଡ଼ି ଚେକିଂ କରାଯାଇଥିଲା। ଚେକିଂ ସମୟରେ ବିନା କାଗଜପତ୍ର, ହେଲମେଟ୍ ନ ଥିବା ଗାଡ଼ି ଉପରେ ଫାଇନ୍ କରାଯାଇଥିଲା। ଆଉ କେତେକ ଗାଡ଼ି ଉପରେ ମକଦ୍ଦମା ରୁଜୁ କରାଯାଇଥିବା ଜଣାପଡ଼ିଛି। ଏଠାରେ ସୂଚନାଯୋଗ୍ୟ, କିଛିଦିନ ଧରି ଗୋପ ଥାନା ଅଞ୍ଚଳରେ ବହୁ ଚୋରା ଗାଡ଼ି ଚାଲୁଥିବା ଭଳି ଅଭିଯୋଗ ରହିଥିବାବେଳେ ତୁରନ୍ତ ଏହି ଗାଡ଼ି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହୋଇଛି।

### କେଶବ ପାହାଡ଼ସିଂହଙ୍କ ଅବଦାନ ଅବିସ୍ମରଣୀୟ

ବୋଲଗଡ଼,୧୧।୩(ଡି.ଏନ୍.ଏ.): ବୋଲଗଡ଼ ବ୍ଲକ ଚମ୍ପାଇଲୋ ଗ୍ରାମର ସାମାଜିକ କର୍ମୀ କେଶବ ଚନ୍ଦ୍ର ପାହାଡ଼ସିଂହଙ୍କ ଏକାଦଶାହରେ ସ୍ଥାନୀୟ ଗାନ୍ଧୀ ଆଶ୍ରମ ପଡ଼ିଆରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ଅଇଁଠୁ ରଣଜିତ୍‌ସିଂହ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ରାଜ୍ୟ ବିଜେଡି ସମ୍ପାଦକ ପ୍ରଦୀପ କୁମାର ସାହୁ, ମୁଖ୍ୟ ବକ୍ତାଭାବେ ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇ ସ୍ୱର୍ଗତ କେଶବ ଚନ୍ଦ୍ର କେବଳ ବ୍ୟକ୍ତି ନ ଥିଲେ, ସେ ଥିଲେ ବିଚାରଧାରା ଓ ଅନୁଷ୍ଠାନ। ଏହି ଅଞ୍ଚଳ ପାଇଁ ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ସଭାରେ ମତପ୍ରକାଶ ପାଇଥିଲା। ଅତିଥିଭାବେ ଖଣ୍ଡପଡ଼ା ଏନ୍‌ଏସି ଅଧ୍ୟକ୍ଷ ବିଧାନ ପ୍ରଧାନ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପବିତ୍ର ମୋହନ ମାଝି, ସାହିତ୍ୟିକ ରାଜକିଶୋର ବ୍ରହ୍ମା, ୨୩ନଂ. ବେଗୁନିଆ ଜିଲା ପରିଷଦ ସଭ୍ୟ ଅନାଦି ସାହୁ, ସନ୍ଥ ହରିଶରଣ ମହାରାଜ, କନ୍ଧୀସେନା ରାଜ୍ୟ ସଭାପତି ଯୋଗୀନାଥ ବଳିୟାରସିଂହ, ଜିଲା ଭାଜପା ଉପସଭାପତି ରୁଦ୍ର ନାରାୟଣ ବାହିନୀପତି, ଜିଲା ବିଜେଡି ଉପସଭାପତି ଦୁର୍ଯ୍ୟୋଧନ ସ୍ୱାଇଁ, ଜିଲା ଛାତ୍ର ବିଜେଡି ସଭାପତି ବିଶ୍ୱଦୀପ ପ୍ରଧାନ, ଜିଲା ନବନିର୍ମାଣ କୃଷକ ସଙ୍ଗଠନ ଜିଲା ସଂଯୋଜକ ସୁରେଶ ଚନ୍ଦ୍ର ମାନସିଂହ, ଗୋପାଳପୁର ସରପଞ୍ଚ ପ୍ରଦୀପ ବାରିକ, ବିଜୟ ସାହୁ, ବିଜୟ ଗୁମାନ୍‌ସିଂହ, ଫକୀର ଚରଣ ସ୍ୱାଇଁ, ବୋଲଗଡ଼ ବ୍ଲକ ସିପିଆଇ ସମ୍ପାଦକ ଲକ୍ଷ୍ମଣ ସେଠୀ, ନବକୃଷ୍ଣ ବିଧାର,ପିଚୁକୁଳି ସମିତିସଭ୍ୟ ସଞ୍ଜୟ ଗୁମାନ୍‌ସିଂହ, ପ୍ରମୋଦ ପ୍ରତାପ ସିଂହ, କୈଳାସ ଚମ୍ପତି, ଦିଲୀପ ସାହୁ, ଭାଗୀରଥି ପରମାଣିକ, ଅନୁପମା ବଳିୟାରସିଂହ ଯୋଗଦେଇ ତାଙ୍କର ଜୀବନ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ନୀଳାଚଳ ସତ୍‌ସଙ୍ଗ ପକ୍ଷରୁ ସଙ୍ଗୀତ ପରିବେଷଣ କରାଯାଇଥିଲା। ଶିକ୍ଷକ ଶ୍ରୀକାନ୍ତ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ମନୋଜ କୁମାର ଗୁମାନ୍‌ସିଂହ ଧନ୍ୟବାଦ ଦେଇଥିଲେ।

## ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସ ଅଗ୍ନିକାଣ୍ଡ ଘଟଣା

# ଯୁଗ୍ମ କମିଟି ଦ୍ୱାରା କ୍ଷୟକ୍ଷତି ଆକଳନ

ପୁରୀ ଅଫିସ,୧୧।୩

ବଡ଼ଦାଣ୍ଡସ୍ଥିତ ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସ ଅଗ୍ନିକାଣ୍ଡ ଘଟିବାର ୩୬ ଘଣ୍ଟା ପରେ ନିଆଁ ଲିଭିଥିବା ବେଳେ ଶନିବାର କେତେଜଣ ଦୋକାନୀ ନିଜ ଦୋକାନ ମଧ୍ୟକୁ ଯାଇ ସ୍ଥିତି ଦେଖିଥିଲେ। ଏଥିସହ ପ୍ରଶାସନିକ ସ୍ତରରେ ଗଠିତ ହୋଇଥିବା ଯୁଗ୍ମ କମିଟିର ସଦସ୍ୟମାନେ ଘଟଣାସ୍ଥଳକୁ ଯାଇ ଜଳିଯାଇଥିବା ଦୋକାନ ପରିଦର୍ଶନ କରିବା ସହ କ୍ଷୟକ୍ଷତି ଆକଳନ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, କମ୍ପ୍ଲେକ୍ସର ତଳ ମହଲା ଓ ପ୍ରଥମ ମହଲାରେ ଥିବା ସମସ୍ତ ଦୋକାନ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଦ୍ୱିତୀୟ ଓ ତୃତୀୟ ମହଲାରେ ଥିବା ହୋଟେଲ କିଛି ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ହୋଇଥିବା ଦୋକାନୀମାନେ ସେମାନଙ୍କର ସବୁକିଛି ସାମଗ୍ରୀ ହରାଇଛନ୍ତି। ଫଳରେ ସରକାର ତାଙ୍କର ଏହି ଅସମୟରେ ସାହାଯ୍ୟର ହାତ ବଢ଼ାଇବା ପାଇଁ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ, ଗତ ବୁଧବାର ସନ୍ଧ୍ୟାରେ କମ୍ପ୍ଲେକ୍ସର ଏକ ଲୁଗା ଦୋକାନରେ ଶର୍ଟସର୍କିଟ ହୋଇ ନିଆଁ ଲାଗିଥିଲା। କିଛି ସମୟ ପରେ ନିଆଁ ଅନ୍ୟ ସ୍ଥାନକୁ ବ୍ୟାପିଥିଲା। ଅଗ୍ନିଶମ ବିଭାଗ ପ୍ରଶାସନ ମିଳିତ ଭାବେ କାର୍ଯ୍ୟ କରି ଦୀର୍ଘ ୩୬ ଘଣ୍ଟା ପରିଶ୍ରମ କରି ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଥିଲେ। ମାତ୍ର ନିଆଁ ଲିଭିବା ବେଳକୁ କମ୍ପ୍ଲେକ୍ସ ଭିତରେ ଥିବା ୪୩ଟି ଦୋକାନ ପୋଡି ପାଉଁଶ ହୋଇଯାଇଥିଲା। ନିଆଁ ଲିଭିବା ପରେ ପ୍ରଶାସନ ପକ୍ଷରୁ ଶନିବାର କ୍ଷୟକ୍ଷତିର ଆକଳନ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ଅଗ୍ନିକାଣ୍ଡରେ ତଳ ମହଲାର ସମସ୍ତ ୪୩ଟି ଦୋକାନ ସମ୍ପୂର୍ଣ୍ଣ ଜଳିଯାଇଥିବା ବେଳେ ପ୍ରଥମ ମହଲାରେ ଥିବା ବ୍ୟାଙ୍କ ଓ ସମ୍ରାଟ ବସ୍ତ୍ରାଳୟ ମଧ୍ୟ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ଦ୍ୱିତୀୟ ଏବଂ ତୃତୀୟ ମହଲାରେ ଥିବା ହୋଟେଲ ଆଂଶିକ ପ୍ରଭାବିତ ହୋଇଛି। ହୋଟେଲ୍ ସମ୍ରାଟ୍ ଭିତରେ ରହିଥିବା ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କକୁ ଗୋରୁଆଳ ଶାଖାକୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ ଗ୍ରାହକମାନେ ସେଠାରେ ସେବା ପାଇବେ ବୋଲି ହୋଟେଲ୍ ଉପରେ ବ୍ୟାନର୍ ଲଗାଯାଇଛି। କମ୍ପ୍ଲେକ୍ସରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ରହି ନ ଥିବାରୁ ଏଭଳି ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଥିବା ସ୍ପଷ୍ଟ ହୋଇଛି। ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ ଟିମ୍ ଅଗ୍ନିକାଣ୍ଡ କ୍ଷୟକ୍ଷତିର ଆକଳନ କରି ସମସ୍ତ ରିପୋର୍ଟ ପ୍ରଦାନ କରିବା ଲାଗି ତଦନ୍ତ କରାଯାଇ କମ୍ପ୍ଲେକ୍ସକୁ ସିଲ୍ କରିଦିଆଯାଇଛି। ଉପଜିଲାପାଳଙ୍କ ନେତୃତ୍ୱରେ ଗଠିତ ହୋଇଥିବା ଟିମ୍‌କୁ ୧୫ ତାରିଖ ସୁଦ୍ଧା କ୍ଷୟକ୍ଷତି ଆକଳନର ପୂର୍ଣ୍ଣାଙ୍ଗ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ଟିମ୍‌ରେ ପୁରୀ ତହସିଲଦାର, ଟାଉନଥାନା ଅଧିକାରୀ ଓ ଜିଲା ଅଗ୍ନିଶମ ଅଧିକାରୀ ରହିଛନ୍ତି। ଅପରପକ୍ଷେ ଶନିବାର ପରିସ୍ଥିତ ଠିକ୍ ହେବା ପରେ ପୋଡିଯାଇଥିବା ଦୋକାନକୁ ଦୋକାନ ମାଲିକମାନେ ଦୋକାନକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ତେବେ ଏତେବଡ଼ ଘଟଣା ଘଟିଥିଲେ ମଧ୍ୟ କମ୍ପ୍ଲେକ୍ସ ମାଲିକ ଦେଖା ନ ଦେବା ଦୋକାନୀଙ୍କ ଚିନ୍ତା ବଢ଼ାଇଛି। ମାଲିକଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ କିନ୍ତୁ ଯିଏ ବୁଝାବୁଝି କରୁଥିଲେ ତାଙ୍କ ସହ ଆଲୋଚନା ବେଳେ ସରକାର ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି ବୋଲି କହିଛନ୍ତି।


ପୋଲିସ ଅଧିକାରୀ ଘଟଣାସ୍ଥଳ ଯାଞ୍ଚ କରୁଛନ୍ତି।

### ଯୁବକଙ୍କ ମୋବାଇଲ୍ ଫେରାଇଲେ ୧୦୮ କର୍ମଚାରୀ

ଗୋପ,୧୧।୩(ଡି.ଏନ୍.ଏ.)

ପୁରୀ-କୋଣାର୍କ ବେଳାଭୂମି ରାସ୍ତାରେ ଅଚେତ ଅବସ୍ଥାରେ ପଡ଼ିଥିବା ଜଣେ ଯୁବକଙ୍କ ମୋବାଇଲକୁ ଗୋପର ଜଣେ ୧୦୮ କର୍ମଚାରୀ ଫେରାଇଥିବା ଫଟୋ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି। ସୂଚନା ଯେ, ଶୁକ୍ରବାର ବିଳମ୍ବିତ ରାତିରେ ପୁରୀ-କୋଣାର୍କ ବେଳାଭୂମି ରାସ୍ତାର ଟିକିନା ଛକ ନିକଟରେ ଗୋପ ଥାନା ଅନ୍ତର୍ଗତ ବାସୁଦେବପୁରର ବାସୁଦେବ ମହାରଣା ଅଚେତ ଅବସ୍ଥାରେ ପଡ଼ିଥିଲେ। ସେହି ସମୟରେ ୧୦୮ ଆମ୍ବୁଲାନ୍ସ ଗୋପ ଫେରୁଥିଲା। ଆମ୍ବୁଲାନ୍ସ କର୍ମଚାରୀ ଅଶୋକ ରାଜଯୋଗୀ ଓ କାହ୍ନୁ ଚରଣ ନାୟକ, ପ୍ରତ୍ୟୁଷ ବିଶ୍ୱାଳ ପ୍ରମୁଖ ସେଠାରେ ଗାଡ଼ି ଅଟକାଇ ଉକ୍ତ ଘଟଣା ନିକଟସ୍ଥ ରାମଚଣ୍ଡୀ ଥାନା ଅଧିକାରୀଙ୍କୁ ଜଣାଇ ଯୁବକଙ୍କୁ ପୁରୀ ସଦର ହସ୍ପିଟାଲରେ ଭର୍ତ୍ତି କରିଥିଲେ। କିନ୍ତୁ ଉକ୍ତ ଯୁବକଙ୍କ ମୋବାଇଲ ଫୋନ୍‌ଟି ଆମ୍ବୁଲାନ୍ସ ମଧ୍ୟରେ ରହିଯାଇଥିଲା। ପରଦିନ ଆମ୍ବୁଲାନ୍ସ କର୍ମଚାରୀ ଅଶୋକ ମୋବାଇଲଟିକୁ ଯୁବକଙ୍କ ପରିବାର ସଦସ୍ୟଙ୍କୁ ଫେରାଇଛନ୍ତି। ତେବେ ପୂର୍ବରୁ ଅଶୋକ ୧୦୮ ଗାଡ଼ିରୁ ଲକ୍ଷାଧିକ ଟଙ୍କା ପାଇ ଫେରାଇବା ପରେ ଚର୍ଚ୍ଚାକୁ ଆସିଥିଲେ।

## ବିଶ୍ୱ ପ୍ଲମ୍ବିଂ ଦିବସରେ ସୁରକ୍ଷା ସଚେତନତା ବାର୍ତ୍ତା



ବିଶ୍ୱ ପ୍ଲମ୍ବିଂ ଦିବସରେ ବାହାରିଥିବା ସଚେତନତା ଶୋଭାଯାତ୍ରା।

ବୋଲଗଡ଼,୧୧।୩(ଡି.ଏନ୍.ଏ.)

ବିଶ୍ୱ ପ୍ଲମ୍ବିଙ୍ଗ୍ ଦିବସ ଅବସରରେ ଭେରୋନିକ୍ସ ଏଜୁସ୍କିଲସ୍ ପକ୍ଷରୁ ବୋଲଗଡ଼ ତହସିଲ କାର୍ଯ୍ୟାଳୟ ନିକଟରେ ସ୍ଥାନୀୟ ଅଞ୍ଚଳର କାର୍ଯ୍ୟରତ ପ୍ଲମ୍ବର (ପାଣି ପାଇପ୍ ମିସ୍ତ୍ରି)ମାନଙ୍କ ପାଇଁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଭେରୋନିକ୍ସ ଏଜୁସ୍କିଲ୍ସର ଶାଖା କେନ୍ଦ୍ର ମୁଖ୍ୟ ନିତ୍ୟାନନ୍ଦ ସୁବୁଦ୍ଧି ଏଥିରେ ଯୋଗଦେଇ ପ୍ଲମ୍ବରମାନେ ସୁରକ୍ଷା ଉପକରଣ ବ୍ୟବହାର କରି କାର୍ଯ୍ୟ ସମୟରେ ନିଜକୁ ସୁରକ୍ଷିତ ରଖିପାରିବା ସମ୍ପର୍କରେ ବୁଝାଇବା ସହ ଡେମୋ ଦେଖାଇଥିଲେ। ଏହି ଅବସରରେ ପ୍ରମୋଦ, ବିଜୟ, କାଳିଆ, ପ୍ରକାଶ, କାର୍ତ୍ତିକ, ଚିତ୍ତରଞ୍ଜନ, ପ୍ରିୟବ୍ରତ ପ୍ରମୁଖ ସୁରକ୍ଷା ସଚେତନତା ସ୍ଲୋଗାନ୍ ଦେବା ସହ ଏହାକୁ କାର୍ଯ୍ୟ ସମୟରେ ପାଳନ କରିବାକୁ ଶପଥ ନେଇଥିଲେ। ବରିଷ୍ଠ ପ୍ଲମ୍ବର ପ୍ରମୋଦ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

### ୮୫ଗ୍ରାମ ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

ପୁରୀ ଅଫିସ,୧୧।୩

ପୁରୀ ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ଏବଂ ସାତପଡ଼ା ଅବକାରୀ ଥାନା ଅଧିକାରୀ ବିନୋଦ ବାସ୍କେଙ୍କ ନେତୃତ୍ୱରେ ଏକ ଟିମ୍ ସଦର ଥାନା ଅଧୀନ ଗୋରୁଆଳ ଚାରିଛକରେ ଚଢ଼ାଉ କରି ବ୍ରାଉନ ସୁଗାର ବେପାର କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ସେ ହେଲେ ସଦରଥାନା ଅନ୍ତର୍ଗତ ଗୋରୁଆଳ ନୂଆପାଟଣା ଗ୍ରାମର ପ୍ରଭାତ ବରାଳ (୨୫) । ତାଙ୍କଠାରୁ ଅବକାରୀ ପୋଲିସ ୮୫ ଗ୍ରାମ ବ୍ରାଉନ ସୁଗାର ସହ ଗୋଟିଏ ଓଡି ୩୩ ପି ୮୮୭୪ ନମ୍ବର ବିଶିଷ୍ଟ ବାଇକ୍ ଜବତ କରିଛି। ଏ ନେଇ ପୋଲିସ ନଂ.୧୫୩/୨୨-୨୩ ଏକ ମାମଲା ରୁଜୁ କରି ଶନିବାର କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ ଗୋରୁଆଳ ଅଞ୍ଚଳରେ ଜଣେ ବ୍ୟକ୍ତି ବ୍ରାଉନ ସୁଗାର କାରବାର କରୁଥିବା ଖବରପାଇ ଅବକାରୀ ପୋଲିସ ଉକ୍ତ ଅଞ୍ଚଳରେ ଚଢାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ବୋଲଗଡ଼ ବ୍ଲକ ଶିକ୍ଷକ ପରିବାର ଗଠିତ


ବୈଠକରେ ଉପସ୍ଥିତ ଶିକ୍ଷକମାନେ।

ବୋଲଗଡ଼,୧୧।୩(ଡି.ଏନ୍.ଏ.)

ବୋଲଗଡ଼ ମଣ୍ଡଳ ସଂଯୋଜକ ପଦ୍ମଚରଣ ବେହେରାଙ୍କ ଆବାହକତ୍ୱରେ ବାମନ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମାଗୁଣି ପ୍ରଧାନଙ୍କ ପୌରୋହିତ୍ୟରେ ଉକ୍ତ ବିଦ୍ୟାଳୟର ମିନି ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ବୈଠକରେ ବୋଲଗଡ଼ ଶିକ୍ଷକ ପରିବାର ଗଠିତ ହୋଇଛି। ଏଥିରେ ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ୫୫ଟି ପ୍ରାଥମିକ, ୪୨ ଉଚ୍ଚ ପ୍ରାଥମିକ ଏବଂ ୨୮ଟି ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ସମସ୍ତ ସାଧନକେନ୍ଦ୍ର ସଂଯୋଜକ ସଂଯୋଜିକା ଯୋଗଦେଇଥିଲେ। ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୪୧୮ ଏବଂ ମାଧ୍ୟମିକ ବିଦ୍ୟାଳୟର ୨୭୫ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଶିକ୍ଷକ ପରିବାର ଗଠିତ ହୋଇଥିଲା। ଏଥିରେ ଉପଦେଷ୍ଟା ଭାବେ ପଦ୍ମଚରଣ ବେହେରା, ମାଗୁଣି ପ୍ରଧାନ, ହରିବନ୍ଧୁ ତ୍ରିପାଠୀ, ପୀତବାସ ଦାସ ଓ ବିପିନ ବିହାରୀ ସୁବୁଦ୍ଧିଙ୍କୁ ମନୋନୀତ କରାଯାଇଥିଲା। ସଭାପତି ଭାବେ ପ୍ରଭାକର ସାହୁ, ଉପସଭାପତି ପ୍ରମୋଦ କୁମାର ସ୍ୱାଇଁ, ମଳୟ କୁମାର ପଣ୍ଡା ଓ ବିଜୟ କୁମାର ସାହୁଙ୍କୁ ଚୟନ କରାଯାଇଥିଲା। ସାଧାରଣ ସମ୍ପାଦକ ଭାବେ ଶୈଳେନ୍ ପଟ୍ଟନାୟକ, ସହସମ୍ପାଦକ ଜନ୍ମେଜୟ ମାଝି, ସହସମ୍ପାଦିକା ରତ୍ନପ୍ରଭା ସାହୁ, କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସିଂହ ଓ ମିଡିଆ ସଂଯୋଜକ ଭାବେ ସେକ୍ ଅବ୍ଦୁଲ ମାଜିଦଙ୍କୁ ମନୋନୀତ କରାଯାଇଛି। ସମସ୍ତ ସାଧନକେନ୍ଦ୍ର ସଂଯୋଜକ ସଂଯୋଜିକା, ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକ, ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସଭ୍ୟାସଭ୍ୟ ଭାବେ ଉକ୍ତ ଶିକ୍ଷକ ପରିବାରରେ ଚୟନ କରାଯାଇଥିଲା। ନୂତନ ଭାବେ ଯୋଗଦେଇଥିବା ବୋଲଗଡ଼ ଗୋଷ୍ଠୀ ସହ ଶିକ୍ଷାଧିକାରୀ କୈଳାସ ନାଥ ସ୍ୱାଇଁଙ୍କୁ ସ୍ୱାଗତ କରାଯାଇଥିଲା। ପ୍ରଫୁଲ୍ଲ କୁମାର ସିଂହ ଧନ୍ୟବାଦ ଦେଇଥିଲେ।

## ଭାଷା ପ୍ରତିଷ୍ଠାନ ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ

ଭୁବନେଶ୍ୱର,୧୧।୩(ବ୍ୟୁରୋ)

ଓଡ଼ିଆ ଭାଷା ପ୍ରତିଷ୍ଠାନ ଭୁବନେଶ୍ୱର ଏବଂ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ପାରଳାଖେମୁଣ୍ଡି ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଅଧ୍ୟାପକ ଡ. ଚନ୍ଦ୍ରଶେଖର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଓଡ଼ିଆ ଶାସ୍ତ୍ରୀୟତା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଡ. ବୈରାଗୀ ଚରଣ ପଟ୍ଟନାୟକ ଓଡ଼ିଆ ଭାଷା ଓ ସାହିତ୍ୟକୁ ପାରଳାଖେମୁଣ୍ଡିର ଅବଦାନ ସମ୍ପର୍କରେ କହିଥିଲେ। ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ଓ ପ୍ରଫେସର ଫଣୀନ୍ଦ୍ର ଭୂଷଣ ନନ୍ଦ ପାରଳାଖେମୁଣ୍ଡିର ସାହିତ୍ୟିକ ପରମ୍ପରା ଓ ଏହି ଦିବସ ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅଜୟ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଛାତ୍ରୀଛାତ୍ରଙ୍କୁ ନେଇ ଓଡ଼ିଆ ଭାଷାରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଡ. ବିଘ୍ନେଶ୍ୱର ମିଶ୍ର ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ହରିହର ମିଶ୍ରଙ୍କୁ ସତ୍ୟବାଦୀ ସାରସ୍ୱତ ସମ୍ମାନ

ଭୁବନେଶ୍ୱର,୧୧।୩(ବ୍ୟୁରୋ)

ସାହିତ୍ୟ ପତ୍ରିକା 'ଗୋପବନ୍ଧୁଙ୍କ ସତ୍ୟବାଦୀ' ପକ୍ଷରୁ 'ସତ୍ୟବାଦୀ ସାରସ୍ୱତ ସମ୍ମାନ-୨୦୨୨' କବି ତଥା ସାରଳା ପୁରସ୍କାରପ୍ରାପ୍ତ ହରିହର ମିଶ୍ରଙ୍କୁ ପ୍ରଦାନ କରାଯିବ। ଏହା ବ୍ୟତୀତ ପ୍ରବନ୍ଧରେ ଡ. ଶ୍ରୀଶ ପଟେଲ, ଗଳ୍ପ ପାଇଁ ସୀତେଶ ତ୍ରିପାଠୀ ଓ କବିତାରେ ସୌଭାଗ୍ୟବନ୍ତ ମହାରଣାଙ୍କୁ 'ସତ୍ୟବାଦୀ ସାହିତ୍ୟ ସମ୍ମାନ' ପ୍ରଦାନ କରାଯିବ। ଶିଶୁଗଳ୍ପରେ ଅଶୋକ କୁମାର ପ୍ରଧାନ ଓ ପ୍ରଶାନ୍ତ କୁମାର ନାଥଙ୍କୁ ଶିଶୁ କବିତା ପାଇଁ ସମ୍ବର୍ଦ୍ଧିତ କରାଯିବ। 'ସତ୍ୟବାଦୀ ସାରସ୍ୱତ ସମ୍ମାନ'ରେ ୧ ଲକ୍ଷ ଟଙ୍କା ପୁରସ୍କାର ଓ 'ସତ୍ୟବାଦୀ ସାହିତ୍ୟ ସମ୍ମାନ'ରେ ସମ୍ମାନିତ ପ୍ରତିଭାମାନଙ୍କୁ ୧୦ ହଜାର ଟଙ୍କା ସହିତ ଉପାୟନ ପ୍ରଦାନ କରାଯିବ। ଏଥିପାଇଁ ଗଠିତ ବିଚାରକ ମଣ୍ଡଳୀର ବୈଠକ ଶନିବାର 'ସମାଜ' ସମ୍ପାଦକ ନିରଞ୍ଜନ ରଥଙ୍କ ଅଧ୍ୟକ୍ଷତାରେ ଗୋପବନ୍ଧୁ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବିଚାରକ ମଣ୍ଡଳୀଙ୍କ ଦ୍ୱାରା 'ସତ୍ୟବାଦୀ ସାରସ୍ୱତ ସମ୍ମାନ' ପାଇଁ ବିଶିଷ୍ଟ ସାହିତ୍ୟିକମାନଙ୍କଠାରୁ ଆହ୍ୱାନ କରାଯାଇଥିବା ମତାମତ ଭିତ୍ତିରେ ନିଷ୍ପତ୍ତି ନିଆଯାଇଛି। 'ଗୋପବନ୍ଧୁଙ୍କ ସତ୍ୟବାଦୀ' ପତ୍ରିକାର ସମ୍ପାଦକ ରଥଙ୍କ ଦ୍ୱାରା ଗଠିତ ବିଚାରକ ମଣ୍ଡଳୀରେ ଡ. ପ୍ରଫୁଲ୍ଲ କୁମାର ମିଶ୍ର, 'ପକ୍ଷୀଘର' ପ୍ରକାଶକ ବନୋଜ ତ୍ରିପାଠୀ, ଆକାଶବାଣୀ କଟକ କେନ୍ଦ୍ରର କାର୍ଯ୍ୟକ୍ରମ ମୁଖ୍ୟ ତରୁଣକାନ୍ତି ରାଉତ, ପ୍ରାଧ୍ୟାପକ ସୁଶୀଲ କୁମାର ପ୍ରଧାନ, ଇଂ. ପ୍ରଭାକର ସ୍ୱାଇଁ, ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡ଼. ରମେଶ ଚନ୍ଦ୍ର ମଲ୍ଲିକ, ଡ. ବ୍ରଜମୋହନ ମିଶ୍ର, ଡ଼. ବିଜୟାନନ୍ଦ ସିଂ ଓ ଡ. କୈଳାଶ ପଟ୍ଟନାୟକ ପ୍ରମୁଖ ଥିଲେ। ଆସନ୍ତା ଅପ୍ରେଲ ୨ ତାରିଖ ରବିବାର କଟକ ବିଜୁ ପଟ୍ଟନାୟକ ଛକସ୍ଥିତ 'ସାରଳା ଭବନ'ରେ ଅନୁଷ୍ଠିତ ହେବାକୁ ଥିବା 'ଗୋପବନ୍ଧୁଙ୍କ ସତ୍ୟବାଦୀ'ର ସପ୍ତମ ବାର୍ଷିକ ସମାରୋହରେ ଏହି ସାରସ୍ୱତ ସାଧକମାନଙ୍କୁ ସମ୍ମାନିତ କରାଯିବ।

## ପ୍ରଗତି ପାଇଁ ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଜରୁରୀ : ରାଜ୍ୟପାଳ

ଭୁବନେଶ୍ୱର,୧୧।୩(ବ୍ୟୁରୋ)

ପ୍ରଗତି ପାଇଁ ପ୍ରଶାସିକ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ଓ ମାନସିକତା ଜରୁରୀ। ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ ଆଡ୍‌ମିନିଷ୍ଟ୍ରେଶନର ବାର୍ଷିକ ସମ୍ମିଳନୀକୁ ଉଦ୍‌ଘାଟନ କରି ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଏହା କହିଛନ୍ତି। ଏହି ଅବସରରେ ଓଡ଼ିଶାର ପୂର୍ବତନ ପୋଲିସ୍ ମହାନିର୍ଦ୍ଦେଶକ ଶରତ ଚନ୍ଦ୍ର ମିଶ୍ର, ଅନୁଷ୍ଠାନ ସଭାପତି ଅରୁଣ କୁମାର ରଥ ଓ ସଚିବ ଧୀରେନ୍ଦ୍ର ନାଥ ପାଢ଼ୀ ପ୍ରମୁଖଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ପ୍ରଫେସର ଡ. ଯୁଗଳ ମିଶ୍ରଙ୍କ ଦ୍ୱାରା ସମ୍ପାଦିତ ବାର୍ଷିକ ମୁଖପାତ୍ର 'ପ୍ରଶାସନ' ଉନ୍ମୋଚିତ ହୋଇଥିଲା। ସେହିପରି ବିଜେବି ମହାବିଦ୍ୟାଳୟ ଓ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ୧୦ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଗୌତମ ନଗର ଉନ୍ନୟନ ପରିଷଦର ସଭାପତି ଅଶୋକ କୁମାର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଉପସଭାପତି ଚିତ୍ରା କାନୁନ୍‌ଗୋ, ଡ. କରୁଣାକର ପଟ୍ଟନାୟକ, ପୂର୍ବତନ ପୋଲିସ୍ ମହାନିର୍ଦ୍ଦେଶକ ନିମାଇଁ ଚରଣ ପାଢ଼ୀ, ପୂର୍ବତନ ସଚିବ ନିହାର ରଞ୍ଜନ ହୋତା, ଅମିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ମୁଖପତ୍ର ଉନ୍ମୋଚନ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏବଂ ଅନ୍ୟମାନେ।

# 'ଉତ୍ତରପିଢ଼ି ସାରଳା ମହାଭାରତ ଜାଣନ୍ତୁ'

### କେଦାରନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ

ଭୁବନେଶ୍ୱର,୧୧।୩(ବ୍ୟୁରୋ)

କେଦାରନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ଅବସରରେ ଶନିବାର ଆଲୋଚନା ଚକ୍ର ଆୟୋଜିତ ହୋଇଛି। ପ୍ରତିଷ୍ଠାନ ସଭାପତି ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରଘୁନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରକୁ ବିଶିଷ୍ଟ ଭାଷାବିଜ୍ଞାନୀ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ଶିଳାଲେଖରୁ ଆରମ୍ଭ କରି ସାହିତ୍ୟ ପର୍ଯ୍ୟନ୍ତ ବିଭିନ୍ନ ଉଦାହରଣ ଦେଇ ଓଡ଼ିଆ ଭାଷାର ଗୌରବମୟ ପରମ୍ପରା ବିଷୟରେ କହିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଇଆଇଟି କାନପୁରର ପୂର୍ବତନ ଇଂଲିଶ ବିଭାଗ ମୁଖ୍ୟ ପ୍ରଫେସର ବିବୁଧେନ୍ଦ୍ର ନାରାୟଣ ପଟ୍ଟନାୟକ ସାରଳା ମହାଭାରତରେ ବ୍ୟବହୃତ ଓଡ଼ିଆ ଶବ୍ଦାବଳୀ, ଲୋକକଥା ଓ ପରମ୍ପରା ଉପରେ ମତବ୍ୟକ୍ତ କରିଥିଲେ। ଆମ ଉତ୍ତରପିଢ଼ି ସାରଳା ମହାଭାରତ ବିଷୟରେ ଜାଣିବା ଆବଶ୍ୟକ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡ. ପ୍ରସନ୍ନ କୁମାର ମହାନ୍ତି ଓଡ଼ିଆ ଭାଷାର ଶାସ୍ତ୍ରୀୟତା ପ୍ରସଙ୍ଗରେ ନିଜ ଅନୁଭୂତି ଓ ଅଭିଜ୍ଞତାକୁ ଉପସ୍ଥାପନ କରିଥିଲେ। ରାଜ୍ୟ ସଂଗ୍ରହାଳୟର ସଂଗ୍ରହାଧ୍ୟକ୍ଷା ଡ. ଭାରତୀ ପାଲ୍ ଓଡ଼ିଶାର ବିଭିନ୍ନ ଅଭିଲେଖରେ କିଭଳି ପ୍ରାଚୀନ ଓଡ଼ିଆ ଭାଷା ସାଇତି ହୋଇ ରହିଛି ତାହା ବୁଝାଇ କହିଥିଲେ। ବିଶିଷ୍ଟ ଅତିଥି ତଥା ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା ଶିଳାଲେଖ, ଗୀତାଭିଧାନ, ଚଉତିଶା, ମାଦଳାପାଞ୍ଜି, ରୁଦ୍ରସୁଧାନିଧି ଓ ଅନ୍ୟାନ୍ୟ ବିଷୟରେ କେନ୍ଦ୍ର ପକ୍ଷରୁ ହେଉଥିବା ଗବେଷଣା ବିଷୟରେ ଅବଗତ କରାଇଥିଲେ। ଓଡ଼ିଆ ଶାସ୍ତ୍ରୀୟ ଭାଷା ହେବାପରେ ଆମର ଦାୟିତ୍ୱ ବଢ଼ିଛି ବୋଲି ମତ ଦେଇଥିଲେ। ସମ୍ପାଦକ ଡ. ରମେଶ ଚନ୍ଦ୍ର ପାଣି ସ୍ୱାଗତ ସୂଚନା, ଯୁଗ୍ମ ସମ୍ପାଦକ ଡ. ଦେବାଶିଷ ମହାପାତ୍ର ଅତିଥି ପରିଚୟ ପ୍ରଦାନ ଓ ଅନ୍ୟତମ ଯୁଗ୍ମ ସମ୍ପାଦକ ଅରୁଣ କୁମାର ନାୟକ ଧନ୍ୟବାଦ ଦେଇଥିଲେ। ଡ. ମନ୍ମଥ କୁମାର ଶତପଥୀ, ଡ. ବିବେକାନନ୍ଦ ପାଣିଗ୍ରାହୀ, ଡ. ଗୋବିନ୍ଦ ଚନ୍ଦ୍ର ପେଣ୍ଡୋଇ, ଡ. ବିନୋଦିନୀ ପାତ୍ର, ପଣ୍ଡିତ ବିରଞ୍ଚି ନାରାୟଣ ମିଶ୍ର ପ୍ରମୁଖ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ ।

# ଆଜି ହରିରାଜପୁର ଜମାଣ ଉତ୍ସବ

ଡେଲାଙ୍ଗ, ୧୧।୩ (ଡି.ଏନ୍.ଏ.):

ଓଡିଶା ପ୍ରସିଦ୍ଧ ହରିରାଜପୁର ପଞ୍ଚୁଦୋଳ ମେଳଣର ଜମାଣ ଉତ୍ସବ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହେବ। ହରିରାଜପୁର ମେଳଣ ପଡିଆରେ ଏହି ଜମାଣ ଉତ୍ସବ ଆୟୋଜିତ ହେବ। ରାଜା ଗଜପତି ନରସିଂହ ଦେବଙ୍କ ଶାସନ ସମୟରେ ୧୬୩୭ ଖ୍ରୀଷ୍ଟାର୍ବ୍ଦ ସମୟ ପୂର୍ବରୁ ଏହି ଐତିହାସିକ ମେଳଣ ଅନୁଷ୍ଠିତ ହୋଇ ଆସୁଥିବା ବେଳେ ୮୦ ଏକର ପରିମିତ ଏହି ପଡିଆରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡରେ ଜମିବ । ରାତି ୧୧ଟା ପରେ ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ମନ୍ଦିରରେ ସମସ୍ତ ଦେବନୀତି ସମାପନ ପରେ ଠାକୁର ମେଳଣ ପଡିଆ ଅଭିମୁଖେ ବାହାରିବା ସହିତ ଶ୍ରୀ ଗୋପାଳଜୀଉ ଓ ବାଳମୁକୁନ୍ଦଦେବଙ୍କ ସହ ମିଶି ଏକ ସୁସଜ୍ଜିତ ଦୋଳ ବିମାନରେ ମନ୍ଦିରରୁ ପଶ୍ଚିମଦ୍ୱାର ଠାରୁ ଏକ ବିରାଟ ପଟୁଆରରେ ମେଳଣ ପଡିଆକୁ ଯାତ୍ରା ଆରମ୍ଭ କରିବେ। ସେହିପରି ରାଜତନ୍ତ୍ର ସମୟରେ ତତ୍କାଳୀନ ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଦେବ ବିଗ୍ରହ ବୁଢାପଡାର ଆରାଧ୍ୟ ଶ୍ରୀ ସୋମନାଥଦେବ, ଛଣଘରର ଶ୍ରୀ ଗଡେଶ୍ୱରଦେବ, କନ୍ତିଆ ଗ୍ରାମର ଶ୍ରୀ ବାଲୁଙ୍କେଶ୍ୱରଦେବ ଓ ଟାଙ୍ଗିଭଁସର ଗ୍ରାମର ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ସହିତ ବିଭିନ୍ନ ଗ୍ରାମରୁ ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ଦୋଳ ବିମାନ ଏହି ମେଳଣରେ ଖୁଣ୍ଟିଲାଗି ହେବେ। ମେଳଣର ମୁଖ୍ୟ ଆର୍କଷଣ ହେଉଛି ଗୋପାଳଜୀଉ ଓ ବାଳମୁକୁନ୍ଦଦେବ, ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ସୁସଜ୍ଜିତ ବିମାନ ସହିତ ସଲଟନ ଓ ଆତସବାଜି ପ୍ରଦର୍ଶନ। ଏହାକୁ ଦେଖିବା ପାଇଁ ସନ୍ଧ୍ୟାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡଜମିବ। ରଙ୍ଗବେରଙ୍ଗର ଆଲୋକମାଳା ଓ ଚିତ୍ତାକର୍ଷକ ଆତସବାଜି ପ୍ରଦର୍ଶନରେ ମେଳଣ ପଡିଆ ଝଲସି ଉଠିବ। ପାରମ୍ପରିକ ଘୋଡାନାଚ, ନାଗାନୃତ୍ୟ, ଭଜନକୀର୍ତ୍ତନ, ବାଦ୍ୟବିଚିତ୍ରା, ଘଣ୍ଟଘଣ୍ଟି, ତୁରୀ ଓ ଶଙ୍ଖ, ହରିବୋଲ, ହୁଳହୁଳି ଧ୍ୱନିରେ ମେଳଣ ପଡିଆ ପ୍ରକମ୍ପିତ ହେବ।

### ଆତସବାଜିରେ ଚମକିବ ମେଳଣ ପଡ଼ିଆ

ମେଳଣରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଡେଲାଙ୍ଗ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ମେଳଣରେ ଏସ୍‌ପି ଡ. କନୱର ବିଶାଲ ସିଂହଙ୍କ ନିର୍ଦ୍ଦେଶରେ ପିପିଲି ଏସଡିପିଓ ଦେବଦତ୍ତ ବରାଳ, ଡେଲାଙ୍ଗ ଥାନା ଆଇଆଇସି ଅନିଲ କୁମାର ମହାନ୍ତି ନେତୃତ୍ୱରେ ୨ଜଣ ଡିଏସପି, ୩ଜଣ ଆଇଆଇସି, ୧୦ଜଣ ଅଫିସର ଓ ୪ ପ୍ଲାଟୁନ ପୋଲିସ ଫୋର୍ସ ୬୦ଜଣ ହେମଗାର୍ଡ ସହିତ ୨୦ଜଣ କନଷ୍ଟେବଲ ମୁତୟନ ରହିବେ। ମେଳଣ ପଡିଆର ୪ ପାର୍ଶ୍ୱରେ ଅସ୍ଥାୟୀ ପୋଲିସ ଟେଣ୍ଟ କରାଯାଇ ନଜର ରଖାଯିବ ବୋଲି ଆଇଆଇସି ମହାନ୍ତି କହିଛନ୍ତି। ପୋଲିସ ନିୟନ୍ତ୍ରଣରେ ମେଳଣ କମିଟିର କେତେଜଣ ଯୁବକଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ଏଥିସହ ହରିରାଜପୁର ଫାଣ୍ଡି ସନ୍ନିକଟରେ ଏକ ସୂଚନା କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ଗହଳିରେ ହଜିଯାଇଥିବା ସମ୍ପର୍କୀୟଙ୍କ ବିବରଣୀ ଏହି ସୂଚନା କେନ୍ଦ୍ରରେ ଡକାଯିବାର ବ୍ୟବସ୍ଥା ହୋଇଛି।

## କ୍ଷେତ୍ର ପରିଦର୍ଶନ କଲେ ବିଧାୟକ, ଅଧିକାରୀ



ପ୍ରଶାସନିକ ଅଧିକାରୀ ଓ ପୋଲିସ ମେଳଣ ପଡିଆ ଅନୁଧ୍ୟାନ କରୁଛନ୍ତି ।

ଡେଲାଙ୍ଗ, ୧୧।୩ (ଡି.ଏନ୍.ଏ.)

ଡେଲାଙ୍ଗ ବ୍ଲକର ହରିରାଜପୁର ଶ୍ରୀପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ମେଳଣର ଜମାଣ ଉତ୍ସବ ରବିବାରଠାରୁ ଆରମ୍ଭ ହେବ। ଏହି ମେଳଣ ଶାନ୍ତିଶୃଙ୍ଖଳାର ସହିତ କରିବା ନିମନ୍ତେ ଜିଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ଏ ନେଇ ସ୍ଥାନୀୟ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ପୁରୀ ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ, ଡେଲାଙ୍ଗ ତହସିଲଦାର ନିବେଦିତା ପରିଡା, ବ୍ଲକ ଉନ୍ନୟନ ଅଧିକାରୀ ଲାବଣ୍ୟେନ୍ଦୁ ମହାନ୍ତି, ଡେଲାଙ୍ଗ ଥାନା ଆଇଆଇସି ଅନିଲ କୁମାର ମହାନ୍ତି, ଡେଲାଙ୍ଗ ବ୍ଲକ ଅଧକ୍ଷା ବାସନ୍ତୀ ସାହୁ, ଉପାଧକ୍ଷ ଦୁର୍ବାଶା ନିଶଙ୍କ ପ୍ରମୁଖ ୮୦ଏକର ପରିମିତ ହରିରାଜପୁର ମେଳଣ ପଡିଆରେ ଶନିବାର ପହଞ୍ଚି କ୍ଷେତ୍ର ପରିଦର୍ଶନ କରିଥିଲେ। ଶାନ୍ତିଶୃଙ୍ଖଳାର ସହିତ କିପରି ମେଳଣ ଅନୁଷ୍ଠିତ ହେବ ସେନେଇ ମେଳଣ କମିଟିକୁ ପରାମର୍ଶ ଦେଇଛନ୍ତି। ଶ୍ରଦ୍ଧାଳୁଙ୍କ ଯାତାୟାତରେ ସୁବିଧା ପାଇଁ ରାସ୍ତାଠାରୁ ୫ ଫୁଟ ଦୂରତାରେ ଦୋକାନ କରିବା, ଦୋଳ ମଣ୍ଡପଠାରୁ ୨୦ ଫୁଟରୁ ଊର୍ଦ୍ଧ୍ୱ ଦୂରତା ରଖି ଉଠା ଦୋକାନୀମାନେ ଦୋକାନ ଦେଇପାରିବେ, ସୂଚନା କେନ୍ଦ୍ର ଫାଣ୍ଡି ନିକଟରେ କରାଯିବ, ମେଳଣ ପଡିଆରେ ପୋଲିସ ପକ୍ଷରୁ ୪ଟି ଅସ୍ଥାୟୀ ଟେଣ୍ଟ କରାଯିବ, ଫାଣ୍ଡିଠାରୁ ଜଟଣୀ–ପିପିଲି ରାସ୍ତାକୁ ସଂଯୋଗ କରିବା ପାଇଁ ଏକ ଖୋଲା ଅସ୍ଥାୟୀ ରାସ୍ତା କରାଯିବ, ଆତସବାଜି ସ୍ଥାନଗୁଡିକୁ ବାଉଁଶରେ ବ୍ୟାରିକେଡ କରାଯିବ, ମେଳଣ କମିଟି ପକ୍ଷରୁ ସ୍ୱେଚ୍ଛାସେବୀ ନିୟୋଜିତ ହେବେ, ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ବ୍ୟାପକ ପୋଲିସ ବାହିନୀ ଓ ହୋମଗାର୍ଡଙ୍କୁ ନିୟୋଜିତ କରାଯିବ, ୨ ଓ ୪ ଚକିଆ ଗାଡି ପାଇଁ ପୃଥକ ରାସ୍ତାର ବ୍ୟବସ୍ଥା କରିବା, ପାର୍କିଂ ବ୍ୟବସ୍ଥା କରିବା ଦିଗରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଆଲୋଚନାରେ ମେଳଣ କମିଟି ପକ୍ଷରୁ ଭାରପ୍ରାପ୍ତ ସଭାପତି ପ୍ରେମାନନ୍ଦ ମହାରଥୀ, ସଂଯୋଜକ ପ୍ରସନ୍ନ ମହାରଥୀ, ସମ୍ପାଦକ ସଂଗ୍ରାମ କେଶରୀ ପ୍ରଧାନ, ସହ ସମ୍ପାଦକ ଅଶୋକ ସାମନ୍ତରାୟ, କୋଷାଧ୍ୟକ୍ଷ ଅଭିମନ୍ୟୁ ବଳିୟାରସିଂହ, ଶିବପ୍ରସାଦ ଚମ୍ପତି, ସରପଞ୍ଚ ପ୍ରତିନିଧି ମହାଦେବ ରାଉତରାୟ ଓ ଲର୍ଡ ସୋମନାଥ ୟୁଥ କ୍ଲବ ସହିତ ଅନ୍ୟ କ୍ଲବର ସଦସ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ୧୬ ତାରିଖରେ ମେଳଣର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ।

### ଆଜିଠୁ ହରିରାଜପୁର ମେଳଣ ଆରମ୍ଭ

## ସଂକ୍ଷେପରେ

### ହରିହର ମିଶ୍ରଙ୍କୁ ସତ୍ୟବାଦୀ ସାରସ୍ୱତ ସମ୍ମାନ

ଭୁବନେଶ୍ୱର,୧୧।୩(ବ୍ୟୁରୋ)- ସାହିତ୍ୟ ପତ୍ରିକା 'ଗୋପବନ୍ଧୁଙ୍କ ସତ୍ୟବାଦୀ' ପକ୍ଷରୁ 'ସତ୍ୟବାଦୀ ସାରସ୍ୱତ ସମ୍ମାନ-୨୦୨୨' କବି ତଥା ସାରଳା ପୁରସ୍କାରପ୍ରାପ୍ତ ହରିହର ମିଶ୍ରଙ୍କୁ ପ୍ରଦାନ କରାଯିବ। ଏହା ବ୍ୟତୀତ ପ୍ରବନ୍ଧରେ ଡ. ଶ୍ରୀଶ ପଟେଲ, ଗଳ୍ପ ପାଇଁ ସୀତେଶ ତ୍ରିପାଠୀ ଓ କବିତାରେ ସୌଭାଗ୍ୟବନ୍ତ ମହାରଣାଙ୍କୁ 'ସତ୍ୟବାଦୀ ସାହିତ୍ୟ ସମ୍ମାନ' ପ୍ରଦାନ କରାଯିବ। ଶିଶୁଗଳ୍ପରେ ଅଶୋକ କୁମାର ପ୍ରଧାନ ଓ ପ୍ରଶାନ୍ତ କୁମାର ନାଥଙ୍କୁ ଶିଶୁ କବିତା ପାଇଁ ସମ୍ବର୍ଦ୍ଧିତ କରାଯିବ। 'ସତ୍ୟବାଦୀ ସାରସ୍ୱତ ସମ୍ମାନ'ରେ ୧ ଲକ୍ଷ ଟଙ୍କା ପୁରସ୍କାର ଓ 'ସତ୍ୟବାଦୀ ସାହିତ୍ୟ ସମ୍ମାନ'ରେ ସମ୍ମାନିତ ପ୍ରତିଭାମାନଙ୍କୁ ୧୦ ହଜାର ଟଙ୍କା ସହିତ ଉପାୟନ ପ୍ରଦାନ କରାଯିବ। ଏଥିପାଇଁ ଗଠିତ ବିଚାରକ ମଣ୍ଡଳୀର ବୈଠକ ଶନିବାର 'ସମାଜ' ସମ୍ପାଦକ ନିରଞ୍ଜନ ରଥଙ୍କ ଅଧକ୍ଷତାରେ ଗୋପବନ୍ଧୁ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବିଚାରକ ମଣ୍ଡଳୀଙ୍କ ଦ୍ୱାରା 'ସତ୍ୟବାଦୀ ସାରସ୍ୱତ ସମ୍ମାନ' ପାଇଁ ବିଶିଷ୍ଟ ସାହିତ୍ୟିକମାନଙ୍କଠାରୁ ଆହ୍ୱାନ କରାଯାଇଥିବା ମତାମତ ଭିତ୍ତିରେ ନିଷ୍ପତ୍ତି ନିଆଯାଇଛି। 'ଗୋପବନ୍ଧୁଙ୍କ ସତ୍ୟବାଦୀ' ପତ୍ରିକାର ସମ୍ପାଦକ ରଥଙ୍କ ଦ୍ୱାରା ଗଠିତ ବିଚାରକ ମଣ୍ଡଳୀରେ ଡ. ପ୍ରଫୁଲ୍ଲ କୁମାର ମିଶ୍ର, 'ପକ୍ଷୀଘର' ପ୍ରକାଶକ ବନୋଜ ତ୍ରିପାଠୀ, ଆକାଶବାଣୀ କଟକ କେନ୍ଦ୍ରର କାର୍ଯ୍ୟକ୍ରମ ମୁଖ୍ୟ ତରୁଣକାନ୍ତି ରାଉତ, ପ୍ରାଧାପକ ସୁଶୀଲ କୁମାର ପ୍ରଧାନ, ଇଂ. ପ୍ରଭାକର ସ୍ୱାଇଁ, ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡ଼. ରମେଶ ଚନ୍ଦ୍ର ମଲ୍ଲିକ, ଡ. ବ୍ରଜମୋହନ ମିଶ୍ର, ଡ଼. ବିଜୟାନନ୍ଦ ସିଂ ଓ ଡ. କୈଳାଶ ପଟ୍ଟନାୟକ ପ୍ରମୁଖ ଥିଲେ। ଆସନ୍ତା ଅପ୍ରେଲ ୨ ତାରିଖ ରବିବାର କଟକ ବିଜୁ ପଟ୍ଟନାୟକ ଛକସ୍ଥିତ 'ସାରଳା ଭବନ'ରେ ଅନୁଷ୍ଠିତ ହେବାକୁ ଥିବା 'ଗୋପବନ୍ଧୁଙ୍କ ସତ୍ୟବାଦୀ'ର ସପ୍ତମ ବାର୍ଷିକ ସମାରୋହରେ ଏହି ସାରସ୍ୱତ ସାଧକମାନଙ୍କୁ ସମ୍ମାନିତ କରାଯିବ।

### ବିଦ୍ୟୁତ୍ ଖୁଣ୍ଟରେ ପିଟିହୋଇ ବାଇକ୍ ଆରୋହୀ ମୃତ

ବାଲୁଗାଁ,୧୧।୩(ଡି.ଏନ୍.ଏ.): ବାଲୁଗାଁ ହାଇସ୍କୁଲ ରୋଡ୍‌ସ୍ଥିତ ରେଲୱେ ଓଭରବ୍ରିଜ୍ ନିକଟ ବିଦ୍ୟୁତ୍ ଖୁଣ୍ଟରେ ପିଟିହୋଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ଗୁଣ୍ଡୁରପୁର ସାହିର ଆଦିତ୍ୟ ପଣ୍ଡା(୨୪)। ସୂଚନା ମୁତାବକ, ଶୁକ୍ରବାର ରାତିରେ ଆଦିତ୍ୟ ଏକ ବିବାହ ଭୋଜିରେ ଯୋଗଦେଇ ବାଇକ୍‌ରେ ଘରକୁ ଫେରୁଥିଲେ। ଓଭରବ୍ରିଜ୍ ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ଫଳରେ ସେ ବାଇକ୍‌ରୁ ଛିଟିକି ଖୁଣ୍ଟରେ ମାଡ଼ହୋଇ ଗୁରୁତର ଆହତ ହୋଇଥିଲେ। ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ସେ ପଡ଼ିରହିଥିବା ବେଳେ ବିଳମ୍ବିତ ରାତି ଯୋଗୁ କେହି ତାଙ୍କୁ ଉଦ୍ଧାର କରିପାରି ନ ଥିଲେ। ପରେ ବାଲୁଗାଁ ପୋଲିସ୍‌ର ପାଟ୍ରୋଲିଂ ଗାଡ଼ି ପହଞ୍ଚି ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଲୁଗାଁ ପୋଲିସ ଶନିବାର ସକାଳେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୬୩/୨୩) ରୁଜୁ କରି ତଦନ୍ତ ଚଳାଇଛି।

# କବିତା ସଂକଳନ ଭଙ୍ଗା ସିଲଟ ଉନ୍ମୋଚିତ




ୟୁଥ୍ ହଷ୍ଟେଲ ପରିସରରେ ମିନତି ମିଶ୍ରଙ୍କ ପ୍ରଥମ କବିତା ସଂକଳନ ଭଙ୍ଗା ସିଲଟକୁ ଶନିବାର ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ପୁରୀ ଅଫିସ ୧୧।୩

ସ୍ଥାନୀୟ ୟୁଥ୍ ହଷ୍ଟେଲ ପରିସରରେ ମିନତି ମିଶ୍ରଙ୍କ ପ୍ରଥମ କବିତା ସଂକଳନ ଭଙ୍ଗା ସିଲଟକୁ ଶନିବାର ଅତିଥିମାନେ ଉନ୍ମୋଚିତ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. କୈଳାସ ଚନ୍ଦ୍ର ଟିକାୟତରାୟ ଯୋଗ ଦେଇ କବିତା ସଂକଳନ ଉନ୍ମୋଚନ କରିଥିଲେ। ଟିକାୟତ ରାୟ କହିଥିଲେ, ଉପଭୋଗକୁ ଉପାସନାରେ ପରିଣତ କରେ କବି। ଚେତନାର ଅମୃତକୁ ବାଣ୍ଟିବା ପାଇଁ ସଂକଳନ ପ୍ରସ୍ତୁତ କରିଥାଏ। ପ୍ରତିମା ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉନ୍ମୋଚନ ଓ ଆଲୋଚନା ସନ୍ଧ୍ୟାରେ କବି ଅଜୟ ପ୍ରଧାନ ମୁଖ୍ୟବକ୍ତା, ସୁଶ୍ରୀ ହରିପ୍ରିୟା ସାହୁ, ଗୀତିକାର ବଦ୍ରି ମିଶ୍ର, ଡ. ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର ଏବଂ ପ୍ରିୟପତ୍ରର ସମ୍ପାଦକ ବିପିନବିହାରୀ ଦଳାଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଲେଖିକା ମିନତି ମିଶ୍ର ସଂକଳନର ଆଭିମୁଖ୍ୟ ପ୍ରକାଶ କରିବା ପରେ ସୁଶ୍ରୀ କ୍ରିଷ୍ଣା ମହାପାତ୍ର, ମଂଜୁଶ୍ରୀ ମିଶ୍ର, ଗୌରୀରାଣୀ ମହାପାତ୍ର, କାମଦେବ ମହାରଣା, ସର୍ବାଣୀ ଦାସ, ଅନ୍ନପୂର୍ଣ୍ଣା ଦେବୀ, ବିଜୟଲକ୍ଷ୍ମୀ ଦାଶ (ମିଶ୍ର), ଶ୍ରୀପର୍ଣ୍ଣାର ସମ୍ପାଦକ ଉମାକାନ୍ତ ମହାପାତ୍ର , ବିଚିତ୍ରା ଦାଶ, ଶୈଳବାଳା ମହାପାତ୍ର, ଚିନ୍ମୟ ଶଙ୍କର ପରିଡ଼ା, ଦିବ୍ୟଦର୍ଶନର ସମ୍ପାଦିକା ପ୍ରବାସିନୀ ମିଶ୍ର ପ୍ରମୁଖ ଉନ୍ମୋଚିତ କବିତା ସଂକଳନରୁ କବିତା ପାଠ କରିଥିଲେ। ଏହି ଉତ୍ସବରେ ଅଶୋକ ମିଶ୍ର , ମିନତୀ ପଟ୍ଟନାୟକ, ବୀରେନ୍ଦ୍ର ମହାନ୍ତି , ଚନ୍ଦ୍ରଶେଖର ମହାରଣା, ସଦାଶିବ ମିଶ୍ର , ହେମାଙ୍ଗିନୀ ମହାନ୍ତି, ବିଜୟ ମିଶ୍ର, ଡ. ହେମନ୍ତ ଛୋଟରାୟ, ସତ୍ୟବତୀ ପରିଜା, ରଂଜିତା ଦାସ, ସ୍ୱପ୍ନା ଗୋସ୍ୱାମୀ, ରୂପଶ୍ରୀ ମିଶ୍ର , ସ୍ମିତା ଦୀକ୍ଷିତ, ପ୍ରମିଳା ସାହୁ, ମୋନାଲିଶା ଦାସ, ବିଜୟଲକ୍ଷ୍ମୀ ପଟ୍ଟନାୟକ, ବିଶ୍ୱରଞ୍ଜନ ମହାପାତ୍ର, ତାପସରଞ୍ଜନ ମହାପାତ୍ର, ରାଧାକୃଷ୍ଣ ପ୍ରଧାନୀ, ଭକ୍ତଚରଣ ବାରିକ, ଲଲାଟେନ୍ଦୁକେଶରୀ ଦୀକ୍ଷି , ଗୀତାଞ୍ଜଳି ସାମନ୍ତରାଙ୍କ ସମେତ ଶତାଧିକ କବି ଓ ସାହିତ୍ୟପ୍ରେମୀ ଯୋଗଦେଇଥିଲେ। ଶାଳିନୀ ମିଶ୍ର , ଶର୍ମିଳୀ ମିଶ୍ର , ଶରତ ମିଶ୍ର, ଲଲାଟେନ୍ଦୁ ମହାନ୍ତି ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ଅଭିନନ୍ଦନିକାର ସଂପାଦକ ଶ୍ୟାମପ୍ରକାଶ ସେନାପତି ଉତ୍ସବ ସଂଚାଳନ କରିଥିବା ବେଳେ ସଦାଶିବ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଆଜିଠୁ ଗୁରୁଜଙ୍ଗ ପଞ୍ଚୁଦୋଳ ମେଳଣ

ଖୋର୍ଦ୍ଧା ଅଫିସ,୧୧।୩

ଖୋର୍ଦ୍ଧା ଗୁରୁଜଙ୍ଗର ପ୍ରସିଦ୍ଧ ଶୈବପୀଠ ଶ୍ରୀଧବଳେଶ୍ୱର। କୋଭିଡ୍ କଟକଣା ଯୋଗୁ ଗତ ଦୁଇ ବର୍ଷ ନିରାଡ଼ମ୍ବରରେ ପାଳିତ ହୋଇଥିବା ଗୁରୁଜଙ୍ଗ ମେଳଣ ଏଥର ଜମିବ। ସ୍ଥାନୀୟ ପଡ଼ିଆରେ ରବିବାରଠାରୁ ଆରମ୍ଭ ହେବ ପଞ୍ଚୁଦୋଳ ମେଳଣ। ଏନେଇ ଗୁରୁଜଙ୍ଗ ପଞ୍ଚୁଦୋଳ ମେଳଣ କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଥାନପତି ଶ୍ରୀଧବଳେଶ୍ୱରଙ୍କଠାରୁ ଆମନ୍ତ୍ରଣ ପାଇ ଆଖପାଖ ଗ୍ରାମର ୨୧ଟି ଠାକୁର ବିମାନରେ ବିଜେ ହୋଇ ମେଳଣ ପଡ଼ିଆରେ ପହଞ୍ଚିବେ। ସେଠାରେ ତିନିଦିନ ରହିବା ପରେ ଆସନ୍ତା ୧୫ ତାରିଖରେ ମେଳଣ ଉତ୍ସବ, ହରିହର ଭେଟ ଓ ଫଗୁଖେଳ ପରେ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ।

## ପେଟ୍ରୋଲ ପମ୍ପରେ ବୋମାମାଡ଼ ଘଟଣା, ଆଉ ଜଣେ ଗିରଫ

ଭୁବନେଶ୍ୱର,୧୧।୩(ବ୍ୟୁରୋ):

ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡ଼ା ପେଟ୍ରୋଲ ପମ୍ପରେ ତେଲ ପକାଇବାକୁ କେନ୍ଦ୍ରକରି ଗୁଳିମାଡ଼ ଘଟଣାରେ ଆଉ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଖାରବେଳନଗର ଥାନା ଅନ୍ତର୍ଗତ ଗିହ୍ନା କଲୋନିରେ ରହୁଥିବା ନୟାଗଡ଼ ଜିଲା ଓଡ଼ଗାଁ ଥାନା ଅଞ୍ଚଳର ଗୁକୁନା ବେହେରା। ତାଙ୍କୁ ଶନିବାର କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ମନୋଜ ବେହେରାଙ୍କୁ ଦୁଇ ସପ୍ତାହ ତଳେ ଗିରଫ କରାଯାଇଥିଲଶ। ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ପୋଲିସ ପ୍ରୟାସ ଜାରିରଖିଛି। ୨୦୨୨ ମାର୍ଚ୍ଚ ୨୭ ତାରିଖ ରାତିରେ ଝାରପଡ଼ା ଗୋଲେଇ ଛକ ନିକଟ ଇଣ୍ଡିଆନ୍ ଅଏଲ ପେଟ୍ରୋଲ ପମ୍ପରେ ଗୁଳିମାଡ଼ ହୋଇଥିଲା। ଅଭିଯୋଗକାରୀ ସିପୁନ ଖୁଣ୍ଟିଆଙ୍କ ସାଙ୍ଗ ବିଶ୍ୱଜିତ ଗୁଳିମାଡ଼ରେ ଆହତ ହୋଇଥିଲେ। ଏନେଇ ପୋଲିସ ମାମଲା ନଂ.୧୩୪/୨୨ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ବ୍ରହ୍ମଗିରି ପଞ୍ଚୁଦୋଳ ମେଳଣ ଆରମ୍ଭ

ବ୍ରହ୍ମଗିରି,୧୧।୩ (ଡି.ଏନ୍.ଏ.):

ରାଜ୍ୟର ପ୍ରସିଦ୍ଧ ବ୍ରହ୍ମଗିରି ପଞ୍ଚୁପାଣ୍ଡବ ମେଳଣ ଶନିବାର ରାତିରୁ ଆରମ୍ଭ ହୋଇଯାଇଛି। ପୌରାଣିକ ଅନୁଯାୟୀ ପାଣ୍ଡବ ପାଞ୍ଚ ଭାଇ ଯେପରି ଗୋଟିଏ ସୂତ୍ରରେ ବାନ୍ଧିହୋଇ ରହିଥିଲେ। ସେହିପରି ଉକ୍ତ ମେଳଣଟି ଏ ଅଞ୍ଚଳବାସୀଙ୍କୁ ଗୋଟିଏ ସୂତ୍ରରେ ବାନ୍ଧିରଖିଛି। ଏହି ମେଳଣର ମୁଖ୍ୟ ଆକର୍ଷଣ ହେଲା ୧୦୮ ଦୋଳ ସହିତ ପଞ୍ଚୁପାଣ୍ଡବ ଏବଂ ଭଗବାନ ବିଷ୍ଣୁଙ୍କ ମିଳନର ଦୃଶ୍ୟ। ଲୋକକଥା ଅନୁଯାୟୀ, ଯେତେବେଳେ ପଞ୍ଚୁପାଣ୍ଡବ ବନବାସ କରିଥିଲେ, ସେହି ସମୟରେ ଏମାନେ ୫ଟି ଶିବଲିଙ୍ଗ ସ୍ଥାପନ କରି ପୂଜା କରିଥିଲେ। ସେମାନଙ୍କ ନାମ ଅନୁସାରେ ଏହି ଶିବଲିଙ୍ଗଗୁଡିକୁ ନାମକରଣ କରିଥିଲେ। ଏହି କଥାକୁ ବିଶ୍ୱାସ କରି ଏ ଅଞ୍ଚଳ ବାସୀ ଯୁଧିଷ୍ଠିରଦେବ ବିଜେ ସୁନାମୁହଁ, ଭୀମେଶ୍ୱର ଦେବ ବିଜେ ଚାପମାଣିକ, ଅର୍ଜୁନେଶ୍ୱର ଦେବ ବିଜେ କାଳିକାବାଡି, ନାଗେଶ୍ୱର ଦେବ ବିଜେ ନାଗେଶ୍ୱର ଓ ବାଲିସହ ଦେବ ବିଜେ ସହଦେବପୁରରେ ଅବସ୍ଥିତ ଉକ୍ତ ଶୈବପୀଠକୁ ପଞ୍ଚୁପାଣ୍ଡବ ଭାବେ ପୂଜାକରି ଆସୁଛନ୍ତି। ଏହି ପଞ୍ଚୁପାଣ୍ଡବଙ୍କ ସହିତ ଶ୍ରୀଗୋପୀନାଥ ଦେବଙ୍କ ମିଳନରେ ଏହି ମେଳଣ ହୁଏ। ଜଗତ୍‌ବନ୍ଧୁ ଲୋକନାଥ ବିଦ୍ୟାଧର ମହାପାତ୍ର (ବକ୍ସି ଜଗବନ୍ଧୁ ) ଏହାର ପୃଷ୍ଟ ପୋଷକ ଥିଲାବେଳେ ଏହାକୁ ଚିନ୍ତାମଣି ପାତ୍ର, ଫକୀର ପଟ୍ଟନାୟକ, କେଶରୀ କାନୁନଗୋ ଆରମ୍ଭ କରିଥିଲେ। ସେହି ଅନୁସାରେ ମଧରାତ୍ରରୁ ଗ୍ରାମରେ ପାଣ୍ଡବ ପାଞ୍ଚ ଭାଇଙ୍କ ଦୋଳ ବିମାନ ସହିତ ଥାନପତି ଗୋପୀନାଥ ଦେବଙ୍କୁ ମେଳଣ କୁଞ୍ଜକୁ ନିଆଯାଇଥିଲା। ସେଠାରେ ଜମାଣ ଉତ୍ସବ ହୋଇଥିଲା। ଠାକୁରଙ୍କ ବିମାନ ଶୋଭାଯାତ୍ରାରେ ପାରମ୍ପରିକ ନାଗା ଓ ମେଢନୃତ, ଘଣ୍ଟମାର୍ଦ୍ଦଳର ବିରାଟ ଶୋଭାଯାତ୍ରା ବେଶ ଚିତ୍ତାକର୍ଷକ ଥିଲା। ଏହି ମେଢ଼ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

### ମଧ୍ୟରାତ୍ରିରେ ହେଲା ଜମାଣ ଉତ୍ସବ

# ଯାତ୍ରୀଙ୍କ ମୋବାଇଲ ଫେରାଇଲେ ଟିଟିଇ

ଜଟଣୀ,୧୧।୩(ଡି.ଏନ୍.ଏ.)

ଏବେ ବି ବଞ୍ଚିଛି ମାନବିକତା। ଜଣେ ଯାତ୍ରୀ ଟ୍ରେନ୍‌ରେ ଛାଡ଼ିଯାଇଥିବା ଏକ ମୋବାଇଲ ଫୋନ୍‌କୁ ଉଦ୍ଧାର କରି ଟିଟିଇ ଏଲ୍.ଡି. ମହାନ୍ତି ଫେରାଇଛନ୍ତି। ସୂଚନା ମୁତାବକ, ଏସ୍. ମହାରଣା ନାମକ ଜଣେ ଯାତ୍ରୀ ଶନିବାର ଫାଲକ୍‌ନାମା ଏକ୍ସପ୍ରେସରେ ସିକନ୍ଦରାବାଦରୁ ହାୱଡ଼ା ଯାଉଥିଲେ। ତେବେ କୌଣସି କାରଣରୁ ସେ ଖୋର୍ଦ୍ଧାରୋଡ୍ ଷ୍ଟେଶନରେ ଓହ୍ଲାଇଥିଲେ। ଷ୍ଟେଶନ ବାହାରକୁ ଯାଉଥିବା ବେଳେ ତାଙ୍କ ମୋବାଇଲ ଟ୍ରେନ୍ ବଗିରେ ରହିଯାଇଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ଉକ୍ତ ଷ୍ଟେଶନରେ କାର୍ଯ୍ୟରତ ମୁଖ୍ୟ ଟିକେଟ ନିରୀକ୍ଷକ(ସିଟିଆଇ) ଅମୂଲ୍ୟ କୁମାର ସାହୁଙ୍କୁ ଜଣାଇଥିଲେ। ଏହାପରେ ସିଟିଆଇ ଫୋନ୍‌ରେ ଉକ୍ତ ଟ୍ରେନ୍‌ରେ ଯାଉଥିବା ଟିଟିଇ ମହାନ୍ତିଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଉକ୍ତ ବଗିରେ ବସିଥିବା ଯାତ୍ରୀଙ୍କୁ ମହାନ୍ତି ମୋବାଇଲ ସମ୍ପର୍କରେ ପଚାରିଥିଲେ। ସେଠାରେ ବସିଥିବା ଜଣେ ଯାତ୍ରୀ ମୋବାଇଲ ପାଇଥିବା କହିଥିଲେ। ଏହାପରେ ମହାନ୍ତି ମୋବାଇଲ ଆଣିବା ସହ ଭୁବନେଶ୍ୱର ଷ୍ଟେଶନରେ କାର୍ଯ୍ୟରତ ଆର୍‌ପିଏଫ୍‌ଙ୍କ ଉପସ୍ଥିତିରେ ହସ୍ତାନ୍ତର କରିଥିଲେ। ମୋବାଇଲ ଫେରିପାଇବା ପରେ ମହାରଣା ରେଳ ବିଭାଗ କର୍ମଚାରୀଙ୍କୁ ପ୍ରଶଂସା କରିଥିଲେ।

# ଆବର୍ଜନାମୟ ବାଲିକପିଳେଶ୍ୱର ପୀଠ ପରିସର

କୋଣାର୍କ,୧୧।୩(ଡି.ଏନ୍.ଏ.)

ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କ ନିକଟସ୍ଥ ପ୍ରସିଦ୍ଧ ଶୈବପୀଠ ବାବା ବାଲିକପିଳେଶ୍ୱର ପୀଠ ପରିସରରେ କୁଢ଼ କୁଢ଼ ଅଳିଆ ପଡି ରହୁଛି। ଯାହାକୁ ନେଇ ଧାର୍ମିକ ପରମ୍ପରା ପ୍ରତି କୁଠାରଘାତ ଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ପୀଠ ଦର୍ଶନରେ ଆସୁଥିବା ଶ୍ରଦ୍ଧାଳୁଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଖବର ଅନୁଯାୟୀ, ଗତ ମହାଶିବରାତ୍ରି ମେଳା ନିମନ୍ତେ ବାବା ବାଲିକପିଳେଶ୍ୱର ଜାଗର ଯାତ୍ରା କମିଟି ପକ୍ଷରୁ ଗାଡ଼ି ପାର୍କିଂ, ଭୋଗ ଦୀପ ଦୋକାନ ନିଲାମ ଏବଂ ମେଳା ସ୍ଥାନରେ ଦୋକାନ ପାଇଁ ବ୍ୟବସାୟୀମାନଙ୍କୁ ପ୍ଲଟ ଆବଣ୍ଟନ ଆଦି କାର୍ଯ୍ୟ ବାବଦରେ ଲକ୍ଷାଧିକ ଟଙ୍କା ରାଜସ୍ୱ ଆଦାୟ କରାଯାଇଥିଲା। ମେଳା ସମ୍ପନ୍ନ ହେବାର ୨୦ଦିନ ବିତିଗଲାଣି। କିନ୍ତୁ ବାବା ବାଲିକପିଳେଶ୍ୱର ପୀଠ ପରିସରରେ କୁଢ କୁଢ ଆବର୍ଜନା ପଡି ରହିବା ଯୋଗୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଜାଗର ଯାତ୍ରା ସରିବାର ବହୁଦିନ ହୋଇଯାଇଥିବା ବେଳେ ଆୟୋଜନ କରୁଥିବା କମିଟିର ଦାୟିତ୍ୱହୀନତା ଓ ଦୂରଦୃଷ୍ଟିର ଅଭାବରୁ ଏଭଳି ସ୍ଥିତି ହୋଇଥିବା ଶ୍ରଦ୍ଧାଳୁ କହିଛନ୍ତି। ଏଥିସହ ଜାଗର ମେଳା ନିମନ୍ତେ ସ୍ଥାନୀୟ ପ୍ରଶାସନ ଏବଂ ଜିଲା ପ୍ରଶାସନ ପାର୍କିଂ, ଭୋଗ ଦୀପ ଦୋକାନ ନିଲାମ ଓ ବ୍ୟବସାୟଙ୍କୁ ପ୍ଲଟ ଆବଣ୍ଟନ କାର୍ଯ୍ୟ ନିଜ ତତ୍ତ୍ୱାବଧାନରେ ନ କରି କମିଟିକୁ ଦାୟିତ୍ୱ ଦେଇଥିବାର ଏଭଳି ଅବସ୍ଥା ହୋଇଛି ବୋଲି ସ୍ଥାନୀୟ ବାସିନ୍ଦା ମତବ୍ୟକ୍ତ କରିଛନ୍ତି। ତେଣୁ ତୁରନ୍ତ ଆୟୋଜକ କମିଟି ପକ୍ଷରୁ ପୀଠରେ ପଡି ରହିଥିବା ଅଳିଆ ସଫେଇ କରିବା ସହ ଆଗାମୀ ବର୍ଷ ଜିଲା ପ୍ରଶାସନର ନିର୍ଦ୍ଦେଶନାମା ଅନୁଯାୟୀ ସ୍ଥାନୀୟ ଗୋପ ତହସିଲଦାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାର୍କିଂ ସ୍ଥାନ, ଦୀପ ଦୋକାନ ନିଲାମ ଓ ବ୍ୟବସାୟୀଙ୍କୁ ଦୋକାନ ନିମନ୍ତେ ପ୍ଲଟ ଆବଣ୍ଟିତ କାର୍ଯ୍ୟ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ କାର୍ଯ୍ୟ କରିବା ପାଇଁ ସ୍ଥାନୀୟ ଅଞ୍ଚଳର ଶତାଧିକ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଦାବି କରିଛନ୍ତି। ଏଥିସହ ଏଥର ଜାଗର ମେଳାରେ କେଉଁ କାର୍ଯ୍ୟରେ କେତେ ଟଙ୍କା ଆଦାୟ ହୋଇଛି ତାହାର ସବିଶେଷ ବିବରଣୀ ଜିଲା ପ୍ରଶାସନ ଓ ଗୋପ ତହସିଲ ପ୍ରଶାସନ ପକ୍ଷରୁ ତଦନ୍ତ କରାଯିବାକୁ ଦାବି ହେଉଛି।

### ଭକ୍ତ ମହଲରେ ଅସନ୍ତୋଷ



ବାବା କପିଳେଶ୍ୱର ମନ୍ଦିର ପରିସରରେ ଆବର୍ଜନା ପଡିରହିଛି ।

# ଜଗତ୍‌ସିଂହପୁର ଏମ୍‌ସିସି ଚାମ୍ପିୟନ

### ମା' ତାରିଣୀ କପ କ୍ରିକେଟ୍ ଉଦ୍‌ଯାପିତ

ଅସ୍ତରଙ୍ଗ,୧୧।୩ (ଡି.ଏନ୍.ଏ.)–

ଅସ୍ତରଙ୍ଗସ୍ଥିତ ଚୌଧୁରୀ ଷ୍ଟାଡିୟମରେ ମା' ତାରିଣୀ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଜଗତ୍‌ସିଂହପୁର ଆମ୍ବେଡକର ସ୍ପୋର୍ଟିଂ ଏବଂ ଜଗତସିଂହପୁର ଏମ୍‌ସିସି ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିତି ଆମ୍ବେଡକର ସ୍ପୋର୍ଟିଂ ବ୍ୟାଟିଂ କରି ୨୦ ଓଭରରେ ୧୭୯ ରନ୍ ସଂଗ୍ରହ କରିଥିଲା। ଜବାବରେ ଜଗତ୍‌ସିଂହପୁର ଏମ୍‌ସିସି ସ୍ପୋର୍ଟିଂ ବ୍ୟାଟିଂ କରି ୧୮ ଓଭରରେ ୩ ଉଇକେଟ ହରାଇ ୧୮୦ ରନ କରି ବିଜୟ ହାସଲ କରିଥିଲା। ଖେଳ ଶେଷରେ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ସମ୍ମାନିତ ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ପୁରୀ ଜିଲା ପରିଷଦ ଉପାଧକ୍ଷ ସ୍ୱାଧୀନ ନାୟକ, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ଅନ୍ୟାନ୍ୟ ଅତିଥିବୃନ୍ଦ ଯୋଗଦେଇଥିଲେ। ଟୁର୍ନାମେଣ୍ଟ ଆୟୋଜକ ମା' ତାରିଣୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଚାମ୍ପିୟନ ଟିମ୍ ଏମ୍‌ସିସି ସ୍ପୋର୍ଟିଂକୁ କପ ସହ ୩୧,୧୧୧ ଟଙ୍କା ଓ ରନର୍ସ ଟିମ୍ ଆମ୍ବେଡକର ସ୍ପୋର୍ଟିଂକୁ କପ୍ ସହ ୨୧,୧୧୧ ଟଙ୍କାର ପୁରସ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ଚନ୍ଦନ ନାୟକଙ୍କୁ ପ୍ରଦାନ କରାଯାଇଥିଲା। ମା ' ତାରିଣୀ ସ୍ପୋର୍ଟିଂ କ୍ଲବ ସଭାପତି ମନୋଜ ବିଶ୍ୱାଳ, କ୍ରୀଡା ସମ୍ପାଦକ ସମୀର କୁମାର କର ଓ ସମସ୍ତ ସଦସ୍ୟବୃନ୍ଦ ଉପସ୍ଥିତ ରହି ଟୁର୍ନାମେଣ୍ଟ କାର୍ଯ୍ୟକ୍ରମକୁ ସମ୍ପାଦନା କରିବା ସମେତ ସହଯୋଗ କରିଥିଲେ। ଅନ୍ୟ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ, ବିଜେଡି ବ୍ଲକ ସଭାପତି କେଦାରନାଥ ବିଶ୍ୱାଳ, ସମବାୟ ନିର୍ଦ୍ଦେଶକ କୁଞ୍ଜବିହାରୀ ପ୍ରଧାନ, ଦୁର୍ଗା କ୍ଲବ ସଭାପତି ଦିବ୍ୟଦର୍ଶୀ ବିଶାଳ, ଲକ୍ଷ୍ମୀ କ୍ଲବ ସଭାପତି ପ୍ରମୋଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅଭିନେତ୍ରୀ ଶୀତଲ ପାତ୍ର ଯୋଗଦେଇ ଦର୍ଶକଙ୍କର ମନ ମୋହିଥିଲେ।




ମା' ତାରିଣୀ କପ କ୍ରିକେଟ୍ ଉଦ୍‌ଯାପନ ଅବସରରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଉପସ୍ଥିତ ଅତିଥିଙ୍କ ସହ ଚାମ୍ପିୟନ ଦଳ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୨ ମାର୍ଚ୍ଚ, ୨୦୨୩



## ଯାତ୍ରୀଙ୍କ ମୋବାଇଲ ଫେରାଇଲେ ଟିଟିଇ

ଜଟଣୀ,୧୧।୩(ଡି.ଏନ୍.ଏ.) : ଟ୍ରେନ୍‌ରେ ଛାଡ଼ିଯାଇଥିବା ଜଣେ ଯାତ୍ରୀଙ୍କ ମୋବାଇଲ ଫୋନ୍‌କୁ ଉଦ୍ଧାର କରି ଟିଟିଇ ଏଲ୍.ଡି. ମହାନ୍ତି ଫେରାଇଛନ୍ତି। ଏସ୍. ମହାରଣା ନାମକ ଯାତ୍ରୀ ଶନିବାର ଫାଲକ୍‌ନାମା ଏକ୍ସପ୍ରେସରେ ସିକନ୍ଦରାବାଦରୁ ହାୱଡ଼ା ଯାଉଥିଲେ। କୌଣସି କାରଣରୁ ସେ ଖୋର୍ଦ୍ଧାରୋଡ୍ ଷ୍ଟେଶନରେ ଓହ୍ଲାଇଥିଲେ। ପରେ ସେ ମୋବାଇଲ ଟ୍ରେନରେ ରହିଯାଇଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ମୁଖ୍ୟ ଟିକେଟ ନିରୀକ୍ଷକ(ସିଟିଆଇ) ଅମୂଲ୍ୟ ସାହୁଙ୍କୁ ଜଣାଇଥିଲେ। ସିଟିଆଇ ଟିଟିଇ ମହାନ୍ତିଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ।

### ସଂକ୍ଷେପରେ

## ହରିହର ମିଶ୍ର ପାଇବେ ସତ୍ୟବାଦୀ ସାରସ୍ୱତ ସମ୍ମାନ

ଭୁବନେଶ୍ୱର,୧୧।୩(ବ୍ୟୁରୋ): ସାହିତ୍ୟ ପତ୍ରିକା 'ଗୋପବନ୍ଧୁଙ୍କ ସତ୍ୟବାଦୀ' ପକ୍ଷରୁ 'ସତ୍ୟବାଦୀ ସାରସ୍ୱତ ସମ୍ମାନ-୨୦୨୨' କବି ତଥା ସାରଳା ପୁରସ୍କାରପ୍ରାପ୍ତ ହରିହର ମିଶ୍ରଙ୍କୁ ପ୍ରଦାନ କରାଯିବ। ଏହା ବ୍ୟତୀତ ପ୍ରବନ୍ଧରେ ଡ. ଶ୍ରୀଶ ପଟେଲ, ଗଳ୍ପ ପାଇଁ ସୀତେଶ ତ୍ରିପାଠୀ ଓ କବିତାରେ ସୌଭାଗ୍ୟବନ୍ତ ମହାରଣାଙ୍କୁ 'ସତ୍ୟବାଦୀ ସାହିତ୍ୟ ସମ୍ମାନ' ପ୍ରଦାନ କରାଯିବ। ଶିଶୁଗଳ୍ପରେ ଅଶୋକ କୁମାର ପ୍ରଧାନ ଓ ପ୍ରଶାନ୍ତ କୁମାର ନାଥଙ୍କୁ ଶିଶୁ କବିତା ପାଇଁ ସମ୍ବର୍ଦ୍ଧିତ କରାଯିବ। 'ସତ୍ୟବାଦୀ ସାରସ୍ୱତ ସମ୍ମାନ'ରେ ୧ ଲକ୍ଷ ଟଙ୍କା ପୁରସ୍କାର ଓ 'ସତ୍ୟବାଦୀ ସାହିତ୍ୟ ସମ୍ମାନ'ରେ ସମ୍ମାନିତ ପ୍ରତିଭାମାନଙ୍କୁ ୧୦ ହଜାର ଟଙ୍କା ସହିତ ଉପାୟନ ପ୍ରଦାନ କରାଯିବ। ଏଥିପାଇଁ ଗଠିତ ବିଚାରକ ମଣ୍ଡଳୀର ବୈଠକ ଶନିବାର 'ସମାଜ' ସମ୍ପାଦକ ନିରଞ୍ଜନ ରଥଙ୍କ ଅଧ୍ୟକ୍ଷତାରେ ଗୋପବନ୍ଧୁ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବିଚାରକ ମଣ୍ଡଳୀଙ୍କ ଦ୍ୱାରା 'ସତ୍ୟବାଦୀ ସାରସ୍ୱତ ସମ୍ମାନ' ପାଇଁ ବିଶିଷ୍ଟ ସାହିତ୍ୟିକମାନଙ୍କଠାରୁ ଆହ୍ୱାନ କରାଯାଇଥିବା ମତାମତ ଭିତ୍ତିରେ ନିଷ୍ପତ୍ତି ନିଆଯାଇଛି। 'ଗୋପବନ୍ଧୁଙ୍କ ସତ୍ୟବାଦୀ' ପତ୍ରିକାର ସମ୍ପାଦକ ରଥଙ୍କ ଦ୍ୱାରା ଗଠିତ ବିଚାରକ ମଣ୍ଡଳୀରେ ଡ. ପ୍ରଫୁଲ୍ଲ କୁମାର ମିଶ୍ର, 'ପକ୍ଷୀଘର' ପ୍ରକାଶକ ବନୋଜ ତ୍ରିପାଠୀ, ଆକାଶବାଣୀ କଟକ କେନ୍ଦ୍ରର କାର୍ଯ୍ୟକ୍ରମ ମୁଖ୍ୟ ତରୁଣକାନ୍ତି ରାଉତ, ପ୍ରାଧାପକ ସୁଶୀଲ କୁମାର ପ୍ରଧାନ, ଇଂ. ପ୍ରଭାକର ସ୍ୱାଇଁ, ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡ଼. ରମେଶ ଚନ୍ଦ୍ର ମଲ୍ଲିକ, ଡ. ବ୍ରଜମୋହନ ମିଶ୍ର, ଡ଼. ବିଜୟାନନ୍ଦ ସିଂ ଓ ଡ. କୈଳାସ ପଟ୍ଟନାୟକ ପ୍ରମୁଖ ଥିଲେ। ଆସନ୍ତା ଏପ୍ରେଲ ୨ ତାରିଖ ରବିବାର କଟକ ବିଜୁ ପଟ୍ଟନାୟକ ଛକସ୍ଥିତ 'ସାରଳା ଭବନ'ରେ ଅନୁଷ୍ଠିତ ହେବାକୁ ଥିବା 'ଗୋପବନ୍ଧୁଙ୍କ ସତ୍ୟବାଦୀ'ର ସପ୍ତମ ବାର୍ଷିକ ସମାରୋହରେ ଏହି ସାରସ୍ୱତ ସାଧକମାନଙ୍କୁ ସମ୍ମାନିତ କରାଯିବ।

## ଶିଶୁ ନିଖୋଜ, ଚିନ୍ତାରେ ପରିବାର

ବାରଙ୍ଗ,୧୧।୩ (ଡି.ଏନ୍.ଏ.)- ଗତ ସୋମବାରଠାରୁ ଚନ୍ଦକା ଥାନା ଅଧୀନ ଅନ୍ଧାରୁଆ ପଞ୍ଚାୟତ ଗୋଡ଼ିବାରି ଆଦିବାସୀ ସାହିର ସାତବର୍ଷର ପିଲାଟି ନିଖୋଜ ଥିବାର ଚନ୍ଦକା ଥାନାରେ ଶୁକ୍ରବାର ଅଭିଯୋଗ ହୋଇଛି। ଗୋଡିବାରି ଆଦିବାସୀ ସାହିର ଲୋଚନ କାଣ୍ଡେଥାର ପୁଅ କ୍ରିଷ୍ଣା କାଣ୍ଡେଥା (୭) ବର୍ଷ। ସେ ସାହିର ଅନ୍ୟ ଏକ ପିଲା ବେଟା ହାଂସଦାର ସହ କେଉଁଆଡେ ପଳାଇଯାଇଛି। ବେଟାର ବାପା ପୂର୍ଣ୍ଣଚନ୍ଦ୍ର ହାଂସଦାରର ଘର ବାରିପଦା ଜିଲା ଖୁଣ୍ଟା ଥାନା ଅଧୀନ ଗୁଡ଼ିଙ୍ଗାକଟରାରେ ବୋଲି ଜଣାପଡିଛି। ହେଲେ ବେଟା ଗତ କିଛି ଦିନ ହେବ ଏହି ଅଞ୍ଚଳରେ ଗାଈ ଜଗୁଥିଲା ଓ ସେ ଗୋଡ଼ିବାରିରେ ରହୁଥିଲା। କ୍ରିଷ୍ଣାକୁ ପରିବାର ଲୋକେ ଖୋଜି ନିରାଶ ହେବା ପରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ନିଖୋଜ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

## ଅନନ୍ତନାରାୟଣ ମନ୍ଦିର ପ୍ରତିଷ୍ଠା

ବାରଙ୍ଗ,୧୧।୩ (ଡି.ଏନ୍.ଏ.): ବାରଙ୍ଗ ତଥା ପଟିଆ ଅଞ୍ଚଳର ଆରାଧ ଶୈବପୀଠ ବାବା ସୋମନାଥ ମନ୍ଦିର ପରିସରରେ ଅନନ୍ତନାରାୟଣଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୁଦୂର ନେପାଳରୁ ଅଜସ୍ର ଶାଳଗ୍ରାମ ସହ ଅନନ୍ତନାରାୟଣଙ୍କ ମୂର୍ତ୍ତିକୁ ଅଣାଯାଇ ଏଠାରେ ସ୍ଥାପନା କରାଯାଇଛି। ଜୀବନ୍ୟାସ ସହ ତିନିଧରି ଚାଲିଥିବା ଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା। ଉମାକାନ୍ତ ହାତୀ ଓ କଳ୍ପନା ହାତୀ କର୍ତ୍ତାଭାବେ କାର୍ଯ୍ୟ ସମ୍ପନ୍ନ କରିଥିବାବେଳେ ମାଗୁଣିଷ ଡଙ୍ଗୀ, ନୀଳକଣ୍ଠ ମିଶ୍ରଙ୍କ ନେତୃତ୍ୱରେ ପଣ୍ଡିତମାନେ ପୂଜାର୍ଜନା କରିଥିଲେ। ଶରତଚନ୍ଦ୍ର ପଣ୍ଡା, ମନ୍ଦିର କମିଟି ଓ ବାବାସୋମନାଥ ସେନା ସହ ଗ୍ରାମବାସୀ ଏହାକୁ ପରିଚାଳନା କରିଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ର ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ

### ଗ୍ରୀଷ୍ମ ପ୍ରବାହ ପାଇଁ ବିଏମ୍‌ସିର ସମୀକ୍ଷା ବୈଠକ



ଭୁବନେଶ୍ୱର, ୧୧।୩ (ବ୍ୟୁରୋ)

- ନାବାର୍ଡ ଏବଂ କଳ୍ପନା ଛକ ନିକଟରେ ହେବ ସ୍ୱତନ୍ତ୍ର ପାନୀୟ ଜଳ ବ୍ୟବସ୍ଥା
- ସକାଳ ୭ଟା ଭିତରେ ସରିବ ସଫେଇ କାମ
- ଭିକ୍ଷୁକ ବା ବାସହୀନଙ୍କୁ ଆଶ୍ରୟସ୍ଥଳୀକୁ ନିଆଯିବ

ଚଳିତ ବର୍ଷ ଫେବୃୟାରୀ ମାସରୁ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଯାଇଛି। ଅନ୍ୟ ବର୍ଷ ଅପେକ୍ଷା ଚଳିତ ବର୍ଷ ଏବେଠାରୁ ଟାଣ ଖରା ଅନୁଭୂତ ହେଉଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ବିଏମ୍‌ସି ପକ୍ଷରୁ ସୁରକ୍ଷା ବ୍ୟବ୍ୟସ୍ଥା ଗ୍ରହଣ କରାଯିବାକୁ ସ୍ଥିର କରାଯାଇଛି। ଏହି ପରିପ୍ରେକ୍ଷୀରେ ଶନିବାର ବିଏମ୍‌ସି ଆଇସିଓଏମ୍‌ସିର ସମ୍ମିଳନୀ କକ୍ଷରେ ଏକ ଆନ୍ତଃବିଭାଗୀୟ ବୈଠକ ଅନୁଷ୍ଠିତ ହୋଇଥିଲା। କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ବିଶେଷକରି ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦିଆଯାଇଥିଲା। ଏଥିପାଇଁ ସମ୍ପୃକ୍ତ ଅତିରିକ୍ତ ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ ଓ ମୁଖ୍ୟ ମ୍ୟୁନିସିପାଲ୍ ସ୍ୱାସ୍ଥ୍ୟ ଅଧିକାରୀ ଗ୍ରୀଷ୍ମ ପ୍ରବାହ ସମୟରେ ଡାକ୍ତରଖାନାରେ ଶୀତତାପ ନିୟନ୍ତ୍ରିତ କକ୍ଷ, ଓଆର୍‌ଏସ୍ ଏବଂ ଆବଶ୍ୟକୀୟ ଔଷଧ ମହଜୁଦ୍ ରଖିବା, ସକାଳ ୮ରୁ ରାତି ୮ଟା ପର୍ଯ୍ୟନ୍ତ ଡାକ୍ତର ଓ ନର୍ସଙ୍କ ଉପସ୍ଥିତିକୁ ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବ୍ଲକ୍ ଶିକ୍ଷାଧିକାରୀମାନେ ବିଦ୍ୟାଳୟଗୁଡିକରେ ଛାତ୍ରୀଛାତ୍ରଙ୍କୁ ଗ୍ରୀଷ୍ମ ପ୍ରବାହ ପ୍ରତିଷେଧକ ବ୍ୟବସ୍ଥା ବାବଦରେ ଶିକ୍ଷା ପ୍ରଦାନ କରିବା, ଶ୍ରମିକମାନେ କାର୍ଯ୍ୟ କରୁଥିବା ବା କାର୍ଯ୍ୟ ପାଇଁ ଅପେକ୍ଷା କରିଥିବା ସ୍ଥାନରେ ଯଥା ନାବାର୍ଡ ଏବଂ କଳ୍ପନା ଛକ ନିକଟରେ ସ୍ୱତନ୍ତ୍ର ପାନୀୟଜଳ ବ୍ୟବସ୍ଥା କରିବା, ଜଳଛତ୍ର ଖୋଲାଯାଉଥିବା ସମୟରେ ସକାଳ ୯ରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ନିରବଚ୍ଛିନ୍ନ ସେବା ଯୋଗାଇଦେବା ପାଇଁ ଜେଡିସିଙ୍କୁ ଦାୟିତ୍ୱ ପ୍ରଦାନ କରିବା, ବାହାରେ ବୁଲୁଥିବା ଭିକ୍ଷୁକ ତଥା ବାସହୀନଙ୍କୁ ସମ୍ପୃକ୍ତ ଆଶ୍ରୟସ୍ଥଳୀକୁ ନେବା, ନିର୍ମାଣ, ଘରୋଇ ଏବଂ ସରକାରୀ ସଂସ୍ଥାର ଠିକାଦାରମାନେ ନିୟୋଜିତ କରିଥିବା ଶ୍ରମିକମାନଙ୍କ ବିଶ୍ରାମ ପାଇଁ ଅସ୍ଥାୟୀ ଶିବିର ପ୍ରସ୍ତୁତ କରିବା, ସଫେଇ କାର୍ଯ୍ୟକୁ ସକାଳ ୭ଟା ମଧ୍ୟରେ ସାରିବା ସହ ଖରାର ପ୍ରକୋପ ନ କମିବା ପର୍ଯ୍ୟନ୍ତ ଅପରାହ୍ନରେ ସଫେଇ ଆରମ୍ଭ ନ କରିବା, ସହରର ବିଭିନ୍ନ ସ୍ଥାନରେ ଲଗାଯାଇଥିବା ଗଛ ଗୁଡିକୁ ନିୟମିତ ପାଣି ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାବାଦ୍ ଖରାଦିନରେ ବାସି ଖାଦ୍ୟ ବିକ୍ରିର ଭୟ ରହୁଥିବାରୁ ଫୁଡ୍ ଇନ୍‌ସ୍ପେକ୍ଟରମାନେ ନିୟମିତ ଭାବେ ବିଭିନ୍ନ ସ୍ଥାନରେ ଖାଦ୍ୟର ମାନ ଯାଞ୍ଚ କରିବାକୁ କୁହାଯାଇଛି। ସେହିପରି ଅଳିଆ ଆବର୍ଜନା ଜଳାଇଲେ ୧୦ହଜାର ଟଙ୍କା ଯାଏ ଜରିମାନା ଆଦାୟ କରାଯିବା ସହ ପ୍ଲାଷ୍ଟିକ୍ ଏନ୍‌ଫୋର୍ସମେଣ୍ଟକୁ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ ଦଣ୍ଡବିଧାନକୁ କଡାକଡି ମଧ୍ୟ କରାଯାଇଛି। ମୋ ବସ୍ ଗୁଡିକରେ ଫାଷ୍ଟ୍‌ଏଡ୍ ସରଞ୍ଜାମକୁ ନିଶ୍ଚିତ କରିବା, ସମସ୍ତ କାର୍ଯ୍ୟାଳୟରେ ଗ୍ରୀଷ୍ମ ପ୍ରବାହ ସାବଧାନତା ବାବଦରେ ଜଣାଇବା କିମ୍ବା ଏହାର ପ୍ରଚାର କରି ଜନସଚେତନତା ସୃଷ୍ଟି କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ବୈଠକରେ ୱାଟ୍‌କୋ, କମିଶନରେଟ୍ ପୋଲିସ, ଅଗ୍ନିଶମ ଅଧିକାରୀ, କ୍ରୁଟ୍, ବନ ବିଭାଗ, ସ୍ୱାସ୍ଥ୍ୟ ବିଭାଗ (ସିଟି ହେଲ୍‌ଥ ସୋସାଇଟି) ଏବଂ ବିଏମ୍‌ସିର ଅଧିକାରୀମାନେ ଉପସ୍ଥିତ ଥିଲେ।

## ୪୮,୨୪୪ ମାମଲା ଫଇସଲା

ଭୁବନେଶ୍ୱର (ବ୍ୟୁରୋ)/ ଖୋର୍ଦ୍ଧା ଅଫିସ,୧୧।୩

### ଜିଲାସ୍ତରୀୟ ଲୋକ ଅଦାଲତ

- ୩.୮୬ କୋଟି ଟଙ୍କା ଆଦାୟ
- ମେ' ୧୩ରେ ଜାତୀୟ ଲୋକ ଅଦାଲତ

ଖୋର୍ଦ୍ଧା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଓ ଦୌରା ଜଜ୍ ନିଶିଥ ନିଶାକଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ଖୋର୍ଦ୍ଧା ଜିଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ଯଥା ଖୋର୍ଦ୍ଧା, ବାଣପୁର, ଚିଲିକା, ଜଟଣୀ ପରିସରରେ ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଏହି ଲୋକ ଅଦାଲତରେ ମୋଟ ୫୩,୪୫୨ ମାମଲା ସମସ୍ତ ବିଚାର ବିଭାଗୀୟ ଅଦାଲତଙ୍କ ପକ୍ଷରୁ ଆଗତ କରାଯାଇଥିଲା। ସେଥିମଧ୍ୟରୁ ମୋଟ ୪୮,୨୪୪ ମାମଲାର ଫଇସଲା କରାଯାଇ ସମୁଦାୟ ୩ କୋଟି ୮୬ ଲକ୍ଷ ୬୫ ହଜାର ୧୨ଟଙ୍କାର ବୀମା, ରାଜସ୍ୱ, ଖାଉଟି ସମସ୍ୟା ସମ୍ପର୍କିତ ରାଜିନାମା ସ୍ୱାକ୍ଷରିତ କରାଯାଇଛି। ସେଥିରେ ଗାଡ଼ିମୋଟର ଦୁର୍ଘଟଣା ସମ୍ପର୍କିତ ୧୬୦ ମାମଲା ମଧ୍ୟରୁ ୮ଟିର ଫଇସଲା କରାଯାଇ ୬୧ ଲକ୍ଷ ୯୦ ହଜାର ଟଙ୍କା ଦୁର୍ଘଟଣା କ୍ଷତିପୂରଣ ରାଶି ପୀଡ଼ିତମାନଙ୍କୁ ପ୍ରଦାନ ପାଇଁ ସମ୍ପୃକ୍ତ ବୀମା କମ୍ପାନୀମାନଙ୍କୁ ଅଦାଲତଙ୍କ ପକ୍ଷରୁ ଆଦେଶ ଦିଆଯାଇଛି। ସେହିପରି ୧୪ ଖାଉଟି ମାମଲାରୁ ଗୋଟିଏ ମାମଲାର ଫଇସଲା କରାଯାଇ ୪୩,୨୬୮ ଟଙ୍କା, ୪୩ ଜମି ଅଧିଗ୍ରହଣ ମାମଲାରୁ ୧ଟି, ୨୬୪ ପାରିବାରିକ ମାମଲାରୁ ୩୪ଟି, ୫୨,୯୭୦ ରାଜସ୍ୱ ମାମଲାରୁ ୪୮,୨୦୦ ମାମଲାର ଫଇସଲା କରାଯାଇ ୩,୨୪,୩୧,୭୪୪ ଟଙ୍କା ରାଜସ୍ୱ ସଂଗ୍ରହ କରାଯାଇଥିଲା। ଏହି ଲୋକ ଅଦାଲତରେ ସଚିବ, ଜିଲା ଆଇନ ସେବା ପ୍ରାଧିକରଣ ସୌଦାମିନୀ ସିଂ ଉପସ୍ଥିତ ରହି ଲୋକ ଅଦାଲତର ସଫଳତା ପାଇଁ ସମସ୍ତ ବିଚାର ବିଭାଗୀୟ ଅଧିକାରୀ, ରାଜସ୍ୱ ଅଧିକାରୀ, କୋର୍ଟ କର୍ମଚାରୀ ଏବଂ ଜିଲା ଆଇନସେବା ପ୍ରାଧିକରଣଙ୍କ କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଦେଇଥିଲେ। ପରବର୍ତ୍ତୀ ଜାତୀୟ ଲୋକ ଅଦାଲତ ଆସନ୍ତା ମେ' ୧୩ରେ ଅନୁଷ୍ଠିତ ହେବ। ଜନସାଧାରଣ ଏହାର ସୁବିଧା ନେବାକୁ ଲୋକ ଅଦାଲତ ସଚିବ କହିଛନ୍ତି।

## ପ୍ରଗତି ପାଇଁ ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ଜରୁରୀ : ରାଜ୍ୟପାଳ



ରାଜ୍ୟପାଳ ପ୍ରଫେସର ଗଣେଶିଲାଲ ପ୍ରତିଷ୍ଠାନର ମୁଖପତ୍ର 'ପ୍ରଶାସନ'କୁ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୧୧।୩(ବ୍ୟୁରୋ)

ପ୍ରଗତି ପାଇଁ ପ୍ରଶାସିକ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ଓ ମାନସିକତା ଜରୁରୀ। ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ ଆଡ୍‌ମିନିଷ୍ଟ୍ରେଶନର ବାର୍ଷିକ ସମ୍ମିଳନୀକୁ ଉଦ୍‌ଘାଟନ କରି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହା କହିଛନ୍ତି। ଏହି ଅବସରରେ ଓଡ଼ିଶାର ପୂର୍ବତନ ପୋଲିସ୍ ମହାନିର୍ଦ୍ଦେଶକ ଶରତ ଚନ୍ଦ୍ର ମିଶ୍ର, ଅନୁଷ୍ଠାନ ସଭାପତି ଅରୁଣ କୁମାର ରଥ ଓ ସଚିବ ଧୀରେନ୍ଦ୍ର ନାଥ ପାଢ଼ୀ ପ୍ରମୁଖଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ପ୍ରଫେସର ଡ. ଯୁଗଳ ମିଶ୍ରଙ୍କ ଦ୍ୱାରା ସମ୍ପାଦିତ ବାର୍ଷିକ ମୁଖପତ୍ର 'ପ୍ରଶାସନ' ଉନ୍ମୋଚିତ ହୋଇଥିଲା। ସେହିପରି ବିଜେବି ମହାବିଦ୍ୟାଳୟ ଓ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ୧୦ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଗୌତମ ନଗର ଉନ୍ନୟନ ପରିଷଦର ସଭାପତି ଅଶୋକ କୁମାର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଉପସଭାପତି ଚିତ୍ରା କାନୁନ୍‌ଗୋ, ଡ. କରୁଣାକର ପଟ୍ଟନାୟକ, ପୂର୍ବତନ ପୋଲିସ୍ ମହାନିର୍ଦ୍ଦେଶକ ନିମାଇଁ ଚରଣ ପାଢ଼ୀ, ପୂର୍ବତନ ସଚିବ ନିହାର ରଞ୍ଜନ ହୋତା, ଅମିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବ ପିଢ଼ି ମାତୃଭାଷାକୁ ଭଲପାଇବା ଦରକାର

ଭୁବନେଶ୍ୱର,୧୧।୩(ବ୍ୟୁରୋ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଶନିବାର ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏହାକୁ ଉଦ୍‌ଘାଟନ କରି ଓଡ଼ିଆ ଭାଷାର ଶାସ୍ତ୍ରୀୟ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିବା ସହ ଯୁବପିଢ଼ି ଆମ ଭାଷାକୁ ଭଲପାଇବା ପାଇଁ ପରାମର୍ଶ ଦେଇଥିଲେ। ଆଲୋଚନାଚକ୍ରରେ ଡ. ଅଜୟ କୁମାର ବିଶ୍ୱାଳ, ଡ. ଲଳିତ କୁମାର ଲେଙ୍କା, ଡ. ଜ୍ଞାନ ରଞ୍ଜନ ପଣ୍ଡା, ଡ. ସମ୍ବରୁ ଶୋଉରା ଓ ସନ୍ଧ୍ୟାରାଣୀ ମଲ୍ଲିକ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷାର ଐତିହାସିକ ଓ ପ୍ରାଚୀନତା ସମ୍ପର୍କରେ ତଥ୍ୟଗତ ଉଦାହରଣ ଉପସ୍ଥାପନା କରିଥିଲେ। ଏଥିସହ ପ୍ରାଚୀନକାଳରୁ ଏଯାବତ୍ ଓଡ଼ିଆ ଭାଷାର ଯାତ୍ରା ଓ ବିକାଶ ସମ୍ପର୍କରେ ସୁବିସ୍ତୃତ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ଡ. ଚକ୍ରଧର ବେହେରା ସ୍ୱାଗତ ଭାଷଣ ଓ ଅଧ୍ୟାପକ ଡ. ଆଶିଷ ମହାପାତ୍ର କାର୍ଯ୍ୟକ୍ରମକୁ ସମ୍ପାଦନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଓଡିଶୀ ଓ ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ବିଭାଗର ଛାତ୍ରୀମାନେ ବୃନ୍ଦଗାନ କରିବା ପରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

## ବଙ୍କାଡ଼ଗଡ଼ ଜଙ୍ଗଲରେ ନିଆଁ



ବାଣପୁର,୧୧।୩(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଅନ୍ତର୍ଗତ ନୀଳାଦ୍ରିପ୍ରସାଦ ପଞ୍ଚାୟତର ବଙ୍କାଡ଼ଗଡ଼ ଜଙ୍ଗଲରେ ନିଆଁ ଲାଗିଥିବା ଦେଖିବାକୁ ମିଳିଛି। ଫଳରେ ବହୁ ଗଛ ପୋଡ଼ି ନଷ୍ଟ ହେବା ସହ ବନ୍ୟଜନ୍ତୁ ମଧ୍ୟ ମୃତ୍ୟୁବରଣ କରୁଛନ୍ତି। ଖବରପାଇ ବନ ବିଭାଗ ଓ ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରୁଥିଲେ ମଧ୍ୟ କେହି ଦୁର୍ବୃତ୍ତ ପୁଣି ନିଆଁ ଲଗାଉଥିବା ସାଧାରଣରେ ଅଭିଯୋଗ ହେଉଛି।

ସୂଚନା ମୁତାବକ, ନୀଳାଦ୍ରିପ୍ରସାଦ ପଞ୍ଚାୟତରେ ରହିଛି ବଙ୍କାଡ଼ଗଡ଼ ଜଙ୍ଗଲ। ଏଠାରେ ଶାଗୁଆନ ସହ ବହୁ ଔଷଧୀୟ ବୃକ୍ଷ ରହିଛି। ବନ୍ୟପ୍ରାଣୀ ନିର୍ଭୟରେ ଚଳପ୍ରଚଳ କରିଥାନ୍ତି। ଉକ୍ତ ଜଙ୍ଗଲରୁ ବିଭିନ୍ନ ଚେରମୂଳ ସଂଗ୍ରହ କରି ଏଠାକାର ଆଦିବାସୀମାନେ ଜୀବିକା ନିର୍ବାହ କରନ୍ତି। ଜଙ୍ଗଲରେ ନିଆଁ ଲାଗିବା ଫଳରେ ପରିବେଶ ସନ୍ତୁଳନ ବିଗିଡ଼ିବା ସହ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯଦି ଏହିପରି ଜଙ୍ଗଲରେ ନିଆଁ ଲାଗିରହେ ତେବେ ଆଗକୁ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେବା ସହ ବନ୍ୟଜନ୍ତୁ ଜନବସତିମୁହାଁ ହେବେ ବୋଲି ଆଲୋଚନା ହେଉଛି। ଖୋର୍ଦ୍ଧା ଡିଏଫ୍‌ଓ ଉକ୍ତ ସମସ୍ୟାକୁ ଗୁରୁତର ସହ ନେଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି। ଅନ୍ୟପକ୍ଷରେ ଏନେଇ ଅଗ୍ନିଶମ ଅଧିକାରୀ(ହାବିଲଦାର) ଡମ୍ବରୁଧର ମହାନ୍ତି କୁହନ୍ତି, କିଛିଦିନ ପୂର୍ବେ ବଙ୍କାଡ଼ଗଡ଼ ଜଙ୍ଗଲରେ ନିଆଁ ଲାଗିଥିବା ଜାଣିବା ପରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏବେ ଉକ୍ତ ଜଙ୍ଗଲରେ ନିଆଁ ଲାଗିଥିବା ନେଇ କୌଣସି ସୂଚନା ନାହିଁ ବୋଲି ସେ କହିଛନ୍ତି।

## ଭବିଷ୍ୟନିଧି କାର୍ଯ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ଭୁବନେଶ୍ୱର, ୧୧।୩ (ବ୍ୟୁରୋ)



କାର୍ଯ୍ୟକ୍ରମରେ ଉପସ୍ଥିତ ଟେଲି ଅଭିନେତ୍ରୀ ସୋନିଆ ରଥ ଓ ଅନ୍ୟମାନେ।

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଭବିଷ୍ୟନିଧି କାର୍ଯ୍ୟାଳୟରେ ଆୟୋଜିତ ଅନ୍ତର୍ଜାତୀୟ ମହିଳା ସପ୍ତାହ ଶନିବାର ଉଦ୍‌ଯାପିତ ହୋଇ ଯାଇଛି। ୪ଦିନ ଧରି ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଟେଲି ଅଭିନେତ୍ରୀ ସୋନିଆ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ମହିଳା କର୍ମଚାରୀମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ପୁରୁଷମାନଙ୍କ ସମକକ୍ଷ ହୋଇ ସେବାରେ ବ୍ରତୀ ହେବା ପାଇଁ ସେ ଆହ୍ୱାନ ଦେଇଥିଲେ। ସଂଗଠନର ମହିଳାଶାଖାର ସଭାନେତ୍ରୀ ତଥା ସହାୟକ କମିଶନର ମୌସୁମୀଲତା ପାଢୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟରତ ସମସ୍ତ ମହିଳା କର୍ମଚାରୀ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ଭବିଷ୍ୟନିଧି ମହିଳା ହିତାଧିକାରୀଙ୍କ ପାଇଁ ଏକ ସ୍ୱତନ୍ତ୍ର ସହାୟତା କାଉଣ୍ଟର ପରିଚାଳିତ ହୋଇଥିଲା। ଏଠାରେ ମହିଳା ହିତାଧିକାରୀମାନଙ୍କ ପାଇଁ ଉପଲବ୍ଧ ହେଉଥିବା ବିଭିନ୍ନ ସେବାଗୁଡିକ ସମ୍ପର୍କରେ ଅବଗତ କରାଯାଇଥିଲା। ଏଥିସହ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଅଭିଯୋଗ ଏବଂ ଜୀବନ ପ୍ରମାଣ ପ୍ରକୋଷ୍ଠ କାର୍ଯ୍ୟକାରୀ କରାଯାଇଥିଲା। ଭବିଷ୍ୟନିଧି କାର୍ଯ୍ୟାଳୟରେ ନିୟୋଜିତ ମହିଳା କର୍ମଚାରୀଙ୍କ ମଧ୍ୟରେ ବିଭିନ୍ନ ବର୍ଗରେ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଶେଷରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## କୁମାରଡ଼ିହ ନାଇଟ୍ ପ୍ରିମିୟର ଲିଗ୍ ଆରମ୍ଭ

ପୁରୁଣା ଭୁବନେଶ୍ୱର, ୧୧।୩ (ଡି.ଏନ୍.ଏ):



କୁମାରଡ଼ିହ ନାଇଟ୍ ପ୍ରିମିୟର ଲିଗ୍ ଉଦ୍‌ଘାଟନ ଅବସରରେ ଖେଳାଳିଙ୍କ ସହ ଅତିଥି।

କୁମାରଡ଼ିହ ସ୍ଥିତ ମା' ମଙ୍ଗଳା ମନ୍ଦିର ସମ୍ମୁଖ ପଡ଼ିଆରେ ଶନିବାର ତୃତୀୟ କୁମାରଡ଼ିହ ନାଇଟ୍ ପ୍ରିମିୟର ଲିଗ୍ ଉଦ୍‌ଘାଟିତ ହୋଇଯାଇଛି। ମା'ମଙ୍ଗଳା କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟରେ ଜି.କନ୍‌ଷ୍ଟିଚ୍ୟୁଶନ୍ସ, ରାଧାକୃଷ୍ଣ ୱାରିୟର, ମା'ମଙ୍ଗଳା କ୍ରିକେଟ ଟିମ୍ ଏବଂ ଇଗଲ ଆଦି ଚାରୋଟି ଟିମ୍ ଭାଗ ନେଇଛନ୍ତି। ଚାମ୍ପିୟନ ଟିମ୍‌କୁ ୫୦ହଜାର ଟଙ୍କା ସହ ଟ୍ରଫି। ରନର୍ ଅପ୍ ଟିମ୍‌କୁ ୩୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ ବୋଲି ଆୟୋଜକ ଟିମ୍‌ର ଚିନ୍ମୟ ପ୍ରଧାନ ସୂଚନା ଦେଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଖଦି ଓ ଗ୍ରାମୋଦ୍ୟୋଗ ବିଭାଗ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ, ଭୁବନେଶ୍ୱର ବ୍ଲକ ଚେୟାରମ୍ୟାନ ନିରୁପମା ସାହୁ, ସାମାଜିକ କର୍ମୀ ରବୀନ୍ଦ୍ର ପାତ୍ର, ମୁରଲୀଧର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଉଦ୍‌ଘାଟନୀ ମ୍ୟାଚରେ ଗୁଡୁମ ବିଜୟୀ

ପୁରୁଣା ଭୁବନେଶ୍ୱର, ୧୧।୩ (ଡି.ଏନ୍.ଏ.)



ପଞ୍ଚମ ଅଧାର କାର୍ଡ଼ କ୍ରିକେଟ ଟୁର୍ନାମେଣ୍ଟକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

### ପଞ୍ଚମ ଆଧାର କାର୍ଡ କ୍ରିକେଟ

ସୁଆଙ୍ଗସ୍ଥିତ ଚ୍ୟାଲେଞ୍ଜ କ୍ରିକେଟ ଆସୋସିଏଶନ ଦ୍ୱାରା ଆୟୋଜିତ ହୋଇଛି ପଞ୍ଚମ ଅଧାର କାର୍ଡ଼ କ୍ରିକେଟ ଟୁର୍ନାମେଣ୍ଟ। ଆୟୋଜକ ଟିମ୍‌ର ନିଜସ୍ୱ ଖେଳ ପଡ଼ିଆରେ ଆରମ୍ଭ ହୋଇଥିବା ଉଦ୍‌ଘାଟନୀ ମ୍ୟାଚରେ ବାଲିଆପଡ଼ା କ୍ରିକେଟ ଟିମ୍ ବନାମ ଗୁଡୁମ କ୍ରିକେଟ ଟିମ୍ ମଧ୍ୟରେ ମୁକାବିଲା ହୋଇଥିଲା। ଟସ୍ ଜିତି ଗୁଡୁମ ଫିଲ୍‌ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମ ବ୍ୟାଟିଂ କରି ବାଲିଆପଡ଼ା ଟିମ୍ ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୮୯ରନ୍ ସଂଗ୍ରହ କରିଥିଲା। ଜବାବରେ ଗୁଡୁମ ବ୍ୟାଟିଂ କରି ୭.୨ ଓଭରରେ ୨ ଉଇକେଟ ହରାଇ ୯୧ ରନ ସଂଗ୍ରହ କରି ମ୍ୟାଚ ବିଜୟୀ ହୋଇଥିଲା। ଦଳର ସଞ୍ଜୟ କୁମାର ସ୍ୱାଇଁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଘୋଷଣା କରାଯାଇଥିଲା। ମନୋଜ ଜେନା ଏବଂ ବାସୁଦେବ ସାହୁ ଅମ୍ପାୟରିଂ କରିଥିଲେ। ସାମାଜିକ କର୍ମୀ ମନ୍ମଥ ରାଉତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ଟୁର୍ନାମେଣ୍ଟରେ ବଛା ବଛା ୨୦ଟି ଟିମ୍ ଭାଗ ନେଇଥିବାବେଳେ ଚାମ୍ପିୟନ ଦଳକୁ ୧୫ହଜାର ଟଙ୍କା ଏବଂ ଟ୍ରଫି ଏବଂ ରନରଅପ୍ ଦଳକୁ ୧୦ହଜାର ଏବଂ ଟ୍ରଫି ପ୍ରଦାନ କରାଯିବ।

## ଓଡ଼ିଆ ଆଧ୍ୟାତ୍ମିକ ଭଜନରେ ଦର୍ଶକ ବିମୋହିତ

ଭୁବନେଶ୍ୱର,୧୧।୩(ବ୍ୟୁରୋ)




### ସମର୍ପଣ ଉଦ୍‌ଯାପିତ

ଓଡ଼ିଶା ପର୍ଯ୍ୟଟନ ବିଭାଗ ସହାୟତାରେ ଭୁବନେଶ୍ୱର ମ୍ୟୁଜିକ ସର୍କଲ ଦ୍ୱାରା ଅନୁଷ୍ଠିତ ହେଉଥିବା ୧୧ତମ ବାର୍ଷିକ ସୁଫିୟାନା ଓ ଆଧ୍ୟାତ୍ମିକ ସଙ୍ଗୀତ କାର୍ଯ୍ୟକ୍ରମ 'ସମର୍ପଣ' ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ ଓଡ଼ିଆ ଆଧ୍ୟାତ୍ମିକ ଭଜନ ସହିତ ପଞ୍ଜାବୀ ସୁଫି ସଙ୍ଗୀତ ଶୁଣିବାକୁ ମିଳିଥିଲା। ପ୍ରଥମ ପରିବେଷଣ ଥିଲା ଡ଼. ଆଦ୍ୟାଶା ଦାସ ଓ ସୁଶାନ୍ତ ପଣ୍ଡାଙ୍କ ଦ୍ୱାରା ନିର୍ଗୁଣ ଆଧାତ୍ମିକ ଓଡ଼ିଆ ଭଜନ। ନିର୍ଗୁଣର ଅର୍ଥ ଆକାରହୀନ, ଯାହା କଳ୍ପନାର ବାହାରେ। ସେମାନଙ୍କ ପ୍ରସ୍ତୁତିରେ ଥିଲା 'ଈଶ୍ୱର ଦୟାର ସାଗର, ରୂପରେଖ ନାହିଁ ହେ; ଅଣାକାର ଅରୂପକୁ, ମୋର ସକଳ ଦୁଃଖ ସବୁ ତ ନେଇଛ' ଏମିତି କିଛି ଆଧ୍ୟାତ୍ମିକ ସଙ୍ଗୀତ ଯାହା ଦର୍ଶକଙ୍କୁ ବିମୋହିତ କରିଥିଲା। ସେମାନଙ୍କୁ କି'ବୋର୍ଡ଼ରେ ବରଦା ପଟ୍ଟନାୟକ, ତବଲାରେ ଦୁଷ୍ମନ୍ତ କୁମାର ପରିଡ଼ା ଓ ପରକ୍ୟୁଶନରେ ଅବନିକାନ୍ତ ଦାସ ସାହାଯ୍ୟ କରିଥିଲେ। ଶେଷ ପରିବେଷଣ ଥିଲା ସତପାଲ ୱାଡ଼ଲୀଙ୍କ ଦ୍ୱାରା ପଞ୍ଜାବୀ ସୁଫି ସଙ୍ଗୀତ। ତାଙ୍କର ପାରମ୍ପରିକ ପଞ୍ଜାବୀ ସୁଫିୟାନା ପରିବେଷଣ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ତାଙ୍କୁ ଢୋଲକ୍‌ରେ ମୋହିତ, କି'ବୋଡ଼ରେ ଶରଦ, ଓକ୍ଟୋପାଡ଼ରେ ରଞ୍ଜନ, ତବଲାରେ ହେପି ଚାନ୍ଦ ଏବଂ ବୃନ୍ଦଗାନରେ କମଲ କୁମାର ଓ ଗୁରପ୍ରୀତ ସିଂହ ସହଯୋଗ କରିଥିଲେ। ଦର୍ଶକ ଶେଷ ପର୍ଯ୍ୟନ୍ତ ପ୍ରେକ୍ଷାଳୟରେ ଉପସ୍ଥିତ ରହି ସୁଫି ସଙ୍ଗୀତକୁ ମନଭରି ଉପଭୋଗ କରିଥିଲେ। ସନ୍ଧ୍ୟାରେ ଅତିଥି ଭାବେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ମହାନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ ସିଦ୍ଧାନ୍ତ ଦାସ, ଭୁବନେଶ୍ୱର ସର୍କଲର ସଭାପତି ଅରବିନ୍ଦ ବେହେରା ଏବଂ ସାଧାରଣ ସମ୍ପାଦକ କ୍ଷୀରୋଦ କୁମାର ପଟ୍ଟନାୟକ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ ଡ଼ ସଙ୍ଗୀତା ଗୋସାଇଁ ଓ ମୀରା ପଣ୍ଡା।

**ପ୍ଲଟ୍ ଦିଅ,ଚାକିରି ଦେବି ଥିଲା ଲାଲୁଙ୍କ ସ୍ଲୋଗାନ: ଅନୁରାଗ**

**ନୂଆଦିଲ୍ଲୀ :** ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କ ବିରୋଧରେ ଇଡି-ସିବିଆଇ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ କେନ୍ଦ୍ର ମନ୍ତ୍ରୀ ଅନୁରାଗ ଠାକୁର ଏକ କଟାକ୍ଷ କରିଛନ୍ତି। ଠାକୁର କହିଛନ୍ତି, ଲାଲୁ ପ୍ରସାଦ ଯାଦବଙ୍କର କେବଳ ଗୋଟିଏ ସ୍ଲୋଗାନ ଥିଲା 'ତୁମେ ମୋତେ ଗୋଟେ ପ୍ଲଟ୍ ଦିଅ, ମୁଁ ତୁମକୁ ଚାକିରି ଦେବି'। ସମସ୍ତେ ଦୁର୍ନୀତିର ନିଜ ମଡେଲ ତିଆରି କରିଛନ୍ତି, ଆଜି ଯେତେବେଳେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି, ସେମାନେ ଏକଜୁଟ ହୋଇଯାଉଛନ୍ତି।


**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................

ବୟସ:..................................

ଜନ୍ମ ତାରିଖ: ............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମେ' ୨୪ରେ ଶେଷ ହେବ କର୍ଣ୍ଣାଟକ ବିଧାନସଭା କାର୍ଯ୍ୟକାଳ

**ବେଙ୍ଗାଲୁରୁ, ୧୧।୩(ଆଇଏଏନ୍ଏସ୍)**

କର୍ଣ୍ଣାଟକର ପଞ୍ଚଦଶ ବିଧାନସଭା କାର୍ଯ୍ୟକାଳ ଆଗାମୀ ମେ' ୨୪ରେ ଶେଷ ହେବ ବୋଲି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ଶନିବାର କହିଛନ୍ତି। ଏହା ପୂର୍ବରୁ ନିର୍ବାଚନ କରାଇବା ଲାଗି ସିଇସି ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ରାଜ୍ୟରେ ୫,୨୧,୭୩,୫୯୯ ଭୋଟର ଅଛନ୍ତି। ସିଇସି ୩ ଦିନ ହେଲା ସମସ୍ତ ଦଳର ପ୍ରତିନିଧି, ନିର୍ବାଚନ ଅଧିକାରୀ ଏବଂ ବିବିଏମ୍‌ପି କର୍ମଚାରୀମାନଙ୍କ ଭୋଟ ପ୍ରସ୍ତୁତିକୁ ନେଇ ଆଲୋଚନା ଚଳାଇଥିଲେ। ୨୦୧୮ ବିଧାନସଭା ନିର୍ବାଚନରେ କମ୍ ଭୋଟ ହାରକୁ ନେଇ ସିଇସି ଅସନ୍ତୋଷ ବ୍ୟକ୍ତ କରିଥିଲେ। ରାଜ୍ୟରେ ଭୋଟ ଶାନ୍ତିପୂର୍ଣ୍ଣ ହେବ ବୋଲି ସିଇସି କହିବା ସହ ଭୋଟରମାନେ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଲୋଭରେ ନ ପଡ଼ିବାକୁ ପରାମର୍ଶ ଦେଇଥିଲେ। ଏଥର କର୍ଣ୍ଣାଟକରେ ୯,୧୭,୨୪୧ ନୂଆ ଭୋଟର ପ୍ରଥମ ଥର ପାଇଁ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ୮୦ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ବୟସର ଭୋଟର ଏବଂ ଭିନ୍ନକ୍ଷମମାନେ ଘରେ ରହି ଭୋଟ ଦେଇପାରିବେ। ପ୍ରତି ୮୮୩ ଭୋଟରଙ୍କ ପାଇଁ ଗୋଟିଏ ବୁଥ୍ ହିସାବରେ ମୋଟ ୫୮,୨୮୨ ଭୋଟକେନ୍ଦ୍ର ସ୍ଥାପନ କରାଯିବ ବୋଲି ରାଜୀବ କୁମାର କହିଛନ୍ତି। ବିଧାନସଭାର ୨୨୪ ଆସନ ମଧ୍ୟରୁ ୩୬ଟି ଏସ୍‌ସି ଏବଂ ୧୫ଟି ଏସ୍‌ଟି ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ରହିଛି।

# ଜୟନାରାୟଣଙ୍କୁ ନେଇ ଶାସକ-ବିରୋଧୀ ମୁହାଁମୁହିଁ

**ଭୁବନେଶ୍ୱର,୧୧।୩(ବ୍ୟୁରୋ)**

- ମହିଳା ବିରୋଧୀ ମନ୍ତବ୍ୟ ଦେଇନି: ବିରୋଧୀ ଦଳ ନେତା
- ପାଗଳାମି ଚରମ ସୀମାରେ ପହଞ୍ଚିଲାଣି: ବିଜେଡି
- ଶାସକ ଦଳ ମନ୍ତ୍ରୀ, ନେତା ଆତ୍ମସମୀକ୍ଷା କରନ୍ତୁ: ଭାଜପା

ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସଦସ୍ୟଙ୍କ ବ୍ୟକ୍ତିଗତ ଆୟ ବଢ଼ିବା ପାଇଁ ସରକାର ଯେଉଁ ଟଙ୍କା ଦେଉଛନ୍ତି ତାହା ଅନ୍ୟତ୍ର ଖର୍ଚ୍ଚ ହେଉଛି। ଫଳରେ ଏସ୍‌ଏଚ୍‌ଜି ସଦସ୍ୟଙ୍କର ବ୍ୟକ୍ତିଗତ ଆୟ ବଢ଼ିପାରୁ ନାହିଁ। ବିଧାନସଭା ଷ୍ଟାଣ୍ଡିଂ କମିଟି ଦେଇଥିବା ରିପୋର୍ଟ ଉପରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଗଣମାଧ୍ୟମକୁ ଏହି ମନ୍ତବ୍ୟ ଦେଇଥିବା କହିଛନ୍ତି। ମହିଳାଙ୍କ ବିରୋଧରେ ସେ କୌଣସି ମନ୍ତବ୍ୟ ଦେଇନାହାନ୍ତି। ତେବେ ବିଜେଡି ରାଜନୈତିକ ଫାଇଦା ପାଇଁ ଏହାକୁ ଟୁଇଷ୍ଟ କରୁଛି ବୋଲି ସେ କହିଛନ୍ତି। ଜୟନାରାୟଣଙ୍କ ମନ୍ତବ୍ୟକୁ ବିଜେଡି କଡ଼ା ସମାଲୋଚନା କରିଛି। ବିଜେଡି ଏମ୍‌ପି ସୁଲତା ଦେଓ କହିଛନ୍ତି, ମହିଳା ପୋଲିସ କର୍ମଚାରୀଙ୍କୁ ଆକ୍ରମଣ କରି ଜୟନାରାୟଣ ଅନୁତପ୍ତ ନୁହନ୍ତି। ସେ ବାରମ୍ବାର ମହିଳାଙ୍କୁ ଅପମାନିତ କରୁଛନ୍ତି। ମହିଳା ସଶକ୍ତୀକରଣର ମଡେଲ ସାଜିଥିବା ଏସ୍‌ଏଚ୍‌ଜିକୁ ବଦନାମ କରିବାର ଅପଚେଷ୍ଟା କରିଛନ୍ତି । ଜୟନାରାୟଣଙ୍କ ପାଗଳାମି ଚରମ ସୀମାରେ ପହଞ୍ଚିଲାଣି । ତେବେ ମାଆମାନଙ୍କ ଜୀବନରେ ଆସିଥିବା କ୍ରାନ୍ତି ଜୟନାରାୟଣଙ୍କ ଦେହରେ ଯାଉନି ବୋଲି ସୁଲତା କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ଭାଜପା ମଧ୍ୟ ବିଜେଡିକୁ କଡ଼ା ଜବାବ ଦେଇଛି। ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ଶାଳୀନତାର ସମସ୍ତ ସୀମା ଉଲ୍ଲଂଘନ କରିସାରିଛନ୍ତି ବିଜେଡିର ନେତା ଓ ମନ୍ତ୍ରୀ । ପରୀ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ବିଧାୟକ ଅରୁଣ ସାହୁ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କୁ 'ପାଗଳ', 'ମତିଭ୍ରମ' ଭଳି କଦର୍ଯ୍ୟ ଭାଷା ବ୍ୟବହାର କରିବା ଲଜ୍ଜାଜନକ। କ୍ଷମତା ନିଶାରେ ବୁଡ଼ି ରହି ନିଜ ଦୋଷ ଦୁର୍ବଳତା ଲୁଚାଇବାକୁ ଯାଇ ଅନ୍ୟକୁ ପାଗଳ କହୁଥିବା ବିଜେଡି ନେତା ଓ ମନ୍ତ୍ରୀ ଆତ୍ମସମୀକ୍ଷା କରିବା ଉଚିତ ବୋଲି ଲେଖାଶ୍ରୀ କହିଛନ୍ତି ।



ଛାତ୍ର କଂଗ୍ରେସ ପକ୍ଷରୁ ମହଙ୍ଗାମାଡ଼ ଓ ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ଶନିବାର ରାଜଭବନ ସମ୍ମୁଖରେ ବିକ୍ଷୋଭ କରାଯାଉଛି। (ଫଟୋ : ମନୋରଞ୍ଜନ)

# ଜନତାଙ୍କ ରକ୍ତ ଶୋଷୁଛି କେନ୍ଦ୍ର: କଂଗ୍ରେସ

**ଭୁବନେଶ୍ୱର,୧୧।୩(ବ୍ୟୁରୋ)**

- ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦ
- ଛାତ୍ର କଂଗ୍ରେସ ପକ୍ଷରୁ ରାଜ୍ୟପାଳଙ୍କୁ ସ୍ମାରକପତ୍ର

ରନ୍ଧନ ଗ୍ୟାସ ଦର ବୃଦ୍ଧି ଓ ଦରଦାମ ବୃଦ୍ଧି ପ୍ରତିବାଦରେ ଶନିବାର ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ରାଜଭବନ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ଛାତ୍ରନେତାମାନେ ରାଜଭବନ ଅଭିମୁଖେ ଶୋଭାଯାତ୍ରାରେ ଯାଉଥିବା ବେଳେ ପୋଲିସ ସେମାନଙ୍କୁ ରାସ୍ତାରେ ଅଟକାଇଥିଲା। ରାଜଭବନଠାରେ ଛାତ୍ର କଂଗ୍ରେସ କର୍ମକର୍ତ୍ତାମାନେ ଏକାଠି ହୋଇ କେନ୍ଦ୍ର ସରକାରଙ୍କ ଜନମାରଣ ନୀତିର କଡ଼ା ସମାଲୋଚନା କରିଥିଲେ। ୟାସିର କହିଛନ୍ତି, ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ଓ ରନ୍ଧନ ଗ୍ୟାସ୍ ଦର ବୃଦ୍ଧିକରି ମୋଦି ସରକାର ସାଧାରଣ ଜନତାଙ୍କ ରକ୍ତ ଶୋଷଣ କରୁଛନ୍ତି। ୨୦୧୪ ପୂର୍ବରୁ ଯେତେବେଳେ ମନମୋହନ ସିଂଙ୍କ ସରକାର ଥିଲା ସେତେବେଳେ ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟର ସାମାନ୍ୟ ବୃଦ୍ଧି ଓ ରନ୍ଧନ ଗ୍ୟାସ୍‌ର ସାମାନ୍ୟ ବୃଦ୍ଧିକୁ ନେଇ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବାବେଳେ ମୋଦି ତୁମ୍ଭିତୋଫାନ କରୁଥିଲେ। ଭାଜପା ରାଜରାସ୍ତାରେ ଚିତ୍କାର କରୁଥିଲା। ୨୦୧୪ ପର୍ଯ୍ୟନ୍ତ ୧୪.୨ କିଲୋ ଗ୍ୟାସ୍ ସିଲିଣ୍ଡର ଦର ୪୧୦ ଟଙ୍କା ଥିବାବେଳେ ୨୦୨୩ରେ ୧୧୩୦ ଟଙ୍କାରେ ପହଞ୍ଚିଲାଣି । ନିକଟରେ ଏହା ୫୦ ଟଙ୍କା ବୃଦ୍ଧି ହୋଇଛି। ସେହିପରି ବ୍ୟବସାୟିକ ଗ୍ୟାସ୍ ସିଲିଣ୍ଡର ଦାମ୍ ୨୦୧୪ରେ ୯୫୭ ଟଙ୍କା ଥିବାବେଳେ ନିକଟରେ ୩୫୦ ଟଙ୍କା ବଢ଼ି ସିଲିଣ୍ଡର ପିଛା ୧୮୩୦ ଟଙ୍କା ହୋଇଛି। ମୋଦି ସରକାର ମୁଢ଼ି, ଚୁଡ଼ା, ଦହି ଭଳି ସାଧାରଣ ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟରେ ଜିଏସ୍‌ଟି ଲଗାଇବାକୁ ପଛେଇ ନାହାନ୍ତି। ଗରିବ ଲୋକ ଚଢ଼ା ଦରର ହାଟ ସଉଦା କରି ଆଖିରୁ ଲୁହ ଝରାଉଛନ୍ତି। ସେହିଭଳି ଗ୍ୟାସ୍ ଦର ବଢ଼ି ହାଣ୍ଡିଶାଳରେ ମହଙ୍ଗା ମାଡ଼ ହୋଇଛି। ୨୦୧୪ରେ ଅଟା,ଡାଲି, ଚିନି, ତେଲ ଭଳି ଦ୍ରବ୍ୟର ଦର ଯାହାଥିଲା, ଆଜି ତାହା ଚାରିଗୁଣ ବୃଦ୍ଧି ହୋଇଛି । କରୋନା ପରେ ଲୋକଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗିପଡ଼ିଛି। କୋଟି କୋଟି ଲୋକ ନିଜର ଜୀବିକା ହରାଇଛନ୍ତି। ଏଭଳି ସମୟରେ ଗ୍ୟାସ୍ ଦର ବୃଦ୍ଧି ବୋଝ ଉପରେ ନଳିତାବିଡ଼ା ସଦୃଶ ହୋଇଛି । ଦରଦାମ ନିୟନ୍ତ୍ରଣ ସହ ରନ୍ଧନ ଗ୍ୟାସ୍‌ର ବର୍ଦ୍ଧିତ ଦର କମା ନ ଗଲେ କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତକୁ ଓଡ଼ିଶାରେ ଛାତ୍ର କଂଗ୍ରେସ ଗଣତାନ୍ତ୍ରିକ ପ୍ରକ୍ରିୟାରେ ବିରୋଧ କରିବ। ଏହି ବିକ୍ଷୋଭ ସମାବେଶ ପରେ ପ୍ରଦେଶ ଛାତ୍ର କଂଗ୍ରେସର ନେତୃବୃନ୍ଦ ରାଜଭବନ ଯାଇ ରାଜ୍ୟପାଳଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଏହି ସମାବେଶରେ ମାନସ ଚୌଧୁରୀ, ରଜତ ଚୌଧୁରୀ, ବିଶ୍ୱଜିତ ଦାଶ, ପ୍ରକାଶ ମିଶ୍ର, ରଜନୀ ମହାନ୍ତି, ସୁବ୍ରତ ମହାପାତ୍ର, ନଳିନୀକାନ୍ତ ନାୟକ, ବିଶ୍ୱଭୂଷଣ ମହାପାତ୍ର, ରଣଜିତ ସେନାପତି, ସାଗର ପଟ୍ଟନାୟକ, କାର୍ତ୍ତିକେଶ୍ୱର କାଣ୍ଡି, ଲିପିକା ପାତ୍ର, ଆର୍ଯ୍ୟାନ ସାସମଲ, ନିତେଶ ବେହେରା, ଉଦିତ୍ ପ୍ରଧାନ, ବିକ୍ରମ ସେନାପତିଙ୍କ ସମେତ ବହୁ ଛାତ୍ରନେତା ଯୋଗ ଦେଇଥିଲେ।

# ଭାଜପାରେ ଜୀନା, ରୁଦ୍ର


ମିଶ୍ରଣ ପର୍ବରେ ଉପସ୍ଥିତ ଭାଜପା ନେତା ଏବଂ ଦଳରେ ନୂତନ ଭାବେ ଯୋଗଦେଇଥିବା ବିଶିଷ୍ଟ ବ୍ୟକ୍ତି, ନେତା ଓ କର୍ମୀ ।

**ବାଲେଶ୍ୱର ଅଫିସ,୧୧।୩**

ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ସ୍ୱାତୀ ସାମଲ (ଜୀନା) ଓ ଅଭିନେତା ରୁଦ୍ର ପାଣିଗ୍ରାହୀ ଭାଜପାରେ ସାମିଲ ହୋଇଛନ୍ତି। ଶନିବାର ବାଲେଶ୍ୱର ସହଦେବଖୁଣ୍ଟାସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ମିଶ୍ରଣ ପର୍ବରେ ସେମାନେ ଭାଜପାରେ ଯୋଗଦେଇଛନ୍ତି। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟଧାରା ଏବଂ ଭାଜପାର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ଭାଜପାରେ ମିଶିଥିବା କହିଛନ୍ତି।

ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମିଶ୍ରଣ ପର୍ବରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ନବାଗତ ସଦସ୍ୟାସଦସ୍ୟଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ପୂର୍ବତନ ଜିଏସ୍‌ଟି କମିଶନର ତଥା ଇଡିର ଡେପୁଟି ଡାଇରେକ୍ଟର ବିଜୟ କୁମାର ମଲ୍ଲିକ, ରିଲାଏନ୍ସ କମ୍ପାନୀର ଏଆର୍‌ଡିଏମ୍ ମମତା ପଣ୍ଡା, ପାର୍ଥ ସାରଥି ଜେନା, ଅମିତା ସାମଲ, ସ୍ୱାଗତ ସାମଲ, ପ୍ରିୟଙ୍କା ସାମଲ, ଅନିଲ କୁମାର ଗାୟନ, ଲଖନ୍ ଚନ୍ଦ୍ର ଦାସ, ରାଧାକୃଷ୍ଣ ଦାସ, ସୁବାସ ଧାମୁଣ୍ଡିଆଙ୍କ ସମେତ ଜଳେଶ୍ୱର ଏବଂ ଭୋଗରାଇ ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରୁ ୩୦୦ରୁ ଉର୍ଦ୍ଧ୍ୱ କର୍ମୀ ବିଜେଡି ଏବଂ କଂଗ୍ରେସ ଛାଡ଼ି ଭାଜପାରେ ସାମିଲ ହୋଇଥିଲେ। ମିଶ୍ରଣ ପର୍ବରେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ଶୋଭନା ମହାନ୍ତି, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ବିଧାୟକ ପ୍ରାର୍ଥୀ ଅଂଶୁମାନ୍ ମହାନ୍ତି, ଲମ୍ବୋଦର ନାୟକ, ସୁଷମା ବିଶ୍ୱାଳ, ପ୍ରବୀର ପ୍ରଧାନ, ସତ୍ୟଜିତ ମିଶ୍ର, ରାଜେଶ ମହାପାତ୍ର, ମମତା ମହାପାତ୍ର, ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ

# ୨୬ରେ ଓଡ଼ିଶା ଆସିବେ ଅମିତ ଶାହା

**ଭୁବନେଶ୍ୱର,୧୧।୩(ବ୍ୟୁରୋ)**

ଆସନ୍ତା ୨୬ ତାରିଖରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ଏହି ଅବସରରେ ସେ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବେ। ପ୍ରଥମେ ଶାହା ଭଦ୍ରକ ଲୋକ ସଭା ନିର୍ବାଚନମଣ୍ଡଳୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେବା ସହିତ ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀର ପାଳସାହି ଗ୍ରାମପଞ୍ଚାୟତ ଅନ୍ତର୍ଗତ ସାଁଆଳପୁରଠାରେ ଅନୁଷ୍ଠିତ ସାଧାରଣ ସଭାକୁ ଉଦ୍‌ବୋଧନ ଦେବେ । ଶନିବାର ରାଜ୍ୟ ଭାଜପା କାର୍ଯ୍ୟାଳୟଠାରେ ଖବରଦାତା ସମ୍ମିଳନୀରେ ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର ଏହି ସୂଚନା ଦେଇଛନ୍ତି ।


**Classified Everyday 0674-2580101, 2549949**

**ମନେ ପଡ଼ନ୍ତି**




**GROOM WANTED**

32 ବୟସ୍କା Govt. Nurse, widow ବାପା ମାଁ ନ ଥିବା କଟକ ବାସିନ୍ଦା ବଣିଆ ଝିଅଙ୍କୁ ବିବାହିତ/ ଅବିବାହିତ ବରପାତ୍ର ଦରକାର। 6371298869. D-2933

ବୟସ ୩୮ ଜାତି ଖଣ୍ଡାୟତ, ବୟସ ୩୪ ଜାତି ବ୍ରାହ୍ମଣ ମହିଳାଙ୍କ ପାଇଁ ଉପଯୁକ୍ତ ପୁରୁଷ ଆବଶ୍ୟକ। ଯୋଗାଯୋଗ- 9178392294. D-2975

**Bengali Kayastha 37/4'9" Double MA, B Ed Mutually Divorced working as English Teacher at Bhubaneswar. Father retired seeking Educated (Divorced/ Unmarried) established Groom within 40 Bhubaneswar Location Preferred. Mob - 9875353398.** D-2970

47 ବର୍ଷର ମହିଳା Agriculture Departmentରେ କାର୍ଯ୍ୟରତ ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ପାଇଁ ଯୋଗାଯୋଗ କରନ୍ତୁ। 7656973285. D-2973




**SALE**

Bhubaneswar ସ୍ଥିତ ଜମି ବା ଘର କିଣାବିକା ପାଇଁ ଯୋଗାଯୋଗ କରନ୍ତୁ। 9090778800. D-74523

North & West facing commercial 60'x45' (2,700sqft.) corner freehold plot in Sahid Nagar. 7205845077. D-74525

Duplex sale at Bhubaneswar @ 50 lakhs only. Contact: 9777433701. D-74828

Mega Duplex at project Retang Medical, Station, near CV Raman Tamando, Bhubaneswar. 7008459987. D-74825

**ORERA Approved 2BHK Luxurious simplex at Balianta, Bhubaneswar @ 30 lakhs. Construction in full-swing. 9437005434.** D-74824

Gharabari boundary plot sale back side AMRI Hospital (Khandagiri). 7008492511. D-2968

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ପାଖରୁ 7K.M. ଦୂର ରଙ୍ଗବଜାର ପାଖରେ finance ସହିତ ପ୍ଲଟ୍ ମିଳୁଛି। 8093465134, 9668194157. D-74827

ପୁରୀ ଶ୍ରୀମନ୍ଦିର ପାଖରେ **Furnished One Bedroom new flat with Kitchen & Bathroom ମାତ୍ର 25 ଲକ୍ଷ (negotiable). Only genuine buyer. Contact: 9438220432, 8144658008.** D-2958

Flat 2 BHK pre-owned, GGP Colony Canal Road, Rasulgarh 53 lakh. Mob 8879637692. D-2976

ଭୁବନେଶ୍ୱର, ଜଟଣୀଗେଟ୍ 1200sqft.-3,60,000/-, ଛତାବର 1200sqft.-5,40,000/-, ନଖରା- 300/-. 6371569855. D-74832

କେଶୁରାରେ immediate ଘରକରି ରହିବା ପାଇଁ ଘରବାରି ପଟ୍ଟା ଥିବା ପ୍ଲଟ୍ ମିଳୁଛି। 9692213354. D-74654

ଭୁବନେଶ୍ୱର-ପୁରୀ **Bypass ସାଇ ମନ୍ଦିର NH side, ପଟିଆ, ମଞ୍ଚେଶ୍ୱର, ବାରଙ୍ଗ, ସୁନ୍ଦରପଦାରେ 30ft. ରାସ୍ତା, ଇଲେକ୍ଟ୍ରିସିଟି ସୁବିଧା ଥାଇ ଘରବାରି ପ୍ଲଟ୍ ମିଳୁଛି। 6372894441.** D-74829

Buy/Sale Property- 8984071303. Luxurious 4BHK Duplex at Jharpada @1.5crore and Nandankanan @89lakh. Residential Land at Gabasta- 600, Brahamanajharilo- 950, Dhamilo-1000, Kuranga waterpark- 1050, Chandaka- 1100, Trinath Bazar-1150, Aiims-1200, Mancheswar- 1400, Jagannathpur- 1500, Hanspal-2300, Pahala-2900. D-2962




**Construct your home @ 850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-74826




To-let Two Rooms, Kitchen, Bath near Kalpana Square at Goutam Nagar, 2nd Floor, for Office-Cum-Residential, rent-12,000. Please call- 9438033691. D-70300

Three BHK 4th Floor, Subhashree Complex near Bomikhal Puja Mandap, family only. Contact: 7008944113. D-2959




Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74652

Newly open health benefits SPA special offer@999Nayapalli. 7846814019. D-73693

**Relax, Refresh your Body, Mind at Saikrupa Spa with best therapies. 8984068077.** D-2932

All types hair cutting, body massage by smart lady Cone hour 700/-, room services available. Contact: 8917595202. D-71367

All types body massage with hiprofile smart lady, room services available. 9937833100. D-71366




ଘରେ ବାସ୍ତୁଦୋଷ ଥିବାପରି ମନେ ହେଉଛି କି? ବିଳମ୍ବ ନ କରି ତୁରନ୍ତ ଯୋଗାଯୋଗ ''ବାସ୍ତୁ ସମାଧାନ'' Odisha. 7978736177. D-74305

**AFFIDAVIT**

I, Kumari Amita Panda, D/o- Seshadev Panda, R/o- Ghogra, Chhatisgarh have changed my name from KUMARI AMITA PANDA to AMITA PANDA for all future purposes. D-2974

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱସରସ୍ୱତୀ ପ୍ରଧାନ

ଆବିର୍ଭାବ: ୦୪।୧୧।୧୯୪୨ (କାର୍ତ୍ତିକ ପୂର୍ଣ୍ଣିମା)
ତିରୋଧାନ: ୨୬।୦୩।୨୦୦୮ (ଦୋଳ ପୂର୍ଣ୍ଣିମା)
୩୪, ଗୌତମ ନଗର, ଭୁବନେଶ୍ୱର

ତୁମର ସରଳ ହୃଦୟର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟ ପରାୟଣତା ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ତୁମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ତୁମର ହତଭାଗ୍ୟ ଦିଅର-ଯାଆ, ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ଓ ଆତ୍ମୀୟସ୍ୱଜନ ବୃନ୍ଦ।

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱସବିତା ମହାପାତ୍ର

ସାକ୍ଷୀଗୋପାଳ, ସେବକସାହି, ପୁରୀ

ତିରୋଧାନ: ୨୨।୦୩।୨୦୨୨

ତୁମର ଅମରାତ୍ମାର ସଦ୍‌ଗତି କାମନା କରି ପ୍ରଭୁ ଶ୍ରୀସାକ୍ଷୀଗୋପାଳଙ୍କ ବିଶ୍ୱଶାନ୍ତି ଯଜ୍ଞରେ ୧୨ବର୍ଷ କର୍ତ୍ତ୍ରୀଭାବେ କାର୍ଯ୍ୟ ନିର୍ବାହ କରିଥିଲେ ତେଣୁ ଆମ୍ଭେମାନେ ତୁମର ଆଶୀର୍ବାଦ କାମନା କରୁଛୁ।

ଶୋକସନ୍ତପ୍ତ: ସ୍ୱାମୀ, ଝିଅ-କ୍ରିଷ୍ଣା, ପିନା, ଜ୍ୱାଇଁ, ପୁଅ, ବୋହୂ, ନାତି, ନାତୁଣୀ: ଡୁଲୁଲି, ଲଭ୍‌ଲି, ରୋମୀ, ଚନ୍ଦନ, ସୁମନ, କ୍ରାସ୍, ଓମ୍ ଓ ବନ୍ଧୁବର୍ଗ।

ଅଷ୍ଟମ ଶ୍ରାଦ୍ଧବାର୍ଷିକୀ



ସ୍ୱ ଡଃ ନାରାୟଣ ଦାଶ

ବାଲିଘାଟ, ତୀର୍ଥ ନିବାସ, ପୁରୀ
ଆବିର୍ଭାବ : ୦୧.୦୨.୧୯୪୮
ତିରୋଧାନ : ୧୨.୦୩.୨୦୧୫

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଉପଦେଶ ଓ ଆଶୀର୍ବାଦ ଆମମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିଥାଉ । ପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଆତ୍ମାକୁ ସଦ୍‌ଗତି ଦିଅନ୍ତୁ ଏହା ହିଁ ଆମର ବିନମ୍ର ପ୍ରାର୍ଥନା।

ଆପଣଙ୍କ ହତଭାଗିନୀ ସ୍ତ୍ରୀ ବୀଣାପାଣି ଦାଶ ଓ ପରିବାର ବର୍ଗ

ଧରିତ୍ରୀ DHARITRI **Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ। ରଙ୍ଗୀନ ଟ୪୨୦/- ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ଏ ସପ୍ତାହର ପ୍ରଶ୍ନ

୧– ଫାଦର ଅଫ୍ ଗ୍ରୀନ୍ ରିଭୋଲ୍ୟୁଶନ୍ ........... ?
୨– ବାସିଲିକା ଅଫ୍ ବନ୍ ଜେସସ୍ .......... ଠାରେ ଅବସ୍ଥିତ ?
୩– ଅକ୍ଷରଧାମ ମନ୍ଦିରରେ .................. ପୂଜା ପାଆନ୍ତି ?
୪– ବାଂଲାଦେଶର ଜାତୀୟ ସଂଗୀତର ରଚୟିତା ............ ?
୫– ଗ୍ୟାଲସ୍ ଗ୍ୟାଲସ୍ ଡୋମେଷ୍ଟିକସ୍ ...........ର ବୈଜ୍ଞାନିକଙ୍କ ନାମ ?

## ଗତ ଥରର ଉତ୍ତର

୧ ତେଲଙ୍ଗାନା
୨ ମହାତ୍ମା ଗାନ୍ଧୀ
୩ ବାହାଦୁର ଶାହ ୨
୪ ବ୍ରିଜେନ୍ଦ୍ର ରେହି
୫ ନ୍ୟାଶନାଲ୍ ଡିଜାଷ୍ଟର ରେସ୍‌ପନ୍ସ ଫୋର୍ସ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ବୃହତ୍ତମ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍



(୧) ............................................ଚାଇନିଜ୍ ଏକାଡେମୀ ଅଫ୍ ସାଇନ୍ସ
(୨) ..........................................................ହାର୍ଭାର୍ଡ ୟୁନିଭର୍ସିଟି
(୩) ......................................................ମ୍ୟାକ୍ସ ପ୍ଲାଙ୍କ୍ ସୋସାଇଟି
(୪) ...............................ନ୍ୟାଶନାଲ୍ ସେଣ୍ଟର ଫର୍ ସାଇଣ୍ଟିଫିକ୍ ରିସର୍ଚ୍ଚ
(୫) ......................................................ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟି
(୬) ...............................ମାସାଚ୍ୟୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି
(୭) .........................ହେମ୍‌ହଜ୍ ଆସୋସିଏଶନ୍ ଅଫ୍ ଜର୍ମାନ୍ ରିସର୍ଚ୍ଚ ସେଣ୍ଟର
(୮) ...................................................ଦି ୟୁନିଭର୍ସିଟି ଅଫ୍ କେମ୍ବ୍ରିଜ୍
(୯) ......................................................ୟୁନିଭର୍ସିଟି ଅଫ୍ ଟୋକିଓ
(୧୦) ........................................................ପେକିଂ ୟୁନିଭର୍ସିଟି

# କେଶ : କିଛି କଥା

**ଆମ ଶରୀରର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗର ଭିନ୍ନ ଭିନ୍ନ କାର୍ଯ୍ୟକଳାପ ରହିଛି। ତେବେ ମୁଣ୍ଡକୁ ଖରାଦାଉରୁ ରକ୍ଷା କରୁଥିବା ଓ ମୁହଁର ସୌନ୍ଦର୍ଯ୍ୟ ବୃଦ୍ଧିରେ ସାହାଯ୍ୟ କରୁଥିବା କେଶ ସମ୍ପର୍କରେ ଜାଣିବା କିଛି ରୋଚକ ତଥ୍ୟ...**

❖ମଣିଷ ମୁଣ୍ଡରେ ଥିବା ପ୍ରତ୍ୟେକଟି ହେୟାର ଫଲିକ୍‌ଲ ବା କେଶକୂପରୁ ଜୀବନକାଳ ମଧ୍ୟରେ ୨୦ଟି ନୂତନ କେଶ ସୃଷ୍ଟିହୋଇଥାଏ। ଯଦିଓ ସମସ୍ତଙ୍କ ମୁଣ୍ଡରେ ହାରାହାରି ୧,୦୦,୦୦୦ଟି



ଫଲିକ୍‌ଲ ଥାଏ, ହେଲେ କେଶର ରଙ୍ଗ ଅନୁସାରେ ଏହାର ସଂଖ୍ୟା ଭିନ୍ନ ଭିନ୍ନ। ଅର୍ଥାତ୍ ଧଳା ବା ସମ୍ପୂର୍ଣ୍ଣ କହରା କେଶ ଥିବା ମଣିଷଙ୍କ ମୁଣ୍ଡରେ ସର୍ବାଧିକ ଅର୍ଥାତ୍ ୧,୪୬,୦୦୦ଟି ହେୟାର ଫଲିକ୍‌ଲ ଥିବା ବେଳେ କଳା କେଶରେ ୧,୧୦,୦୦୦, ବ୍ରାଉନ୍ କେଶରେ ୧,୦୦,୦୦୦ ଏବଂ ଲାଲ୍ ରଙ୍ଗ କେଶରେ ୮୬,୦୦୦ ଫଲିକ୍‌ଲ ରହିଥାଏ।

❖ଲୋମ, ଦାଢ଼ି ହେଉ ଅବା ମୁଣ୍ଡବାଳ ଆକାରରେ ଆମ ଶରୀରର ପ୍ରାୟ ୯୫% ଭାଗ କେଶ ଦ୍ୱାରା ଆବୃତ। ତେବେ ସେସବୁ ମଧ୍ୟରୁ ମୁହଁର କେଶ ବା ଦାଢ଼ି ସବୁଠୁ ଦ୍ରୁତ ଗତିରେ ବଢ଼ିଥାଏ। ବୈଜ୍ଞାନିକଙ୍କ ଆକଳନ ମୁତାବକ, ଯଦି ଜଣେ ପୁରୁଷ ଆଦୌ ଦାଢ଼ି ନ କାଟନ୍ତି, ତେବେ ତାଙ୍କ ଜୀବନକାଳ ମଧ୍ୟରେ ୩୦ ଫୁଟ୍‌ରୁ ଊର୍ଦ୍ଧ୍ୱ ଲମ୍ବ ପର୍ଯ୍ୟନ୍ତ ବଢ଼ିପାରେ।

❖ମହିଳାଙ୍କ କେଶ ଅପେକ୍ଷା ପୁରୁଷଙ୍କ କେଶ ଅଧିକ ଗହଳିଆ ଲାଗିଥାଏ। ତେବେ ଏହାର ମୁଖ୍ୟ କାରଣ ହେଉଛି ମହିଳାଙ୍କ କେଶର ବ୍ୟାସ ପ୍ରାୟତଃ ପୁରୁଷଙ୍କ କେଶର ବ୍ୟାସର ଅଧା।

❖ବର୍ତ୍ତମାନ କେଶ ଝଡ଼ିବା ସମସ୍ତଙ୍କ ପାଇଁ ଏକ ମୁଖ୍ୟ ସମସ୍ୟା ପାଲଟିଛି। ବିଭିନ୍ନ ରୋଗ, ଋତୁ ପରିବର୍ତ୍ତନ, ଅସନ୍ତୁଳିତ ଖାଦ୍ୟାଭ୍ୟାସ ଏହାର ମୁଖ୍ୟ କାରଣ। ଏହା ବ୍ୟତୀତ ଗର୍ଭାବସ୍ଥାରେ ବି କେଶ ଝଡ଼ିଥାଏ। ଏସବୁ କାରଣକୁ ବାଦ୍ ଦେଲେ ପ୍ରାୟ ପ୍ରତି ମଣିଷଙ୍କର ଦୈନିକ ୬୦ରୁ ୧୦୦ କେଶ ଝଡ଼ିଥାଏ। ତେବେ ଯଦି କୌଣସି କାରଣରୁ କେଶ ନ ଝଡ଼େ, ତେବେ ମଣିଷ କେଶର ହାରାହାରି ବୟସ ସୀମା ୩–୭ ବର୍ଷ।

❖ଗୋଟିଏ ସୁସ୍ଥ କେଶ ପ୍ରାୟ ୬.୫ ପାଉଣ୍ଡ ଓଜନ ସମ୍ଭାଳିପାରେ। ସେହି ଅନୁଯାୟୀ ଜଣେ ସୁସ୍ଥ ଏବଂ ମଜଭୁତ କେଶ ଥିବା ବ୍ୟକ୍ତିଙ୍କ ସମସ୍ତ କେଶ ପ୍ରାୟ ୨ ଟନ୍ ଓଜନ ସମ୍ଭାଳି ପାରିବ।

# ନାହିଁ ସେ ବସନ୍ତ



**ବସନ୍ତରେ ଏବେ ଅନୁଭବ ହେଉଛି ଗ୍ରୀଷ୍ମର ଗୁଳୁଗୁଳି। ଅଧିକ ଖରା ଏବଂ ଗରମ ଅଧିକାଂଶଙ୍କ ସ୍ୱାସ୍ଥ୍ୟ ଉପରେ ପକାଉଛି ପ୍ରତିକୂଳ ପ୍ରଭାବ, ଯାହାକୁ ଦୂର କରି ଏଦିନେ ଫିଟ୍ ରହିବା ଲାଗି କେତେକ ଦିଗ ପ୍ରତି ସତର୍କ ରହିବା ଗୁରୁତ୍ୱପୂର୍ଣ୍ଣ...**





ଆଉ ବସନ୍ତରେ ନାହିଁ ସେ ମଳୟ ପବନର ସୁନ୍ଦର ଅନୁଭବ, ଏବେ ଝାଞ୍ଜି ପବନରେ ହନ୍ତସନ୍ତ ସଭିଏଁ। ଏବେଠୁ ତାପମାତ୍ରା ବୃଦ୍ଧି ଯୋଗୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସାଜିଲାଣି ଚିନ୍ତାର କାରଣ। ଏମିତିରେ ଶରୀରକୁ ସୁସ୍ଥ ରଖିବା ଲାଗି ବିଭିନ୍ନ ଦିଗ ପ୍ରତି ବିଶେଷ ଯତ୍ନ ନେବା ଆବଶ୍ୟକ...

**ଶରୀର ପ୍ରତି ରୁହନ୍ତୁ ଯତ୍ନବାନ୍:** ଶୀତଦିନେ ଅନେକଙ୍କର ପାଣି ପିଇବା କମିଯାଇଥାଏ। ହେଲେ ବର୍ତ୍ତମାନ ଗରମ ବଢ଼ି ଯାଇଥିବାରୁ ପାଣି ପିଇବା ମାତ୍ରା ବଢ଼ାଇବାକୁ ଚେଷ୍ଟା କରନ୍ତୁ। ନଚେତ୍ ଶରୀରରେ ଜଳୀୟ ଅଂଶ କମିଯାଇ ଡିହାଇଡ୍ରେଶନ୍ ବା ଶରୀର ଶୁଷ୍କ ହୋଇଯିବା ଦ୍ୱାରା ଅଂଶୁଘାତର ଆଶଙ୍କା ବୃଦ୍ଧି ପାଇଥାଏ। ତା' ଛଡ଼ା କମ୍ ପାଣି ପିଇଲେ ସୂର୍ଯ୍ୟକିରଣରେ ଥିବା ଅଲଟ୍ରା ଭାଓଲେଟ୍ ରଶ୍ମି ଶରୀରର ଉତ୍ତାପକୁ ବଢ଼ାଇ ଦେଇଥାଏ। ଫଳରେ ଅନେକଙ୍କଠାରେ ବାନ୍ତି, ମୁଣ୍ଡବିନ୍ଧା, ଝାଡ଼ା, ନିମ୍ନ ରକ୍ତଚାପ ଆଦି ସମସ୍ୟା ଦେଖାଦିଏ ଏବଂ ରୋଗୀ ଅଚେତ ହୋଇ ପଡ଼ିଯାଏ। ମାନସିକ ଅସନ୍ତୁଳନ ସହ ମୁଣ୍ଡ ବୁଲାଇ ଦେଇଥାଏ । ଶରୀରରୁ ଜଳୀୟ ଅଂଶ କମିଯାଇ ପରିସ୍ରାପୋଡ଼ା ସହ ପରିସ୍ରା ସଂକ୍ରମଣ ବେଶି ହୋଇଥାଏ। ଏହାଦ୍ୱାରା କିଡ୍‌ନୀ ଉପରେ ଚାପ ପଡ଼ିଥାଏ ଏବଂ କିଡ୍‌ନୀ ଫେଲ୍ୟୁଅର ହେବା ଆଶଙ୍କା ବଢ଼ିଯାଏ। ଅଧିକାଂଶ ଯୁବତୀଯୁବକ ଗରମରେ ଆଇସ୍‌କ୍ରିମ୍, ଚୁସ୍କି, କୋଲ୍ଡ ଡ୍ରିଙ୍କ୍ସ ଭଳି ଥଣ୍ଡା ଖାଦ୍ୟ ଓ ପାନୀୟ ଅଧିକ ପରିମାଣରେ ଖାଉଥିବା ଦେଖିବାକୁ ମିଳେ। ହେଲେ ଏଦିନେ ଶରୀରର ତାପମାତ୍ରା ଅଧିକ ଥିବାରୁ ହଠାତ୍ ଏଭଳି ଥଣ୍ଡା ଖାଦ୍ୟ ଖାଇବା ଦ୍ୱାରା ଶରୀରର ତାପମାତ୍ରା ଅସନ୍ତୁଳିତ ହୋଇ ଥଣ୍ଡା, କାଶ, ଥ୍ରୋଟ୍ ବା ଗଳା ଇନ୍‌ଫେକ୍ସନ୍ ଭଳି ସମସ୍ୟା ଦେଖାଦେଇଥାଏ। ତେଣୁ ଏଥିପ୍ରତି ସତର୍କ ରୁହନ୍ତୁ। ଏସବୁ ସମସ୍ୟା ନ ଉପୁଜିବା ଲାଗି ଦିନକୁ ଅତି କମ୍‌ରେ ୪ ଲିଟରରୁ ଊର୍ଦ୍ଧ୍ୱ ପାଣି ପିଅନ୍ତୁ, ଲସି, ସର୍ବତ, ପଇଡ଼ପାଣି, ସୁରେଇ, ମାଠିଆ ପାଣି, ଲେମ୍ବୁ ସରବତ, ଘୋଳଦହି, ଲୁଣମିଶା ତୋରାଣି, ବେଲପଣା, ଜୁସ୍, ଆଖୁରସ ଆଦି ମଧ୍ୟ ପିଅନ୍ତୁ।

**ସୁଷମ ଖାଦ୍ୟ ରଖିବ ଫିଟ୍:** ଆଜିର ଯୁବପିଢ଼ି ସନ୍ତୁଳିତ ଖାଦ୍ୟ ପରିବର୍ତ୍ତେ ଫାଷ୍ଟଫୁଡ୍, ତେଲମସଲାଯୁକ୍ତ ଖାଦ୍ୟ ଏବଂ ଅନ୍ୟ ଗରିଷ୍ଠ ଖାଦ୍ୟ ଅଧିକ ଖାଇବାକୁ ପସନ୍ଦ କରୁଛନ୍ତି। ହେଲେ ବର୍ତ୍ତମାନ ଗରମରେ ଝାଳ ଅଧିକ ହେଉଥିବାରୁ ଶରୀରରୁ ସ୍ନେହସାର, ଖଣିଜ ଲବଣ ଓ ଜଳୀୟ ଅଂଶ ନଷ୍ଟ ହୋଇ ଅତିରିକ୍ତ ତାପ ହଜମକ୍ରିୟାକୁ ମଧ୍ୟ ପ୍ରଭାବିତ କରିଥାଏ। ଫଳରେ ଖାଦ୍ୟ ସହଜରେ ହଜମ ହୋଇ ନ ଥାଏ ଏବଂ ଅମ୍ଳ ବା ଏସିଡିଟି ସମସ୍ୟା ଦେଖାଦେଇଥାଏ। ତେଣୁ ଏଦିନେ ଏଭଳି ଖାଦ୍ୟ ଖାଇବା ଅନୁଚିତ। ତା'ଛଡ଼ା ଏସବୁ ଖାଦ୍ୟ ବେଶି ସମୟ ରହୁଥିବାରୁ ଜୀବାଣୁ ସଂକ୍ରମଣ ହୋଇ ଫୁଡ୍ ପଏଜନିଂ କରାଇଥାଏ। ଫଳରେ ଝାଡ଼ା, ବାନ୍ତିର ଆଶଙ୍କା ବଢ଼ିଯାଏ। ତେଣୁ ଏଦିନେ ଏସବୁ ଖାଦ୍ୟ ପରିବର୍ତ୍ତେ ସୁଷମ ଖାଦ୍ୟ ଗ୍ରହଣ କରନ୍ତୁ। ପଖାଳ ଏଦିନେ ସବୁଠାରୁ ଭଲ। ଏଦିନେ କାକୁଡ଼ି, ତରଭୁଜ ଭଳି ଋତୁଭିତ୍ତିକ ଫଳ ଅଧିକ ଖାଆନ୍ତୁ।

**ତ୍ୱଚାକୁ ଦିଅନ୍ତୁ ସୁରକ୍ଷା:** ଖରା ପ୍ରଖର ହେଲେ ଅନେକଙ୍କଠାରେ ସନ୍‌ଟ୍ୟାନ୍ ଏବଂ ସ୍କିନ୍ ଆଲର୍ଜି ଦେଖାଦିଏ। କେବଳ ଏତିକି ନୁହେଁ, ଝାଳ ଲାଗି ଘିମିରି ଏବଂ ଅନ୍ୟାନ୍ୟ ଚର୍ମରୋଗ ମଧ୍ୟ ଦେଖାଦେଇଥାଏ। ତେଣୁ ଏଦିନେ ସିନ୍ଥେଟିକ୍ ଲୁଗା ବ୍ୟବହାର ନ କରି ଶରୀରରେ ବାୟୁ ଚଳାଚଳ ପାଇଁ ସୂତାଲୁଗା ବ୍ୟବହାର କରନ୍ତୁ । ଟାଣ ଖରାରେ ପଦାକୁ ବାହାରନ୍ତୁ ନାହିଁ। ବାହାରକୁ ଯିବା ନିହାତି ଜରୁରୀ ହେଲେ ମୁଣ୍ଡକୁ ଓଦା କପଡ଼ାରେ ଗୁଡ଼ାଇ, ଛତା, ଜୋତା, ଗ୍ଲୋଭ୍‌ସ ଓ କଳା ଚଷମା ବ୍ୟବହାର କରନ୍ତୁ ଏବଂ ସାଙ୍ଗରେ ପାଣି ନିଅନ୍ତୁ। ଟ୍ୟାନିଂ ନ ହେବା ଲାଗି ସନ୍‌ସ୍କ୍ରିନ୍ ଲୋଶନ୍ ବ୍ୟବହାର କରନ୍ତୁ। ଚନ୍ଦନ–ହଳଦୀ ପ୍ୟାକ୍ ଲଗାନ୍ତୁ। ଏହା ସହ ଲିମ୍ବପତ୍ର ବାଟି ଲଗାଇଲେ ଘିମିରି ଏବଂ ଅନ୍ୟାନ୍ୟ ତ୍ୱଚା ସମସ୍ୟା ଦୂର ହେବ।





## ୟୁଥ୍ ଆଲର୍ଟ

# ଅଫିସ୍‌ରେ କରନ୍ତୁନି ଏହି କାମ...

**ଅଫିସ୍‌ରେ ନିଜକୁ ଜଣେ ଭଲ କର୍ମଚାରୀର ପରିଚୟ ଦେବାକୁ ସମସ୍ତେ ଚାହାନ୍ତି। ହେଲେ କେବେ କେବେ ନିଜର ହିଁ କେତେକ ଭୁଲ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆଣିଥାଏ। ତେଣୁ ଅଫିସରେ କେଉଁସବୁ କାର୍ଯ୍ୟଠାରୁ ଦୂରେଇ ରହିବା ଆବଶ୍ୟକ, ଜାଣିରଖନ୍ତୁ ସେ ସମ୍ପର୍କରେ...**

➤ସବୁବେଳେ ପ୍ରଶଂସା ପାଇବା ଆଶାରେ କାର୍ଯ୍ୟ କରନ୍ତୁ ନାହିଁ। ନଚେତ୍ ଏହା ଏକ ନିଶାରେ ପରିଣତ ହୋଇଯିବ ଏବଂ ଅନ୍ୟ କେହି ଭଲ କାମ ପାଇଁ ପ୍ରଶଂସା ପାଇଲେ ମନରେ ଈର୍ଷା, କ୍ରୋଧ ଭାବନା ସୃଷ୍ଟି ହେବ ; ଯାହାକି ଆପଣଙ୍କ କାର୍ଯ୍ୟରେ ପ୍ରତିଫଳିତ ହେବ ଏବଂ ସଭିଙ୍କ ମନରେ ଆପଣଙ୍କ ପ୍ରତି ନକାରାତ୍ମକ ଭାବନା ସୃଷ୍ଟି ହେବ।

➤କେବଳ ଭଲ କାମ ପାଇଁ କ୍ରେଡିଟ୍ ନିଅନ୍ତୁ। କିନ୍ତୁ ଯଦି ଆପଣଙ୍କ ଦ୍ୱାରା କିଛି ଭୁଲ୍ ହୋଇଯାଇଛି, ତେବେ ଏହାକୁ ସ୍ୱୀକାର କରନ୍ତୁ। ଅନ୍ୟ କେହି ଆପଣଙ୍କୁ ଅପଦସ୍ଥ କରିବା ପୂର୍ବରୁ ଅନ୍ୟ କାହାକୁ ଦୋଷ ଦେବା କିମ୍ବା ଅନ୍ୟ କାହାର ଭୁଲ ବାହାର କରିବା ପରିବର୍ତ୍ତେ ନିଜ ଭୁଲକୁ ମାନି ନିଅନ୍ତୁ।

➤ଯେତେସମ୍ଭବ ଗସିପ୍‌ରୁ ଦୂରେଇ ରୁହନ୍ତୁ। ଅଫିସ୍‌କୁ ନେଇ ନିଜର ବ୍ୟକ୍ତିଗତ କଥା କିମ୍ବା ଅନ୍ୟ କୌଣସି କର୍ମଚାରୀଙ୍କ କଥା କାହାକୁ ଶେୟାର୍ କରନ୍ତୁ ନାହିଁ। ସାଙ୍ଗମାନେ ଅଫିସ୍‌ରେ ରହିବା ଦ୍ୱାରା ଆପଣଙ୍କୁ ଫ୍ରେଣ୍ଡ୍ ଲାଗିଥାଏ। କିନ୍ତୁ ମନେରଖନ୍ତୁ ସେ ବି ଅଫିସ୍‌ରେ ଆପଣଙ୍କ ପ୍ରତିଦ୍ୱନ୍ଦ୍ୱୀ। ତେଣୁ ଯଥାସମ୍ଭବ ଏସବୁଠାରୁ ଦୂରେଇ ରହିବା ଭଲ।

➤ବିଳମ୍ବରେ ଅଫିସ୍‌ରେ ପହଞ୍ଚିବା ଏକ ଖରାପ ଅଭ୍ୟାସ। ତେଣୁ ସମୟର ମୂଲ୍ୟକୁ ବୁଝିବା ସହ ଠିକ୍ ଟାଇମ୍‌ରେ ଅଫିସ୍‌ରେ ପହଞ୍ଚନ୍ତୁ। ଯଦି କେବେ ଡେରି ହୋଇଯାଉଛି, ତେବେ ନିଜ ସିନିୟର୍‌ଙ୍କୁ ଏ ବିଷୟରେ ଅବଗତ କରନ୍ତୁ।

➤ପ୍ରତ୍ୟେକ ଇ–ମେଲ୍, ଫ୍ୟାକ୍ସରେ ସର୍ବଦା ବସ୍‌ଙ୍କୁ ସିସିରେ ରଖିବା ଜରୁରୀ ନୁହେଁ କିମ୍ବା ନିଜର ସବୁ କାମର କପି ପଠାଇବା ଆବଶ୍ୟକ ବି ନୁହେଁ। ନୂଆ ନୂଆ କାମ କରିବା ବେଳେ ଏପରି ଭୁଲ୍ ହୋଇଥାଏ, ହେଲେ ଧୀରେ ଧୀରେ ଏହି ଅଭ୍ୟାସ ପରିବର୍ତ୍ତନ କରନ୍ତୁ। ନଚେତ୍ ଏହାଦ୍ୱାରା ଆପଣ ସହକର୍ମୀ କିମ୍ବା ନିଜ ବିଭାଗକୁ ବିଶ୍ୱାସ ନ କରୁଥିବା ବୋଲି ମ୍ୟାନେଜ୍‌ମେଣ୍ଟକୁ ଖରାପ ବାର୍ତ୍ତା ଯାଇଥାଏ।



➤ଅଫିସ୍‌ର କାମ ଭଲ ଲାଗୁନଥିଲେ କିମ୍ବା ଏହାର ପରିବେଶ ପସନ୍ଦ ନ ଆସୁଥିଲେ ଅଫିସ୍ ପରିବର୍ତ୍ତନ କରିଦିଅନ୍ତୁ ; କିନ୍ତୁ ସହକର୍ମୀଙ୍କ ଆଗରେ କଥା କଥାରେ ଅଫିସ୍‌କୁ ବଦନାମ କରନ୍ତୁ ନାହିଁ।

➤କାମରେ ଚାପ କିମ୍ବା ନିଜ ବ୍ୟକ୍ତିଗତ କଥା ନେଇ କେହିକେହି ଅଫିସ୍‌ରେ ପଦେ କଥାରେ କାନ୍ଦିଥାଆନ୍ତି। ଏହି ଅଭ୍ୟାସକୁ ତୁରନ୍ତ ବଦଳାନ୍ତୁ। ସେହିପରି ଅଫିସ୍ କାମ ସମୟରେ ଫୋନରେ ଗପିବା କିମ୍ବା ସୋସିଆଲ ମିଡିଆ ବ୍ୟବହାର କରିବାରେ ଅଧିକ ସମୟ ବିତାନ୍ତୁ ନାହିଁ। ଏଭଳି ଅଭ୍ୟାସ ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ।

➤ନିଜକୁ ବିଶ୍ୱସ୍ତ କର୍ମଚାରୀର ପରିଚୟ ଦେବା ଲାଗି ଅନ୍ୟ କର୍ମଚାରୀଙ୍କ ଭୁଲ୍ ସମ୍ପର୍କରେ ବସ୍‌ଙ୍କ ଆଗରେ ବାରମ୍ବାର କହିବାର ବଦଭ୍ୟାସ ଅନେକଙ୍କର ରହିଥାଏ। ହେଲେ ଏପରି ଆଦୌ କରନ୍ତୁ ନାହିଁ।





# ଗିଲ୍‌ଙ୍କ ଶତକ: ଭାରତ ୨୮୯/୩

## ଚତୁର୍ଥ ଟେଷ୍ଟ

**ଅହମଦାବାଦ,୧୧।୩(ପି.ଟି.)**

ଗୁଜରାଟର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ବର୍ଡର-ଗାଭାସ୍କର ଟ୍ରଫିର ଚତୁର୍ଥ ତଥା ଅନ୍ତିମ ଟେଷ୍ଟ ଡ୍ର ଆଡ଼କୁ ଗତି କରୁଛି। ତୃତୀୟ ଦିନର ଖେଳ ଶେଷ ସୁଦ୍ଧା ମାତ୍ର ୧୩ ଉଇକେଟର ପତନ ଘଟିଥିବା ବେଳେ ପିଚ୍ ଏବେ ବି ବ୍ୟାଟିଂ ଅନୁକୂଳ ରହିଛି। ଶୁବମନ ଗିଲ୍‌ଙ୍କ ଶତକ ବଳରେ ତୃତୀୟ ଦିନର ଖେଳ ଶେଷ ସୁଦ୍ଧା ଭାରତ ୩ ଉଇକେଟରେ ୨୮୯ ରନ୍ ସଂଗ୍ରହ କରିଛି। ଭାରତ ୧୯୧ ରନ୍ ପଛରେ ରହିଥିବା ବେଳେ ହାତରେ ୭ ଉଇକେଟ ବାକି ରହିଛି। ଭାରତ ୮୯ ଓଭର ବ୍ୟାଟିଂ କରିଥିବା ବେଳେ ଧିମା ବ୍ୟାଟିଂ କରି ମାତ୍ର ୨୫୬ ରନ୍ ସ୍କୋର କରିବାରେ ସମର୍ଥ ହୋଇଥିଲା। ଲୋକେଶ ରାହୁଲଙ୍କ ସ୍ଥାନରେ ଗିଲ୍‌ଙ୍କୁ ସୁଯୋଗ ମିଳିଥିବା ବେଳେ ସେ ଏହାକୁ ଠିକ୍ ପ୍ରମାଣିତ କରିବା ସହ ଟେଷ୍ଟ କ୍ୟାରିୟରର ଦ୍ୱିତୀୟ ଶତକ ହାସଲ କରିଥିଲେ। ୨୩୫ ବଲ ଖେଳିଥିବା ଗିଲ୍ ୧୨ ଚୌକା ଓ ୧ ଛକା ସହିତ ୧୨୮ ରନ୍ କରିଥିଲେ। ଦ୍ୱିତୀୟ ଦିନର ଅସମାପ୍ତ ସ୍କୋର ୩୬/୦ରୁ ଖେଳ ଆରମ୍ଭ କରିଥିଲା ଭାରତ। ପ୍ରଥମ ଉଇକେଟରେ ଶୁବମାନ ଗିଲ୍ ଓ ରୋହିତ ଶର୍ମାଙ୍କ ମଧ୍ୟରେ ୭୪ ରନ୍‌ର ଭାଗୀଦାରି ହୋଇଥିଲା। ରୋହିତ ୩୫ ରନ୍ କରି ମାଥ୍ୟୁ କନେମନ୍‌ଙ୍କ ଶିକାର ହୋଇଥିଲେ। ରୋହିତଙ୍କ ଉଇକେଟ ପତନ ପରେ ଗିଲ୍‌ଙ୍କ ସହିତ କ୍ରିଜ୍‌ରେ ଯୋଗ ଦେଇଥିଲେ ଚେତେଶ୍ୱର ପୂଜାରା। ଉଭୟ ଖେଳାଳି ୪୦ ଓଭର ଧରି ବ୍ୟାଟିଂ କରିବା ସହିତ ଦ୍ୱିତୀୟ ଉଇକେଟରେ ଯୋଡ଼ିଥିଲେ ୧୧୩ ରନ୍। ୪୨ ରନ୍ କରି ପୂଜାରା ଟଡ୍ ମର୍ଫିଙ୍କ ବଲରେ ଆଉଟ ହୋଇଥିଲେ। ପୂଜାରା ଏହି ଇନିଂସରେ ୧୨୧ ବଲ୍ ଖେଳି ୩ ଚୌକା ମାରିଥିଲେ। ଦ୍ୱିତୀୟ ଉଇକେଟ ପତନ ପରେ ବିରାଟ କୋହଲି କ୍ରିଜ୍‌ରେ ଯୋଗ ଦେଇଥିଲେ। ଗିଲ୍‌ଙ୍କ ସହିତ ମିଶି ସେ ୫୮ ରନ୍ ଯୋଡିଥିଲେ। ୧୨୮ ରନ୍ କରିଥିବା ଗିଲ୍ ୭୯ ତମ ଓଭରରେ ନାଥାନ୍ ଲିୟନଙ୍କ ବଲ୍‌ରେ ଆଉଟ ହୋଇଥିଲେ। ପୂର୍ବତନ ଭାରତୀୟ ଅଧିନାୟକ କୋହଲି ଚମତ୍କାର ବ୍ୟାଟିଂ କରିବା ସହିତ ଟେଷ୍ଟ କ୍ୟାରିୟରର ୨୯ ତମ ଅର୍ଦ୍ଧଶତକ ହାସଲ କରିଥିଲେ। ୧୨୮ ବଲ୍ ଖେଳି ସେ ୫ ଚୌକା ସହିତ ୫୯ ରନ୍‌ରେ ବ୍ୟାଟିଂ କରୁଛନ୍ତି। ଷ୍ଟମ୍ପ ଅପସାରଣ ବେଳକୁ ରବୀନ୍ଦ୍ର ଜାଡେଜା ୧୬ ରନ୍ କରି କୋହଲିଙ୍କ ସହିତ କ୍ରିଜ୍‌ରେ ଅଛନ୍ତି। ଅଷ୍ଟ୍ରେଲିଆ ଖେଳାଳିଙ୍କୁ ଉଇକେଟ ପାଇଁ ସଂଘର୍ଷ କରିବାକୁ ପଡିଥିଲା। ମାତ୍ର ୩ ଉଇକେଟର ପତନ ଘଟିଥିବା ବେଳେ ନାଥାନ ଲିୟନ୍, ମାଥ୍ୟୁ କନେମନ୍ ଓ ଟଡ୍ ମର୍ଫି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର:** ଅଷ୍ଟ୍ରେଲିଆ ପ୍ରଥମ ଇନିଂସ – ୪୮୦/୧୦।

ଭାରତ ପ୍ରଥମ ଇନିଂସ-୯୯ ଓଭରରେ ୨୮୯/୩ (ଶୁବମନ ଗିଲ୍-୧୨୮, ବିରାଟ କୋହଲି-୫୯*, ଚେତେଶ୍ୱର ପୂଜାରା-୪୨, ନାଥାନ ଲିୟନ୍-୧/୭୫, ମାଥ୍ୟୁ କନେମନ୍ – ୧/୪୩, ଟଡ୍ ମର୍ଫି– ୧/୪୫)।


ଶତକ ହାସଲ ପରେ ଶୁବମନ ଗିଲ୍

# ଆଇପିଏଲ୍‌ରୁ ବାଦ୍ ପଡ଼ିଲେ ରିଚାର୍ଡସନ

**ସିଡ୍‌ନୀ, ୧୧।୩ (ପି.ଟି.)**

ଅଷ୍ଟ୍ରେଲିଆନ ପେସ୍ ବୋଲର ଝେ ରିଚାର୍ଡସନ ଆସନ୍ତା ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ରୁ ବାଦ୍ ପଡ଼ିଛନ୍ତି। ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରି ଯୋଗୁ ତାଙ୍କର ଅସ୍ତ୍ରୋପଚାର ହୋଇଛି। ଆଇପିଏଲ୍ ସିଜନ ମାର୍ଚ୍ଚ ୩୧ରୁ ଆରମ୍ଭ ହେବ। ରିଚାର୍ଡସନ ମୁମ୍ବାଇ ଇଣ୍ଡିଆନ୍ସ ତରଫରୁ ଖେଳିଥାନ୍ତେ। ପୂର୍ବରୁ ସେ ମାର୍ଚ୍ଚ ୧୭ରୁ ଆରମ୍ଭ ହେବାକୁଥିବା ଭାରତ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜରୁ ବାଦ୍ ପଡ଼ିସାରିଥିଲେ। ରିଚାର୍ଡସନ କହିଛନ୍ତି ଇଞ୍ଜୁରି ହେଉଛି କ୍ରିକେଟର ଏକ ଅଂଶବିଶେଷ। ସେ ସୁସ୍ଥ ହୋଇ ପ୍ରତ୍ୟାବର୍ତ୍ତନ କଲେ ପୂର୍ବାପେକ୍ଷା ଭଲ ଖେଳିବେ ବୋଲି ଆଶା କରୁଛନ୍ତି।

# ନୂଆ ଫର୍ମାଟରେ ସାହାଣୀ କପ୍

## ଏପ୍ରିଲରୁ ୟୁଥ୍ ଲିଗ୍
### ଫାଓ ଲିଗ୍ ୨୦୨୩ ପ୍ରସ୍ତୁତି ବୈଠକ

**ଭୁବନେଶ୍ୱର, ୧୧।୩ (ସ୍ପୋର୍ଟ୍ସ ବ୍ୟୁରୋ)**

ଫାଓ ଲିଗ୍ ୨୦୨୩ ପାଇଁ ପ୍ରାରମ୍ଭିକ ପ୍ରସ୍ତୁତି ବୈଠକ ଶେଷ ହୋଇଛି। ଓଡିଶା ଫୁଟବଲ ସଂଘ(ଫାଓ) ପକ୍ଷରୁ ଅନୁଷ୍ଠିତ ବୈଠକରେ ସମ୍ପାଦକ ଆଶୀର୍ବାଦ ବେହେରା, କୋଷାଧ୍ୟକ୍ଷ ଭକ୍ତ ବଲ୍ଲଭ ଦାସ, ଉପ ସଭାପତି ବିଜୟ ଦାସ, ଯୁଗ୍ମ ସଚିବ ଅଭିଜିତ ପଲ୍ ଓ ବିଶ୍ୱରଞ୍ଜନ ଘଡେଇ ପ୍ରମୁଖ ଯୋଗ ଦେଇଥିଲେ। ଏହି ବୈଠକରେ ଫାଓ ଲିଗ୍‌ର ଡିଭିଜନ୍-୧ ଓ ଡିଭିଜନ୍-୨ ଚାମ୍ପିୟନ ଦଳମାନଙ୍କ ପାଇଁ ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ଡିଭିଜନ୍-୧କୁ ଡାଏମଣ୍ଡ, ଗୋଲ୍ଡ ଓ ସିଲ୍ଭର ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ଡାଏମଣ୍ଡ ଗ୍ରୁପ୍‌ରେ ସନ୍‌ରାଇଜ୍ ଓ ରାଧାରମଣ କ୍ଲବ୍ ଯୁଗ୍ମ ଚାମ୍ପିୟନ ହୋଇଥିବା ବେଳେ ଉଭୟ ଦଳକୁ ୧ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ଗୋଲ୍ଡ ଗ୍ରୁପ୍‌ରେ ଚାମ୍ପିୟନ୍ ବିଡାନାସୀ କ୍ଲବ୍‌କୁ ୭୫ ହଜାର ଟଙ୍କା ଏବଂ ସିଲ୍ଭର ଗ୍ରୁପ୍‌ରେ ଚାମ୍ପିୟନ୍ କିଶୋର କ୍ଲବ ପାଇଁ ୫୦ ହଜାର ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା। ଡିଭିଜନ୍-୨ ଚାମ୍ପିୟନ୍ ଇଲେଭେନ୍ ଗନ୍ କ୍ଲବ୍‌କୁ ୨୫ ହଜାର ଏବଂ ରନର୍ସ ଅପ୍ ଉଦୟ କ୍ଲବ ପାଇଁ ୧୫ ହଜାର ଟଙ୍କାର ପୁରସ୍କାର ଘୋଷଣା କରାଯାଇଛି। ଫାଓ ଲିଗ୍ ୨୦୨୩ ଏପ୍ରିଲ ୧ ତାରିଖରୁ ଆରମ୍ଭ ହୋଇ ମେ' ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହା ସହିତ ଚଳିତ ଏପ୍ରିଲ ମାସରେ ନୂଆ ଫର୍ମାଟରେ ସାହାଣୀ କପ୍ ଫୁଟବଲ୍ ଟୁର୍ନାମେଣ୍ଟ କଟକରେ ଖେଳାଯିବ। ପ୍ରଥମ ଥର ପାଇଁ ୩୨ ଜିଲା ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ। ୮ଟି ଗ୍ରୁପରେ ଟିମ୍ ଗୁଡିକୁ ବିଭକ୍ତ କରାଯିବ। ପ୍ରତି ଗ୍ରୁପ୍‌ରେ ୪ ଦଳ ରହିବା ସହିତ ୩ଟି ଲେଖାଏ ମ୍ୟାଚ ଖେଳିବେ। ପ୍ରତି ଗ୍ରୁପ୍‌ର ଶୀର୍ଷ ଦଳକୁ ନେଇ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରି ଲିଗ୍ ଫର୍ମାଟରେ ଖେଳାଯିବ। ଏହା ସହିତ ଚଳିତ ବର୍ଷ ଏପ୍ରିଲ ଓ ମେ ମାସରୁ ଫାଓ ୟୁଥ୍ ଲିଗ୍ ଆରମ୍ଭ ହେବ। ୧୫ ଓ ୧୭ ବର୍ଷରୁ କମ୍ ବିଭିନ୍ନ ଦଳକୁ ନେଇ ଏହି ଟୁର୍ନାମେଣ୍ଟ ଆୟୋଜିତ ହେବ। ଜିଲା ସ୍ତରରେ ବିଭିନ୍ନ ଆନ୍ତଃସ୍କୁଲ ଟୁର୍ନାମେଣ୍ଟ ମଧ୍ୟ ଅନୁଷ୍ଠିତ ହେବା ନେଇ ନିଷ୍ପତ୍ତି ନିଆଯାଇଛି। ଏହା ସହିତ ତୃଣମୂଳ ସ୍ତରରୁ ଫୁଟବଲର ବିକାଶ ପାଇଁ ବିଭିନ୍ନ ଯୋଜନା କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

## ଓମେନ୍ସ ପ୍ରିମିୟର୍ ଲିଗ୍
# ଦିଲ୍ଲୀ କ୍ୟାପିଟାଲ୍ସର ବୃହତ୍ ବିଜୟ

**ମୁମ୍ବାଇ, ୧୧।୩:** ଓମେନ୍ସ ପ୍ରିମିୟର୍ ଲିଗ୍‌ରେ ଗୁଜରାଟ ଜାଏଣ୍ଟ୍ସ ବିପକ୍ଷରେ ବୃହତ ବିଜୟ ହାସଲ କରିଛି ଦିଲ୍ଲୀ କ୍ୟାପିଟାଲ୍ସ। ଶନିବାର ମ୍ୟାଚରେ ମାରିଜେନ୍ କାପ୍‌ଙ୍କ ୫ ଉଇକେଟ ସଫଳତା ବଳରେ ଗୁଜରାଟ ୯ ଉଇକେଟରେ ୧୦୫ ରନ୍ କରିଥିଲା। ଶେଫାଳି ବର୍ମାଙ୍କ ଧୂଆଁଧାର ଅର୍ଦ୍ଧଶତକ ବଳରେ ୧୦ ଉଇକେଟରେ ମ୍ୟାଚ୍ ଜିତି ନେଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟର ୭ ବ୍ୟାଟର ୨ ଅଙ୍କ ଛୁଇଁ ପାରିନଥିଲେ। ଦଳ ୩୩ ରନରେ ୬ ଜଣ ଟପ୍ ଅର୍ଡର ଖେଳାଳିଙ୍କୁ ହରାଇଥିଲା। ନିମ୍ନକ୍ରମରେ କିମ୍ ଗାର୍ଥ ୩୨, ଜର୍ଜିଆ ୱେୟାରହାମ୍ ୨୨ ଓ ତନୁଜା କଓ୍ୱଁରଙ୍କ ୧୩ ରନ୍ ବଳରେ ଦଳ ୧୦୦ ରନ୍ ପାର କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ହରଲିନ୍ ଦେଓଲ ୨୦ ରନ୍ କରିଥିଲେ। କ୍ୟାପିଟାଲ୍ସ ପକ୍ଷରୁ ମାରିଜେନ୍ କାପ୍ ୧୫ ରନ୍‌ରେ ୫ ଉଇକେଟ୍ ନେଇଥିବା ବେଳେ ଶିଖା ପାଣ୍ଡେ ୩ ଉଇକେଟ ନେଇଥିଲେ। ଜବାବରେ ମାତ୍ର ୭.୧ ଓଭରରେ ବିଜୟୀ ହୋଇଥିଲା ଦିଲ୍ଲୀ କ୍ୟାପିଟାଲ୍ସ। ୧୯ ବଲ୍‌ରୁ ଅର୍ଦ୍ଧଶତକ ହାସଲ କରିଥିବା ଶେଫାଳି ୨୮ ବଲ୍ ଖେଳି ୭୬ ରନ୍ କରି ଅପରାଜିତ ଥିଲେ। ଶେଫାଳିଙ୍କ ଇନିଂସରେ ୧୦ ଚୌକା ଓ ୫ ଛକା ସାମିଲ ଥିଲା।

**ସଂକ୍ଷିପ୍ତ ସ୍କୋର: ଗୁଜରାଟ ଜାଏଣ୍ଟ୍ସ–** ୧୦୫/୯ (କିମ୍ ଗାର୍ଥ-୩୨*, ଜର୍ଜିଆ ୱେୟାରହାମ୍-୨୨, ହରଲିନ୍ ଦେଓଲ୍-୨୦, ମାରିଜେନ୍ କାପ୍-୫/୧୫, ଶିଖା ପାଣ୍ଡେ-୩/୨୬, ରାଧା ଯାଦବ-୧/୧୯)। **ଦିଲ୍ଲୀ କ୍ୟାପିଟାଲ୍ସ–** ୭.୧ ଓଭରରେ ୧୦୭/୦(ଶେଫାଳି ବର୍ମା-୭୬*, ମେଗ୍ ଲାନିଙ୍ଗ-୨୧*)।


ଆଶଲେ ଗାର୍ଡନରଙ୍କ ବିପକ୍ଷରେ ଅପିଲ କରୁଛନ୍ତି ମାରିଜେନ୍ କାପ୍।

**ଆଜିର ମ୍ୟାଚ୍**
**ୟୁପି ୱାରିୟର୍ଜ ବନାମ ମୁମ୍ବାଇ ଇଣ୍ଡିଆନ୍ସ**
**ସମୟ: ରାତି ୭.୩୦**

# ସର୍ବଭାରତୀୟ ସିଭିଲ ସର୍ଭିସେସ୍ ଚେସ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୧।୩ (ସ୍ପୋର୍ଟ୍ସ ବ୍ୟୁରୋ)**

ସର୍ବଭାରତୀୟ ସିଭିଲ ସର୍ଭିସେସ୍ ଚେସ୍ ଟୁର୍ନାମେଣ୍ଟ କିଟ୍ ଓ କିସ୍ ପରିସରରେ ଥିବା କ୍ୟାମ୍ପସ-୧୦ ଅନ୍ତର୍ଗତ ବିଶ୍ୱନାଥନ ଆନନ୍ଦ ଇଣ୍ଟରନ୍ୟାଶନାଲ ଚେସ୍ ହଲ୍‌ରେ ଶନିବାରଠାରୁ ଆରମ୍ଭ ହୋଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ପ୍ରଫେସର ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଯୁଗ୍ମ ସଚିବ ଶୁଭ୍ରାଂଶୁ ମିଶ୍ର, ଟୁର୍ନାମେଣ୍ଟ ଆୟୋଜନ କମିଟି ଚେୟାରମ୍ୟାନ ଅତୁଲ ମିଶ୍ର, ଆବାହକ ଆଇଏମ୍ ସ୍ୱୟଂଶୁ ସତ୍ୟପ୍ରଜ୍ଞ, ଆୟୋଜନ ସମ୍ପାଦକ ରଞ୍ଜନ ମହାନ୍ତି, ଆୟୋଜନ କମିଟି ଆବାହକ ଶ୍ୱେତାମ୍ବର ନାୟକ ଏବଂ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ନୂଆଦିଲ୍ଲୀସ୍ଥିତ ସେଣ୍ଟ୍ରାଲ ସିଭିଲ ସର୍ଭିସେସ୍ କଲ୍‌ଚରାଲ ଆଣ୍ଡ ସ୍ପୋର୍ଟ୍ସ ବୋର୍ଡ ଏବଂ କିଟ୍‌ର ମିଳିତ ସହଯୋଗରେ ଏହି ଚାମ୍ପିୟନଶିପ୍ ୧୯ ତାରିଖ ପର୍ଯ୍ୟନ୍ତ ହେବ। ଏଥିରେ ବିଭିନ୍ନ ରାଜ୍ୟ ଓ ଆଞ୍ଚଳିକ କ୍ରୀଡ଼ା ପରିଷଦରୁ ପୁରୁଷ ବିଭାଗରେ ୩୨ଟି ଦଳ (୧୭୮ଜଣ ଖେଳାଳି) ଏବଂ ମହିଳା ବିଭାଗରେ ୧୫ଟି ଦଳ (୭୩ ଖେଳାଳି) ଭାଗ ନେଉଛନ୍ତି। ମହିଳା କାଟେଗୋରିରେ ଟପ୍ ସିଡ୍ କେରଳ ରହିଥିବା ବେଳେ ପୁରୁଷ କାଟେଗୋରିରେ ଚେନ୍ନାଇର ରିଜିଓନାଲ ସ୍ପୋର୍ଟ୍ସ ବୋର୍ଡ ରହିଛି।







# ୧୦୦ ମିଟର ଦୌଡ଼ରେ ବାଶାଙ୍କୁ ସ୍ୱର୍ଣ୍ଣ

## ନ୍ୟାଶନାଲ ୟୁଥ୍ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍

**ଭୁବନେଶ୍ୱର, ୧୧।୩ (ସ୍ପୋର୍ଟ୍ସ ବ୍ୟୁରୋ)**

କର୍ନାଟକର ଉଡୁପିଠାରେ ଚାଲିଥିବା ୧୮ତମ ନ୍ୟାଶନାଲ ୟୁଥ୍ ଆଥ୍‌ଲେଟିକ୍ସ (୧୮ ବର୍ଷରୁ କମ୍) ଚାମ୍ପିୟନଶିପ୍-୨୦୨୩ରେ ଓଡ଼ିଶା ପ୍ରତିଯୋଗୀ ଶନିବାର ଦୁଇଟି ପଦକ ହାସଲ କରିପାରିଛନ୍ତି। ମହମ୍ମଦ ରେୟାନ ବାଶା ୧୦.୯୬ ସେକେଣ୍ଡ ଟାଇମିଂରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ତେଲଙ୍ଗାନାର ସାଙ୍ଗିନେନି ହର୍ଶା ଓ ମହାରାଷ୍ଟ୍ରର ଓମ୍ ରାଜେନ୍ଦ୍ର ଯଥାକ୍ରମେ ୧୧.୦୩ ଓ ୧୧.୦୫ ଟାଇମିଂରେ ରୌପ୍ୟ ଓ ବ୍ରୋଞ୍ଜ ଜିତିଛନ୍ତି। ନୀତିଶ କୁଲୁ ୧୪.୨୩ ସେକେଣ୍ଡ ଟାଇମିଂରେ ୧୧୦ ମିଟର ହର୍ଡଲ୍ସରେ ବ୍ରୋଞ୍ଜ ଜିତିଛନ୍ତି। ତାଙ୍କ ସାଥୀ ଆଥ୍‌ଲେଟ ରାଜେନ୍ଦ୍ର ସିଧୁ ୧୪.୩୮ ସେକେଣ୍ଡ ଟାଇମିଂରେ ୫ମ ସ୍ଥାନ ଅଧିକାର କରିଛନ୍ତି। ମହାରାଷ୍ଟ୍ରର ସନ୍ଦୀପ ଗୋଣ୍ଡ୍ ୧୩.୮୬ ସେକେଣ୍ଡ ଟାଇମିଂରେ ସ୍ୱର୍ଣ୍ଣ ପଦକ ଲାଭ କରିବା ସହ ଉଜ୍‌ବେକିସ୍ତାନରେ ଏପ୍ରିଲ ୨୦ରୁ୨୩ ପର୍ଯ୍ୟନ୍ତ ହେବାକୁଥିବା ଏସିଆନ ୟୁଥ ଆଥଲେଟିକ୍ସ ଚାମ୍ପିୟନଶିପ୍ (ଏସିଆନ ୟୁଥ୍ କ୍ୱାଲିଫାଇଂ ଟାଇମ୍-୧୩.୯୦ ସେକେଣ୍ଡ) ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଅନ୍ୟପକ୍ଷରେ ବାପି ହାଁସ୍‌ଦା ୪୦୦ ମିଟର ହର୍ଡଲ୍ସ ଫାଇନାଲ ଏବଂ ମହମ୍ମଦ ରେୟାନ ବାଶା ୨୦୦ ମିଟର ରେସ୍ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଏହି ଇଭେଣ୍ଟ ସହିତ ୨୦୦୦ ମିଟର ଷ୍ଟିପଲଚେଜ୍ ଓ ମିଡ୍‌ଲେ ରିଲେ ଇଭେଣ୍ଟ ମଧ୍ୟ ରବିବାର ଅନୁଷ୍ଠିତ ହେବ।




## ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି
# ଅଷ୍ଟ୍ରେଲିଆକୁ ହରାଇଲା ଜର୍ମାନୀ

**ଭୁବନେଶ୍ୱର,(ସ୍ପୋର୍ଟ୍ସ ବ୍ୟୁରୋ)/ରାଉରକେଲା ଅଫିସ, ୧୧।୩**

ରାଉରକେଲାର ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି ମ୍ୟାଚରେ ବିଶ୍ୱ ଚାମ୍ପିୟନ ଜର୍ମାନୀ ପ୍ରଥମ ବିଜୟ ହାସଲ କରିଛି। ଶନିବାର ଅଷ୍ଟ୍ରେଲିଆକୁ ୧-୦ରେ ପରାସ୍ତ କରିଛି ଜର୍ମାନୀ। ପ୍ରଥମ ମ୍ୟାଚରେ ଭାରତ ନିକଟରୁ ୩-୨ରେ ପରାସ୍ତ ହେବା ପରେ ବିଜୟ ଧାରାକୁ ଫେରିଛି ଦଳ। ପ୍ରଥମାର୍ଦ୍ଧରେ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିଥିଲେ ହେଲ୍‌ୱିଗ ମାଲ୍‌ଟେ। ଶନିବାର ପ୍ରଥମାର୍ଦ୍ଧରୁ ହିଁ ଉଭୟ ଦଳ ଆକ୍ରମଣାତ୍ମକ ହକି ଖେଳିଥିଲେ। ମ୍ୟାଚର ସପ୍ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲ୍‌ରେ ପରିଣତ କରିଥିଲେ ମାଲ୍‌ଟେ। ପ୍ରଥମାର୍ଦ୍ଧରେ ୧-୦ରେ ପଛୁଆ ରହିବା ପରେ ଅଷ୍ଟ୍ରେଲିଆ ଗୋଲ ପରିଶୋଧ ପାଇଁ ଜୋରଦାର ପ୍ରୟାସ କରିଥିଲେ। ତେବେ ଦ୍ୱିତୀୟ ଏବଂ ତୃତୀୟ କ୍ୱାର୍ଟରରେ ଉଭୟ ଦଳ ଗୋଲ ସ୍କୋର କରିବାର ପ୍ରୟାସ କରିଥିଲେ ହେଁ ଏହା ସମ୍ଭବ ହୋଇନଥିଲା। ଅନ୍ତିମ କ୍ୱାର୍ଟରରେ ଅଷ୍ଟ୍ରେଲିଆ ନିକଟରେ ଗୋଲ ପରିଶୋଧର ସୁଯୋଗ ରହିଥିଲେ ମଧ୍ୟ ଏହା ସ୍କୋର କରି ପାରିନଥିଲା। ୪୯, ୫୦, ୫୩ ଓ ୫୯ତମ ମିନିଟରେ ଅଷ୍ଟ୍ରେଲିଆକୁ ପେନାଲ୍ଟି କର୍ନର ମିଳିଥିଲେ ମଧ୍ୟ ଦଳ ଏହାକୁ ଗୋଲରେ ରୂପାନ୍ତରିତ କରିବାରେ ବିଫଳ ହୋଇଥିଲା। ରବିବାର ଭାରତ ଓ ଅଷ୍ଟ୍ରେଲିଆ ପରସ୍ପରର ସମ୍ମୁଖୀନ ହେବେ।


ଜର୍ମାନୀ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ